


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-127 ◆MONDAY ◆3 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୭ ◆ସୋମବାର ◆୩ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିଶ୍ୱବିଜୟିନୀ

## ଦ.ଆଫ୍ରିକାକୁ ହରାଇ ଭାରତର ପ୍ରଥମ ଟାଇଟଲ୍ ହାସଲ

■ **ନଭି ମୁମ୍ବଇ, ୨।୧୧ (ଏଜେନ୍ସି):** ଦୀର୍ଘ ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ଜିତିବା ସ୍ୱପ୍ନ ସାକାର ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ତ୍ରୟୋଦଶ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଘରୋଇ ଭାରତ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱ ମୁକୁଟ ପିନ୍ଧିଛି। ୨୯୯ ରନର ଟାର୍ଗେଟ୍‌କୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪୬ତମ ଓଭର ବୋଲିଂ କରିଥିବା ଦୀପ୍ତି ଶର୍ମାଙ୍କ ୩ୟ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ଦକ୍ଷିଣ ଆଫ୍ରିକାର ଶେଷ ବ୍ୟାଟର୍ ନାଦିନେ ଡି କ୍ଲର୍କ କଭର୍ ଅଞ୍ଚଳରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ହରମନପ୍ରୀତ୍ କ୍ୟାଚ୍ ଧରିବା ସହ ଆରମ୍ଭ ହୋଇଯାଇଥିଲା ଭାରତୀୟ ଦଳ ସେଲିବ୍ରେସନ। ଏଥିସହ ଝୁମିଉଠିଥିଲେ ଷ୍ଟାଡିୟମରେ ଉପସ୍ଥିତ ରହିଥିବା ୪୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ। ୧୯୭୩ରୁ ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ଭାରତ ପ୍ରଥମଥର ଚାମ୍ପିଅନ ହେବାର ସ୍ୱାଦ ଚାଖିଛି। ଅଷ୍ଟ୍ରେଲିଆ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ଓ ନ୍ୟୁଜିଲାଣ୍ଡ ଥରେ ଚାମ୍ପିଅନ ହୋଇଛନ୍ତି। ଭାରତ ଏଥର ଟାଇଟଲ୍ ଜିତିବା ସହ ନୂଆ ବିଶ୍ୱବିଜେତା ହୋଇଛି। ଚାମ୍ପିଅନ ହେବା ସହ




ଭାରତୀୟ ମହିଳା ଦଳ ୪.୪୮ ମିଲିୟନ (ଭାରତୀୟ ମୁଦ୍ରାରେ ପ୍ରାୟ ୩୯.୫୫ କୋଟି) ଡଲାର ହାସଲ କରିଛି। ସେହିଭଳି ପ୍ରଥମଥର ଫାଇନାଲ ଖେଳି ରନର୍ସଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ୨.୨୪ ମିଲିୟନ ଡଲାର (୧୯.୭୭ କୋଟି) ପୁରସ୍କାର ଜିତିଛି।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଶେଫାଳି ବର୍ମା (୮୭ ରନ) ଓ ଦୀପ୍ତି ଶର୍ମା (୫୮ ରନ)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୮ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଅଧିନାୟିକା ତଥା ଓପନର୍ ଲୌରା ୱଲଭର୍ଟଙ୍କ ୧୦୧ ରନ ସତ୍ତ୍ୱେ ୪୫.୩ ଓଭରରେ ୨୪୬ ରନରେ ସୀମିତ ରହିଥିଲା। ବୋଲିଂରେ ମଧ୍ୟ ଦୀପ୍ତି ସର୍ବାଧିକ ୫ଟି ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଫାଳିଙ୍କୁ ମଧ୍ୟ ୨ଟି ୱିକେଟ୍ ମିଳିଥିଲା। ଦୀପ୍ତି ଶର୍ମା ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ଭାରତ ମାଟିରୁ ସବୁଠୁ ଓଜନିଆ ଉପଗ୍ରହର ସଫଳ ଉତ୍କ୍ଷେପଣ

■ **ଶ୍ରୀହରିକୋଟା, ୨।୧୧ (ଏଜେନ୍ସି): ଇତିହାସ ରଚିଲା** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)। ରବିବାର ଦିନ ବାହୁବଳୀ ରକେଟ୍ ଦ୍ୱାରା ଦେଶର ସବୁଠାରୁ ଓଜନିଆ ଉପଗ୍ରହ ମହାକାଶରେ ଛାଡିଛି। ଭାରତ ମାଟିରୁ ଉତକ୍ଷେପଣ ହେବାରେ ଏହା ହେଉଛି ସବୁଠାରୁ ଓଜନିଆ ଉପଗ୍ରହ ବୋଲି କୁହାଯାଉଛି। ଏହି ଉପଗ୍ରହର ଓଜନ ୪,୪୦୦ କିଲୋଗ୍ରାମ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ରବିବାର ସନ୍ଧ୍ୟା ୫ଟା ୨୬ ମିନିଟରେ ଏହି ଉପଗ୍ରହକୁ ଉତ୍କ୍ଷେପଣ କରାଯାଇଥିଲା। ଉତକ୍ଷେପଣର କିଛି ସମୟ ପରେ ଏହା ଉପଗ୍ରହକୁ ତାର କକ୍ଷ୍ୟପଥରେ ସଫଳତା ସହିତ ସ୍ଥାପିତ କରିଛି।

ଭାରତୀୟ ନୌସେନା ପାଇଁ ସ୍ୱଦେଶୀ କୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଯୋଗାଯୋଗ ଉପଗ୍ରହର ନାମ ହେଉଛି ଜିସାଟ୍-୭ଆର (ସିଏମ୍ଏସ୍-୦୩)। ଇସ୍ରୋର ସବୁଠାରୁ ଶକ୍ତିଶାଳୀ ରକେଟ ଏଲଭିଏମ୍୩ ଜରିଆରେ ଏହି ଉପଗ୍ରହକୁ ତାର ନିର୍ଦ୍ଧାରିତ କକ୍ଷପଥରେ ସଫଳତାର ସହ ସ୍ଥାପିତ କରାଯାଇଛି। ▶ପୃଷ୍ଠା-୭



### ନୂଆପଡ଼ା ଉପନିର୍ବାଚନ

## ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ

■ **ଭୁବନେଶ୍ୱର, ୨।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତାକାଲି ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଧାନମଣ୍ଡି ପଡ଼ିଆଠାରେ ଏକ ବିଶାଳ ନିର୍ବାଚନୀ ସଭାକୁ ନବୀନ ସମ୍ବୋଧନ କରିବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ରାଜନୈତିକ ତଥା ଭୌଗୋଳିକ ସମୀକରଣ ଦୃଷ୍ଟିରୁ ତରବୋଡ଼ ସମାବେଶ ବେଶ୍ ଗୁରୁତ୍ୱ ବହନ କରୁଛି। ନବୀନଙ୍କ ସଭାକୁ ନେଇ ବିଜେଡି କର୍ମୀଙ୍କ ଉତ୍ସାହ ଶୀର୍ଷରେ ପହଞ୍ଚିଥିବା ବେଳେ ବିଜେପି ଓ କଂଗ୍ରେସ ଏହାକୁ ବେଶ୍ ସତର୍କ ଦୃଷ୍ଟିରେ ଦେଖୁଛନ୍ତି। ନବୀନଙ୍କ ପ୍ରଚାର ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବଡ଼ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ ବିଜେପି ଓ କଂଗ୍ରେସ ଶିବିର ଏହାକୁ ନେଇ ଅଙ୍କ କଷିବାରେ ଲାଗିଛନ୍ତି। ପୂର୍ବରୁ ନବୀନଙ୍କ ସଭାକୁ ସଫଳ କରାଇ ନ ଦେବାକୁ ବିଜେପି ଉଦ୍ୟମ କରୁଥିବା ନେଇ ବିଜେଡି ଅଭିଯୋଗ କରିସାରିଛି। ଏପରିସ୍ଥଳେ ଆସନ୍ତାକାଲିର ସଭା ଉପନିର୍ବାଚନ ଫଳାଫଳକୁ ବେଶ୍ ପ୍ରଭାବିତ କରିବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆକଳନ ପ୍ରକାଶ ପାଉଛି।

ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ତରବୋଡ଼ରେ ସମାବେଶ ନିଷ୍ପତ୍ତି ପଛରେ ୨ଟି କାରଣ ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ତରବୋଡ଼ ▶ପୃଷ୍ଠା-୭



**ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ**

**ଅଙ୍କ କଷୁଛନ୍ତି ବିଜେପି ଓ କଂଗ୍ରେସ**

### ପୁଲିସ ଚାକିରି ବେପାର

## କ୍ରାଇମ୍‌ବ୍ରାଞ୍ଚକୁ ଧରା ପକାଇଦେଲା ଶଙ୍କର

■ **ଭୁବନେଶ୍ୱର/କଟକ ୨।୧୧ (ସମିସ):** ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାର ତଥାକଥିତ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଧରା ପଡ଼ିଛି। ଉତ୍ତରାଖଣ୍ଡ-ନେପାଳ ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ତାକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଦାବି କରୁଥିବାବେଳେ ଶଙ୍କର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଗଣମାଧ୍ୟମକୁ କହିଛି। ସବୁଠାରୁ କୌତୂହଳ କଥା ହେଉଛି ଯେ ଆତ୍ମଗୋପନ ଓ ଫେରାର ଆଦି କଥାକୁ ଶଙ୍କର ଅସ୍ୱୀକାର କରି କ୍ରାଇମବ୍ରାଞ୍ଚର ଦାବିକୁ ପାଣିଚିଆ କରିଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଛି। ତେଣୁ କ୍ରାଇମବ୍ରାଞ୍ଚ ସତ କହୁଛି ନା ଶଙ୍କର ସତ କହୁଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଚାକିରି ବିକ୍ରି ମାମଲା ପର୍ଦ୍ଦାଫାସ ହେବା ପରେ ପ୍ରାୟ ୪ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଶଙ୍କର କ୍ରାଇମବ୍ରାଞ୍ଚ ଧରାଛୁଆଁ ବାହାରେ ଥିଲା। ତେଣୁ ଏହି ସମୟ ମଧ୍ୟରେ ସେ ସବୁପ୍ରକାର ପ୍ରମାଣ ନଷ୍ଟ କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି।



**"ଗିରଫ ନୁହେଁ; ଆତ୍ମସମର୍ପଣ କରିଛି"**

**ମୁନ୍ନା-ଶଙ୍କରକୁ କ୍ରାଇମ୍‌ବ୍ରାଞ୍ଚର ଜେରା**

ବିମାନବନ୍ଦରରୁ ତାକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଣୁଥିଲା ବେଳେ ସେ ସ୍ପଷ୍ଟ ଭାବେ ଆତ୍ମଗୋପନ କରି ନ ଥିବା ଓ ବିଭିନ୍ନ କୋର୍ଟରେ ଜାମିନ୍ ପାଇଁ ଆବେଦନ କରିଥିବା ଉଲ୍ଲେଖ କରି ଗିରଫ ଅଭିଯୁକ୍ତମାନଙ୍କ ସହ ତାର ସମ୍ପର୍କ ନ ଥିବା ସ୍ପଷ୍ଟ ଭାବରେ କହିଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ପହଞ୍ଚିବା ପରେ କଟକସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶଙ୍କରକୁ ପ୍ରାୟ ୮ ଘଣ୍ଟା ଜେରା କରାଯାଇଛି। ଏସ୍ଆଇ ଚାକିରି ବିକ୍ରିକୁ ପ୍ରସଙ୍ଗରେ ଜେରା ବେଳେ ଶଙ୍କର ଆଦୌ ବ୍ୟସ୍ତ ବିବ୍ରତ ନ ଥିବା ଓ ପୂରା ଦମ୍ଭର ସହ କ୍ରାଇମବ୍ରାଞ୍ଚ ଟିମ୍‌କୁ ଉତ୍ତର ଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜେରା ବେଳେ ଶଙ୍କରକୁ ୨୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିଲା। ଏସ୍ଆଇ ପରୀକ୍ଷା ପରିଚାଳନାରେ ପଞ୍ଚସଫ୍ଟରର ଭୂମିକା କଣ ରହିଥିଲା? ସେ ସିଲିକନ୍ ଠାରୁ କେଉଁ ଆଧାରରେ କାମ ନେଇଥିଲା? ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାକୁ କଣ ପାଇଁ ପଠାଯାଇଥିଲା? ଏଥିରେ ତାର ଭୂମିକା କଣ ଥିଲା? ଏହି ମହା ଘୋଟାଲାରେ ଆଉ କିଏ କିଏ ସାମିଲ ଅଛନ୍ତି? କେଉଁ ଅନ୍ତରାଜ୍ୟ ଗ୍ୟାଙ୍ଗ ସହ ତାର ସମ୍ପର୍କ ରହିଛି? ପ୍ରତ୍ୟେକ ଆଶାୟୀଙ୍କ ଠାରୁ କେତେ ଟଙ୍କା ନିଆଯାଇଥିଲା? ଏହି ଟଙ୍କା କାହା କାହା ମଧ୍ୟରେ ବଣ୍ଟା ଯାଇଛି? କେଉଁ ସରକାରୀ ▶ପୃଷ୍ଠା-୭

### ୧୦୦୦ କୋଟିର ଡିଲ୍: ଶଙ୍କର

ଏସ୍ଆଇ ସ୍କାମ୍‌ରେ ୧୦୦୦ କୋଟିର ଡିଲ୍ ହୋଇଥିବା ଗଣମାଧ୍ୟମକୁ କହିଛି ପଞ୍ଚସଫ୍ଟ ମୁଖ୍ୟ ମାଷ୍ଟର୍‌ମାଇଣ୍ଡ ଶଙ୍କର ପୃଷ୍ଟି। ଏୟାରପୋର୍ଟରୁ ତାକୁ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ନିଆଯିବା ବେଳେ ଗଣମାଧ୍ୟମ ପ୍ରଶ୍ନରେ ଶଙ୍କର କହିଛି ଯେ ଏସ୍ଆଇ ଚାକିରି ପ୍ରସଙ୍ଗରେ ୧୦୦୦ କୋଟି ଡ଼ିଲ୍ ହୋଇଛି। ତେବେ ଏହି ଡିଲ୍ କାହା ସହ ହୋଇଥିଲା ଓ ଡିଲ୍‌ର ମାଷ୍ଟରମାଇଣ୍ଡ କିଏ ସେ ନେଇ କିଛି କହିନାହିଁ। ତା କଥାରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ଶଙ୍କର ଏହି ଡିଲ୍ ବିଷୟରେ ସବୁକିଛି ଜାଣିଛି।

## ପରଲୋକରେ ମସଲା ସମ୍ରାଟ ଶରତ ସାହୁ

■ **କଟକ, ୨।୧୧ (ସମିସ):** ଓଡ଼ିଶାର ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କର ଆଜି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ବୟସାଧିକ୍ୟ କାରଣରୁ ଡ. ସାହୁ ଗତ ଅକ୍ଟୋବର ୩୦ ତାରିଖରେ ଲୀଳାବତୀରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଡ. ସାହୁଙ୍କ ପରଲୋକ ଓଡ଼ିଶାର ଶିଳ୍ପ ଓ ଉଦ୍ୟୋଗ ଜଗତ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରୁଚି ମସଲାକୁ ଘରେ ଘରେ ପରିଚିତ କରାଇଥିବା ଡ. ସାହୁଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଗଭୀର ଶୋକପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ସାହୁଙ୍କ ପତ୍ନୀ ସଙ୍ଗୀତା ସାହୁ, ପୁତ୍ର ଅରବିନ୍ଦ ସାହୁ, କନ୍ୟା ରଶ୍ମୀ ସାହୁ, ପୁତ୍ରବଧୂ ସଲିନା ସାହୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

୧୯୫୦ ମସିହା ଜୁଲାଇ ୨୨ ତାରିଖରେ କଟକର ରାଣୀହାଟ ତେଲିସାହିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଖ୍ରୀଷ୍ଟ କଲେଜରେ ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ନିଜ ପିତା ବନମାଳୀ ସାହୁଙ୍କ ସହିତ ମିଶି ୧୯୭୬ ମସିହା ପବିତ୍ର ଶ୍ରୀଗୁଣ୍ଡିଚା ଦିନ କଟକର ▶ପୃଷ୍ଠା-୭





**'ରୁଚି' ପ୍ରତିଷ୍ଠାତାଙ୍କ ବିୟୋଗରେ ମୋହନ ଓ ନବୀନଙ୍କ ଶୋକ**

**ସୋମବାର ହେବ ଶେଷକୃତ୍ୟ**

## ପହିଲି ପଞ୍ଝୁକରୁ କଲବଲ

### ଶ୍ରୀମନ୍ଦିରରେ ଠେଲାପେଲା; ଏକାଧିକ ଭକ୍ତ ଆହତ





■ **ପୁରୀ, ୨।୧୧ (ସମିସ):** ପଞ୍ଝୁକ ଆରମ୍ଭରୁ କଲବଲ ଭକ୍ତ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଆଜି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। କିନ୍ତୁ, ଦର୍ଶନ ଜନିତ ଅବ୍ୟବସ୍ଥା ଯୋଗୁଁ ବହୁ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ବଡ଼ ଆଖଡ଼ା ମଠ ସମ୍ମୁଖ ବ୍ୟାରିକେଡ୍ ଭିତରେ ଠେଲାପେଲା ଯୋଗୁଁ ଏକାଧିକ ଭକ୍ତ ଆହତ ହୋଇଥିବା ବେଳେ କିଛି ଧୈର୍ଯ୍ୟହରା ଭକ୍ତ ବ୍ୟାରିକେଡ୍ ଠେଲି ଭାଙ୍ଗିଦେବା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ଉଦ୍‌ବେଗର ବିଷୟ ହେଲା, ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଛିଡ଼ା ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଖାଲି ସେତିକି ନୁହେଁ, ସେମାନେ ଆଉ ଦର୍ଶନ କରିବାକୁ ଭିତରକୁ ନ ଯାଇ ଘରକୁ ଫେରିଛନ୍ତି। କେବଳ ସିଂହଦ୍ୱାରରେ ପ୍ରବେଶ ▶ପୃଷ୍ଠା-୭

**ଘଣ୍ଟାଘଣ୍ଟା ଛିଡ଼ା ହୋଇ ଫେରିଗଲେ**

**ଧୈର୍ଯ୍ୟ ହରାଇ ବ୍ୟାରିକେଡ୍ ଭାଙ୍ଗିଲେ**

**ଆନନ୍ଦ ବଜାରରେ ବି ଚରମ ବିଶୃଙ୍ଖଳା**

**ଦର୍ଶନ କରି ପାରିଲେନି ବରିଷ୍ଠ ନାଗରିକ**


### ବିଶ୍ୱସ୍ତରୀୟ ବରମୁଣ୍ଡା ବସ୍ ଟର୍ମିନାଲ୍

## ୧୫ ମାସରେ ନାରଖାର

■ **ଭୁବନେଶ୍ୱର, ୨।୧୧ (ସମିସ):** ଭୁବନେଶ୍ୱର ବରମୁଣ୍ଡାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ୨୦୨୪ ମସିହାରେ କୋଟିକୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଇ ଏହାକୁ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ନାମରେ ନାମିତ କରାଯାଇଥିଲା। ଯାହା ବିଶ୍ୱସ୍ତରୀୟ ବସ୍ ଟର୍ମିନାଲର ମାନ୍ୟତା ହାସଲ କରିଥିଲା। କିନ୍ତୁ ସରକାର ବଦଳିବା ପରେ ବସ୍ ଟର୍ମିନାଲ ପରଚାଳନା ଏବଂ ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଇପାରୁ ନାହିଁ। ଟର୍ମିନାଲ୍ ଭିତରେ ଏସି କାମ କରୁ ନ ଥିବା ବେଳେ ପାଣି ଟ୍ୟାପ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ସେହିଭଳି ଭିତରେ ପଡ଼ିଥିବା ବିଶ୍ରାମ ଚେୟାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଗଲାଣି।

ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲରୁ ପ୍ରତିଦିନ ଦୈନିକ ୩ ହଜାର ବସ୍‌ରେ ୨୦ ହଜାରରୁ ଅଧିକ ଯାତ୍ରୀ ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। ଟର୍ମିନାଲ ଭିତରେ ଏସି ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡୁଛି। ଖରାଦିନ ତ ଖରାଦିନ ରାତି ଏବଂ ବର୍ଷା ଦିନେ ମଧ୍ୟ ଭିତରେ ଗୁଳୁଗୁଳି ଅନୁଭୂତ ହେଉଛି। ବିଡିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ





୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ଏହି କମ୍ପାନୀ ଅନ୍ୟ ଏକ ଡ଼ାଇକିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। କିନ୍ତୁ ବାହାଘର ପରେ ବେଦି ମୁହଁ ପୋଡ଼ା ଭଳି ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ଠିକ୍ ଭାବେ ପରିଚାଳନା କରା ନ ଯିବାରୁ ବାରମ୍ବାର ଏସି ସମସ୍ୟା ଦେଖାଦେଉଛି। ସେହିଭଳି ଟର୍ମିନାଲ ଭିତରେ ପିଲାଙ୍କ ପାଇଁ ଗେମ୍ ଜୋନ୍ ରହିଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଭାଙ୍ଗିରୁଜି ଗଲାଣି।

ଟର୍ମିନାଲ ଉଦ୍‌ଘାଟନ ବେଳେ ଏଠାରେ ପ୍ରିପେଡ୍ ଅଟୋ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା। ଏହି ପ୍ରିପେଡ୍ ମାଧ୍ୟମରେ ଯାତ୍ରୀ ସ୍ୱତନ୍ତ୍ର କାଉଣ୍ଟର୍‌ରୁ ଅଗ୍ରୀମ ବୁକିଂ କରିବାର ବ୍ୟବସ୍ଥା କରାଯାଇଥିଲା। ଆପ୍ ମାଧ୍ୟରେ ଯାତ୍ରୀ ଅଟୋଚାଳକଙ୍କ ପରିଚୟ ସହିତ ଗନ୍ତବ୍ୟସ୍ଥଳକୁ ଟ୍ରାକ୍ କରିବାର ବ୍ୟବସ୍ଥା ଥିଲା। କିନ୍ତୁ ଏହି ପ୍ରିପେଡ୍ ବ୍ୟବସ୍ଥା ଅଧିକାଂଶ ସମୟରେ ବନ୍ଦ ରହୁଛି। ଫଳରେ ଯାତ୍ରୀମାନେ ବାହାର ଅସାଧୁ ଅଟୋ ଚାଳକଙ୍କ ଶିକାର ହେଉଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କୁ ବିଭିନ୍ନ ଉପାୟରେ ଲୁଟ୍‌ପାଟ୍ କରୁଛନ୍ତି ଅସାଧୁ ଅଟୋ ଚାଳକ।

ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟଗୁଡ଼ିକ କେତେକ ଟ୍ୟାବ୍ ଭାଙ୍ଗି ଯାଇଥିବା ବେଳେ ଅନେକ ଟ୍ୟାପ୍ ଚୋରି ହୋଇଯାଇଛି। ବିଶେଷକରି ପୁରୁଷ ଶୌଚାଳୟ ଏବଂ ବାହାରେ ଥିବା ରିଫ୍ରେସ୍‌ମେଣ୍ଟ ଜୋନ୍‌ରୁ ଟ୍ୟାପ୍ ନ ଥିବାରୁ ଯାତ୍ରୀ ପାଣି ପାଇଁ ତହକବିକଳ ହେଉଛନ୍ତି। ଏତେ ବଡ଼ ଟର୍ମିନାଲ ଭିତରେ ସିସିଟିଭି ଲାଗିକି ଯଦି ଚୋରି ହୋଇଯାଉଛି ▶ପୃଷ୍ଠା-୭

## କାଶୀନଗରରେ ସେକ୍ସ ରାକେଟ୍ ଠାବ

# ଦୁଇ ଯୁବତୀ ଉଦ୍ଧାର; ଗ୍ରାହକ ଗିରଫ, ମାଲିକ ଅଟକ

କାଶୀନଗର,୨।୧୧(ସମିସ):

ଗଜପତି ଜିଲ୍ଲା କାଶୀନଗର ଥାନା ବ୍ଲକ କଲୋନୀ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଘରେ ସେକ୍ସ ରାକେଟ ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ଦୁଇ ଯୁବତୀଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ଗ୍ରାହକଙ୍କୁ ଗିରଫ ସହ ଗୃହ ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି।

**ବାହାରୁ ଯୁବତୀ ଆଣି ଚଳାଇଥିଲେ ଦେହ ବ୍ୟବସାୟ**

କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସୁନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଆଲୋକ ଜଗଦଲା ସହ ଏକ ପୁଲିସ ଟିମ୍ ଉକ୍ତ ଘରେ ଚଢ଼ଉ କରିଥିଲା। ଅନୈତିକ କାର୍ଯ୍ୟରେ ଲିପ୍ତ ୨ ଯୁବତୀଙ୍କ ସହ ଜଣେ ଗ୍ରାହକ ଓ ଘର ମାଲିକଙ୍କୁ ପୁଲିସ ପ୍ରଥମେ ଅଟକ ରଖି ପଚରା ଉଚରା କରିଥିଲା। ମାଜିଷ୍ଟ୍ରେଟ ତଥା ତହସିଲଦାର ସୁଧୀର କୁମାର ନନ୍ଦଙ୍କ ଉପସ୍ଥିତିରେ ଉକ୍ତ ଘରୁ ମଦ ବୋତଲ, କଣ୍ଡୋମ୍ ପ୍ୟାକେଟ ଓ ଦୁଇଟି ବ୍ୟବହୃତ କଣ୍ଡୋମ୍ ଜବତ କରିଥିଲା ପୁଲିସ। ଉକ୍ତ ଘଟଣାରେ ଗ୍ରାହକ ତଥା ଚିପୁରୁ ୱାସୁ ନାମକ ଯୁବକ ଜଣକ ବାହାର ଅଞ୍ଚଳରୁ ଯୁବତୀଙ୍କୁ ଆଣି ଅଞ୍ଚଳରେ ସେକ୍ସ ରାକେଟ ଚଳାଇଥିବା ଓ ଉକ୍ତ ଘର ମାଲିକ ସହଯୋଗ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।





ଦୁଇ ତିନି ମାସ ଧରି ଏହି ସେକ୍ସ ରାକେଟ ଚାଲିଥିବା, ବହୁ ମାସ ଧରି ବେଆଇନ ଭାବେ ଲଜ୍ ଘର ମାଲିକ ଚଳାଇଥିବା ଜଣାପଡ଼ିଥିଲା। ଅଟକ ଦୁଇ ଯୁବତୀଙ୍କ ମଧ୍ୟରେ ଜଣେ କାଶୀନଗର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ଯୁବତୀ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡିଛି। ଦୁଇ ଯୁବତୀଙ୍କ ଡାକ୍ତର ମାଇନା କରିବା ପରେ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଏନେଇ କାଶୀନଗର ଥାନାରେ ଏକ ମାମଲା ରୁଜୁ କରି ଅଟକ ୱାସୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘର ମାଲିକଙ୍କୁ ପଚାର ଉଚରା କରି ଅଧିକ ତଦନ୍ତ ଜାରି କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ଘରକୁ କାଶୀନଗର ପୁଲିସ ସିଜ କରାଯାଇଥିବା ସାଇଣ୍ଟିଫିକ୍ ଟିମକୁ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତି ସମୟରେ ଉକ୍ତ ଘରକୁ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। କାଶୀନଗର ଅଞ୍ଚଳରେ ଏହିପରି ଘଟଣା ପ୍ରଥମ ଥର ହୋଇଛି। ଆଗାମୀ ଦିନରେ କାଶୀନଗର ବିଭିନ୍ନ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ଓ ନିଶାସକ୍ତ କିମ୍ବା ସାର୍ବଜନୀନ ସ୍ଥାନ ଗୁଡ଼ିକରେ ନିଶାସେବନ କରୁଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ପଞ୍ଚୁକରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଟିକାବାଲି,୨।୧୧(ସମିସ): ପଞ୍ଚୁକ ପାଇଁ ଟିକାବାଲିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ମନ୍ଦିରରେ ଭିଡ଼ ଜମିଛି। କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ହରି ଉତ୍ଥାପନ ସହ ପଞ୍ଚୁକ ବ୍ରତ ଆରମ୍ଭ ହୋଇଥିବା ବେଳେ ଏହି ଧର୍ମମାସର ପୁଣ୍ୟ ଲାଭ ପାଇଁ ଶ୍ରଦ୍ଧାଳୁମାନେ ମନ୍ଦିର ମୁହାଁ ହୋଇଛନ୍ତି। ପ୍ରାତଃ କାଳରୁ ଶ୍ରଦ୍ଧାଳୁ ଟିକାବାଲିର ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଡୁଙ୍ଗି ମନ୍ଦିରରେ ଭିଡ ଜମାଉଛନ୍ତି। ଚଳିତ ବର୍ଷ ମନ୍ଦିର ପକ୍ଷରୁ ଲକ୍ଷେ ଆଠ ଦୀପ ଦାନ କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ଡୁଙ୍ଗି ମନ୍ଦିର ବ୍ୟତୀତ ଟିକାବାଲିର ତାରିଣୀ ମନ୍ଦିର, ଜଗନ୍ନାଥ ମନ୍ଦିର, ରଣେଶ୍ୱର ମନ୍ଦିର, ଲୁଜରାମୁଣ୍ଡା ରୁଦ୍ରକାଳୀ ମନ୍ଦିର, ଖୋଦାଳସାହି ବ୍ୟାଘ୍ରଃ ଦେୱୀ ମନ୍ଦିର, ବିଲେଇମୁଣ୍ଡି ହନୁମାନ ମନ୍ଦିର ଓ କୋଟିଲାଗଡ଼ ମନ୍ଦିରରେ ମଧ୍ୟ ସକାଳେ ଦର୍ଶନ ଏବଂ ସନ୍ଧ୍ୟାରେ ଦୀପ ଦାନ ପାଇଁ ଭକ୍ତଙ୍କର ବେଶ ଭିଡ଼ ଜମୁଛି। ସୁରୁଖୁରୁରେ ଦର୍ଶନ ଓ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମନ୍ଦିର କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିର



ବାଲିଗୁଡା,୨।୧୧(ସମିସ): ବାଲିଗୁଡା ବରିଷ୍ଠ ନାଗରିକ ସଂଘ ଆୟୋଜନରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଚିନ୍ତାମଣୀ ମିଶ୍ରଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ଆଦିତ୍ୟ ତ୍ରିପାଠୀ, ଯୋଗଗୁରୁ ରୁଦ୍ର ଭୈରବ, ଡା. ବିକ୍ରମ ରଥ, ଡା.ଆନନ୍ଦ ପାଲ ଓ ଉପସଭାପତି ସୀମାଞ୍ଚଳ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଶିବିରରେ ୧୨୧ ଜଣ ବରିଷ୍ଠ ନାଗିରକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ମନ୍ମଥ କୁମାର ରାଉଳ ପରିଚାଳନା କରିଥିବା ବେଳେ ମଞ୍ଚ ପରିଚାଳନା କୋଷାଧକ୍ଷ ପ୍ରହଲ୍ଲାଦ ପ୍ରସାଦ ଲେଙ୍କା କରିଥିଲେ। ଉପଦେଷ୍ଟା ଡା.ମଧୁସୁଦନ ମହାପାତ୍ର, ପ୍ରଫୁଲ ଗୌଡ, ରାଜ କିଶୋର ସାହୁ ଓ ହୃଦାନନ୍ଦ ଜେନାଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ପଞ୍ଚୁକରେ ଶୈବପୀଠ ଚଳଚଞ୍ଚଳ

ଶେରଗଡ଼,୨।୧୧(ସମିସ): ଧର୍ମର ମାସ କାର୍ତ୍ତିକ ଏକାଦଶୀରେ ପଞ୍ଚୁକ ପର୍ବ ଆରମ୍ଭ ହେଉଛି। ଏହି ଅବସରରେ ଶେରଗଡ଼ ସହର ଓ ଏହାର ଆଖପାଖରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ସକାଳୁ ସ୍ନାନ କରି ମୁରୁଜ ପକାଇ ପଞ୍ଚୁକ ବ୍ରତଧାରୀ ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ସାହି ବସ୍ତିରେ ଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଶେରଗଡ ବ୍ଲକ କରଡାକଣା ପଞ୍ଚାୟତରେ ପ୍ରସିଦ୍ଧ ପ୍ରଭୁ ଉଦୟନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ସହରରେ ଥିବା ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ବୁଦ୍ଧେଶ୍ୱର ଦେବ, ରାମଚଣ୍ଡୀ, ଜୟଚଣ୍ଡୀ, ଶୀତଳା ଦେବୀଙ୍କ ପୀଠରେ ପଞ୍ଚୁକ ବ୍ରତଧାରୀ ମାନେ ପୂଜା କରୁଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।

## ପିନ୍ କଣ୍ଟା ଗିଳି ଓଏଭି ଛାତ୍ରଙ୍କ ମୃତ୍ୟୁ ଘଟଣା

# ଗୋଚ୍ଛାପଡ଼ା ଥାନାରେ ମାମଲା ରୁଜୁ, ବିଦ୍ୟାଳୟ ସିସିଟିଭି ଯାଞ୍ଚ

ଫିରିଙ୍ଗିଆ,୨।୧୧(ସମିସ): ଗୋଚ୍ଛାପଡା ଥାନା ଧୋବତୋଟା ଆଦର୍ଶ ବିଦ୍ୟାଳୟରେ ନୋଟିସ ବୋର୍ଡରେ ଲାଗିଥିବା ପିନ କଣ୍ଟାକୁ ଗିଳି ଜଣେ ସପ୍ତମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛି ଗୋଚ୍ଛାପଡ଼ା ପୁଲିସ। ଫୁଲବାଣୀ ବ୍ଲକ ଧୋବାତୋଟାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଇ ଥାନା ଅଧିକାରୀ ଚିରଞ୍ଜିବୀ ବେହେରା ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣା ଦିନର ସିସିଟିଭି ଫୁଟେଜ ଯାଞ୍ଚ ସହ ଘଟଣା ବେଳେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

ସୂଚନାଯୋଗ୍ୟ, ଗତ ପନ୍ଦର ତାରିଖ ଦିନ ଏହି ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ଛାତ୍ର ତୁଷାର ମିଶ୍ର ନୋଟିସ ବୋର୍ଡ ପିନ୍ ଗିଳି ଦେଇଥିଲେ। ଗତ ୨୬ ତାରିଖ ଦିନ କଟକ ଶିଶୁ ଭବନରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତୁଷାରଙ୍କ ବାପା କାଳୀପ୍ରସାଦ ମିଶ୍ର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଗତ ୩୦ ତାରିଖରେ ଦାରିଙ୍ଗବାଡି ଥାନାରେ ଏତଲା ଦେଇଥିଲେ। ଘଟଣା ଗୋଚ୍ଛାପଡା ଥାନା ଅଞ୍ଚଳରେ ଘଟିଥିବାରୁ କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମାମଲାକୁ ଏହି ଥାନାକୁ ସ୍ଥାନାନ୍ତର କରାଯିବା ପରେ ଘଟଣାକୁ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ତାଙ୍କ ଏକମାତ୍ର ପୁଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ବିଦ୍ୟାଳୟରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କ ନାଁ ଏତଲାରେ ଲେଖା ଯାଇଥିବା ବେଳେ ଘଟଣାକୁ ନେଇ ମୃତ ଛାତ୍ରଙ୍କ ବାପା ଜିଲ୍ଲାପାଳ କନ୍ଧମାଳ, ଉପଜିଲ୍ଲାପାଳ , ଜିଲ୍ଲା ଶିକ୍ଷା ଅଧିକାରୀ, ଦକ୍ଷିଣାଞ୍ଚଳ ରଜସ୍ୱ କମିଶନର, ମୁଖ୍ୟମନ୍ତ୍ରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବହେଳା ପ୍ରଦର୍ଶନ କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଲିଖିତ ଭାବରେ ଜଣାଇଛନ୍ତି। ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଗୋଚ୍ଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରା କହିଛନ୍ତି।

## ନଦୀରେ ବୁଡ଼ି ନାବାଳକ ମୃତ

ପାରଳାଖେମୁଣ୍ଡି,୨।୧୧(ସମିସ): ପାରଳାଖେମୁଣ୍ଡି ନିକଟରେ ଥିବା ମହେନ୍ଦ୍ରତନୟା ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ସ୍ଥାନୀୟ ବାକିଟି ସାହିର କେ.ସାଇ (୧୬)। ଆଜି କିଛି ସାଙ୍ଗମାନଙ୍କ ସହ ସାଇ ନଦୀକୁ ସ୍ନାନ କରିବା ପାଇଁ ଯାଇଥିବା ବେଳେ ବୁଡିଯାଇଥିଲେ। ସାଙ୍ଗମାନେ ନଦୀରେ ଖୋଜି ସାଇକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସା କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାରଳାଖେମୁଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ମୋହନା,୨।୧୧(ସମିସ): ଗଜପତି ଜିଲ୍ଲା ମୋହନାସ୍ଥିତ ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ମହାବିଦ୍ୟାଳୟର ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଜଗନ୍ନାଥ ପଣ୍ଡା ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ବିରୋଧି ଆଇନ ସମ୍ପର୍କରେ ସଚେତନ କରିବା ସହ ଏହି ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଦୁର୍ନୀତି କିପରି ଆମ ସମସ୍ତଙ୍କୁ କବଳିତ କରି ରଖିଛି ଏବଂ ନିଜର ନିଷ୍ଠାବାନ କର୍ତ୍ତବ୍ୟ ଦ୍ୱାରା ଆମେ କିପରି ତାକୁ ନିବାରଣ କରିପାରିବା ସେ ସଂପର୍କରେ କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ପ୍ରଣବାନନ୍ଦ ପାଟଯୋଶୀ ଓ ସମ୍ମାନୀତ ଅତିଥି ଅଧ୍ୟାପକ ମନୋରଞ୍ଜନ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଶିକ୍ଷାର୍ଥୀଙ୍କୁ ଏକ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନର ଉପାଦେୟତା ଓ ଏଥିରେ ସେମାନଙ୍କର ଭୂମିକା ତଥା ଏହାର ମୂଳ ଉତ୍ପାଟନ ନ ହେଲେ ସାଧାରଣ ଲୋକେ ସାମାଜିକ ନ୍ୟାୟରୁ ବଞ୍ଚିତ ରହିବେ ଓ ସଚ୍ଚୋଟ ରାଷ୍ଟ୍ର ଗଠନରେ ଅନ୍ତରାୟ ସୃଷ୍ଟି କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ଦୁଇ ଶହେରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ରୀତାକୁମାରୀ ଶତପଥୀ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦେଶୀ ମଦ ଜବତ; ଜଣେ ଗିରଫ

ଦିଗପହଣ୍ଡି,୨।୧୧(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଶନିବାର ପୁଲିସ ଚଢ଼ଉ କରି ଏନ.ବିଦେଶୀ ପାତ୍ରଙ୍କଠାରୁ ମଦ ଜବତ କରିବା ସହ ଗିରଫ କରିଥିଲା। ତାଙ୍କ ନିକଟରୁ ବିଭିନ୍ନ ନାମିଦାମୀ କମ୍ପାନୀର ବୋତଲରେ ଥିବା ୪୬.୭୪୦ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜ କିଶୋର ପାତ୍ର ଥାନା ମାମଲା ନଂ.୩୯୫/୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି।

## ଟିକାବାଲିରେ ଦୁର୍ନୀତି ନିବାରଣ ସପ୍ତାହ




ଟିକାବାଲି,୨।୧୧(ସମିସ): ଟିକାବାଲିରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ'କ ନେଇ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତର ମିଳିତ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟିକାବାଲି ପଞ୍ଚାୟତ ଗୃହରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମରେ ସରପଞ୍ଚ କୁନ୍ଦୁରୁ ମଲ୍ଲିକ ସଭାପତିତ୍ୱ କରିଥିଲେ। ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଦୁର୍ନୀତି ବିରୋଧରେ ଲଢେଇ କୌଣସି ଜଣେ ବ୍ୟକ୍ତିର କାମ ନୁହେଁ, ଏହା ଏକ ସାମୂହିକ ଦାୟିତ୍ୱ। ତେଣୁ ଲାଞ୍ଚ କାରବାର ସମୟରେ ଚୁପ୍ ନ ରହି ପ୍ରତ୍ୟେକ ବ୍ୟକ୍ତି ସ୍ୱର ଉଠାଇବା ଏକାନ୍ତ ଆବଶ୍ୟକ। ସାଧାରଣ ଲୋକଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରିବା ଓ ସୂଚନା ପ୍ରଦାନକାରୀଙ୍କୁ ସୁରକ୍ଷା ଦେବା ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଗୁରୁ ଦାୟିତ୍ୱ ବୋଲି ସେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାଧୁତାର ଶପଥ ପାଠ କରାଯାଇଥିଲା।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍; ଅନ୍ଧାରରେ ଅଧା ସହର

ପୋଲସରା,୨।୧୧(ସମିସ)

ଗଞ୍ଜାମ ଜିଲ୍ଲା ପୋଲସରା ଏନ୍‌ଏସିର ଆଲୋକୀକରଣ ବ୍ୟବସ୍ଥା ଦିନକୁ ଦିନ ଠପ୍ ହେବାରେ ଲାଗିଛି। କେଉଁଠି ଷ୍ଟ୍ରିଟ୍ ଲାଇଟ୍ ଜଳୁନି ତ ଆଉ କେଉଁଠି ମିଞ୍ଜିମିଞ୍ଜି ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସହରକୁ ଆଲୋକୀକରଣ ଓ ଏହାର ରକ୍ଷଣାବେକ୍ଷଣ

**ସେବା ନାଁରେ ଲକ୍ଷାଧିକ ଟଙ୍କା ନେଉଛି ଘରୋଇ ସଂସ୍ଥା**

ପାଇଁ ପ୍ରତି ମାସରେ ପରିଷଦ ତରଫରୁ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଉଥିଲେ ମଧ୍ୟ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଫେଲ ମାରିଛି ଘରୋଉ ସଂସ୍ଥା 'ସିସ୍କା'। ସହରରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟର ରକ୍ଷଣାବେକ୍ଷଣ ପାଇଁ ମାସେ ପୁରିବା ମାତ୍ରେ ୧ଲକ୍ଷ ୯ ହଜାର ନେଉଛି। କିନ୍ତୁ ସେବା ନାଁରେ ପରିଷଦ ପଇସାକୁ ଲୁଟୁଛି ସିସ୍କା। ଏପରିକି ଅନେକ ସମୟରେ ସମସ୍ୟା ନେଇ ସଂସ୍ଥାର ଅଫିସ୍‌କୁ ଫୋନ କଲେ କେହି କଥା ନହୋଇ ଫୋନ କାଟିଦେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ଅନ୍ଧାର ରାତିରେ ଧନଜୀବନକୁ ନେଇ ଚିନ୍ତିତ ଥିବା ବେଳେ ଅନ୍ୟପଟେ କମ୍ପାନୀର ଅବହେଳା ଓ ଦାୟିତ୍ୱହୀନତା ପାଇଁ ଦିନକୁ ଦିନ ଜନ ଅସନ୍ତୋଷ ବଢ଼ିବାରେ ଲାଇଛି।



ସୂଚନା ପ୍ରକାରେ ପୋଲସରା ଏନଏସି ସମେତ ରାଜ୍ୟର ଅନେକ ପୌରପରିଷଦର ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ପାଇଁ ରାଜ୍ୟ ସରକାର ଘରୋଇ ସଂସ୍ଥା 'ସିସ୍କା' ସହ ଚୁକ୍ତି କରିଛନ୍ତି। କିନ୍ତୁ ବିଡ଼ମ୍ବନାର କଥା ପୋଲସରା ସହରରେ ଦୀର୍ଘଦିନ ହେବ ଏଭଳି ପରିସ୍ଥିତି ଲାଗି ରହୁଥିଲେ ମଧ୍ୟ ବିଭାଗୀୟ ବଡ଼ ଅଧିକାରୀ ଚୁପ୍ ରହୁଥିବାରୁ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀ ଓ ଟେଣ୍ଡର ନେଇଥିବା ଘରୋଇ କମ୍ପାନୀ ସିସ୍କାର ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର ହରିଲୁଟ୍ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପୋଲସରା ସହର ମୁଖ୍ୟ ରାସ୍ତା ସମେତ ୧୯ ଗୋଟି ୱାର୍ଡରେ ପ୍ରାୟ ୨ ହଜାର ଷ୍ଟ୍ରିଟ୍ ଲାଇଟ ଲଗାଯାଇଛି। ହେଲେ ଏସବୁ ସଠିକ୍ ଭାବରେ ଓ ନିୟମିତ ଜଳୁଛି କି ନାହିଁ ତାହାର ତଦାରଖ କରିବାକୁ 'ସିସ୍କା' ତରଫରୁ ନିୟମିତ ଭାବେ କୌଣସି କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ଫଳରେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ମାସ ମାସ ଧରି ଜଳୁ ନଥିବା ବେଳେ ପୋଲସରା ସହର ମୁଖ୍ୟ ସଡ଼କ ପଥ ସହ ଅଧିକାଂଶ ସାହି ଓ ଗଳି ଅନ୍ଧାର କିଟିକିଟି ରହୁଛି। ବର୍ତ୍ତମାନ ପୂଣ୍ୟମାନ କାର୍ତ୍ତିକ ଚାଲିଥିବାରୁ ବ୍ରତଧାରୀ ମହିଳା କିଟି କିଟି ଅନ୍ଧାରରେ ବହୁ କଷ୍ଟରେ ଯିବାଆସିବା କରୁଛନ୍ତି। ସେହିପରି ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଜଳୁ ନଥିବାରୁ ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନେ ଟିୟୁସନ୍ ସାରି ଅସୁରକ୍ଷିତ ଭାବେ ଘରକୁ ଫେରୁଛନ୍ତି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏନେଇ ସିସ୍କା ସଂସ୍ଥାର ସୁପରଭାଇଜର୍ ଦେବାଶିଷ ବିଶ୍ୱାଳଙ୍କୁ ପଚାରିବାରୁ ବର୍ତ୍ତମାନ ସହର ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ବଦଳାଇ ନୂତନ ଲାଇଟ୍ ଲଗାଇବାର ପ୍ରସ୍ତୁତି ଚାଲିଛି। ଗୋଟିଏ ସପ୍ତାହ ମଧ୍ୟରେ ଠିକ୍ ହୋଇଯିବ ବୋଲି କହିଛନ୍ତି। ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ଅସଜଡ଼ା ପୋଲ ଓ ଲାଇଟ୍‌କୁ ବଦଳାଇ ପୁରା ସହରରେ ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା କହିଛନ୍ତି।

# ଆୟାପ୍ପା ବ୍ରତଧାରୀଙ୍କ ପୁସ୍ତକ ଉନ୍ମୋଚନ



ପାରଳାଖେମୁଣ୍ଡି,୨।୧୧(ସମିସ): ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନ ଆନ୍ଧ୍ରକୁ ଲାଗି ରହିଥିବାରୁ କେବଳ କଳା ସଂସ୍କୃତି ବିନିମୟରେ ସୀମିତ ନରହି ଅନେକ ପୂଜା ବ୍ରତ ମଧ୍ୟ ବିନିମୟ ହେଉଥିବା ଦେଖିବାକୁ ମିଳିଛି। ଆନ୍ଧ୍ରରେ ସବୁଠାରୁ ଅଧିକ ଧାରଣ ହେଉଥିବା ବ୍ରତ ହେଉଛି ଆୟାପ୍ପା ବ୍ରତ। ଏହି ବ୍ରତ ଅତି କମ୍‌ରେ ୪୫ ଦିନ ଓ ଅତି ବେଶୀରେ ବର୍ଷ ତମାମ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ ହୋଇଥାଏ। ତେବେ ବହୁ ତେଲୁଗୁ ସମ୍ପ୍ରଦାୟର ଲୋକ ଏହି ବ୍ରତ ପାରଳାଖେମୁଣ୍ଡି, ଗୋଷାଣି, କାଶୀନଗର ଆଦି ଅଞ୍ଚଳରେ ପାଳନ କରିଥାନ୍ତି। ସମୟ ଅନୁସାରେ ଏହି ବ୍ରତ ବହୁ ଓଡ଼ିଆ ଭାଷୀ ମଧ୍ୟ ଧାରଣ କରିବା ଆରମ୍ଭ କଲେଣି। କଳାପୋଷାକ ସହ ଏକ ସ୍ୱତନ୍ତ୍ର ମାଳି ଏହି ବ୍ରତର ବିଶେଷ। ଖାଲିପାଦରେ ଚାଲିବା, ବ୍ରହ୍ମମୂହୁର୍ତ୍ତରେ ପୂଜାର୍ଚ୍ଚନା , ଶିବ, ପାର୍ବତୀ, ଗଣେଶ ଓ କାର୍ତ୍ତିକଙ୍କ ଭଜନ ଜଣାଣ ଦିନ ତମାମ ଗାଇବା ଏହି ବ୍ରତର ମୁଖ୍ୟ। ଏ ସମସ୍ତ ବିଷୟ ବର୍ଷ ବର୍ଷ ଧରି ଆୟାପ୍ପା ବ୍ରତ ଧାରଣ କରୁଥିବା ବ୍ୟକ୍ତି ଯାହାଙ୍କୁ ଗୁରୁସ୍ୱାମୀ କୁହାଯାଏ ନୂତନ ବ୍ରତଧାରୀଙ୍କୁ ଜଣାଇଥାନ୍ତି। ଏହି ବ୍ରତ ସମ୍ପର୍କରେ ଉଭୟ ତେଲୁଗୁ ଓ ଓଡିଆ ଭାଷାରେ ଧାନାନା ଶଙ୍କର ନାମକ ବ୍ୟକ୍ତି ନିଜେ ଲେଖି ବହି ମୁଦ୍ରଣ କରିବା ସହ ଆଜି ଉନ୍ମୋଚନ କରିଛନ୍ତି। ଗୁମ୍ମା ବ୍ଲକ ଅନ୍ତର୍ଗତ ଝାମୀ ଗ୍ରାମର ଆୟାପ୍ପା ବ୍ରତସ୍ଥଳୀରେ ଉନ୍ମୋଚିତ ହୋଇଥିବା ଏହି ପୁସ୍ତକ ବହୁ ନୂତନ ବ୍ରତଧାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ପୁସ୍ତକ ଧାନାନା ଶଙ୍କର ଆୟାପ୍ପା ବ୍ରତ ଧାରଣର ୧୮ ବର୍ଷ ପୂର୍ତ୍ତି ଅବସରରେ ସେ ଗୁରୁସ୍ୱାମୀ ରହିଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଉତ୍ସର୍ଗ କରି ମୁଦ୍ରିତ କରିଥିବା କହିଛନ୍ତି। ଏପରିକି ଭବିଷ୍ୟତରେ ନୂତନ ଭାବେ ଆୟାପ୍ପା ବ୍ରତଧାରଣ କଲେ ଏହି ପୁସ୍ତକ ସେମାନଙ୍କୁ ଗୁରୁସ୍ୱାମୀ ଭଳି ମାର୍ଗଦର୍ଶନ କରିବ ବୋଲି କହିଛନ୍ତି। ଉନ୍ମୋଚନ ଉତ୍ସବରେ ଆପ୍ପାନ୍ନା, ରାମାଲିଙ୍ଗମ୍, ସୀମାଞ୍ଚଳମ୍ ପ୍ରମୁଖ ଗୁରୁସ୍ୱାମୀଙ୍କ ସମେତ ୮୦ ଜଣ ଆୟାପ୍ପା ମାଳାଧାରୀ ଉପସ୍ଥିତ ଥିଲେ।

### ଶବଦାହ ଗୃହକୁ ବାଟ ନାହିଁ

# ସରକାର ଶୁଣିଲେନି, ସଫା କଲେ ଗ୍ରାମବାସୀ



**ପଞ୍ଚୁପାଣ୍ଡବ, ୨।୧୧(ସମିସ)**

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ପଡ଼ିଆଠାରେ ହୋଇଥିବା ଶ୍ମଶାନ ଗୃହ ଜଙ୍ଗଲରେ ଲୁଚି ଯାଇଥିବାବେଳେ ଶବଦାହ ଘରକୁ ରାସ୍ତା ନ ଥିବା କିଛିଦିନ ତଳେ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ବିଳମ୍ବ ହେଉ ପଛେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆଜି ଜେସିବି ମେସିନ ସାହାଯ୍ୟରେ ପ୍ରାୟ ଦୁଇ ଏକର ଜଙ୍ଗଲ ଜମିକୁ ସଫା କରାଯାଇଥିବା ଦେଖିବାକୁ ମିଳିଛି।

ଏହି ଶ୍ମଶାନ ଘରଟି ପ୍ରାୟ ଦଶବର୍ଷ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା। ଲୋକଙ୍କ ସୁବିଧା ପାଇଁ ଏହି ଘର ହୋଇଥିବାବେଳେ ଏବେ ଲୋକଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଥିଲା। ଏହି ଶ୍ମଶାନ ଘର ଚାରିପଟରେ ଜଙ୍ଗଲ ହୋଇଥିବାବେଳେ ଜଙ୍ଗଲରେ ବିଭିନ୍ନ ପ୍ରକାରର ଜନ୍ତୁ ରହଣି କରିଲେଣି। ଶ୍ମଶାନ ଘରକୁ ଯାତାୟାତ କରିବା ପାଇଁ ବାଟ ନ ଥିବା ଦେଖିବାକୁ ମିଳୁଛି। ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଏମିତି ପରିସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଯେବେଠୁ ଏହି ଘରଟି ହେଲାଣି ଶବ ବାହାରେ ପୋଡ଼ା ଯାଉଥିବାବେଳେ ଏ ଘରଟି କାମରେ ଲାଗୁ ନ ଥିଲା। ଏ ବିଷୟରେ ସରକାର ହେଉ କି ପ୍ରଶାସନ ଅଧିକାରୀଙ୍କୁ ଜଙ୍ଗଲ ସଫା, ଶବଦାହ ଘରକୁ ରାସ୍ତା ଓ ନିକଟରେ ଏକ ନଳକୂପ ବସାଇବା ପାଇଁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କଲେନାହିଁ। ଏହି ଜଙ୍ଗଲ ସଫା କାର୍ଯ୍ୟ ସରିଲା ପରେ ବୃକ୍ଷ ରୋପଣ କରାଯିବ ବୋଲି ସମାଜସେବୀ ଦିଗମ୍ବର ମିଶ୍ର କହିଛନ୍ତି। ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଭକ୍ତିଲାତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମବାସୀ ଜଙ୍ଗଲକୁ ସଫା କରିଛନ୍ତି। ମୁଁ ପଞ୍ଚାୟତ ପକ୍ଷରୁ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଛି। ସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏହି ସଫା କାର୍ଯ୍ୟରେ ଗ୍ରାମର ହୃଷିକେଶ ମହାରଣା, ଗୋପୀନାଥ ମହାରଣା, ସପନ ମହାପାତ୍ର, ଦିଗମ୍ବର ମିଶ୍ର, ପ୍ରିୟରଞ୍ଜନ କର, ଖଗେଶ୍ୱର ମହାରଣା, ସଦାଶିବ ମହାରଣା, ଗଦାଧର ଦାସ, ଅକ୍ଷୟ ତ୍ରିପାଠୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଅବକାରୀ ବିଭାଗର ଚଢ଼ଉ

# କାର୍ ସହ ୮ ଲକ୍ଷ ଟଙ୍କାର ବ୍ରାଉନସୁଗର; ୨ ଗିରଫ

**ପଟ୍ଟାମୁଣ୍ଡାଇ, ୨।୧୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଷାକ୍ତ ନିଶାଦ୍ରବ୍ୟ ବ୍ରାଉନସୁଗର ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୮୦ ଗ୍ରାମର ବ୍ରାଉନସୁଗର ସହ ଏକ ମାରୁତି କାର୍‌କୁ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ କୌଶଳକ୍ରମେ ଗାଡ଼ିରୁ ଡେଇଁ ଚମ୍ପଟ ମାରିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୨୦୪/୨୦୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଏଏସଆଇ ସୁନୀଲ ମିଶ୍ର କହିଛନ୍ତି।



ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ନେଇ ୩ ଜଣ ଯୁବକ ଏକ କାର୍ ଯୋଗେ ପଟ୍ଟାମୁଣ୍ଡାଇକୁ ଆସୁଥିବା ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ଜିଲ୍ଲା ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ସ୍କ୍ୱାର୍ଡର ନେତୃତ୍ୱରେ ଏକ ଅବକାରୀ ବିଭାଗ ଟିମ ଶନିବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବାଲିପଡ଼ା ଛକ ନିକଟରେ ପହଞ୍ଚିଥିଲେ। ସେହି ସମୟରେ କାର୍ ଯୋଗେ ୩ ଜଣ ଯୁବକ ସେହି ସ୍ଥାନରେ ଅଟକିବାରୁ ଲୁଚି ରହିଥିବା ଅବକାରୀ ଟିମ୍ ଚଢ଼ଉ କରି ନିଶା ବେପାରୀଙ୍କୁ କାବୁ କରିବାବେଳେ ଜଣେ ଖସି ପଳାଇଥିଲା। ଅବକାରି ଟିମ ଗାଡ଼ି ଯାଞ୍ଚ କରି ସେମାନଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ। ଏଥିସହ ଦୁଇ ବ୍ରାଉନସୁଗର ବେପାରୀ ପିଣ୍ଟୁ ମଲିକ ଓ ଚନ୍ଦ୍ରକାନ୍ତ ମଲିକଙ୍କୁ ଗିରଫ କରିବା ସହିତ ୮ ଲକ୍ଷ ଟଙ୍କା ମୂଲ୍ୟର କାର୍‌କୁ ଅବକାରୀ ବିଭାଗ ଜବତ କରିଥିଲା। ଉଭୟ ନିଶା ବେପାରୀଙ୍କୁ ଶନିବାର ରାତିରେ ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବାରିମୂଳ ଜେଲ୍‌କୁ ପଠାଇ ଦିଆଯାଇଛି।

## ତୁଳସୀ ମହିଳା କଲେଜରେ 'ଶୂନ୍ୟ ମୃତ୍ୟୁ ପକ୍ଷ' ସଚେତନତା

**କେନ୍ଦ୍ରାପଡ଼ା, ୨।୧୧(ସମିସ):** କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟରେ 'ଶୂନ୍ୟ ମୃତ୍ୟୁ ପକ୍ଷ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମାନବ ଜୀବନର ସୁରକ୍ଷା ଓ ସଡ଼କ ଦୁର୍ଘଟଣା ହାର କମାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଡ. ମଥୁରୀ ନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କଲେ। ସଡ଼କ ସୁରକ୍ଷା ବିଶେଷଜ୍ଞ ବିଧୁଭୂଷଣ ମହାପାତ୍ର ଦୁର୍ଘଟଣାର ବିଭିନ୍ନ କାରଣ ଓ ସମାଧାନ ଉପରେ ଆଲୋଚନା କରି ଛାତ୍ରୀଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର 'ନିଜ ଜୀବନ ନିଜ ହାତରେ' ବାକ୍ୟକୁ ଉଦ୍ଧୃତ କରି ସୁରକ୍ଷିତ ଚଳାଚଳ ଓ ସତର୍କ ଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କନିଷ୍ଠ ଏମ୍‌ଭିଆଇ ଶ୍ରୀକାନ୍ତ ଜୁଡୁ ଓ ଟ୍ରାଫିକ୍ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ ସଡ଼କ ଶିଷ୍ଟାଚାର ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଆଶୁତୋଷ ରାଉତ ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପିକା ପ୍ରଭାସିନୀ ଜେନା ସହଯୋଗ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ ୩ ଶହରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା

**ଡେରାବିଶ, ୨।୧୧(ସମିସ):** ଡେରାବିଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସଙ୍କ ସଂଯୋଜନାରେ ଗୋଲରାହାଟ ବଜାର, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଢ଼ି ବଜାର ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆଜି ଏକ ସଚେତନତା ରଥ ଡେରାବିଶ ଥାନା ପରିସରରୁ ବାହାରି ଉପରୋକ୍ତ ସ୍ଥାନଙ୍କୁ ଯାଇଥିଲା। ସେଠାରେ ଏହି ରଥରେ ଲାଗିଥିବା ଏଲଇଡି ମାଧ୍ୟମରେ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇ ଲୋକମାନେ କିପରି ସାଇବର ଠକଙ୍କ ଦ୍ୱାରା ଠକାମୀର ଶିକାର ହେଉଛନ୍ତି, ଏଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ କୁନିକୁନି କଳାକାର ସଙ୍ଗୀତ ଓ ନୃତ୍ୟ ନାଟିକା ଦ୍ୱାରା ଉପସ୍ଥିତ ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମାବେଶ

**ମାର୍ଶାଘାଇ, ୨।୧୧(ସମିସ):** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଯୁବ ସମ୍ମିଳନୀରେ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକର ଶତାଧିକ ଯୁବକ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ସହ ଜିଲ୍ଲା ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ରାଷ୍ଟ୍ରର ସୁରକ୍ଷା ପାଇଁ ଯୁବକଙ୍କ ଭୂମିକା ଓ ଯୁବକଙ୍କ ରାଷ୍ଟ୍ର ପାଇଁ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିବା ସହିତ ଭାରତର ଗୌରବମୟ ଇତିହାସ ବିଷୟରେ ଯୁବକଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକର୍ତ୍ତା ସୁରେଶ ନାୟକ, ତ୍ରିନାଥ ରାୟ, ପ୍ରସନ୍ନଜିତ ଦାସ, ପ୍ରିୟବ୍ରତ ପରିଡ଼ା, ସୁଲେଖ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବ୍ଲକ କାର୍ଯ୍ୟକର୍ତ୍ତା ରଜନୀକାନ୍ତ ନାୟକ, କାବୁଲି ରାଉତ, ବିଜୟ ରାଉତ, ତନୁଜ ଜେନା, ବିପିନ ବେହେରା, ମଣ୍ଟୁ ସିଂ, ହିମାଂଶୁ ନାୟକ, ମନ୍ମଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଟିକରପଙ୍ଗା ଓ ନାରାୟଣପୁରରେ ଡ୍ରାମା ପରିବେଷଣ

**ମହାକାଳପଡ଼ା, ୨।୧୧(ସମିସ):** ମହାକାଳପଡ଼ା ବ୍ଲକ ଟିକରପଙ୍ଗା ଓ ନାରାୟଣପୁର ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଶ୍ୟାମାକାଳୀ ପୂଜା ଅବସରରେ ୩ ଦିନ ଧରି ଡ୍ରାମା କରାଯାଇ ତିନିଟି ନାଟକ ପରିବେଷଣ କରାଯାଇଥିଲା। ପୂଜା କମିଟି ସଭାପତି ଅମୂଲ୍ୟ ମଲ୍ଲିକ, ଉପଦେଷ୍ଟା ତଥା ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଡ. ଦୀପକ ଜେନାଙ୍କ ରଚିତ ଉମାକାନ୍ତ ନାୟକଙ୍କ ନିର୍ଦ୍ଦେଶିତ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ମା' ବ୍ରଜସୁନା ଡ୍ରାମାଟିକ୍ କ୍ଲବ ଟିକରପଙ୍ଗା କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଦିବସରେ ମଦନମୋହନ ଡ୍ରାମାଟିକ କ୍ଲବ୍ ଟିକରପଙ୍ଗାର କଳାକାଳରଙ୍କ ପକ୍ଷରୁ 'ଦରିଆ କୂଳର ଦରଦୀ ବନ୍ଧୁ' ନାଟକ ପରିବେଷଣ କରାଯାଇଥିଲା। ମା' ଅନାମେଶ୍ୱରୀ ଡ୍ରାମାଟିକ୍ କ୍ଲବ ନାରାୟଣପୁର ପକ୍ଷରୁ 'ହା କୃଷ୍ଣ ବୋଲି ଯାଉ ଯିବ' ନାଟକ ଶୁକ୍ରବାର ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଦିବସରେ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତିନିଧି କୁମରକାନ୍ତ ମହାନ୍ତି, ସାମ୍ବାଦିକ ସନ୍ଦୀପ ଚୌଧୁରୀ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବିମଳ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## କଳିଙ୍ଗ ଆବାସିକରେ ଗୀତା ଆବୃତ୍ତି ପ୍ରତିଯୋଗିତା

**ଡେରାବିଶ, ୨।୧୧(ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏମାନଙ୍କୁ ୪ଟି ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରମେଶ ଶତପଥୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ରିନା ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ପ୍ରଭାତୀ ନନ୍ଦ ଓ ଦମୟନ୍ତୀ ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ନିଶିକାନ୍ତ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ସୌମେନ୍ଦ୍ର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, କାଜଲ ବେହେରା, ଅନୀତା ପ୍ରଧାନ, ସୁଚିସ୍ମିତା ଜେନା, ତପସ୍ୱିନୀ ସାହୁ ଓ ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାଙ୍କୁଆଳ ଗ୍ରାମବାସୀଙ୍କ ସ୍ଥାୟୀ ପଟ୍ଟା ଦାବି
# ଭିତରକନିକା ଗେଟ୍ ସମ୍ମୁଖରେ ଅନଶନ




**ରାଜନଗର, ୨।୧୧(ସମିସ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଭିତରକନିକା ପ୍ରବେଶ ପଥରେ ଥିବା ବାଙ୍କୁଆଳ ଗାଁରେ ଲୋକେ ଶହେ ବର୍ଷରୁ ଅଧିକ ଦିନ ଧରି ବସବାସ କରୁଛନ୍ତି। ଗାଁରେ ବସବାସ କରୁଥିବା ପରିବାର ମଧ୍ୟରୁ ୧୦ ପ୍ରତିଶତ ଲୋକଙ୍କ ସ୍ଥାୟୀ ପଟ୍ଟା ଥିବାବେଳେ ଅନ୍ୟ ପରିବାରକୁ ସ୍ଥାୟୀ ପଟ୍ଟା ଯୋଗାଇ ଦେବା କ୍ଷେତ୍ରରେ ସରକାର ଦୀର୍ଘ ବର୍ଷ ହେଲା ସମୟ ଗଡ଼ାଇ ଚାଲିଛନ୍ତି। ବାଙ୍କୁଆଳ ଗ୍ରାମର ଅଧିବାସୀ ବାରମ୍ବାର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଭେଟି ସ୍ଥାୟୀ ପଟ୍ଟା ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆଜି ଯାଏଁ ପଟ୍ଟା ଯୋଗାଇ ଦିଆଯାଇନାହିଁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନୂତନ ଗେଟ ନିର୍ମାଣ କରାଯିବ। ସେଥିପାଇଁ ପ୍ରବେଶ ପଥ ନିକଟରେ ଥିବା ୮ଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି। ଆସନ୍ତା ସୋମବାର ସେମାନଙ୍କୁ ଉଚ୍ଛେଦ କରାଯିବା ପାଇଁ ନୋଟିସ ଜାରି କରାଯାଇଛି। ଏହି ନୋଟିସ ଜାରି ହେବା ପରେ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ଆଜି ବାଙ୍କୁଆଳ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭିତରକନିକା ପ୍ରବେଶ ପଥ ନିକଟରେ ଅନଶନରେ ବସିଥିଲେ। ସକାଳୁ ଅପରାହ୍ନ ୫ ଘଟିକା ଯାଏଁ ଅନଶନରେ ବସିଥିଲେ। ପ୍ରଥମେ ଆମକୁ ସରକାର ଥଇଥାନ କରନ୍ତୁ। ତା'ପରେ ଉଚ୍ଛେଦ କରନ୍ତୁ ବୋଲି ଅନଶନକାରୀ ଦାବି କରିଛନ୍ତି।

## ଡେରାବିଶ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



**ଡେରାବିଶ, ୨।୧୧(ସମିସ):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବେଲରପା ଜାଗୁଳାଇ ବିଦ୍ୟାନିକେତନରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜାଗୁଳାଇ ବିଦ୍ୟାନିକେତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ନମିତା ବାରିକ, ସ୍ୱତନ୍ତ୍ର ଅତିଥି ଭାବେ କଳାକାର ପ୍ରଜ୍ଞା ଖଟୁଆ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଅନନ୍ତ ଜେନା, ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ନୋଡାଲ ପ୍ରଧାନଶିକ୍ଷୟିତ୍ରୀ କାନନବାଳା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ରଥ, ଚୈତନ୍ୟ ଖଟୁଆ, ପୂର୍ବତନ ଛାତ୍ର ପ୍ରବୀର ସିଂ, ବିଆରସିସି ଦେବଦତ୍ତ ଶତପଥୀ ଯୋଗଦେଇ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜାଗୁଳେଇପଡ଼ା ଦେଶପୁର ସାଧନକେନ୍ଦ୍ରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ତର୍କ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ସିଆରସିସି ବିଶ୍ୱଜିତ ମୁଦୁଲି, ସୁଜାତା ନାୟକ, ବେଣୁଧର ପ୍ରଧାନ, ଅକ୍ଷୟ ପୋଥାଳ, ହରେକୃଷ୍ଣ କର, ପ୍ରମୋଦ ମଲ୍ଲ, ମନୋଜ ନାୟକ, ନିର୍ମଳ ଜେନା, ସାନମଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସମ୍ମାନିତ ଅତିଥି ଭାବେ ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ଶିକ୍ଷାବିତ୍ ପୀତବାସ ପଣ୍ଡା, କ୍ରୀଡ଼ାବିତ୍ ଦୂତିଚାନ୍ଦ, କଳାକର ପ୍ରେମ ଆନନ୍ଦ, ଶଙ୍କର୍ଷଣ ପ୍ରଧାନ, ସୁଶ୍ରୀ ଡେଜି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରଘୁନାଥ ଶତପଥୀ, ପ୍ରତାପ ଶତପଥୀ, ପ୍ରଶାନ୍ତ ଶତପଥୀଙ୍କ ସମେତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଡେରାବିଶର ବିଭିନ୍ନ ସ୍ଥାନରେ ରାହାସ ଉତ୍ସବ

**ଡେରାବିଶ, ୨।୧୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗରେ ୪ଟି ଓ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଓଉଖଣ୍ଡରେ ୪ଟି ଓ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ୧୫ଟି ମଣ୍ଡପରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ମଣ୍ଡପରେ ରାଧାକୃଷ୍ଣଙ୍କ ସହିତ ଗୋପୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଆଳତୀ ପରେ ରାଧାକୃଷ୍ଣଙ୍କ ରାହାସ ଗାନ କରାଯାଇ ଭଜନ ସଂକୀର୍ତ୍ତନ କରାଯାଉଛି।

## ଶ୍ରୀଜଗନ୍ନାଥ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ସୁରଭି



**ରାଜନଗର, ୨।୧୧(ସମିସ):** କେରଡ଼ାଗଡ଼ସ୍ଥ ଶ୍ରୀଜଗନ୍ନାଥ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟ ଓ ପଣ୍ଡିତ ବରଦାକାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ବ୍ଲକ ଶିକ୍ଷାଧକାରୀ ଅନୀଲ ବଳ, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ତର୍କ, ପିଏମ୍ ପୋଷଣର ଚିତ୍ରକଳା ଓ ଶିଳ୍ପକଳା, ଶାସ୍ତ୍ରୀୟ ନୃତ୍ୟ, କୁଇଜ୍, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନ ଉତ୍ସବରେ ବିଜେପି ନେତା ଲଳିତ ବେହେରା, ବାଲିସାହିପାଟଣା ସରପଞ୍ଚ ସୁଚିସ୍ମିତା ପରିଡ଼ା, ବିକ୍ରମ ବାରିକ, ଏବିଇଓ ଚିତ୍ତରଞ୍ଜନ ଜେନା, ମାନସ ମିଶ୍ର, ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ହେମନ୍ତ ବାରିକ, ବ୍ରହ୍ମାନନ୍ଦ ପରିଡ଼ା, ସରସ୍ୱତୀ ସାହୁ, ନିରଜ ଦାସ, ଅଳକା ରାଉତ, ଶ୍ରୀକାନ୍ତ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବୈଲୋଚନ ଦାସ, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅମର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାମୋହନଙ୍କ ପୀଠରେ ଗୋ-ସମ୍ବର୍ଦ୍ଧନା ଉତ୍ସବ





**ପଟ୍ଟାମୁଣ୍ଡାଇ, ୨।୧୧(ସମିସ):** ସ୍ଥାନୀୟ ବାଘୁଆ-କେଶପୁର ଗ୍ରାମରେ ଥିବା ପ୍ରସିଦ୍ଧ ରାଧାମୋହନଙ୍କ ପୀଠରେ ଚତୁର୍ଥ ବାର୍ଷିକ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠାଧିଶ ରଙ୍ଗାଧର ଦାସ ଓରଫ ନନ୍ଦ ବାବା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୋ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ମୀରା ଗୋଶାଳା ପରିଚାଳକ ଜୀବନକୃଷ୍ଣ ରାୟ ଓରଫ ଶଙ୍କର ବାବା, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋ-ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହୋଇଥିବା ତିନି ଶହରୁ ଅଧିକ ଗାମାତାଙ୍କୁ ପାରମ୍ପରିକ ରୀତିନୀତିରେ ବନ୍ଦାପନା କରାଯିବା ସହିତ ପୂଜାର୍ଚ୍ଚନା କରାଯାଇ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଇଥିଲା।

ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାର୍କ ଇଣ୍ଡିଆ, ଏକ୍ସେଲାର, ଜେବି ଫାର୍ମା, ୟୁନିମ୍, ବ୍ୟାକସନ୍, କର୍ଣ୍ଣାଟକ ଆଣ୍ଟି ବାଇଓଟିକସ, ଏନଏଚଏଫ, ୟୁନିରେ ପ୍ରମୁଖ ଔଷଧ କମ୍ପାନୀଙ୍କ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଣୀଧନ ନିରୀକ୍ଷକ ପ୍ରଶାନ୍ତ ଜେନା, ସୁରଜ ରାଉତ ଓ ସୁବ୍ରତ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଗୋ-ସମ୍ବର୍ଦ୍ଧନା ଉତ୍ସବକୁ ସୁରଜ ରାଉତ, ରାଧାକାନ୍ତ ନାଥ, ସୁବ୍ରତ ମଲ୍ଲିକ, ତାପସ ପଣ୍ଡା, ଆକାଶ ପଣ୍ଡା, ବିକାଶ ସାହୁ, ପ୍ରକାଶ ସାହୁ, ପ୍ରକାଶ ପଣ୍ଡା, ବିକାଶ ପଣ୍ଡା, ଶୈଳେନ୍ଦ୍ର ବେହେରା, ତାପସ ସାହୁ, ସୁଶାନ୍ତ ବେହେରା, ଅନ୍ତରା ମଲିକ ପ୍ରମୁଖ ପରିଚାଳନା କରିଥିଲେ। ଗୋ-ସମ୍ବର୍ଦ୍ଧନା ଉତ୍ସବ ଉପଲକ୍ଷେ ରାଧାମୋହନଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

# ଗୋଟିଏ ଦିନରେ ପଡ଼େ ଓକିଲପାଳ ଗାଁରେ ସମୂହ ଶ୍ରାଦ୍ଧ

**ରାଜନଗର, ୨।୧୧(ସମିସ)**



ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଓକିଲପାଳ ଗାଁ। ଯେଉଁଠି ଗୋଟିଏ ଦିନରେ ପଡ଼େ ଗାଁ ସମୂହର ଶ୍ରାଦ୍ଧ। ଏହିଦିନ ନିଜର ପୂର୍ବଜଙ୍କୁ ପିଣ୍ଡଦାନ କରିଥା'ନ୍ତି ଗାଁ ଲୋକେ। ଆଜିବି ଏହି ଗାଁର ବୟସ୍କ ଲୋକଙ୍କ ମନରେ ୧୯୭୧ ମହାବାତ୍ୟାର ଭୟଙ୍କର ସ୍ମୃତି ସତେଜ ରହିଛି। ଏହା ମଧ୍ୟରେ ପାଞ୍ଚ ଦଶନ୍ଧି ବିତିଗଲାଣି। ଏହି ଗାଁର ବୟସ୍କ ସନାତନ ସାମଲ ନିଜ ପରିବାରର ୬ ଜଣ ଲୋକଙ୍କୁ ହରାଇଥିଲେ। ଆଜି ବି ସେ କଥା ମନେ ପଡ଼ିଲେ ତାଙ୍କ ଆଖିରୁ ଲୁହ ଝରିପଡ଼େ। ବୟସ୍କା ମହିଳା ଦୁର୍ଗା ଦଳପତି କହନ୍ତି, ତାଙ୍କ ପରିବାରର ୧୭ ଜଣ ଲୋକ ଭୟଙ୍କର ମହାବାତ୍ୟାରେ ଭାସିଗଲେ। ସେ ଏକ ପାଳଗଦା ଉପରେ ରହିଗଲେ। ଯଦୁମଣି ପରିଡ଼ା କୁହନ୍ତି, ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ବାତ୍ୟାରେ ହରାଇଥିଲେ। ବିବାହର ମାତ୍ର ସପ୍ତାହେ ବିତିଥାଏ। ବାପାମାଆ, ଜେଜେମା ଓ ଭଉଣୀଙ୍କ ସହିତ ତାଙ୍କ ନବବିବାହିତା ପତ୍ନୀ ଭାସିଯାଇଥିଲେ। ଆଜି ବି ସେ ୫୫ ବର୍ଷ ପରେ ସେ ଦୁଃଖକୁ ଭୁଲି ପାରିନାହାନ୍ତି। କାଳନ୍ଦୀ ମହାରଣା, ଶଙ୍କର୍ଷଣ ଲେଙ୍କା, କୁନିଲତା ପାତ୍ର ଓ ବିଚିତ୍ର ଦାସ ପ୍ରମୁଖ ମହାବାତ୍ୟାର ସ୍ମୃତି ସାଉଁଟୁଥିବାବେଳେ ସେମାନଙ୍କ ଆଖିରେ ଲୁହ ଜକେଇ ଆସୁଥିଲା।

ପୁରୁଣା ସାତଭାୟାର ଗୋବିନ୍ଦପୁର ଗାଁ। ସାତଭାୟାର ସାତଟି ଗାଁ ମଧ୍ୟରୁ ସମୁଦ୍ରକୂଳରେ ଅବସ୍ଥିତ ଗୋବିନ୍ଦପୁର ଅନ୍ୟତମ। ୧୯୭୧ ଅକ୍ଟୋବର ମାସ ୨୯ ଓ ୩୦ ତାରିଖ ଦିନ ମହାବାତ୍ୟା ମହାତାଣ୍ଡବ ରଚିଥିଲା। ଏହି ଗାଁରେ ରହୁଥିଲେ ୧୮୪ ପରିବାରର ୧୧୭୫ ଜଣ ଲୋକ। ମହାବାତ୍ୟାର ମହାବିଭୀଷିକାରେ ଏହି ପରିବାର ଉଚ୍ଛନ୍ନ ହୋଇଗଲେ। ୩୨ଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲେ। ଏହି ଗାଁର ୭୫୨ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଗାଁଟି ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ବୋଲି କହନ୍ତି ସନ୍ତୋଷ ମଣ୍ଡଳ। ମହାବାତ୍ୟା ପରେ ୧୫୨ଟି ପରିବାରର ମାତ୍ର ୪୦୩ ଜଣ ଲୋକ ଜୀବିତ ଥିଲେ। ସମୁଦ୍ରକୂଳରେ ଥିବା ନିଜ ଗାଁକୁ ଫେରି ଘରଦ୍ୱାର କରିବାର ଇଚ୍ଛା ମଉଳିଗଲା। ମହାନ ସ୍ୱାଧିନତା ସଂଗ୍ରାମୀ ଭୂଦାନ ଆନ୍ଦୋଳନର ନେତ୍ରୀ ମା' ରମାଦେବୀ ଏହି ଅସହାୟ ପରିବାରକୁ ଓକିଲପାଳଠାରେ ଥଇଥାନ କରିବା ପାଇଁ ସହାୟତାର ହାତ ବଢ଼ାଇଲେ। ସାତଭାୟାର ଗୋବିନ୍ଦପୁର କେବଳ ସରକାରୀ କାଗଜପତ୍ରରେ ରହିଗଲା। ଓକିଲପାଳକୁ ସ୍ଥାୟୀ ଠିକଣା କରିବା ସହ ସେବେଠାରୁ ଆଜିଯାଏ ଏହି ଗାଁରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ସମଗ୍ର ଗାଁ ଲୋକେ ପିଣ୍ଡଦାନ କରିଥା'ନ୍ତି। ଯାହା ଅନ୍ୟତ୍ର ଦେଖାଯାଏନାହିଁ। ସବୁଠୁ ବଡକଥା ହେଲା, ଯେଉଁ ୩୨ଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଓକିଲପାଳର ଗଣେଶ ପୂଜା କମିଟି କିଛି ବର୍ଷ ହେବ ସାମୂହିକ ପିଣ୍ଡଦାନ କରିଆସୁଛି। କମିଟି ସଭାପତି ତଥା ଗୁପ୍ତିର ନାଏବ ସରପଞ୍ଚ ସର୍ବେଶ୍ୱର ବିଶ୍ୱାଳଙ୍କ ସହ ସମସ୍ତ ସଭ୍ୟସଭ୍ୟା ଶ୍ରଦ୍ଧାର ସହ ଏହି ସାମୂହିକ ପିଣ୍ଡଦାନ କରିଛନ୍ତି।

**୧୯୭୧ ମହାବାତ୍ୟା ସ୍ମୃତି ଆଜି ବି ପରିବାର ଲୋକଙ୍କ ମନରେ ରହିଛି ସତେଜ**

## ବଡ଼ ଏକାଦଶୀରେ ମନ୍ଦିରରେ ଭକ୍ତଙ୍କ ଭିଡ଼

ଗୁଡାରୀ,୨।୧୧ (ସମିସ): ହିନ୍ଦୁମାନଙ୍କର ବର୍ଷକ ବାର ମାସରୁ କାର୍ତ୍ତିକମାସକୁ ଧର୍ମ ମାସ ବୋଲି କୁହାଯାଏ ପଞ୍ଚକ ଶେଷ ପାଞ୍ଚଦିନ ଅବସରରେ ଗୁଡାରୀ ପାଇକ ସାହି ଏବଂ ବିଡି କୋଲନୀରେ ବଡ ଏକାଦୋଶୀରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ସ୍ଥାନରେ ଶନିବାର ଦିନ ଅଧିବାସ ସହ କଳସୀ ସ୍ଥାପନ ମଣ୍ଡଳିକୁ ନିମନ୍ତ୍ରଣ କରାଯାଇଥିଲା । ରବିବାର ସକାଳ ୬ଟା ଠାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା । ମହିଳା ଏବଂ ହବିଶ୍ୟାଳି ମା ମାନେ ପବିତ୍ର ବଡ଼ ଏକାଦଶୀରେ ଶ୍ରୀ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛୁ ବୋଲି କହିଛନ୍ତି । ଏଥସହ ପ୍ରତ୍ୟେକ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ସୋମବାର ନଗର କିର୍ତ୍ତନ ମଙ୍ଗଳବାର ଦିନ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା ରଖାଯାଇଛି ବୋଲି କମିଟି ତରଫରୁ କୁହାଯାଇଛି ।

## ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଜିଲ୍ଲା ସମ୍ମିଳନୀ

ପାପଡାହାଣ୍ଡି,୨।୧୧(ସମିସ):



ଆଜି ପାପଡାହାଣ୍ଡି ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ପଞ୍ଚାୟତରୁ ଆସିଥିବା କର୍ମଚାରୀ ଏବଂ ରାଜ୍ୟସ୍ତରୀୟ ପଦାଧିକାରୀ ଅଂଶ ଗ୍ରହଣ କରି ସମସ୍ତଙ୍କ ଅସୁବିଧା ବିଷୟରେ ଜଣ ଜଣ କରି ପଚାରି ବୁଝିଥିଲେ । ଆଜିର ଏହି ମହରଗ ଦିନରେ କିପରି ସ୍ୱଳ୍ପ ଦରମାରେ କିଏ ମାସକୁ ୧୦୦୦ ରୁ ୨୦୦୦ ମଧ୍ୟରେ ଟଙ୍କା ପାଇ କିପରି ପରିବାର ଚଳାଉଛନ୍ତି ସମସ୍ତ ପଞ୍ଚାୟତରୁ ଆସିଥିବା କର୍ମଚାରୀ ସେମାନଙ୍କ ଦୁଃଖ ଏଠାରେ ପ୍ରକାଶ କରିଥିଲେ । ପୂର୍ବରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ଦୁଃଖ ବିଷୟରେ ଲିଖିତ ଭାବେ ଜଣେଇଥିଲେ ମଧ୍ୟ ସରକାର କୌଣସି ପ୍ରକାର ସହଯୋଗ କରିନଥିବା ଅତି ଦୁଃଖର ସହିତ କହିଥିଲେ । ଅନେକ ବର୍ଷ ଧରି ପଞ୍ଚାୟତରେ କାମ କରିବା ପରେ ନା ଛାଡି ପାରୁଛନ୍ତି ନା ଅନ୍ୟତ୍ର କେଉଁଠି କାମକରି ପାରୁଛନ୍ତି, ଏହି ବୟସରେ ତାଙ୍କୁ କିଏ ବା କାମ ଦେବ ବୋଲି କହିଛନ୍ତି । ଆଜିର ଏହି ବୈଠକରେ ମୁଖ୍ୟ ଅତିଥି ରାଜ୍ୟ ସଂଯୋଜକ ଲକ୍ଷ୍ମୀ ନାରାୟଣ ସାହୁ, ମୁଖ୍ୟବକ୍ତା ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ, ସମ୍ମାନିତ ଅତିଥି ଖଗେଶ୍ୱର ଭଇଁସାଲ, ନବରଙ୍ଗପୁର ଜିଲ୍ଲା ଉପସଭାପତି ଲଚ୍ଛିମଧର ମାଝୀ, ସମ୍ପାଦକ ସୁବାସ ହରିଜନ, କୋଷାଧକ୍ଷ ଜୟଦାସ ପନକା, ନବରଙ୍ଗପୁରରୁ ହରି ଭତରା, ପାପଡାହାଣ୍ଡିରୁ ଈଶ୍ୱର ମାଝୀ, କୋଷାଗୁମଡ଼ାରୁ ଶାଗୁଣା ଭତରା, ଡାବୁଗାଁରୁ ଧନ ରନ୍ଧାରୀ, ଉମରକୋଟରୁ ଧରମଦାସ କୋଲାର, ଝରୀଗାଁରୁ ଜୟଦାସ ପନକା, ତେନ୍ତୁଳୀଖୁଣ୍ଟିରୁ ରମେଶ ଚୌଧୁରୀଙ୍କ ସମେତ ଜିଲ୍ଲାର ସମସ୍ତ ୧୮୯ ପଞ୍ଚାୟତରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇ ଗଣମାଧମ ଉପରେ ଭରସା କରି ଖବର ପ୍ରସାରଣ କରିବାକୁ ଅନୁରୋଧ କରିଛନ୍ତି ।

## ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଲେ ଶିଷ୍ୟ



ମାଥିଲି,୨।୧୧(ସମିସ): ଶିକ୍ଷକ ପ୍ରତାପ ଚନ୍ଦ୍ର ରାୟ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗ ଅଧିନରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିବାବେଳେ ତାଙ୍କ ପାଖରେ ଶିକ୍ଷାଲାଭ କରିଥିବା ପ୍ରାୟ ଆଠଶହରୁ ଉର୍ଦ୍ଧ୍ୱ ଶିଷ୍ୟ ବର୍ତ୍ତମାନ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ।ଶୁକ୍ରବାର ତାଙ୍କ ଚାକିରି ଜୀବନର ଶେଷ ଦିବସ ଥିବା ବେଳେ ଏହି ଖବର ପାଇ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ଶିଷ୍ୟ ଆସି ପହଞ୍ଚିଥିଲେ ପାଙ୍ଗାମ ହାଇସ୍କୁଲରେ । ଚାକିରି ଜୀବନ ଶେଷ ହେବା ପରେ ଶିକ୍ଷକ ଶ୍ରୀ ରାୟଙ୍କୁ ସୁସଜ୍ଜିତ ତୋରଣ, ଝୋଟି, ବାଣ ସହ ଫୁଲରେ ସୁସଜ୍ଜିତ ଗାଡି ସହିତ ବାଜା ତାଳେ ତାଳେ ଦୁରୁଆ ସଂପ୍ରଦାୟର ନିଆରା ନୃତ୍ୟ କରିଥିଲେ ତାଙ୍କ ଶିଷ୍ୟମାନେ । ଯାହା ଏକ ବାହାଘର ପଟୁଆରର ଭ୍ରମ ସୃଷ୍ଟି କରିଥିଲା ପାଙ୍ଗାମ ଗ୍ରାମରେ । ସଭା ଆୟୋଜନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ପାଙ୍ଗାମ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

## ବଜରଙ୍ଗ ଦଳର ରକ୍ତଦାନ ଶିବିର

ରାୟଗଡ଼ା,୨।୧୧(ସମିସ): ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର ଠାରେ ହେଉଥିବା ରକ୍ତର ଆବଶ୍ୟକତାକୁ ପୁରଣ କରିବାକୁ ବଜରଙ୍ଗ ଦଳ ଆଗେଇ ଆସିଛି । ଏଥିପାଇଁ ରାୟଗଡ଼ା ବଜରଙ୍ଗ ଦଳ ପକ୍ଷରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା ,ନଗର ସଂଯୋଜକ ସଙ୍କର ବେହେରା,ନଗର ବଳଉପାସନା ପ୍ରମୁଖ ଗଣେଶ ବେହେରା, ବିଶ୍ୱହିନ୍ଦୁ ପରିଷଦ ସଭାପତି ଡ.ବାବୁ ରାଓ ମହାନ୍ତି, ବିଶ୍ୱହିନ୍ଦୁ ପରିଷଧ ଉପ ସଭାପତି ଆନନ୍ଦ ରାଓ, ସତସଙ୍ଗ ପ୍ରମୁଖ ସୁଶାନ୍ତ ପ୍ରଧାନ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀନାଥ ବ୍ରହ୍ମା,ପ୍ରାନ୍ତ ଉପ ସଭାପତି ପ୍ରଫୁଲ ଚନ୍ଦ୍ର ପାତ୍ର, ଦୁର୍ଗା ବହିନୀ ଜିଲ୍ଲା ସଂଯୋଜିକା ଆଶା ଭନିସିକା, ଅବଦୁଲ୍ କଲାମ ଫାଉଣ୍ଡେସନ ପ୍ରତିଷ୍ଠାତା ବୋଗିଲି ରାଜେଶ, କିରଣ କଣ୍ଡାଗିରି, ରାଜେନ୍ଦ୍ର ବେହେରା, ବିଶ୍ୱ ଭୂଷଣ ପଟନାୟକ ସହ ଅନ୍ୟ ସମସ୍ତ ସଦସ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ । ଏହି ରକ୍ତଦାନ ଶିବିରରେ ବଜରଙ୍ଗ ଦଳ ସଭ୍ୟମାନେ ସ୍ୱେଚ୍ଛାକୃତ ଭାବରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।

## ଉପ-ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାମନାଗୁଡ଼ା,୨।୧୧(ସମିସ):



ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ତହସିଲରେ ଉପ ନିବନ୍ଧନ କାର୍ଯ୍ୟାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅକ୍ଟୋବର ମାସ ୨୩ ତାରିଖ ଦିନ ଚିଠି କରିଥିଲେ । ଚଳିତ ମାସ ୧ ତାରିଖରୁ ଜମି କିଣାବିକାର ସମସ୍ତ କାଗଜପତ୍ର ପଞ୍ଜିକୃତ ହେବ ବୋଲି ତହସିଲ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ଶନିବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧମରେ ଉଦଘାଟନ କରିଥିଲେ । ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ତହସିଲ କାର୍ଯ୍ୟାଳୟରେ ସତନ୍ତ୍ର ପ୍ରକୋଷ୍ଠ ଖୋଲି ଲୋକଙ୍କୁ ସେବା ଯୋଗାଇବା ନିମନ୍ତେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ହେଉଥିବା ଜଣାପଡିଛି । ଆଗକୁ ଧୀରେ ଧୀରେ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ କରାଯିବ ବୋଲି ଜଣାପଡିଛି । ଏହା ପୂର୍ବରୁ ଜମିଜମା ପଞ୍ଜିକରଣ କାର୍ଯ୍ୟ ପାଇଁ ୨୫ କିଲୋମିଟର ଦୂର ଗୁଣୁପୁର ଉପଖଣ୍ଡ ଉପ ନିବନ୍ଧନ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଥିଲା । ରାମନାଗୁଡ଼ା ବ୍ଲକ୍‌ରେ ଉପ ନିବନ୍ଧନ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ,ଆଇନଜୀବୀ ସରୋଜ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷା ଜାନକୀ ନିମାଲା, ଗୋଗୁପାଡୁ ସରପଞ୍ଚ ଶୋଭାବତୀ ମାଣ୍ଡାଙ୍ଗି, ଶୁଣ୍ଡିଧାମୁଣି ସମିତି ସଭ୍ୟ କମଳ ମୁଟିକା,ଗୁଲୁମୁଣ୍ଡା ସମିତି ସଭ୍ୟ ସୁରେନ୍ଦ୍ର ମାଣ୍ଡାଙ୍ଗୀ, ପେଣ୍‌କାମ ସମିତି ସଭ୍ୟ ଖମ୍ରେୟା ମାଣ୍ଡାଙ୍ଗୀଙ୍କ ସହ ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ରାଜ୍ୟ ସରକାର ଏହି ସୁବିଧା ନିଜ ବ୍ଲକରେ ଯୋଗାଇ ଦେଇଥିବାରୁ ରାମନାଗୁଡ଼ା ବ୍ଲକର ଲୋକେ ଖୁସି ପ୍ରକଟ କରିଛନ୍ତି । ଜମି ଜମା ପଞ୍ଜିକରଣ ବ୍ୟବସ୍ଥା ସପ୍ତାହରେ ମଙ୍ଗଳବାର ଏବଂ ଶୁକ୍ରବାର ଦିନ କରାଯିବ ବୋଲି ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ କହିଛନ୍ତି ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଚିତ୍ରକୋଣ୍ଡା,୨।୧୧(ସମିସ):



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍‌ର ବଡପଦରଠାରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ବଡ଼ପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରରେ ଚୟନ ହୋଇ ଆସିଥିବା କୃତୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ଉଦ୍‌ଯାପନୀ ସଭାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସଭାପତି ଭାବେ ଗାୟତ୍ରୀ ଦେବୀ ବିଇଓ ଚିତ୍ରକୋଣ୍ଡା, ମୁଖ୍ୟଅତିଥି ଭାବେ ମାଲକାନଗିରି ଏଡିଏମ୍ ସୋମନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ ଦରଲାବେଡା ଏଚଏସଏସ ଅଧ୍ୟାପକ ଦିଲ୍ଲୀପ କୁମାର ଓଝା, ସମ୍ମାନିତ ଅତିଥି ଭାବେ ବସନ୍ତ ରଣା, ପ୍ରଫୁଲ ତ୍ରିପାଠୀ, ସ୍ୱପ୍ନା ଖିଲ, କିତୀଶ କୁମାର ସରକାର, ହେମନ୍ତ କୁମାର ନାୟକ, କୃପାସିନ୍ଧୁ ଅମ୍ବାଗୁଡିଆ, ଜ୍ୟୋତିରଞ୍ଜନ ଗୁଡ଼ିଆ, ସବିତା ତ୍ରିପାଠୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଯୋଗଦେଇ ସହଯୋଗ କରିଥିଲେ । ନୀଳାଦ୍ରି କୁମାର ରାଉତ ସାମନ୍ତ, ଲିଳିତ କୁମାର ବେହେରା ଓ ଗଙ୍ଗାଧର ଖରା ମଞ୍ଚ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ବନ୍ଦନା କାର୍ଯ୍ୟଶାଳା



ରାୟଗଡ଼ା, ୨।୧୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ା ଠାରେ ଜିଲ୍ଲା ସ୍ତରୀୟ ବନ୍ଦନା କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଥିଲା । କାର୍ଯକ୍ରମରେ ଶ୍ୟାମ କୁମାର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏଥି ସହିତ ପ୍ରାନ୍ତ ସଙ୍ଗୀତ ଶିକ୍ଷା ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, କୋରାପୁଟ ବିଭାଗ ସହ ବିଭାଗ ନିରୀକ୍ଷକ ବିଷ୍ଣୁ ଚରଣ ଦାସ, ଭବାନୀପାଟଣା ସଂକୁଳ ପ୍ରମୁଖ ଜନାର୍ଦ୍ଦନ ବାଘ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ । ଏଥି ସହିତ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଶିଶୁ ମନ୍ଦିରରୁ ୨୪ ଜଣ ଗୁରୁମା ଓ ୬୨ ଜଣ ଶିଶୁ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଭାରତୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ରାୟଗଡା,୨।୧୧(ସମିସ): ରାୟଗଡ଼ା ସହରର ସ୍ଥାନୀୟ ଆରଏସଇଡ଼ବ୍ଲ୍ୟୁସି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ମୁଖ୍ୟ ବକ୍ତା ଭାବେ ଶଶୀଭୂଷଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଅବସରକାଳୀନ ଗୋଷ୍ଠୀ ଶିକ୍ଷାଧିକାରୀ ଭି ଭି ଭାସ୍କର ରାଓ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଓ ଆୟୋଜକ ଇଶ୍?ର ଟିମିଟି ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକତା ଏକ ପବିତ୍ର ବୃତ୍ତି । ମଣିଷ ତିଆରି କାରଖାନାର କୌଶଳୀ ବିନ୍ଧାଣୀ । ଶିକ୍ଷା କ୍ଷେତ୍ରରେ ଗଠନମୂଳକ ପରିବର୍ତ୍ତନ ନିମନ୍ତେ ସମସ୍ତ ଶିକ୍ଷକଙ୍କୁ କର୍ତ୍ତବ୍ୟନିଷ୍ଠ ହେବାସହ ସମାଜରେ ଏକ ଉଦାହରଣ ସୃଷ୍ଟି କରିବାକୁ ଅତିଥିବୃନ୍ଦ ଉତ୍ସାହିତ କରିଥିଲେ । ଏହି ଅବସରରେ ଛୟାଳିଶି ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମକୁ ସସ୍ମିତା ମିଶ୍ର ସଂଯୋଜନାକରିଥିଲେ । ପ୍ରକାଶ ଥାଉକି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଶିକ୍ଷକ ଈଶ୍ୱର ଟିମିଟି ଅନେକ ପ୍ରସଂଶା ସାଉଁଟିଛନ୍ତି ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମୁନିଗୁଡ଼ା,୨।୧୧(ସମିସ): ରାୟଗଡ଼ା ଜିଲ୍ଲା ଜିଲ୍ଲା ମୁନିଗୁଡ଼ା ସ୍ନାତକ କଲେଜ ପଡ଼ିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ଶଙ୍କର ହିଆଲ, କୃଷି ଜିଲ୍ଲା ଅଧିକାରୀ ମୁନିଗୁଡ଼ା ପ୍ରକାଶ କୁମାର, ସହକାରୀ ମତ୍ସ୍ୟ ଅଧିକାରୀ ମୁନିଗୁଡ଼ା ବିଭୁ ଭୂଷଣ ଜେନା, ମୁନିଗୁଡ଼ା ଖ ଯୋନ ଜିଲ୍ଲା ପରିଷଦ ସଭ୍ୟା ମାଧବୀ କନ୍ଧାପାଣି ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୁଗ୍ମ ନିର୍ଦ୍ଦେଶକ ଓଡିଶା ଜୈବିକ ଉତ୍ପାଦ ପ୍ରତିଷ୍ଠାନ ଭୁବନେଶ୍ୱର ନୋଡାଲ ଅଧିକାରୀ ସୁନୀଲ କୁମାର ପ୍ରଧାନ ଯୋଗ ଦେଇଥିଲେ ।



ମେଳାରେ ମତ୍ସ୍ୟ, ପାଣିସମ୍ପଦ ବିଭାଗ ସହ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ୧୨ ଗୋଟି ପ୍ରଦର୍ଶନୀ ଷ୍ଟଲ୍ ପ୍ରଦର୍ଶନ ହୋଇଥିଲା । ସଫଳ ମତ୍ସ୍ୟ ଓ ପ୍ରାଣୀ ଚାଷୀ କନ୍ଧଗୋଡିଗୁଡ଼ାର ଇ. ବୀରଭଦ୍ର ରାଓ, ଲିଟିଗୁଡ଼ାର ସବିତା ସ୍ୱାଇଁ , ଜଗଦଲପୁର ବରଗାଁର ସାଧୁ ପୁଟେଲ, ରାଣୀପିଣ୍ଡା କୁଟୁରୁପାଲିର ଭକ୍ତ ରଞ୍ଜନ ସନିଗ୍ରାହି, ଇଚ୍ଛାପୁର କାସେରି ଗାଁର ନିଳାବତି ଗୌଡ, ଖଜୁରୀପଦର ଗାଁର ମୁଗୁରି କୀଲାକା, ବିରିପୁଡ଼ା ଗ୍ରାମ ମା' କଳାଶୁଣି ସ୍ୱୟଂ ସହାୟକ ଗୋଷ୍ଠୀ ଓ ସରଧପୁର ମା' ବିମଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଏକ ହଜାର ଟଙ୍କା ମାନପତ୍ର ସହ ଉପଢୌକନ ଦେଇ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ । ସହକାରୀ ବୈଷୟିକ କୃଷି ବିଭାଗ ମୁନିଗୁଡ଼ା ଉତ୍ତମ କୁମାର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ବିପ୍ର କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୃହ ନିର୍ମାଣ ପାଇଁ ବିଡିଓଙ୍କ ସଚେତନତା

ଅମ୍ବାଦଳା ୨।୧୧(ସମିସ) ଆବାସ ଗୃହ ପାଇଥିବା ହିତାଧିକାରୀଙ୍କ ନିକଟକୁ ଯାଇ ଘର ଘର ବୁଲି ସଚେତନ କରୁଛି ମୁନିଗୁଡ଼ା ବ୍ଲକ ପ୍ରଶାସନ । ସରକାର ଙ୍କ ତରଫରୁ ଆବାସ ଯୋଜନା ମାଧ୍ୟମରେ ଘରଟିଏ ପାଇବା ପାଇଁ ହିତାଧୀକାରୀ ଯୋଜନାରେ ସାମିଲ ହେବା ପରେ ମୁନିଗୁଡ଼ା ବ୍ଲକର ଅଧିକାଂଶ ଗ୍ରାମରେ ବିଷମ ପରିସ୍ଥିତି ଦେଖାଦେଇଛି । ୱାର୍କ ଅର୍ଡର ସହ ପ୍ରଥମ କିସ୍ତିର ଟଙ୍କା ଡିବିଟି ମାଧ୍ୟମରେ ପ୍ରାପ୍ତ ହେବା ପରେ ହିତାଧିକାରୀ ମାନେ ଘର ନିର୍ମାଣ କରୁନଥିବା ଦେଖିବାକୁ ମିଳିଛି । ମୁନିଗୁଡ଼ା ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି ଘର ଘର ବୁଲି ହିତାଧୀକାରୀ ମାନଙ୍କୁ ସଚେତନ କରାଇବା ସହ ଯଥା ଶୀଘ୍ର ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି । ଘର ନିର୍ମାଣ କାମ ସମ୍ପୂର୍ଣ କରିବା, ଧାର୍ଯ୍ୟ ସମୟ ମଧ୍ୟରେ ଘର କାମ ସମ୍ପୂର୍ଣ କରିବା ଲାଗି ହିତାଧିକାରୀଙ୍କୁ ଉତ୍ସାହିତ କରିବା ନିମନ୍ତେ ସରକାର ଅନୁକମ୍ପା ମୂଳକ ରାଶି ମଧ୍ୟ ଘୋଷଣା କରିଛନ୍ତି ହେଲେ ମଧ୍ୟ ହିତାଧିକାରୀଙ୍କ ପକ୍ଷେ ଉତ୍ସାହ କମ୍ ଥିବା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ନିଜ ବ୍ଲକର ହିତାଧିକାରୀଙ୍କୁ ସଚେତନ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି , ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବ ମହାନନ୍ଦିଆ ଓ ବ୍ଲକର ଅନ୍ୟ କର୍ମଚାରୀ ଶୁକ୍ରବାର ଦିନ ମୁନିଗୁଡ଼ା ବ୍ଲକର ଡିମିରିଗୁଡ଼ା ପଞ୍ଚାୟତଠାରେ ପିଏମଏୱାଇ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ଅସମ୍ପୂର୍ଣ୍ଣ ଥିବା ଘର ଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଘରକୁ ଘର ଯାଇ ହିତାଧିକାରୀ ତଥା ଗ୍ରାମବାସୀଙ୍କ ଠାରୁ ଘର କାହିଁକି ଅସୁପୁର୍ଣ ରହିଲା, କେଉଁଠାରେ ସମସ୍ୟା ରହିଛି, ସେ ସମସ୍ତ ଦିଗ ପ୍ରତି ଆଲୋଚନା କରିଥିବା ବେଳେ ଗୃହ କାମ ଶୀଘ୍ର ସମ୍ପୂର୍ଣ କରିବା ନେଇ ହିତାଧିକାରୀଙ୍କୁ ଅନୁରୋଧ ମଧ୍ୟ କରିଥିଲେ । ଚଳିତ ମାସ ଶେଷ ସୁଦ୍ଧା ଯେଉଁ ହିତାଧୀକାରୀ ମାନେ ଆବାସ ଯୋଜନାରେ ପାଇଥିବା ଗୃହନିର୍ମାଣ ନକରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁନିଗୁଡ଼ା ବିଡ଼ିଓ ସୂଚନା ଦେଇଛନ୍ତି ।

## ରେଳ ପ୍ରବନ୍ଧକଙ୍କୁ ଅମ୍ବାଦଳା ନାଗରିକ ମଞ୍ଚର ଦାବିପତ୍ର

ଅମ୍ବାଦଳା,୧।୧୧(ସମିସ): ଆଜି ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବେଦାନ୍ତ ଗସ୍ତରେ ଯାଉଥିବା ବେଳେ ଅମ୍ବାଦଳା ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅମ୍ବାଦଳା ରେଳ ଷ୍ଟେସନରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗିରହିଥିବା ବେଳେ ଟ୍ର୧୨୮୪୩/୧୨୮୪୪ ପୁରୀ-ଆଡି ଏକ୍ସପ୍ରେସ୍ / ଆଡି-ପୁରୀ ଏକ୍ସପ୍ରେସ୍ ,୧୮୧୦୭/୧୮୧୦୮, ରାଉରକେଲା ଇଣ୍ଟରସିଟି



ଏକ୍ସପ୍ରେସର ଟ୍ରେନର ରହଣି । ଦୁଇ ଓ ତିନି ନମ୍ବର ପ୍ଲାଟ୍‌ର୍ ଫର୍ମ ବୈଷୟିକ ଭାବରେ ଯାତ୍ରୀମାନଙ୍କ ପାଇଁ ଉପଯୁକ୍ତ ହେଉ ନଥିବାରୁ ଯାତ୍ରୀବାହୀ ଟ୍ରେନ ଗୁଡ଼ିକୁ ୧ ନମ୍ବର ଓ ୪ ନମ୍ବର ପ୍ଲାଟଫର୍ମକୁ ବ୍ୟବହାର କରିବା ସହ ପ୍ଲାଟଫର୍ମ ୧ ରୁ ୪କୁ ସଂଯୋଗ ପାଇଁ କମ୍ ଉଚ୍ଚତା ବିଶିଷ୍ଟ ଉପପଥ ନିର୍ମାଣ, ପ୍ରତ୍ୟେକ ପ୍ଲାଟଫର୍ମରେ ଲିଫ୍ଟ ସୁବିଧା ସହ ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ଡିସ୍ପେଲ ବ୍ୟବସ୍ଥା, ପ୍ଲାଟଫର୍ମ ୧ରୁ ୪ ପର୍ଯ୍ୟନ୍ତ ଭୂତଳ ରାସ୍ତା ଦେଇ ରାସ୍ତା ସଂଯୋଗୀକରଣ । ପ୍ଲାଟଫର୍ମରେ ଉପଯୁକ୍ତ ଆଲୋକୀକରଣ, ଶୌଚାଳୟ, ପାନୀୟ ଜଳ ଏବଂ ଅପେକ୍ଷା ହଲ୍ ସୁବିଧା । ଉଭୟ ଭୂତଳ ସେତୁରେ ଆଲୋକୀକରଣ ସୁବିଧା ବିଷୟରେ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ । ଏହି ଦାବିପତ୍ର ପ୍ରଦାନ ଅବସରରେ ଅମ୍ବାଦଳା ନାଗରିକ ମଞ୍ଚ ପକ୍ଷରୁ ଏ. ଜଗନ୍ନାଥ ପ୍ରାସାଦ, ତ୍ରିନାଥ ପାତ୍ର, ସନ୍ତୋଷ ପାତ୍ର, ଦେବୀ ପ୍ରାସାଦ ମୁଖାର୍ଜୀ, ଆଶୀଷ ବଂସଲ୍, ବିଦ୍ୟାଧର ସାହୁ, ରବି ଦଳେଇ, ମୁକୁନ୍ଦ ତ୍ରିପାଠୀ, ସିକନ୍ଦର କୋଟା ଧର୍ମରାଜ୍ ପାତ୍ର କାର୍ତ୍ତିକ କୁଶୁଲିଆ ପ୍ରମୁଖଙ୍କ ସହ କଳାହାଣ୍ଡି, କନ୍ଧମାଳ ଅଞ୍ଚଳରେ ବହୁ ଲୋକ ଉପସ୍ଥିତ ରହିଥିଲେ ।

## ଶିଶୁଙ୍କ ଆଇନଗତ ଅଧିକାର ନେଇ ଆଲୋଚନା

ରାୟଗଡ଼ା,୨।୧୧(ସମିସ): ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଆଜି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଗୁମ୍ମା ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ମାନଙ୍କ ମଧ୍ୟରେ ରାୟଗଡ଼ା ବାର ଆସୋସିଏସନର ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ, ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଗୁମ୍ମା ସ୍କୁଲର ଅଧ୍ୟକ୍ଷ ତଥା ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର



ସଚିବ ଶ୍ରୀ ଆଚାର୍ଯ୍ୟ ଶିଶୁମାନଙ୍କ ଆଇନଗତ ଅଧିକାର ଉପରେ କହିଥିଲେ । ରାୟଗଡା ବାର ଆସୋସିଏସନର ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଛାତ୍ର ଛାତ୍ରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଗୁମ୍ମା ସ୍କୁଲର ଛାତ୍ର ଛାତ୍ରୀ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ରାୟଗଡ଼ା,୨।୧୧(ସମିସ):



ରାୟଗଡ଼ାରେ ପ୍ରଥମ ଥର ପାଇଁ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ୭୫ତମ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଯାଇଛି । ଏହି ସଭାରେ ବ୍ୟାଙ୍କର ସଭାପତି ଇଂ. ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରି ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ସଂପାଦକ ଅତୁଲ୍ୟ କୁମାର ମଲ୍ଲିକ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବାର୍ଷିକ ସାଧାରଣ ସଭାକୁ ପରିଚାଳନା କରିଥିଲେ । ବ୍ୟାଙ୍କର ଏଜିଏମ ହରିଶ୍ଚନ୍ଦ୍ର ବନାଗାଡି ସଭାର ଆଲୋଚିତ ବିଷୟବସ୍ତୁ ଗୁଡିକୁ ଉପସ୍ଥିତ ଅଂଶୀଦାର ମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନା କରିଥିଲେ । ସେହିପରି ଚଳିତ ବର୍ଷର ବାର୍ଷିକ ବଜେଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତି ବ୍ଲକରେ ପୁଣି ଆଉ ନୂଆ କେନ୍ଦ୍ର ସମବାୟର ଶାଖାଗୁଡିକ ଖୋଲାଯିବା ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା । ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଲୋଚନା ହୋଇଥିଲା । ଅବିଭକ୍ତ କୋରାପୁଟ ଜିଲ୍ଲାର ୪ଟି ଜିଲ୍ଲାରେ ଚାଷୀମାନେ ବ୍ୟାଙ୍କରୁ ଋଣ ଯେପରି ସୁବିଧାରେ ପାଇପାରିବେ ଏବଂ ବ୍ୟକ୍ତିଗତ ଋଣ ମଧ୍ୟ ମିଳିପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପନିବନ୍ଧକ ସମବାୟ ସମିତି ସମୂହ ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଉପଖଣ୍ଡ, ବ୍ୟାଙ୍କର ଉପସଭାପତି ସୁଶ୍ରୀ ଦୁରୁପତା ଉତରା, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ନିର୍ଦ୍ଦେଶକ ବି.ତିରୁପତି ତଥା ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟାବୃନ୍ଦ ଏବଂ ବ୍ୟାଙ୍କ ସହ ଅନୁବନ୍ଧିତ ଅଂଶୀଦାର ସମବାୟ ସମିତି ମାନଙ୍କ ଦ୍ୱାରା ମନୋନୀତ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

● କୋରାପୁଟ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ନିର୍ବାଚନ

## ଶିବ ପ୍ରସାଦ ରଥ ପୁନର୍ବାର ସଭାପତି

କୋରାପୁଟ,୨।୧୧(ସମିସ): କୋରାପୁଟ ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଶିବ ପ୍ରସାଦ ରଥଙ୍କୁ ପୁର୍ନବାର ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସଂପାଦକ ଭାବେ ଅତନୁ ପଟ୍ଟନାୟକ ମନୋନିତ ହୋଇଥିବା ବେଳେ ରାଜେନ୍ଦ୍ର ମାଝୀ ଓ ମୀନା କୁମାରୀ ମାଛ (ଉପ ସଭାପତି), ସାଂଗଠନିକ ସଂପାଦକ କାଳୀ ପ୍ରସାଦ ଦାଶ, ଯୁଗ୍ମ ସମ୍ପାଦକ ମାଇକେଲ ଜନ୍ ଏବଂ ଦୁର୍ଗା ପ୍ରସାଦ ରଥ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଉମି ଡାନିଏଲ ଏବଂ ସଦାନନ୍ଦ ବେହେରା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପୁଣି ଥରେ ସଭାପତି ଭାବେ ମନୋନୀତ କରାଯାଇଥିବାରୁ ସଦସ୍ୟ ମାନଙ୍କୁ ଶ୍ରୀ ରଥ କୃତଜ୍ଞତା ଜଣାଇଛନ୍ତି। କୋରାପୁଟ ଜିଲ୍ଲାର କଳା, ସଂସ୍କୃତି ଏବଂ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପରିଷଦର ନିରନ୍ତର ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

## ଉମରକୋଟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ



ଉମରକୋଟ,୨।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ନୋଡାଲ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉମରକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଳା ଯୋଦ୍ଧାର, ପୁରୁଷୋତମ ମାଝୀ, ବିଆରସି ସି ଦେବେନ୍ଦ୍ର କୁମାର ବାଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ କୃଷ୍ଣ ନାୟକ, ପୌର ଅଧକ୍ଷା ରାଧାଭତ୍ରା, ପଞ୍ଚାୟତ ସମିତି ଅଧକ୍ଷା ଶୁଶିଳା ମାଝୀ ଓ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଏବିଓ ପୁରୁଷୋତ୍ତମ ମାଝୀ, ଦେବେନ୍ଦ୍ର ବାଘ , ଶୁଶିଳା ଯୋଦ୍ଧାର ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଈଶ୍ୱର ଚନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ। ଜିଲ୍ଲାସ୍ତର ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ବନ୍ଧଗୁଡା ପ୍ରାଥମିକ ବିଦ୍ୟାଳୟ ସାଂସ୍କୃତିକ ଦଳ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ସମସ୍ତ ବିଦ୍ୟାଳୟର ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଇଥିଲେ। କାର୍ଯକ୍ରମ ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।।

## ଜିଲ୍ଲା ବିଦ୍ୟାଳୟ ସମୂହ ଖୋ ଖୋ ଓ କବାଡି ପ୍ରତିଯୋଗିତା



ନବରଙ୍ଗପୁର,୨।୧୧(ସମିସ): ୧୨ ତମ ଜିଲ୍ଲା ବିଦ୍ୟାଳୟ ସମୂହ (୧୪ ବର୍ଷରୁ କମ୍ ବାଳକ ବାଳିକାଓ ୧୭ ବର୍ଷରୁ କମ୍ ବାଳକ ବାଳିକା) ଖୋଖୋ ଓ କବାଡି ପ୍ରତିଯୋଗିତା ୨୦୨୫-୨୬ର ଉଦ୍‌ଘାଟନ ଉତ୍ସବ ରାଜା ଚୈତନ୍ୟ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ୧୦ଟି ବ୍ଲକର ମୋଟ ୫୮୩ ଜଣ ବାଳକ ଓ ବାଳିକା ଏଥିରେ ଭାଗ ନେଇଥିଲେ। ୫୭ ଜଣ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉକ୍ତ ଖେଳକୁ ପରିଚାଳନା କରିଥିଲେ। ଜିଲ୍ଲାର ସ୍ୱେଚ୍ଛାସେବୀ ଓ ଜେଆର୍‌ସି ଦଳ ଆବଶ୍ୟକ ସେବା ଯୋଗାଇ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ , ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ଯୋଗଦେଇ ଥିଲେ। କ୍ରୀଡ଼ା ଶିକ୍ଷକ କିଶୋର ସିଲ୍, ମନୋରଞ୍ଜନ ପ୍ରହରାଜ, କିଶୋର ତ୍ରିପାଠୀ, ଗୋପାଳ କୃଷ୍ଣ ପଟ୍ଟନାୟକ,ମନୋଜ ପୂଜାରୀ, ହେମନ୍ତ ସାମଲ,ଜାତୀୟ ହୁସେନ,ଏ ବାଲାଜୀ, ସପନ ବୈରାଗୀ ଏବଂ ଜିଲ୍ଲାରୁ ଆସିଥିବା ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ନାଲ୍‌କୋ ଆନ୍ତଃ ବିଭାଗୀୟ ଫୁଟବଲ ଉଦ୍‌ଘାଟିତ



ଦାମନଯୋଡ଼ି,୨।୧୧(ସମିସ): ନାଲ୍‌କୋ ସ୍ପୋର୍ଟସ ସେଲ୍ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଆନ୍ତଃ ବିଭାଗୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସେକ୍ଟର୨ ସ୍ଥିତ ଡ. ବି.ଆର .ଆମ୍ବେଦକର ଷ୍ଟାଡିୟମରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି.ଏସ.ଏସ. ଆନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା ଓ ସୁଗାତୋ ଆନନ୍ଦ ବାସୁଙ୍କ ସହିତ ନାଲ୍‌କୋ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଚଳିତ ବର୍ଷ ୭ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ମାଇନ୍ସ, ଅପରେସନ, ମେକାନିକାଲ,ଏସପିପି, ସର୍ଭିସେସ, ଇ.ଲେକ୍ଟ୍ରିକାଲ ଏବଂ କ୍ୟୁସି ଲ୍ୟାବ ଓ ଆରଏଣ୍ଡଡି ବିଭାଗ ପ୍ରତିଯୋଗିତାକୁ ଓହ୍ଲାଇଛନ୍ତି। ଆଗାମି ୫ ତାରିଖରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ରେଫରୀ ଅବିନାଶ କୁଲଦୀପ, ସନ୍ତୋଷ କୁମାର ପ୍ରଧାନ ଓ ପବିତ୍ର ଦିଶାରୀ ଖେଳ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଏସପିପି ଦଳ ପ୍ରତିପକ୍ଷ କ୍ୟୁସି ଲ୍ୟାବ ଓ ଆରଏଣ୍ଡଡି ଦଳକୁ ୯-୦ ଗୋଲରେ ପରାସ୍ତ କରିଥିଲେ। ପବିତ୍ର ଗୌଡ଼ ୪ଟି ଓ ଗୋପବନ୍ଧୁ ଗୌଡ଼ ୩ଟି ଗୋଲ୍ ଦେଇଥିଲେ। ନାଲ୍‌କୋ ସ୍ପୋର୍ଟସ ସେଲ୍ ପକ୍ଷରୁ ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ହରେକୃଷ୍ଣ ଏକୁଡ୍ଡ, ମୋହନ କଟିମ୍, କାଦୁ ଟୁଡୁ, ପୁତୁଲ ମହାକୁଡ଼, ସୁଶାନ୍ତ କୁମାର ହିକକ୍କା, ଗୌରାଙ୍ଗ ଦୋରା, ଗୌରୀ ବଡ଼ନାୟକ, ଲଳିତ ଗୌଡ଼ଙ୍କ ସହିତ ଅନ୍ୟ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଛନ୍ତି।

# ଗଞ୍ଜେଇ ଚୋରାଚାଲାଣ, ଦୁଇ ଗିରଫ

ରାୟଗଡ଼ା,୨।୧୧(ସମିସ):

ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣର ଚରାଭୂଇଁ ପାଲଟିଛି ରାୟଗଡ଼ା। ଗତକାଲି ରାୟଗଡ଼ାରୁ ବିଶାଖାପାଟଣମକୁ ଟ୍ରେନ ଯୋଗେ ଗଂଜେଇ ଚୋରା ଚାଲାଣ ପାଇଁ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତ ଠାରୁ ୮କେଜି ୬୦୦ଗ୍ରାମର ଗଞ୍ଜେଇ ଜିଆରପି ପୋଲିସ ଜବତ କରିଥିବା ବେଳେ ପୁଣି ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା ରେଳ ଷ୍ଟେସନରେ ଆଜି ୨୨କେଜି ୪୦୦ଗ୍ରାମର ଗଞ୍ଜେଇ ଜବତ କରି ଜଣେ ମହିଳା ଓ ଜଣେ ପୁରୁଷ ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି ରାୟଗଡ଼ା ସରକାରୀ ରେଳବାଇ ପୁଲିସ (ଜିଆରପିଏସ)। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର କାନପୁର ନଗର ଜିଲ୍ଲା ବାରା ଥାନା ଅନ୍ତର୍ଗତ ବାରାକାରି ଗ୍ରାମର ଶ୍ରୀଦେବୀ ଗୌତମ ଓରଫ



ରିଙ୍କି ଗୌତମ (୪୦) ଓ କାନାଉଜ ଜିଲ୍ଲା ଦୋସନଗଡ ଥାନା ଅନ୍ତର୍ଗତ ହରିଶପୁର ଛିବ୍ରାମୋଉ ଗ୍ରାମର ୫୫ବର୍ଷିୟ ମୋହନ ଲାଲରଜବତ ବୋଲି ଜଣାପଡିଛି। ଆଜି ସମତା ଏକ୍ସପ୍ରେସ ଟ୍ରେନ ଯୋଗେ ଉଜ୍ଜୟନକୁ ଏହି ଗଞ୍ଜେଇ ଚୋରା ଚାଲାଣ ପାଇଁ ଅଭିଯୁକ୍ତମାନେ ଟ୍ରେନକୁ ଅପେକ୍ଷା କରୁଥିଲେ। ଜବତ ଗଂଜେଇର ଆନୁମାନିକ ବଜାର ମୂଲ୍ୟ ୨ଲକ୍ଷ ୨୪ହଜାର ଟଙ୍କା ହେବ ବୋଲି ଜିଆରପି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡ଼ା ରେଳ ଷ୍ଟେସନର ପ୍ଲାଟଫର୍ମ ନଂ ୫ରେ ଜିଆରପି ଥାନା ଅଧିକାରୀ ବିନୟ ପ୍ରକାଶ ମିଂଜ,ଏସଆଇ ସନ୍ତୋଷ ପରିଡା, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ହାବିଲଦାର ପି.କେ.ନାୟକ, ଆର.ମହାନ୍ତି ପ୍ରମୁଖ ପାଟ୍ରୋଲିଂ କରୁଥିବା ସମୟରେ ଶ୍ରୀଦେବୀ ଓ ମୋହନଲାଲଙ୍କ ଠାରେ ଥିବାକୁ ବ୍ୟାଗକୁ ସନ୍ଦେହ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିବା ପରେ ଉଭୟଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଯେଉଁଥିରୁ ୨୨କେଜି ୪୦୦ଗ୍ରାମର ଗଞ୍ଜେଇ ବାହାରିଥିଲା। ଏ ନେଇ ଏନଡିପିଏସ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସପି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କ ଘରୁ ଚୋରି

ଲକ୍ଷ୍ମୀପୁର, ୨।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ସଦର ମହକୁମାର ଶାନ୍ତି ନଗର ସାହିର ସାଧୁ ତୁରୁକ ନାମକ ଜଣେ ଶିକ୍ଷକ ଘରୁ ଚୋରି ହୋଇ ଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ପରିବାର ସହିତ ନିଜ ଗାଁ ବୁର୍ଜା କୌଣସି



କାରଣରୁ ଯାଇ ରାତିରେ ଏହି ସକାଳେ ପୁଣି ନିଜ ଘରକୁ ଫେରି ଥିଲେ। ଫେରି ଦେଖିଲା ବେଳକୁ ଘରେ କଳାକନା ବୁଲାଇ ଚାଲି ଯାଇଛନ୍ତି ଚୋର। ମୁଖ୍ୟ କବାଟର ତାଲା ଭାଙ୍ଗି ଘର ଭିତରେ ପଶି ଆଲମିରାକୁ ମଧ ଶାବଳ ଓ ହାତୁଡ଼ି ସାହାଯ୍ୟରେ ତାଡ଼ି ଲକର୍‌ରେ ଥିବା ୭୦ ହଜାର ଟଙ୍କା ଏବଂ ୬୦ ତୋଲା ରୂପା, ଏକ ଟଙ୍କା ରଖିବା କୁଣ୍ଡି ଭାଙ୍ଗି ଖୁଚୁରା ପଇସା ଛାଡ଼ି ନୋଟ ସବୁ ନେଇ ଯାଇଥିବା ଶ୍ରୀ ତୁରୁକ କହିଛନ୍ତି। ଚୋର ରାତିରେ ପଶି ଘର ସବୁ ଅଣ୍ଡାଳିଛି ଏବଂ ପାଇଖାନା ଘରେ ପଶି ପାଇଖାନା ମଧ କରିଛି। ବିନା ଦ୍ୱିଧାରେ ଚୋରି କରି ଫେରାର ହୋଇଯାଇ ଥିବା ଜଣାପଡ଼ିଛି। ଅଭିଯୋଗ ପାଇ ପୁଲିସ ଏହାର ଅନୁସଂଧାନ ଚଳାଇଛି।

## ଆରଏସ୍‌ଏସ୍‌ର ଶତବାର୍ଷିକୀ ଉତ୍ସବ

ଜୟପୁର, ୨।୧୧(ସମିସ): କୋରାପୁଟ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଜୟପୁର ସହରରେ ବିଜୟା ଦଶମୀ ଉତ୍ସବ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାର ଶତବାର୍ଷିକ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ପଥ ସଂଞ୍ଚଳନ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦଶହରା ପଡିଆ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେପୋଡଶୀ ଛତିଶଗଡ ରାଜ୍ୟର ବସ୍ତର ଜିଲ୍ଲା ସଦ୍‌ଭାବନା ପ୍ରମୁଖ ରାଜ ବାହାଦୁର ସିଂ ରାଣା, ସମ୍ମାନିତ ଅତଥି ଭାବେ କୋରାପୁଟ ଜିଲ୍ଲା ସଂଘ ଚାଳକ ସନସାଇ ଗାଦବା, ଜିଲ୍ଲା ଶାରୀରିକ ପ୍ରମୁଖ ମାନସିଂ ଘେଉରିଆ ମଞ୍ଚାସୀନ ଥିଲେ। ପଥ ସଞ୍ଚଳନ କାର୍ଯ୍ୟଟି ଦଶହରା ପଡିଆରୁ ଆରମ୍ଭ ହୋଇ ପାରାବେଡା, ଗୋପବନ୍ଧୁ ନଗର, ଭାଦ୍ରାୟାସାହି, ବେଲରୋଡ, ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା, ଲାଲସାହି, ସର୍ଦ୍ଦାର ବଲ୍ଲଭାଇ ପଟେଲ ମାର୍ଗ (ମୁଖ୍ୟ ରାସ୍ତା) ଦେଇ ପୁଣୀ ଦଶହରା ପଡିଆ ଠାରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ସାରା ଜିଲ୍ଲାରୁ ୨୦୦୦ରୁ ଅଧିକ ସ୍ୱୟଂସେବକ ଯୋଗଦେଇଥିଲେ।

## ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳିତ

ପୋଡ଼ାଗଡ଼,୨।୧୧(ସମିସ): କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତ ଅଧିନସ୍ଥ ବଙ୍ଗଳାଗୁଡା ଖ୍ରୀଷ୍ଟିୟ ଗ୍ରାମ ପଞ୍ଚାୟତଠାରେ ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳିତ ଯାଇଛି। ଏହି କାର୍ଯ୍ୟକ୍ରମ ସଣ୍ଡେ ସ୍କୁଲ ମୁଖ୍ୟ ମଣ୍ଟୁ ଭଦ୍ରା ଓ ଆସିଷ୍ଟାଣ୍ଟ ସୁଜାତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭର ଦୁଇଦିନ ଆଗରୁ ଗାଁକୁ ସ୍ୱଚ୍ଛ ରଖିବା ପାଇଁ ଗ୍ରାମର ସମସ୍ତ ସଣ୍ଡେ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମିଶି ଗ୍ରାମର ଚତୁପାଶ୍ୱର୍ ସଫା କରିଥିଲେ। ଏହି ଗ୍ରାମ ସଫା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯୁବକ ସଭାପତି ଯୋଗତେଲ ଭଦ୍ରା, ଯୁବତୀ ସଭାପତି ଆଶ୍ରିତା ଟାକ୍ରୀ। ସେହିପରି ପରିବେଶ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ସହ 'ମା କେ ନାମ ସେ ଏକ ପେଡ୍' କାର୍ଯ୍ୟକ୍ରମ କରାଯାଇ ୧୦୦ଟି ବିଭିନ୍ନ ଗଛ ନିକଟସ୍ଥ ଜଙ୍ଗଲରେ ରୋପଣ କରିଥିଲେ। ପୋଡ଼ାଗଡ ସେକ୍ସନ ଫରେଷ୍ଟର ଚିତ୍ତ ରଞ୍ଜନ ନାୟକ ଗ୍ରାମର ଯୁବକ ଯୁବତୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ଚାରା ଦେଇଥିବା ଦେଖା ଦେଇଛି। ସେହିପରି କନିଷ୍ଠ ଓ ବରିଷ୍ଠ ଦୁଇ ବିଭାଗର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତି ଯୋଗୀତା କରିଥିଲେ। ଏଥିରେ ଗ୍ରାମ୍ୟ ମଣ୍ଡଳୀ ମାଳିଂ ଯୋଡ଼ି ମଧ ଅଂଶ ଗ୍ରହଣ କରିଥିଲେ। ମାଳିଂ ଯୋଡ଼ି ଗ୍ରାମରେ ମଧ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ରବିବାର ଦିନ ଉଭୟ ଗ୍ରାମର ଛାତ୍ରଛାତ୍ରୀ ଓ ଯୁବକ ଯୁବତୀକୁ ନେଇ ବଙ୍ଗଳା ଗୁଡା ଗିର୍ଜା ଗୃହରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପେରିସ ପାଳକ ରେଭ ସାନ୍ତୁନୁ କୁମାର ସୁନା ଗୁରୁ ଅଶ୍ୱପିନ ତୁରୁକ୍ ପ୍ରାଚୀନ ସଞ୍ଜୀବ କୁଲଦୀପ ବାୟଜଷ୍ଟ ପ୍ରାଚୀନ ମଙ୍ଗଳ ଦାନ ବେନିଆ ପ୍ରଧାନ ମଣ୍ଡଳୀର କୋଷାଧକ୍ଷ ଉପେନ୍ଦ୍ର ବେନିଆ ଗ୍ରାମ୍ୟ କୋଷାଧକ୍ଷ ସଞ୍ଜୟ ବେନିଆ ସଭାପତି ପ୍ରଦୀପ ବେନିଆ ସ୍ତ୍ରୀ ସମାଜ ସଭାନେତ୍ରୀ ମଞ୍ଜୁଲତା ଟାକ୍ରୀ ଉପ ସଭାପତି ପ୍ୟାରିସ ପ୍ରଫୁଲ୍ଲ ଭତ୍ରା ମାଲିଙ୍ଗ ଯୋଡ଼ି ଯୁବତୀ ଲେଜିନା ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟ ସମ୍ପୂର୍ଣ ପରିଚାଳନା କରିଥିଲେ ସାନ୍ତୁନୁ ସୁନା ମଣ୍ଡଳୀ ପାଇକ ବିକାଶ ଖୋସଲା ଗ୍ରାମ୍ୟ ମଣ୍ଡଳୀ ସମ୍ପାଦକ ସଲିମ୍ ଖୋସଲା, ଏଲୋନ ବେନିଆ ଓ ପ୍ରେମଜିତ୍ ବେନିଆ ପ୍ରମୁଖ ମିଶି କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆର୍ଥିକ ସହଯୋଗ କରିଥିଲେ ତାଲିମରେ ଥିବା ପ୍ରାଚୀନ ଦୟ ମିହିର ବେନିଆ ଅମୁନ ସନ ଭଦ୍ରା ଯୁବକ କରନ୍ କୁମାର ବେନ୍ୟା କାସ୍ପାର ସନ ଭଦ୍ରା ମହିଳା ରଶ୍ମିତା ଖୋସଲା ଦୋଳି କନ୍ଦପାନ ସହ ବଙ୍ଗଳା ଗୁଡା ମଣ୍ଡଳୀ । ଏହି ବର୍ଷର ଶାନ୍ତିଶୃଙ୍ଖଳା ଛାତ୍ର ଭାବେ ନିଖିଲ କନ୍ଦ ପାନ ପାଇଥିଲେ। ଶେଷରେ ଉପସ୍ଥିତ ଅତିଥି ମାନେ ପରିବେଶ ସୁରକ୍ଷା ନିମନ୍ତେ ଏବର ଛାତ୍ରଛାତ୍ରୀ ଓ ଯୁବା ଯୁବତୀ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଉପସ୍ଥିତ ଅତିଥି ଓ ମାଳିଂ ଯୋଡି ଛାତ୍ର ଛାତ୍ରୀ ଓ ଗ୍ରାମ୍ୟ ମଣ୍ଡଳୀର କର୍ମ କର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ତାଲିକା ପାଳକ ରେବ ସାନ୍ତୁନୁ କୁମାର ସୁନା ଯୁବକ ଯୁବତୀ ଓ ସାଣ୍ଡେ ସ୍କୁଲ ମୁଖ୍ୟ ମଣ୍ଟୁ ଭଦ୍ରା।

## ବିଧାୟକଙ୍କ ବିରୋଧରେ ଷଡ଼ଯନ୍ତ୍ର : କଂଗ୍ରେସ

ଖଇରପୁଟ,୨।୧୧(ସମିସ): ବିକଶିତ ଗାଁ ଓ ବିକଶିତ ଓଡ଼ିଶାକୁ ନେଇ ଏବେ ବି କମିନି ରାଜନୀତି ।ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ବିରୋଧରେ ଉଠିଥିବା ଅଭିଯୋଗ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଅଭିଯୋଗକୁ ନେଇ ଜିଲ୍ଲା କଂଗ୍ରେସ ତୀବ୍ର ଆପତ୍ତି ଜଣାଇ ଏହାକୁ ପୂରାପୁରି ଭାବେ ରାଜନୈତିକ ଷଡଯନ୍ତ୍ର ବୋଲି ଅଭିଯୋଗ କରିଛି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର କହିଛନ୍ତି ବିଧାୟକ ମଙ୍ଗୁ ଖିଲ ଜଣେ ଶାନ୍ତ, ସରଳ ଓ ଜନସେବାପରାୟଣ ନେତା। ସେ କେବେ ବି ମନମୁଖୀ ଭାବରେ କାମ କରିନାହାନ୍ତି। ଚିତ୍ରକୋଣ୍ଡା ଅଞ୍ଚଳରେ ଯେତେକି ବିକାଶମୂଳକ ପ୍ରକଳ୍ପ ଆସିଛି, ସେଗୁଡିକ ଗାଁ କମିଟି ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଦିଆଯାଇଛନ୍ତି। ଆଜି ସମଗ୍ର ରାଜ୍ୟରେ ବିଜେପି ବିଧାୟକମାନେ ନିଜ ଦଳୀୟ କର୍ମୀମାନଙ୍କୁ କାମ ବଣ୍ଟନ କରୁଛନ୍ତି। ତାହା ସତ୍ତ୍ୱେ ବି ତାଙ୍କ ବିରୋଧରେ କେହି ଅଭିଯୋଗ ଉଠାନାହାନ୍ତି। କିନ୍ତୁ ଚିତ୍ରକୋଣ୍ଡା



ବିଧାୟକ ମଙ୍ଗୁ ଖିଲ ଙ୍କୁ କଂଗ୍ରେସ ଦଳର ଥିବାରୁ ବିରୋଧୀ ଶିବିର ତାଙ୍କ ଛବିକୁ ମଳିନ କରିବା ପାଇଁ ଏକ ଷଡ଼ଯନ୍ତ୍ର କରୁଛି। କଂଗ୍ରେସ ଖଇରପୁଟର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ବେହେରାଙ୍କୁ ମଧ ତାଗିଦ୍ କରିଛନ୍ତି।

## ମାନବିକତା ଦେଖାଇଲେ ପାଡୁଆ ଥାନା ଅଧିକାରୀ

ନନ୍ଦପୁର, ୨।୧୧ (ସମିସ): ଜଣେ ମାନସିକ ବିକୃତ ମହିଳା ଦୁର୍ଘଟଣାଗ୍ରସ୍ତ ଅବସ୍ଥାରେ ପଡି ରହିଥିବା ଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠେଇ ମାନବିକତା ଦେଖାଇଛନ୍ତି ପାଡୁଆ ଥାନା ଅଧିକାରୀ। ଏହି ଘଟଣା ଦେଖିବାକୁ ମିଳିଛି ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଡାଇନ୍ତର ଗାଁ ନିକଟରେ। ସୂଚନା ଅନୁଯାୟୀ ଗତକାଲି ରାତ୍ର ପ୍ରାୟ ୯ଟା ସମୟରେ ପାଡୁଆ ଥାନା ଅଧିକାରୀ ଅଶୋକ ବିଷୋଇ କୌଣସି କାମରେ ଯୋଗଦେଇ ଫେରୁଥିବା ବେଳେ ଡାଇନ୍ତର ଗାଁ ନିକଟ ରାସ୍ତା କଡ଼ରେ ଜଣେ ମହିଳା ଅଜଣା ଗାଡି ଧକ୍କାରେ ଦୁର୍ଘଟଣାଗ୍ରସ୍ତ ହୋଇ ଅସହାୟ ଅବସ୍ଥାରେ ପଡି ରହିଥିଲେ। ସେ ୧୦୮ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ମହିଳା ଜଣକ ମାନସିକ ବିକୃତି ଗ୍ରସ୍ତ ଥିବା ସ୍ପଷ୍ଟ ହୋଇଥିଲା ଏବଂ ତାଙ୍କର ପରିଚୟ ମଧ ମିଳିପାରିନଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୌଣସି ପ୍ରକାରେ ଅଧିକ ଚିକିତ୍ସା ଲାଗି କୋରାପୁଟ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏହିସମୟରେ ଖବର ପାଇ ସାମାଜିକ କର୍ମୀ ମୁନା ଦଳପତି ଓ ଦୂର୍ଗା ପ୍ରସାଦ ପାଢ଼ୀ ଉପସ୍ଥିତ ରହି ତାଙ୍କର ଚିକିତ୍ସା ତଦାରଖ କରିଥିଲେ। ପରାମର୍ଶ କ୍ରମେ ପୁନର୍ବାର ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ ମଧ କରାଗଲା ହେଲେ, ସେ ଅସହାୟ ମହିଳା ସହ ଯିବ କିଏ ବୋଲି ଦ୍ୱନ୍ଦ ଉଠିଥିଲା। ତାଙ୍କ ସହ ଯିବା ଲାଗି ତାଙ୍କର କେହି ସମ୍ପର୍କୀୟ ବା ଜଣାଶୁଣା ବ୍ୟକ୍ତି ନଥିଲେ। ସେ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟରତ ଡାକ୍ତର ପାଡୁଆ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରିଶେଷରେ ସମାଜସେବୀ ମୁନା ଦଳପତି ନନ୍ଦପୁର ଥାନା ଆଇଆଇସି ମମତା ପଣ୍ଡା ଓ ଏଏସଆଇ ଗୁପ୍ତେଶ୍ୱର ଗୌଡ଼ଙ୍କ ସହ କଥାବାର୍ତ୍ତା କରି କୋରାପୁଟ ମେଡିକାଲ ଫାଣ୍ଡିର ଏଏସଆଇ ଫଲ୍ଗୁ ବାବୁଙ୍କ ସମ୍ପର୍କରେ ଆସି ତାଙ୍କ ଅଧସ୍ତନ କର୍ମଚାରୀ କନେଷ୍ଟବଳ ଆନନ୍ଦ କୁମାର ଓ ହରିଶ୍ଚନ୍ଦ୍ର ଟାକିରି ସହଯୋଗରେ ସେହି ଅସହାୟ ମହିଳାଙ୍କୁ ସ୍ଥାନାନ୍ତର କରାଯାଇଥିଲା।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

ରାୟଗଡ଼ା୨।୧୧(ସମିସ): ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ରାୟଗଡା ଜିଲ୍ଲାରେ ଗତ ଅକ୍ଟୋବର ୧୯ ତାରିଖରୁ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ. ଏସ.କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା ପ୍ରଚାର ରଥ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପ୍ରତ୍ୟେକ ଥାନା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଅଭିନାଶ ରେଡି ଏହାର ସଫଳ ଆୟୋଜନ କରିଥିଲେ। ଆଜି ଏହି ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାୟଗଡା ସଦର ମହକୁମା ସ୍ଥିତ ସ୍ଥାନୀୟ ଗୋବିନ୍ଦ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ତିନୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୬ଟାରେ ୫ କିମି ଯାଏଁ ଯୁବକ ଯୁବତୀଙ୍କର ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ସ୍ୱସ୍ତିକ ପଣ୍ଡା, ଉପ ଆରକ୍ଷୀ ଅଧିକ୍ଷକ,ଉପଖଣ୍ଡ ପୋଲିସ ଅଧିକାରୀ,ଟାଉନ ଥାନା ଅଧିକାରୀ ଓ ସମସ୍ତ ଆରକ୍ଷୀ ବାହିନୀ ଯୋଗଦାନ କରିଥିଲେ। ସେହିପରି ପ୍ରଶାସନ ତରଫରୁ ସହକାରୀ ଜିଲ୍ଲାପାଳ ପ୍ରଫୁଲ୍ଲ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ମହିଳା ମହାବିଦ୍ୟାଳୟର ଏନସିସି ଅଧିକାରୀ ରିତାରାଣୀ ମିଶ୍ର, ଆଇନଜୀବୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ



ଅତିଥି ଯୋଗଦାନ କରିଥିଲେ। ରୋଡ଼ ରନ୍ କାର୍ଯ୍ୟକ୍ରମ ପୁରୁଷ ବର୍ଗରେ ନେତ୍ରମଣୀ ଶବର ପ୍ରଥମ, ଶ୍ରୀକାନ୍ତ ପ୍ରସ୍କା ଦ୍ୱତୀୟ ଓ ଚକିତ ଝୁଡିଆ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବର୍ଗରେ କୁମାରୀ ଲଳିତା ତିଆକା ପ୍ରଥମ, କୁମାରୀ ପିଙ୍କି ହିମିରିକା ଦ୍ୱିତୀୟ ଓ କୁମାରୀ ମୌସୁମୀ ମାଝୀ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଅପରାହ୍ନ ସାଢେ ୪ଟାରେ ଆୟୋଜିତ ୱାକାଥନ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଉଭୟ ପୁରୁଷ ଓ ମହିଳା ଅଂଶ ଗ୍ରହଣ କରିଥିଲେ। ସନ୍ଧ୍ୟା ସମୟରେ ଓଡିଶାର ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଭାକର ମିଶ୍ର ଓ କାଳୀ ରଥଙ୍କ ଦ୍ୱାରା କମେଡି ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟସ୍ତରୀୟ ଓକିଲ ସଂଘ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କୋରାପୁଟ,୨।୧୧(ସମିସ): କୋରାପୁଟ ବାର ଆସସିଏସନ ପକ୍ଷରୁ ରାଜ୍ୟ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆଜିଠାରୁ ୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ। ଏହାକୁ ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ଅତିରିକ୍ତ ଜିଲ୍ଲା ଜଜ୍ ଡାକ୍ତର ଦୀପକ ରଞ୍ଜନ ସାହୁ , ଏସଡିଜେଏମ ସୁଶ୍ରୀ ସଂଗୀତା ଦାସ ଓ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଗୟାଧର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ଗଜପତି ବାର ଆସୋସିଏସନ୍ ସହିତ ଜୟପୁର ବାର ଆସୋସିଏସନ୍ ମଧ୍ୟରେ ଖେଳା ଯାଇଥିଲା। ଗଜପତି ଦଳ ଟସ ଜିତି ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥଲେ। ଜୟପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ପାଞ୍ଚ ୱିକେଟ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଜପତି ଟିମ୍ ୧୮.୨ ଓଭରରେ ୭୪ ରନରେ ଅଲ ଆଉଟ୍ ହୋଇଥିଲେ। ଅଲ ରାଉଣ୍ଡ ପ୍ରଦର୍ଶନ ପାଇଁ ଜୟପୁର ଟିମର ସୁବାଷ ରାଉତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇ ଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ କଟକର ସିଏଟି ଏବଂ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ କଟକ ଟସ୍ ଜିତି ପ୍ରଥମେ ଫିଲଣ୍ଡିଂ ନେଇଥିଲା।





ନିର୍ଦ୍ଧାରିତ ଷୋହଳ ଓଭରରେ ଭୁବନେଶ୍ୱର ଟିମ୍ ଚାରଟି ୱିକେଟ୍ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲେ। ଜବାବରେ କଟକ ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୮ ୱିକେଟ୍ ହରାଇ ମୋଟ ୯୧ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଓକିଲ ସଂଘ ୪୩ ରନରେ ଜିତିଥିଲା। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ବାର ଆସୋସିଏସନର ମୋହନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଆୟୋଜକ କୋରାପୁଟ ଓକିଲ ସଂଘର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଅମ୍ପାୟାର ଭାବେ ଓସିଏ ପାନଲ ଆମ୍ପାରିଙ୍ଗ ଅସିତ୍ ପଟ୍ଟନାୟକ ଓ ତୁଷାର ପଣ୍ଡା ଖେଳ ପରିଚାଳନା କରିଥିଲେ। କୋରାପୁଟ ବାର ଆସୋସିଏନର ସଭାପତି ପ୍ରଭାତ ମହାପାତ୍ର,ସମ୍ପାଦକ ସୁନୀଲ କୁମାର ଜେନା ଉପସଭାପତି କୃଷ୍ଣ ସ, ମିଡ଼ିଆ ପରାମର୍ଶ ଦାତା ଅଶୋକ କୁମାର ଷଡଙ୍ଗୀ, ବରିଷ୍ଠ ଓକିଲ ଟି ଏନ୍ ମୂର୍ତ୍ତି. ନିହାର ରଞ୍ଜନ ପଟ୍ଟନାୟକ, ଶରତ ଆଚାର୍ଯ୍ୟଙ୍କ ସମେତ କୋରାପୁଟ ଓକିଲ ସଂଘର ସମସ୍ତ ସଦସ୍ୟ ଓ ସଦ୍ୟାସ୍ୟା ଉପସ୍ଥିତ ଥିଲେ।

## ସେବାଧାମରେ ଗୋ ନବରାତ୍ର ଓ ଗୋପାଷ୍ଟମୀ

**କୁଣ୍ଢେଇଗୋଲା, ୨।୧୧(ସମିସ):** ରିଆମାଳ ବ୍ଲକ ଅଧୀନ ରେଙ୍ଗାଲବେଡା ସେବାଧାମ ଠାରେ ଗତ ଅକ୍ଟୋବର ୩୦ ତାରିଖରୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନବ ଦିନାତ୍ମକ ଗୋ ନବରାତ୍ର ଓ ଗୋପାଷ୍ଟମୀ ଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି। ଆସନ୍ତା ୭ ତାରିଖ ଯଜ୍ଞର ପୂର୍ଣ୍ଣାହୁତି ପୂଜା ସମ୍ପନ୍ନ ହେବ। ବିଶ୍ୱହିନ୍ଦୁ ପରିଷଦ କଲିକତା କେନ୍ଦ୍ର ସହ ସେବା ପ୍ରମୁଖ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପଣ୍ଡିତ ପ୍ରମୋଦ ଜୀ, ପଣ୍ଡିତ ଆଦିତ୍ୟ ଜୀ ଓ ପଣ୍ଡିତ ଶଶୀଭୂଷଣ ରଥ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସଚ୍ଚିକାନ୍ତ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଚନ୍ଦ୍ରାଳୟା ପ୍ରଧାନ ଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜନ, ସପ୍ତ ଗୋ ମାତା ପୂଜା, ଦୁର୍ଗା ସପ୍ତସତୀ ପାଠ, ହନୁମାନ ଚାଳିଶା ପାଠ, ଗୀତା ପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେଉଛି। ନିକଟ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀମାନ ଯୋଗ ଦେଇଛନ୍ତି। କାମଧେନୁ ଟ୍ରଷ୍ଟ ସଭାପତି ଲୋକନାଥ ପ୍ରଧାନ, ସମ୍ପାଦକ ବିଭୂତି ସାହୁ, ସେବଧାମ୍ ଟ୍ରଷ୍ଟ ସଭାପତି ଟଙ୍କଧର ଦେହୁରୀ, ସମ୍ପାଦକ ଘନଶ୍ୟାମ ସାହୁ, ହୃଷୀକେଶ ପ୍ରଧାନ, ପବିତ୍ର ମୋହନ ନାୟକ, ହେମନ୍ତ ବେହେରା, ପଣ୍ଡିତ ଜଳନ୍ଧର ଦାସ, ବିପିନ ବିହାରୀ ଗଡ଼ନାୟକ, ଭରତ ସାହୁ, କ୍ଷୀରୋଦ ପ୍ରସାଦ ପ୍ରଧାନ, ବିରୁ ସାହୁ, ଶାନ୍ତି ଲତା ଅଗ୍ରୱାଲ ଓ ଫନିନ୍ଦ୍ର ପ୍ରଧାନ ସହଯୋଗ କରୁଛନ୍ତି।

### ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକତାର ନିଦର୍ଶନ

## ଜାରିଂର ପ୍ରସିଦ୍ଧ ବାଲିଯାତ୍ରା ଓ ରାସଯାତ୍ରା ଆରମ୍ଭ



**ବିଜେପୁର, ୨।୧୧(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଜାରିଂ ଗାଁର ପ୍ରସିଦ୍ଧ ରାସଯାତ୍ରା ଓ ବାଲିଯାତ୍ରା ସମାରୋହରେ ଆରମ୍ଭ ହୋଇଛି। ଭକ୍ତି, ବିଶ୍ୱାସ, ପରମ୍ପରା ମୋହରେ ଏହା ଜାରିଂବାସୀଙ୍କୁ ଏକତା ରଜ୍ଜୁରେ ବାନ୍ଧି ପାରିଛି। ଅପସଂସ୍କୃତି ପରିହାର କରି ସଂସ୍କୃତିରେ ଭରା ଲୋକନୃତ୍ୟ, ଲୋକ ଗୀତକୁ ପ୍ରାଧାନ୍ୟ ଦେଇ ଆସିଥିବାରୁ ରାସଯାତ୍ରା ଅଞ୍ଚଳରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଦେଢ଼ଶହ ବର୍ଷ ପୂର୍ବରୁ ଜାରିଂ ଗାଁର କେତେକ ଉତ୍ସାହୀ ଯୁବକ ବରପାଲି ନିକଟସ୍ଥ ଏକ ଗାଁକୁ ରାସଯାତ୍ରା ଦେଖିବାକୁ ଯାଉଥିଲେ। ସେଠାରୁ ପ୍ରେରଣା ଲାଭ କରି ଗାଁର ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ରାଞ୍ଜ ନଦୀ କୂଳରେ ରାସଯାତ୍ରା ଆରମ୍ଭ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଥାନ୍ତି। ଭକ୍ତି ଓ ବିଶ୍ୱାସ ନେଇ ଦୂରଦୁରାନ୍ତରରୁ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ରାସଯାତ୍ରା କାର୍ତ୍ତିକ ଶୁକ୍ଳ ଦଶମୀ ଠାରୁ ଆରମ୍ଭ ହୋଇ ଦୀର୍ଘ ୬ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଯାତ୍ରାରେ ସ୍ଥାନୀୟ ରାଞ୍ଜ ନଦୀରୁ ଭବ୍ୟ କଳସ ଶୋଭାଯାତ୍ରା ହୋଇଥିଲା। ଅଧିବାସ ସହ ପାରମ୍ପାରିକ ରୀତିରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବିଜେପୁର ବିଧାୟକ ତଥା ଜମିଦାର ସନତ ଗଡ଼ତିଆ ପୂଜାର କର୍ତ୍ତା ରହିଛନ୍ତି। ପଣ୍ଡିତ ଗୋକୁଳ ପୂଜାହାରୀ ପୂଜାର୍ଚ୍ଚନା କରୁଛନ୍ତି। ଅନୁରୂପ ଭାବେ ନଦୀକୂଳରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ବୁଡପକାଇବା ପାଇଁ ଭୋର ସକାଳୁ ନଦୀକୂଳରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି। ଲୋକମାନଙ୍କର ମନୋରଞ୍ଜନ ପାଇଁ ଲୋକ ଗୀତ ସଞ୍ଚାର, ଲୋକନୃତ୍ୟ, ନାଟକ ପରିବେଷିତ ହୋଇଥାଏ। ଯାତ୍ରାରେ ଉଠାଦୋକାନୀ ତଥା ଦର୍ଶକଙ୍କ ଭିଡରେ ରାଞ୍ଜ ନଈ କୂଳ ଜନସମୁଦ୍ର ପାଲଟିଯାଏ। ପ୍ରତ୍ୟକ ଦିନ ସଂଧ୍ୟାରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଭିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ତାଙ୍କ କଳା ପ୍ରଦର୍ଶନ କରିବେ। ମଙ୍ଗଳବାର ସଂଧ୍ୟା ଠାରୁ ସ୍ଥାନୀୟ ସମଲେଇ ପଡ଼ିଆ ଠାରେ ଜଳନ୍ଧର ମହାରାଜଙ୍କ ଦରବାର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## ଡକାୟତି ଯୋଜନା ବେଳେ ୫ ଗିରଫ



**ଝାରସୁଗୁଡ଼ା, ୨।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କୁହାକୁଣ୍ଡା ମହିମା ଆଶ୍ରମ ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ୫ ଜଣଙ୍କୁ ଗିରଫ କରି ରେଙ୍ଗାଲି ପୁଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ମଟିଦାର ଜନାର୍ଦ୍ଦନ ଭୋଇ, ବର୍ଣ୍ଣର କୃଷ୍ଣ ଭୋଇ, ସୁବୋଧ ରାଉତ, ବିଜୟ ବ୍ୟାନର ଓ କନଡିହିର ଅଶ୍ୱିନୀ ଖମାରୀ ବୋଲି ରେଙ୍ଗାଲିଙ୍କ ପୁଲିସ ରବିବାର ସୂଚନା ଦେଇଛି। କୁହାକୁଣ୍ଡା ରାସ୍ତାର ମହିମା ଆଶ୍ରମ ନିକଟରେ କିଛି ବ୍ୟକ୍ତି ଡକାୟତି ଯୋଜନା ପାଇଁ ଏକତ୍ରିତ ହୋଇଥିଲେ। ଏନେଇ ରେଙ୍ଗାଲି ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରି ୫ଜଣଙ୍କୁ କାବୁ କରିଥିଲା। ଘଟଣା ସ୍ଥଳରୁ ଏକ ବୋଲେରୋ, ୫ଟି ମୋବାଇଲ, ଗୋଟିଏ ଛୁରୀ, ଚାପଡ, ସ୍କ୍ରୁ ଡ୍ରାଇଭର, ୬ଟି କାଟିବା ବ୍ଲେଡ, ଗୋଟିଏ ଟାଙ୍ଗିଆ ଜବତ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଲକ୍ଷଘର ଜାତି ସମାଜ ମହାସଂଘର ବୈଠକ

**ଝାରସୁଗୁଡ଼ା, ୨।୧୧(ସମିସ):** ଝାରସୁଗୁଡ଼ାସ୍ଥିତ ସର୍କିଟ ହାଉସରେ ଓଡ଼ିଶା ପ୍ରଦେଶ ଲକ୍ଷଘର ଜାତି ସମାଜ ତରଫରୁ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜସେବୀ ଲଳିତ ମଗର ଅଧକ୍ଷ୍ୟତା କରିଥିଲେ। ମହାସଂଘ ପୂର୍ବତନ ସଭାପତି ସ୍ୱର୍ଗୀୟ ଜୟପ୍ରକାଶ କୁଅଁରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲା ମାଟିରେ ଜାତିସମାଜର ପ୍ରାୟ ୨୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସକୁ ଜାଣି ତାଙ୍କୁ ଉଚିତ ସମ୍ମାନ ଦେବା ପ୍ରକିୟାକୁ ତ୍ୱରାନ୍ୱିତ କରାଯିବାକୁ ମତ ପ୍ରକାଶ ପାଇଥିଲା। ଆଗାମୀ ଜାନୁୟାରୀ ୧୧ ତାରିଖ ଜିଲ୍ଲାସ୍ତରୀୟ ବନ୍ଧୁ ମିଳନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏହାର ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ସମାଜସେବୀ ଲଳିତ ମଗରଙ୍କୁ ସଭାପତି ଓ କୋଷାଧକ୍ଷ ଭାବେ ମନୋଜ ତନ୍ତିଙ୍କୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶଟର ପୋଡ, ଯଦୁମଣି ଗର୍ଡ଼ିଆ, ଜୟନ୍ତୀ ଗରୁଡ, ସୁକାନ୍ତି ଜୟପୁରିଆ, ତିଲୋତମା ଛଛାନ, ଜୟକୃଷ୍ଣ ସିଂ, ମୁକୁନ୍ଦ ଦିହିରିଆ, କିଶୋର ଚାନ୍ଦ, ମୁରଲିଧର ଉର୍ମାଲ, ଉତ୍ତମ ସୁନାନୀ, ସରୋଜ ବୁଡା, କୌଶିକ ଲୁହା, ହେମନ୍ତ ଜାମଡୁଲିଆ, ଭେଷଜ ଚୌହାନ, ବିକାଶ ତନ୍ତୀ, ଗଙ୍ଗାଧର ମଗର, ରମେଶ ତନ୍ତି, ସଚିନ ତନ୍ତି, ଶ୍ରୀକାନ୍ତ ଦିହିରିଆ ଓ ମୁକ୍ତେଶ୍ୱର ଦାସଙ୍କୁ ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଭ୍ୟ/ସଭ୍ୟା ଭାବେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଜୟପୁରିଆ, ଦୁର୍ଯୋଧନ ବୁଡା, ଚୁଡାମଣୀ କୁସୁମ, ଦୁଃଖନାସନ କୁମ୍ଭାର, ଜଗଜିତ ଗର୍ଡ଼ିଆ, ତୁଳାରାମ ରେହେନା ଓ ଉଦ୍ଧବ ବୁଡା ପ୍ରମୁଖ ଉପସ୍ଥିତ ଥିଲେ।

## ବେଲପାହାଡ଼ କପ୍: କେରୁଆଲବାହାଲ ଚାମ୍ପିଅନ



**ଝାରସୁଗୁଡ଼ା, ୨।୧୧(ସମିସ):** ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ଗୁମାଡେରା ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ତୃତୀୟ ବେଲପାହାଡ଼ କପ୍ ଫୁଟବଲ୍ ୨୦୨୫ରେ କେରୁଆଲବାହାଲ ଦଳ ଚାମ୍ପିଅନ ହୋଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲ ଖେଳ କେରୁଆଲବାହାଲ ଓ ଝାରସୁଗୁଡ଼ା ଶାନ୍ତିନଗର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେରୁଆଲବାହାଲ ଦଳ ୨-୦ ଗୋଲରେ ବିଜୟଲାଭ କରି ଚାମ୍ପିଅନ୍ ହୋଇଛି। ଚାମ୍ପିଅନ୍ କେରୁଆଲବାହାଲ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଉପବିଜେତା ଶାନ୍ତିନଗର ଦଳକୁ ନଗଦ ୩୦ ହଜାର ନଗଦ ଟଙ୍କା ଓ ଟ୍ରଫି ସହ ପୁରସ୍କୃତ କରାଯାଇଛି। ମ୍ୟାନ ଅଫ ଦି ସିରିଜ୍ ଭାବେ କେରୁଆଲବାହାଲ ଦଳର ଅମନ ଖାଲକୋଙ୍କୁ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅଜୟ ଭ୍ରମରବର ରାଏ, ସମ୍ମାନିତ ଅତିଥି ଭାବେ ଦୁବରାଜ ନାଏକ, ନାଟ୍ୟକାର ଡ.ସୁବାସ ଚନ୍ଦ୍ର ପ୍ରଧାନ, ଓଏସଏପି ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ, ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଦୀପକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୬ରେ ରବିଶଙ୍କରଙ୍କ ଝାରସୁଗୁଡ଼ା ଗସ୍ତ

**ଝାରସୁଗୁଡ଼ା, ୨।୧୧(ସମିସ):** ଚଳିତ ନଭେମ୍ବର ମାସ ୬ ତାରିଖ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଜୀଙ୍କ ଝାରସୁଗୁଡ଼ା ଆଗମନ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଝାରସୁଗୁଡ଼ା ସ୍ଥିତ ମନମୋହନ ବିଦ୍ୟାଳୟର ପଡ଼ିଆରେ ସନ୍ଧ୍ୟା ୫ଟାରେ ଗୁରୁ ଶ୍ରୀରବିଶଙ୍କରଙ୍କ ସତସଙ୍ଗ ବାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀରବିଶଙ୍କରଙ୍କ ପକ୍ଷରୁ ସଂଗୃହୀତ, ଅତୀତରେ ମାମୁଦର ଆକ୍ରମଣରେ ଭଙ୍ଗା ଯାଇଥିବା, ଐତିହାସିକ ସୋମନାଥ ଜ୍ୟୋତିର୍ଲିଙ୍ଗର




**ଜ୍ୟୋତିର୍ଲିଙ୍ଗ ଅଂଶର ଭବ୍ୟ ଦର୍ଶନ ପାଇଁ ଆହ୍ୱାନ**


ଦିବ୍ୟ ଭଗ୍ନ ଅଂଶର ଭବ୍ୟ ଦର୍ଶନର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବେଲପାହାଡ ଆର୍ଟ ଅଫ ଲିଭିଂ ହଲରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରବିଶଙ୍କର, ଆର୍ଟ ଅଫ ଲିଭିଂ ସଂସ୍ଥାର ସଦସ୍ୟ ଓ ସଦସ୍ୟାଙ୍କ ମଧ୍ୟରେ ସଂଯୋଜିକା ରିଶିକା ସାହୁ, ଜଗଦୀଶ ମେହେର, କ୍ଷମାଶିଳ ସାହୁ, ସୁଲୋଚନା ଅଟି, ସ୍ନେହଲତା ପୋଥାଳ ପ୍ରମୁଖ ଏନେଇ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ଜ୍ୟୋତିର୍ଲିଙ୍ଗର ଦର୍ଶନଲାଭ କରିବାକୁ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ କରାଯାଇଛି।

## ଗାଇସୀମା ପଞ୍ଚାୟତରେ ନିଶାମୁକ୍ତ ଅଭିଯାନ

**ବରଗଡ଼, ୨।୧୧(ସମିସ):** ଗାଇସୀମା ପଞ୍ଚାୟତରେ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ସଂକଳ୍ପ ସଭା ଅନୁ,ଠିତ ହୋଇଛି। ସରପଞ୍ଚ ଧିରନ ମହାପାତ୍ରଙ୍କ ନେତୃତ୍ୱରେ ଗାଁର ଶହ ଶହ ଜନସାଧାରଣ ଯୋଗ ଦେଇଥିଲେ। ମଦ ଏବଂ ନିଶାଦ୍ୱାରା ଗାଁର ପରିବେଶ ନଷ୍ଟ ହେବା ସହ ଛୋଟ ପିଲା ମାନଙ୍କ ଉପରେ ଏହାର ବିଶେଷ ଖରାପ ପ୍ରଭାବ ପଡୁଛି। ଏହାକୁ ଦୃଷ୍ଟିରେ ରଖି ମଦ ଓ ନିଶାକୁ ଗାଇସୀମାରେ ସମ୍ପୂର୍ଣ୍ଣ ବନ୍ଦ ପ୍ରସ୍ତାବ ଗୃହୀତ ହୋଇଥିଲା। ବରଗଡ଼ ଜିଲ୍ଲାପାଳ, ଅବକାରୀ ବିଭାଗ, ବରଗଡ଼ ସଦର ଥାନାଙ୍କୁ ଲିଖିତ ଜଣାଇ ଦିଆଯାଇଛି। ତାଙ୍କ ତରଫରୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗାଇସୀମା ଗାଁର ଥବିର ସାହୁ, ମାଳିକା ସାହୁ, ନାରାୟଣ ମହାପାତ୍ର, ସରୋଜ ପ୍ରଧାନ, ଶୃଷ୍ଟି ପସାଏତ, ଯୁଧିଷ୍ଠିର ମହାପାତ୍ର, ନିରଞ୍ଜନ ପ୍ରଧାନ, ସୁରେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯାମିନିଙ୍କୁ ଆପ୍ରାଇଜ ଗ୍ରୁପ୍ ପକ୍ଷରୁ ସମ୍ମାନ

**ବରଗଡ଼, ୨।୧୧(ସମିସ):** ବରଗଡ଼ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପ ଭଟିଲି ଛକରେ ରହୁଥିବା ଯାମିନି ସେଠଙ୍କୁ ତାଙ୍କ ସଫଳତା ପାଇଁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଛି। ଯାମିନି ଜଣେ ଦିବ୍ୟାଙ୍ଗ ହୋଇଥିଲେ ମଧ ତାଙ୍କ ଇଚ୍ଛା ଶକ୍ତି ଓ ସାହାସ ପାଇଁ ରାଜ୍ୟ ସ୍ତରୀୟ ସନ୍ତରଣ ଚାମ୍ପିଅନସିପରେ ବରଗଡ଼ ମାଟି ପାଇଁ ୩ ଟି ପଦକ ଆଣିଛନ୍ତି। ଏହି ଖବର ପ୍ରକାଶ ପାଇଲା ପରେ ବରଗଡ଼ର ଅଗ୍ରଣୀ



ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପ ତାଙ୍କୁ ସମ୍ମାନିତ କରିଛି। ଯାମିନୀଙ୍କୁ ସବୁ ସମୟରେ ସହଯୋଗ ଓ ଉତ୍ସାହିତ କରିବ ବୋଲି ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି। ଏହି ସମ୍ମାନକୁ ଗ୍ରୁପର ଏକ ମହିଳା ଟିମ୍ ସହିତ ବରଗଡ଼ ଶାଖାର ପ୍ରଶାସନିକ ଅଧିକାରୀ ମାନସରଞ୍ଜନ ସାହୁ, ଆକାଉଣ୍ଟ ଅଫିସର ଚିତ୍ତରଞ୍ଜନ ଦାଶ ଓ ଅନ୍ୟ ସଦସ୍ୟ ମାନେ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ମାନ ପାଇଁ ଗ୍ରୁପର ଅଧକ୍ଷ ଇଂ.ଜଗଦିଶ ଚନ୍ଦ୍ର ବେହେରା ସାଧୁବାଦ ଜଣାଇଛନ୍ତି।

### ଜେବିବି କ୍ଲବ୍ ମାଝୀପଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଜୟବୁଡିଆ ଦଳ ୨-୧ ଗୋଲ୍‌ରେ ଚାମ୍ପିଅନ

**ଇବଥର୍ମାଲ, ୨।୧୧(ସମିସ):** ଏମସିଏଲ ଲଖନପୁର କୋଇଲା କ୍ଷେତ୍ରରେ ସିଏସ୍ଆର ବିଭାଗ ପକ୍ଷରୁ ବନ୍ଧବାହାଲ ପଞ୍ଚାୟତ ମାଝୀପଡ଼ା ଜେବିବି କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଲଖନପୁର ବ୍ଲକ ବଞ୍ଜାରୀ ପଞ୍ଚାୟତ ଜୟବୁଡିଆ ଟିମ୍ ବିପକ୍ଷ ଦଳ ଠାରୁ ୨-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଲଖନପୁର କୋଇଲା କ୍ଷେତ୍ର ଏପିଏମ୍ ପ୍ରଦୀପ ଶୁଣ୍ଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟାଫ୍ ଅଫିସର ଏକସାଭେସନ ଏସ୍‌କେ ବର୍ମା, ଷ୍ଟାଫ୍ ଅଫିସର ଇଏଣ୍ଡଏମ୍ ଅନିଲ କେ ଏସ୍, ଏଏଫ୍ଏମ୍‌ବି ଉକିଲ, ମ୍ୟାନେଜର ଏଚ୍ଆର୍ ନିରଞ୍ଜନ ପଟେଲ, ମ୍ୟାନେଜର ସିଏସଆର ପିକେ ନାୟକ ୱାର୍ଡ ମେମ୍ବର ଅନ୍ନପୂର୍ଣ୍ଣା ସାହୁ, ରୀତା ସା ପ୍ରମୁଖ ବିଜୟୀ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଲଖନପୁର କୋଇଲା କ୍ଷେତ୍ର ଭେଟେରାନ ଫୁଟବଲ ଖେଳାଳି ଆନନ୍ଦ ସା, ଅକ୍ଷୟ ବାରିକ, ଶ୍ରୀନାଥ ଝାଙ୍କର୍, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ଖେଳରେ ଜୟବୁଡିଆ ଦଳ ଓ କର୍ଲାଜୁରୀ ଦଳ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମ ଦଶ ମିନିଟ୍ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଗୋଟିଏ ଗୋଲ ଦେଇ ଥିଲେ। ପରବର୍ତ୍ତୀ ସମୟରେ




ଜୟବୁଡିଆ ଦଳ କର୍ଲାଜୁରୀ ଦଳକୁ ଦେଇଥିବା ଗୋଲକୁ ନେଇ ବିବାଦ ଦେଖା ଦେଇଥିଲା। ଫଳରେ ଅନେକ ସମୟ ଖେଳ ବନ୍ଦ ରହିଥିଲା। ଡ୍ରୋନ କ୍ୟାମେରାରେ କରାଯାଇଥିବା ଭିଡିଓ ଆଧାରରେ ତାହା ଗୋଲ ବୋଲି ଜାଣିବା ପରେ ଜୟବୁଡିଆ ଦଳକୁ ବିଜୟୀ ଘୋଷିତ କରା ଯାଇଥିଲା। ହେଲେ ଏଥିରେ କର୍ଲାଜୁରୀ ଦଳ ବିରକ୍ତି ପ୍ରକାଶ କରିଥିଲା। ଏପରିକି ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଦିଆଯାଇଥିବା ଜର୍ସି ଫେରାଇ ଦେଇ ରନର୍ସଅପ୍ ଟ୍ରଫି ଓ ପୁରସ୍କାର ରାଶି ନେବାକୁ ଆସି ନଥିଲେ। ଉଦ୍‌ଯାପନୀ ଉତ୍ସବରେ ଚାମ୍ପିଅନ ଦଳ ଟ୍ରଫି ସହ ୩୦,୦୦୦ ଟଙ୍କା ଅର୍ଥରାଶି ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଶନିବାର ଠାରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ଗ୍ରାମାଞ୍ଚଳର ୧୬ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଅଢ଼ାପଡ଼ା ବନାମ ନାଏକ ବ୍ରଦର୍ସ ଲଖନପୁର ମଧ୍ୟରେ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ପରିଚାଳନାରେ କ୍ଲବ୍ ସଦସ୍ୟ କିଶୋର ମାଝୀ, ପ୍ରଦୀପ ସାହୁ, ରଞ୍ଜିତ କିଶାନ, ନରେଶ ବାରିକ, କୃଷ୍ଣ ପ୍ରଧାନ, ଅରୁଣ ପ୍ରଧାନ ତଥା ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରେଫରୀ ସୁଶାନ୍ତ ପଟେଲ, ଅରୁଣ ମିର୍ଦ୍ଧା, ମଙ୍ଗୁଲାଲ ବିଦ୍ୟା, ସୁଧାଂଶୁ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ରେମଜାରେ ରାବଣ ରାଜ ଆରମ୍ଭ



**ଝାରସୁଗୁଡ଼ା, ୨।୧୧(ସମିସ):** ପବିତ୍ର କାର୍ତ୍ତିକ ପଞ୍ଚୁକ ଅବସରରେ ରେମଜା ଗାଁରେ ଦୀର୍ଘ ୩୯ ବର୍ଷ ହେଲା କାର୍ତ୍ତିକେଶ୍ୱର ପୂଜା ଆୟୋଜିତ ହୋଇ ଆସୁଛି। ଏନେଇ ରବିବାର ଇବ ନଦୀରୁ ଶୋଭାଯାତ୍ରାରେ କଳସ ଅଣାଯାଇ ରେମଜା ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରାମାୟଣ ଉପରେ ଆଧାରିତ 'ରାବଣ ରାଜ' ପରିବେଷିତ ହେବ। ଏଥିରେ ବରଗଡ଼ ଜିଲ୍ଲା ଭେଡେନ ଅପାମରା ଗାଁର ହୀରା ଲାଲ ବଢ଼େଇ (ମଗନ) ରାବଣ ଭୂମିକାରେ ଅଭିନୟ କରିବା ସହ ତାଙ୍କ ଦଳ ପରିବେଷଣ କରିବେ। ରାବଣରାଜ କାର୍ଯ୍ୟକ୍ରମରେ କୁବେରଙ୍କୁ ଗାଦିଚ୍ୟୁତ କରି ମହାରାଜ ରାବଣଙ୍କ ଅଭିଷେକ, ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତ ହେବା ତଥା ରାବଣ, କୁମ୍ଭକର୍ଣ୍ଣ ଏବଂ ବିଭୀଷଣ ତିନି ଭାଇଙ୍କ କଠୋର ତପସ୍ୟା ଆଦି ପ୍ରଦର୍ଶିତ ହେବ। ଏହି କାର୍ତ୍ତିକେଶ୍ୱର ପୂଜା କାର୍ତ୍ତିକେଶ୍ୱର ସଙ୍ଘ ଦ୍ୱାରା ଆୟୋଜିତ ହୋଇଆସୁଛି। ଏହି ବର୍ଷ ପୂଜାର କର୍ତ୍ତା ଭାବେ ଆଶିଷ ପ୍ରଧାନ, କୃଷ୍ଣଚନ୍ଦ୍ର ପେରୁଆ, ନରହରି ଭୋଇ, ସମୀର ସାହୁ, ରାକେଶ ବିଶ୍ୱାଳ ତଥା ପୂଜାର ପଣ୍ଡିତ ଭାବେ ଦିଲୀପ ତ୍ରିପାଠୀ ଦାୟିତ୍ୱ ତୁଲାଉଛନ୍ତି।

## ଦୁର୍ନୀତି ଏକ ରୁଗ୍ଣ ମାନସିକତା ଓ ସାମାଜିକ ବ୍ୟାଧି

**ବରଗଡ଼, ୨।୧୧(ସମିସ):** ଦୁର୍ନୀତି ଏକ ରୁଗ୍ଣ ମାନସିକତା ଓ ସାମାଜିକ ବ୍ୟାଧି ଅଟେ। ଏହା ଏକ ବିକଶିତ ସମାଜକୁ ପଙ୍ଗୁ କରି ଦେଇ ପାରେ ବୋଲି ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ଆୟୋଜିତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ମତ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିଦ ଡ.ଡୋଳାମଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ତଥା ଆଲୁମିନି ସଦସ୍ୟ କପିଳ ବାଗ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସୁନୀତା ମିଶ୍ର, ବବିତା ନାଏକ ପ୍ରମୁଖ ଯୋଗ ଦେଇ ଦୁର୍ନୀତି ଛୋଟ ହେଉ ଅବା ବଡ଼ ଦୁର୍ନୀତିରୁ ନିଜକୁ ଦୂରେଇ ରଖିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ରାଜା ବାସୁଦେବ ହାଇସ୍କୁଲ ଚାମ୍ପିଅନ

**ଦେବଗଡ଼, ୨।୧୧(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୪ ତାରିଖରୁ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ଓ ରାଜା ବାସୁଦେବ ହାଇସ୍କୁଲ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଢ଼ାପାଳ ଦଳକୁ ୪ ୱିକେଟ୍‌ରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ୍ ଦେବଗଡ଼ ଦଳ ଚାମ୍ପିଅନ ହୋଇଛି। ବୁଢ଼ାପାଳ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ କରିଥିଲା। ଦଳ ପକ୍ଷରୁ ମିତେଶ୍ ଥାପ୍ପା ୧୮ ଓ ସାହିଲ୍ ସୁନ୍ଦର ୧୫ ରନ୍ କରିଥିଲେ। ଦେବଗଡ଼ ଦଳର ଆନ୍ସ ଶିନ୍ଦ୍ରିଆ ୨ ଓ ନିଲମ୍ ଦେବ ୪ଟି ୱିକେଟ ନେଇଥିଲେ। ଏହାର ଜବାବରେ ରାଜା ବାସୁଦେବ ହାଇସ୍କୁଲ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦.୧ ଓଭର୍‌ରେ ୬ଟି ୱିକେଟ୍ ହରାଇ ୯୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆନ୍ସ ଶିନ୍ଦ୍ରିଆ ୧୪ ଓ ସମୀର ବେହେରା ୧୩ ରନ୍ କରିଥିଲେ। ବୁଢ଼ାପାଳ ଦଳର ହରେକୃଷ୍ଣ ପାତ୍ର, ଆକାଶ ସାହୁ, ଜୀବନ ବେହେରା ଓ ସମୀର କିଶାନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଫିଲ୍ଡର ଭାବେ ରାଜା ବାସୁଦେବ ହାଇସ୍କୁଲ୍ ଦଳର ଚିକୁନ ମହାରଣା, ଶ୍ରେଷ୍ଠ କ୍ୟାଚ ଭାବେ ବୁଢ଼ାପାଳ ଦଳର ବିନୟ ପ୍ରଧାନ, ଶ୍ରେଷ୍ଠ ବୋଲର ଭାବେ ତିଲେଇବଣୀ ଆଦର୍ଶ ବିଦ୍ୟାଳୟର ଅଧିନାୟକ ପ୍ରତ୍ୟୁଷ ମହାକୁଳ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବୁଢ଼ାପାଳ ଦଳର ଜୀବନ ବେହେରା ଏବଂ ମ୍ୟାନ ଅଫ ଦି ମ୍ୟାଚ୍ ଦେବଗଡ଼ ରାଜା ବାସୁଦେବ ହାଇସ୍କୁଲର ଆନ୍ସ ଶିନ୍ଦ୍ରିଆ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ଦଳର ସମୀର କିସାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କ୍ରିକେଟ ସଙ୍ଘ ସମ୍ପାଦକଙ୍କ ଅଧକ୍ଷତା ଓ ଅଶୋକ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଭଗବାନ ସାହୁ, ପୂର୍ବତନ କ୍ରିକେଟ ଖେଳାଳି ପ୍ରଦୀପ ମହାପାତ୍ର, ମନୋଜ ଶତପଥୀ, ବାମଣ୍ଡା କ୍ଲବ୍‌ର ସମ୍ପାଦକ ସତ୍ୟ ନାରାୟଣ ପାଣି ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟାର ଭାବେ ମିଥଲେସ ପ୍ରସାଦ ଓ ରାଜାରାଣା ପରିଚାଳନା କରିଥିବା ବେଳେ, ରମି ନାୟକ ସ୍କୋରର ଓ ବେଣୁଧର ଗଡ଼ନାୟକ୍ ଧାରାବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ ସଙ୍ଘର ସନ୍ତୋଷ ଦେବତା, ପ୍ରବୀଣ ଆଚାର୍ଯ୍ୟ, ଅଭୟ ନନ୍ଦ, ଅଜିତ ମୋଦୀ, ପ୍ରଦ୍ୟୁମ୍ନ ଭୁକ୍ତା, ମୋତିଲାଲ ଶର୍ମା, ପତିତପାବନ ସାହୁ, ସୁବାସ ପୃଷ୍ଟି, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖଙ୍କ ସହଯୋଗରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।



## ମାନସିକ ଦିବ୍ୟାଙ୍ଗ ଯୁବକ ଉଦ୍ଧାର

**ଦେବଗଡ଼, ୨।୧୧(ସମିସ):** ତିଲେଇବଣି ବ୍ଲକ ଦୁଧିଆନାଳୀ ପଞ୍ଚାୟତ ଅଧୀନ ଜାମ୍ବୁନାଳୀ ଗାଁରୁ ଜଣେ ଅପରିଚିତ ମାନସିକ ଦିବ୍ୟାଙ୍ଗ ଯୁବକଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲ୍ଲା କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଜାମ୍ବୁନାଳୀ ଗାଁରେ ଗତ କିଛି ଦିନ ଧରି ଜଣେ ଅପରିଚିତ ମାନସିକ ଦିବ୍ୟାଙ୍ଗ ଯୁବକ ଏଣେ ତେଣେ ବୁଲୁଥିବା ଦେଖି ଦୁଧିଆନାଳୀ ସରପଞ୍ଚ ଉଦିତ ନାଏକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ଜାନିଙ୍କ ଉଦ୍ୟମ କ୍ରମେ ସମ୍ବଲପୁର ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିଚୟ'ର ସଦସ୍ୟଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।





# ଥଣ୍ଡା ବୋତଲ ମାଡ଼ରେ ଫାଟିଲା ମୁଣ୍ଡ

ଭୁବନେଶ୍ୱର,୨।୧୧ (ସମିସ):

ପୁଣି ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଅସାମାଜିକ। ପାନ ଦୋକାନରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ଥଣ୍ଡା ବୋତଲରେ ଆକ୍ରମଣ ହୋଇଛି। ଆକ୍ରମଣରେ କେଦାରପଲ୍ଲୀ ବସ୍ତିର ବିଦେଶୀ ନାୟକଙ୍କ ମୁଣ୍ଡ ଫାଟିଛି। ରାଜଧାନୀର ଅନ୍ୟତମ ପ୍ରମୁଖ ଅଞ୍ଚଳ ଶିଶୁଭବନ ଛକରେ ଏଭଳି ଘଟଣା ଘଟିଥିବା ବେଳେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମୁଖ୍ୟ ଅଭିଯୁକ୍ତ ଧଣ୍ଡ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଗତକାଲି ଟଙ୍କପାଣି ରୋଡରେ ଦୁଇ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣା ମନରୁ ନ ଯାଉଣୁ ଆଜି ପୁଣି ଏଭଳି ଘଟଣା ଘଟିବା ରାଜଧାନୀର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି।

ଅଭିଯୋଗ ଅନୁଯାୟୀ, ରବିବାର ଦ୍ୱିପହର ସମୟରେ କେଦାରପଲ୍ଲୀ ବସ୍ତିର ବିଦେଶୀ ଶିଶୁଭବନ ଛକରେ

- ଶିଶୁଭବନ ଛକରେ ଆତଙ୍କ
- ଦୁଇ ଭାଇଙ୍କୁ ସଙ୍ଘବଦ୍ଧ ଆକ୍ରମଣ
- ଗତକାଲି ଦୁଇ ବ୍ୟବସାୟୀଙ୍କୁ ହାଣିଥିଲେ

ଥିବା ଏକ ପାନ ଦୋକାନରେ ଛିଡ଼ା ହୋଇଥିଲେ। ସେହି ସମୟରେ ସ୍ଥାନୀୟ ଅଞ୍ଚଳର ବିକାଶ ନାୟକ ଓରଫ୍ ଧଣ୍ଡ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲା। କାହିଁକି ଗାଳି କରୁଛୁ ବୋଲି ବିଦେଶୀ ପଚାରିବାରୁ ଧଣ୍ଡ ତାଙ୍କୁ ମଧ ଗାଳିଗୁଲଜ କରିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଧଣ୍ଡ ହଠାତ୍ ଏକ ଥଣ୍ଡା ବୋତଲ ଆଣି ବିଦେଶୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆକ୍ରମଣ ଫଳରେ ବିଦେଶୀଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ବିଦେଶୀଙ୍କ ସାନଭାଇ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରୁ ତାଙ୍କୁ ମଧ ଧଣ୍ଡ ଗାଳିଗୁଲଜ କରିଥିଲା। ଧଣ୍ଡ, ତା'ର ସାନଭାଇ ପଟେଲ ଓ ସୋନୁ ମିଶି ବିଦେଶୀ ଓ ତାଙ୍କ ସାନଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଲୋକମାନେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବିଦେଶୀଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବିଦେଶୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ କେସ୍ ନଂ - ୬୯୨/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସେପଟେ ଗତକାଲି ସନ୍ଧ୍ୟାରେ ବଡ଼ଗଡ଼ ଥାନା ଅନ୍ତର୍ଗତ ଚିଲି ପୋଖରୀ ଅଞ୍ଚଳରେ ଆତଙ୍କ ଖେଳାଇ ଥିଲେ ଦୁର୍ବୃତ୍ତ। ଜିନିଷ ନେଇ ଟଙ୍କା ନଦେବାରୁ ଆରମ୍ଭ ହୋଇଥିଲା ବଚସା। ଏହାର କିଛି ସମୟ ପରେ ଦୁର୍ବୃତ୍ତମାନେ ଆସି ଇଲେକ୍ଟ୍ରି ଦୋକାନୀ କେଦାର ସାହୁ ଓ ମିଠା ଦୋକାନୀ ବସନ୍ତ କୁମାର ବେହେରାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ରାଜଧାନୀର ହାଇପ୍ରୋଫାଇଲ ଅଞ୍ଚଳରେ ବାରମ୍ବାର ହଣାକଟା ହେବା କମିସନରେଟ୍ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର, ୬.୩ ଲକ୍ଷ ଟଙ୍କା ଜବତ

ପୁରୀ,୨।୧୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ



ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି। ବିଶେଷକରି ବେଆଇନ ଭାବେ ବ୍ରାଉନ୍‌ସୁଗର, ଗଞ୍ଜେଇ ଭଳି ନିଶାଦ୍ରବ୍ୟ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ପିପିଲି ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର ଓ ୬ଲକ୍ଷ ୩୦ ହଜାର ୭୦୦ ଟଙ୍କା ଜବତ କରିଛି। ଏଥିସହ ଗୋଟିଏ କାର୍, ୭ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ

**୪ ଗିରଫ, କାର୍ ଓ ୭ ମୋବାଇଲ ଜବତ**

ହେଲେ ସତ୍ୟବାଦୀ ଥାନା ଡିହସାହି ପରଜାପଡ଼ାର ଜୟନ୍ତ କୁମାର ସ୍ୱାଇଁ, ଜଟଣୀ ଥାନା ତିରିମଲ୍ଲର ଶଶୀକାନ୍ତ ଜେନା, ସତ୍ୟବାଦୀ ଥାନା ଦୁଗଲର କୁଳମଣି ଖଟେଇ ଏବଂ ସତ୍ୟବାଦୀ ଥାନା ସୁଆଁଲୋ ଗ୍ରାମର ଉମେଶ କୁମାର ସ୍ୱାଇଁ। ରବିବାର ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଜିଲ୍ଲାବ୍ୟାପୀ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଥାନାଧିକାରୀମାନଙ୍କୁ ସଜାଗ ଏବଂ ସତର୍କ କରିଦିଆଯାଇଛି। ଶନିବାର ପିପିଲି ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ନିଜିଗଡ଼ ଖୁର୍କୀ ଅଞ୍ଚଳରେ ଚଢ଼ଉ କରିଥିଲା। ରାସ୍ତା ଉପରେ ଏକ କାର୍ ପାର୍କ କରିଥିଲା। ସେଥିରେ ୫ ଜଣ ଯୁବକ ବସି ବ୍ରଉନ୍‌ସୁଗର ବିକ୍ରି କରିବା ଲାଗି ଯୋଜନା କରୁଥିଲେ। ପୁଲିସ କର୍ମଚାରୀମାନେ କାର୍ ଉପରେ ଚଢ଼ଉବେଳେ ଜଣେ ଯୁବକ ଖସିଯିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ୪ ଜଣଙ୍କୁ କାବୁ କରାଯାଇ କାର୍‌କୁ ଯାଞ୍ଚ କରାଯାଇଥିଲା। ସେଥିରୁ ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତଙ୍କଠାରୁ ୬ଲକ୍ଷ ୩୦ ହଜାର ୭୦୦ ଟଙ୍କା, ୭ଟି ମୋବାଇଲ ଫୋନ ମଧ ଜବତ କରିଥିଲା। ଏ ନେଇ ପିପିଲି ଥାନାରେ ଏକ ମାମଲା (ନଂ.୬୭୪/୨୫) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

# ସୋଫା ତଳେ ଲୁଚିଥିଲା ଚୋର



ଭୁବନେଶ୍ୱର,୨।୧୧ (ସମିସ): ଘରୁ ଚୋରି ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦକା ଥାନା ଭୂଦାନ ଅଞ୍ଚଳରେ ରହୁଥିବା ବାଙ୍କୀ ଥାନା ସତ୍ୟବାଦୀପାଟଣାର ଦୀପକ କୁମାର ମହାନ୍ତି (୩୭)। ପୁଲିସ ସୂଚନା ଅନୁସାରେ, ପାତ୍ରପଡ଼ାସ୍ଥିତ କେ୯ଏ ଅଞ୍ଚଳର ଅଭୟ କୁମାର ସାହୁ ଉପର ମହଲାରେ ରହୁଥିବା ବେଳେ ତଳ ମହଲାକୁ ଭଡ଼ାରେ ଦେଇଛନ୍ତି। ତଳେ ଭଡ଼ାଟିଆ ରହୁଥିବାରୁ ଅଭୟ ଓ ତାଙ୍କ ପତ୍ନୀ କବାଟର ଝିଡିକି ଦେଇ କିଣାକିଣି କରିବାକୁ ନିକଟସ୍ଥ ମାର୍କେଟକୁ ଯାଇଥିଲେ। ସେହି ସମୟରେ ଦୀପକ ଚୋରି କରିବା ଉଦ୍ଦେଶ୍ୟରେ ତାଙ୍କ ଘରେ ପଶି ଯାଇଥିଲା। ରାତି ପ୍ରାୟ ୧୧ ଟାରେ ଉଭୟ ଅଭୟ ଓ ତାଙ୍କ ପତ୍ନୀ ବଜାରରୁ ଆସିଯିବାରୁ ସୋଫା ତଳେ ଲୁଚି ଯାଇଥିଲା। ଅଜଣା ଲୋକକୁ ଦେଖି ଅଭୟ ଓ ତାଙ୍କ ପତ୍ନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାକୁ କାବୁ କରି ପିସିଆର୍ ଜିମା ଦେଇଥିଲେ। ଦୀପକ କିଛିଦିନ ପୂର୍ବରୁ ସେହି କଲୋନୀକୁ କାମ କରିବାକୁ ଆସିବା ବେଳେ ଚୋରି କରିବାକୁ ଯୋଜନା କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତକାଲି ଚୋରି କରିବାକୁ ଅଭୟଙ୍କ ଘରେ ପଶିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୀପକକୁ କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ମଧ ଚନ୍ଦକା ଥାନାରେ ଏକ ମାମଲା ରହିଥିବା ଜଣାପଡ଼ିଛି।

# ରାତି ପାହିଲେ ଗାଏବ ହେଉଛି ସରକାରୀ ଜମି

ଭୁବନେଶ୍ୱର,୨।୧୧(ସମିସ): ରାତି ପାହିଲେ ରାଜଧାନୀର ମୂଲ୍ୟବାନ ସରକାରୀ ଜାଗା ଗାଏବ ହୋଇଯାଉଛି। ଜମି ମାଫିଆ ରାତାରାତି ସରକାରୀ ଜମି କବ୍‌ଜା କରିବା ପରେ ଏହାକୁ ପ୍ଲଟିଂ କରି ବିକ୍ରି କରି ଦେଉଛନ୍ତି। କେବଳ ଗୋଟିଏ ସ୍ଥାନରେ ଏଭଳି ଘଟଣା ଦେଖିବାକୁ ମିଳୁନି, ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜମି ଜବରଦଖଲ ହେଉଥିବା ଦେଖିବାକୁ ମିଳିଛି। ମାଫିଆମାନେ ଐତିହ୍ୟସ୍ଥଳ ମଧ ଛାଡୁ ନାହାନ୍ତି। ତାହାକୁ କରାୟତ୍ତ କରି ବିକ୍ରି କରି ଦେଉଛନ୍ତି। ଏସବୁ ବିଷୟରେ ପ୍ରଶାସନ ଜାଣୁଥିଲେ ମଧ ଚୁପ୍ ରହୁଥିବା ଜଣାପଡ଼ିଛି। ଫଳରେ ସହରରେ ଥିବା ସରକାରୀ ଜମି ଧୀରେ ଧୀରେ ମାଫିଆଙ୍କ କବ୍‌ଜାକୁ ଚାଲିଯାଉଛି। ଏବେ ହଜାର ବର୍ଷର ଐତିହ୍ୟ ସ୍ମାରକୀ ଶିଶୁପାଳଗଡ଼କୁ ଜମି ମାଫିଆ ପ୍ଲଟିଂ କରି ବିକ୍ରି କରୁଛନ୍ତି। ହେଲେ ସବୁ ଜାଣି ଶୁଣି ପ୍ରଶାସନ ଚୁପ୍ ରହୁଛି।

ରାଜା ଖାରବେଳଙ୍କ ସମୟରେ ଶିଶୁପାଳଗଡ଼କୁ କଳିଙ୍ଗ ରାଜ୍ୟର ରାଜଧାନୀ କୁହାଯାଉଥିଲା। କିନ୍ତୁ ଏବେ ଜମି ପାଇଁ ଐତିହ୍ୟ ଗଡ଼କୁ ମାଟିରେ ମିଶାଉଛନ୍ତି ମାଫିଆ। ପ୍ରତିଦିନ ଚାଲିଛି ବେଆଇନ ଜବରଦଖଲ, ଗଢ଼ା ହେଉଛି କୋଠା ପରେ କୋଠା। ଷୋହଳ ଖୁମ୍ବଠାରୁ ଆରମ୍ଭ କରି ସମସ୍ତ ଅଞ୍ଚଳ ଜବରଦଖଲରେ। ଏବେ ରଘୁନାଥ ନଗରରେ ଚାଲିଛି ପ୍ଲଟିଂ। ୫୦ ହଜାରରୁ ଲକ୍ଷେ ଟଙ୍କାରେ ଜାଗା ବିକ୍ରି ହେଉଛି। ନିର୍ମାଣ ହେଉଛି ଘର। ଶିଶୁପାଳଗଡ଼ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀନରେ ରହିଛି। ଶିଶୁପାଳଗଡ଼ ନିର୍ମାଣ ବନ୍ଦ କରିବା

**ଜବରଦଖଲ ପରେ ପ୍ଲଟିଂ କରି ବିକୁଛନ୍ତି ମାଫିଆ।**

**ସବୁ ଜାଣି ଚୁପ୍ ବସୁଛି ପ୍ରଶାସନ**

**ରାଜଧାନୀର ମୂଲ୍ୟବାନ ଜମି ମାଫିଆଙ୍କ କବ୍‌ଜାରେ**

ଏବଂ ସୀମା ନିର୍ଦ୍ଧାରଣ କରି ଦେବା ପାଇଁ ହାଇକୋର୍ଟ ୨୦୨୨ରୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଏସ୍‌ଆଇ ଅଧିକାରୀ ଓ ଭୁବନେଶ୍ୱର ତହସିଲଦାର ଜମି ଚିହ୍ନଟ ପାଇଁ ଆନ୍ତରିକତା ଦେଖାଉନାହାନ୍ତି। ଆଖି ଆଗରେ ଐତିହ୍ୟ ସବୁ ମାଟିରେ ମିଶୁଥିବା ବେଳେ ରାଜନେତା, ସରକାରୀ ଅଧିକାରୀ ସମସ୍ତେ ଚୁପ୍। ଅନ୍ୟପଟେ କାନ୍ଥ କାଟି ରାସ୍ତା ନିର୍ମାଣ ହେଉଛି। ବେଆଇନ ଭାବେ ଗଛ ବି କଟା ଚାଲିଛି। ବିଗତ ଦୁଇ ବର୍ଷ ହେବ ଶିଶୁପାଳଗଡ଼ରେ ଏଭଳି ଢଙ୍ଗରେ ବେଆଇନ୍ ଭାବେ ଜମି ପ୍ଲଟିଂ କରାଯାଇ ବିକ୍ରି କରାଯାଉଛି। କେବଳ ଶିଶୁପାଳଗଡ଼ ନୁହେଁ ଭରତପୁର, ଚନ୍ଦକା, ଅନ୍ଧାରୁଆ, ସାଁପୁର, ପଟିଆ, ଶିଖରଚଣ୍ଡୀ, ଗାଡ଼କଣ, କେନାଲରୋଡ୍‌ରେ ଆଦି ଅଞ୍ଚଳରେ ଏଭଳି ସରକାରୀ ଜମି ବିକ୍ରି କରାଯାଉଛି। ଖାଲି ପ୍ଲଟିଂ କରି ବିକ୍ରି କଲେ ୨ ଲକ୍ଷ ଟଙ୍କା ନେଉଥିବା ବେଳେ ଘର ସହ ନେଲେ ୫ ଲକ୍ଷ ଟଙ୍କା ନେଉଛନ୍ତି। ସରକାରୀ ଜମି ବିକ୍ରି ପାଇଁ ରାଜଧାନୀରେ ଏକ ରାକେଟ୍ କାମ କରୁଛି। ରାକେଟ୍‌ରେ କାମ କରୁଥିବା ମାଫିଆମାନେ ସହର ସାରା ବୁଲୁଛନ୍ତି। ସେମାନେ ଯେଉଁଠି ସରକାରୀ ଜାଗା ଖାଲି ପଡ଼ିଥିବା ଦେଖିବାକୁ ପାଉଁଛନ୍ତି ସେଠାରେ ସେମାନେ ଜବରଦଖଲ କରୁଛନ୍ତି। ଲୋକଙ୍କୁ ମିଛ ସତ କରି ଜମିକୁ ରାତି ଅଧରେ ବିକ୍ରି କରି ଦେଉଛନ୍ତି। ଘର ହେବା ପରେ ପ୍ରଶାସନ ଭାଙ୍ଗିବା ଏକ ପ୍ରକାର କଷ୍ଟକର ହୋଇପଡୁଛି। ସରକାରୀ ଜମି ଜବରଦଖଲ ରୋକିବା ପାଇଁ ବିଏମ୍‌ସି ଡ୍ରୋନ୍ ଫଟୋ ଉଠାଇବା ପାଇଁ ବ୍ୟବସ୍ଥା କରିଥିଲା। ଯେଉଁ ସ୍ଥାନରେ ସରକାରୀ ଜାଗା କରାୟତ ହୋଇଥିବ, ଉଚ୍ଛେଦ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ହେଲେ ଏଠାରେ ମାଳ ମାଳ ସରକାରୀ ଜମି କରାୟତ ହୋଉଥିଲେ ମଧ ତାହାକୁ ରୋକିବାରେ ବିଫଳ ହୋଇଛି ବିଏମ୍‌ସି।

# ଚାକିରିରୁ ବିଦା କରିଦେବାରୁ ପେଟ୍ରୋଲ ପମ୍ପରୁ ଚୋରି



ଭୁବନେଶ୍ୱର,୨।୧୧(ସମିସ): ଚାକିରିରୁ ବାହାର କରିଦେବାରୁ ପେଟ୍ରୋଲ ପମ୍ପରୁ ଚୋରି କରିଛି କର୍ମଚାରୀ। ୟୁନିଟ୍ ୫ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୪ର ସଲମାନ ଖାନ (୪୯)। ପୁଲିସ ସୂଚନାନୁସାରେ, ସଲମାନ ୟୁନିଟ୍-୫ସ୍ଥିତ ବଡ଼ଚନ୍ଦ୍ର ପେଟ୍ରୋଲ ପମ୍ପରେ ପୂର୍ବରୁ କାମ କରୁଥିଲା। ଲୋକଙ୍କ ପ୍ରତି ଖରାପ ବ୍ୟବହାର କରିବାରୁ ମ୍ୟାନେଜର ବିକ୍ରମ କୁମାର ପ୍ରଧାନ ତାକୁ ଚାକିରିରୁ ବହିଷ୍କାର କରି ଦେଇଥିଲେ। ସଲମାନ ରାଗ ରଖି ଗତକାଲି ବିଳମ୍ବିତ ରାତିରେ ପେଟ୍ରୋଲ ପମ୍ପ ଅଫିସରେ ପଶି ଲାପଟପ ଚୋରିକରି ନେଇଥିଲା। ଏ ନେଇ ବିକ୍ରମ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍‌ରୁ ସଲମାନକୁ ଚିହ୍ନଟ କରିବା ପରେ ଗିରଫ କରିଥିଲା। ତା' ହେପାଜତରୁ ଚୋରା ଲାପଟପ୍ ଓ ଏକ ବ୍ୟାଗ ଜବତ କରିଥିଲା।

# ସ୍ତ୍ରୀର ନଗ୍ନ ଫଟୋ ଓ ଭିଡିଓ ଭାଇରାଲ ଧମକ, ସ୍ୱାମୀ ଗିରଫ

ପୁରୀ,୨।୧୧(ସମିସ): ସ୍ତ୍ରୀଙ୍କୁ ବଦନାମ କରିବା ପାଇଁ ତାଙ୍କ ନଗ୍ନ ଫଟୋ ଏବଂ ଭିଡିଓ ଭାଇରାଲ କରିଦେବାର ଧମକ ଦେବା ଅଭିଯୋଗରେ ତାଳବଣିଆ ଥାନା ପୁଲିସ ସ୍ୱାମୀ ଦୀପକ ବିଶ୍ୱାଳଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତମାସ ୯ ତାରିଖରେ ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ସେ ଦୁଇବର୍ଷ ହେବ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ବାହାରେ ରହୁଛନ୍ତି। ସେ ଓ ତାଙ୍କ ଝିଅ ପୁରୀରେ ରହୁଥିବାବେଳେ ଦେଢ଼ଶୁର ପ୍ରଦ୍ୟୁମ୍ନ ବିଶ୍ୱାଳ ୨୦୦୦ ଟଙ୍କା ଦାବି କରିଥିଲେ। ନଚେତ୍ ତାଙ୍କୁ ବଦ୍‌ନାମ କରିବା ପାଇଁ ତାଙ୍କ ନାମରେ ନଗ୍ନ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତା ମହିଳା ଗତ ୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନିକଟକୁ ଏକ ମୋବାଇଲ୍‌ରୁ ବାରମ୍ବାର କଲ୍ ଏବଂ ଭିଡିଓ କଲ୍ ଆସୁଥିଲା। ତାଙ୍କ ଦେଢ଼ଶୁର ଏବଂ ଜଣେ ଅଜଣା ବ୍ୟକ୍ତି ଦୀର୍ଘଦିନ ଧରି ଏକ ମୋବାଇଲ୍‌ରୁ ମହିଳାଙ୍କ ନଗ୍ନ ଫଟୋ ପଠାଇ ଟଙ୍କା ଦାବି କରୁଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା (ନଂ.୨୧୦/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମହିଳାଙ୍କଠାରୁ ମୋବାଇଲ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର,୨।୧୧(ସମିସ): ମୋବାଇଲ ଲୁଟ୍ କରିଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଗଙ୍ଗନଗର ପଲ୍ଲୀ ଅଞ୍ଚଳର ମୁନା ମହାଲିକ (୩୪)। ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ୟୁନିଟ-୬ ଅଞ୍ଚଳର ରିୟା ଦାସ ଓ ତାଙ୍କର ବନ୍ଧୁ ଫରେଷ୍ଟ ପାର୍କ ପଛପାଖ ରାସ୍ତାରେ ଯାଉଥିଲେ। ସେହି ସମୟରେ ମୁନା ମାହାଲିକ ଏକ ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ ଫୋନ୍‌କୁ ଛଡ଼ାଇ ନେଇଥିଲା। ରିୟା ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ମୁନାକୁ କାବୁ କରି ପିସିଆର ଜିମାରେ ଦେଇଥିଲେ। ରିୟାଙ୍କ ଅଭିଯୋଗକ୍ରମେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିବା ସହ ମୁନାକୁ ଗିରଫ କରିଛି। ତା' ଠାରୁ ଦୁଇଟି ଦାମୀ ଲୁଟ୍ ମୋବାଇଲ ଫୋନ ଓ ବାଇକ୍ ଜବତ କରିଛି।



# 'ମଙ୍ଗଳ ଦୋଷ'ରେ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ

ଭୁବନେଶ୍ୱର, ୨।୧୧(ସମିସ): ବିଶ୍ୱାସ ଅବିଶ୍ୱାସ ଓ ଅନ୍ଧ ବିଶ୍ୱାସର ଅନ୍ଧ ପୁଟୁଳି ଖେଳ ଭିତରେ ଯୁଗ ଯୁଗ ଧରି କେତେଜେ ନିରୀହ ଜୀବନ ବଳି ପଡ଼ିଯାଇଛି ତାହାର କଳନା କରିହେବନି। ପ୍ରଥମେ ସଂକେତ ବା ଠାର ତାପରେ ସ୍ୱର ତାପରେ ସ୍ୱରରୁ ଶବ୍ଦ ଆଉ ତାପରେ ସେଇ ଶବ୍ଦକୁ ସାଇତି ରଖିବାପାଇଁ ତାଳ ପାତ୍ରରେ ଲିଖନୀ ମୁନରେ ଲିପି ଜନ୍ମ ନିଏ। ପ୍ରଥମେ ତାଳ ପତ୍ର ଓ ଲିଖନୀ, ତାପରେ କାଗଜ ଓ କଲମ ଓ ଏବେ ସେଇ ଲିପି କମ୍ପ୍ୟୁଟରର ସ୍କ୍ରିନ ମାଧ୍ୟମରେ ଲିପିବଦ୍ଧ ହୋଇଛି। ଯୁଗ ବଦଳିଛି, ତଳପତ୍ରରୁ କ୍ୟାମ୍ପ୍ୟୁଟର ପର୍ଯ୍ୟନ୍ତ ଲିପିର ଏଇ ଦୀର୍ଘ ଯାତ୍ରା ମଧ୍ୟରେ କେତେ କ୍ଷୟଅବକ୍ଷୟ ମଧ ଘଟିଛି। ମଣିଷ ନିଜର ଭାଗ୍ୟଚକ୍ରକୁ ପ୍ରଥମେ ତଳପତ୍ରରେ ସାଇତି ରଖୁଥିଲା ଯାହାକୀ ଜାତକ ନାମରେ ପରିଚୟ ପାଇଲା, ସେଇ ତଳପତ୍ରର ଜାତକ ଏବେ କମ୍ପ୍ୟୁଟର ସ୍କ୍ରିନରେ ଝଲସୁଛି, ହେଲେ ଏଠି ପ୍ରଶ୍ନ ଉଠୁଛି ଜାତକ ଗଣନାକୁ କଣ କୁହାଯିବ.... ବିଶ୍ୱାସ ? ଅବିଶ୍ୱାସ ?? ନା ଅନ୍ଧବିଶ୍ୱାସ ???

ସେମିତି ନାଟକ 'ମଙ୍ଗଳ ଦୋଷ' ରେ ଲିପି ନାମକ ଏକ ଚରିତ୍ର ଜନ୍ମ ନିଏ ଏବଂ ତାଆରି ଚାରିପାଖେ କାହାଣୀ ଘୁରିବୁଲେ। ବିଦେଶରେ ଚାକିରୀ କରୁଥିବା ରାଜେଶକୁ ଦୀର୍ଘ ଦିନ ଧରି ଭଲ ପାଉଥିଲା ଲିପି, ନୂଆ ସଂସାର ଗଢିବା ପାଇଁ ଉଭୟଙ୍କ ମଧ୍ୟରେ ବାହାଘରର ନିଷ୍ପତ୍ତି ହୁଏ କିନ୍ତୁ ରାଜେଶର ମା ସର୍ତ୍ତ ରଖନ୍ତି କି ଜାତକ ନଶୁଝିଲେ ଏ ବାହାଘର ହୋଇପାରିବନି ତେଣୁ ଆରମ୍ଭ ହୁଏ ଲିପି ଜାତକର ଅଙ୍କ କସା, ଜ୍ୟୋତିଷ ଗଣନା କରି କୁହନ୍ତି ଲିପିର ଜାତକରେ ମଙ୍ଗଳ ଦୋଷ ରହୁଥିବାରୁ ଉଭୟଙ୍କ ମଧ୍ୟରେ ବିବାହ ଶୁଭଙ୍କର ନୁହେଁ, ତେବେ ଏ ବାହାଘର ହବ ପୁଣି କେମିତି ? ଏହାର କଣ କିଛି ପ୍ରତିକାର ନାହିଁ ଏଠି ପ୍ରଶ୍ନ ଉଠୁଛି ଦୁଇଟି ଆତ୍ମା ମିଶିବା ଉଚିତ ନା ଦୁଇଟି ଜାତକ ମିଶିବା ଉଚିତ ? କୋଉଟା ଠିକ ତାହା ବିଜ୍ଞ ଦର୍ଶକ ଓ ବିଚାରକ ମଣ୍ଡଳୀ ବିଚାର କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଶନିବାର ଭଞ୍ଜ କଳା ମଣ୍ଡପରେ ନାଟ୍ୟଧାରାର ନାଟକ ମଙ୍ଗଳ ଦୋଷ ପରିବେଷିତ ହୋଇଯାଇଛି। ଏହି ନାଟକକୁ ଡିଭାଇନ୍, ଜଟଣୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ନାଟକର ରଚନା ବିପ୍ଳବ କେଶରୀ ଶତପଥୀ କରିଥିବା ବେଳେ ସଙ୍ଗୀତରେ ଶକ୍ତି ପ୍ରସାଦ ମିଶ୍ର ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଜିର ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପ-ନିର୍ଦ୍ଦେଶିକା ଡ. ସ୍ମିତା ମହାନ୍ତି, ସଭାପତି ମିହିର କୁମାର ମେହେର, ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, କୋଷାଧକ୍ଷ ଅବିନାଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗଞ୍ଜେଇ ଧୂଆଁରେ ଜଳୁଛି ଛାତ୍ରଙ୍କ ଭବିଷ୍ୟତ

# ଅପରାଧୀଙ୍କୁ ରୋକିପାରୁନି ଅପରେସନ 'ପ୍ରହାର'

ଭୁବନେଶ୍ୱର,୨।୧୧(ସମିସ):

ଗଞ୍ଜେଇ ଧୂଆଁରେ ଜଳୁଛି ଛାତ୍ରଙ୍କ ଭବିଷ୍ୟତ। ରାଜଧାନୀର ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ହାତ ପାହାନ୍ତାରେ ଗଞ୍ଜେଇ ଉପଲବ୍ଧ ହୋଇଯାଉଛି। ଦୋକାନ ଖୋଜିବାର ଆବଶ୍ୟକତା ନାହିଁ, ପାନ ଦୋକାନଠାରୁ ଆରମ୍ଭ କରି ଚା' ଦୋକାନ, ଡେଜରାତି ଦୋକାନ ସବୁ ଆଡ଼େ ଗଞ୍ଜେଇ ଉପଲବ୍ଧ। ଖାଲି ଟଙ୍କା ଦେବ ଆଉ ପୁଡ଼ିଆ ଆଣିବ। ସାଧାରଣ ଲୋକ ନ ଜାଣିବା ପାଇଁ କୋର୍ଡ ୱାର୍ଡରେ ନିଶା କାରବାର ହେଉଛି। ପାୱା, ଚାମ୍ପା, ରୋଲ୍, ସ୍ପେଶାଲ, ନଳୀ, ଗୋଗ ଆଦି କୋଡ ୱାର୍ଡରେ ଗଞ୍ଜେଇ, ସିଗାରେଟ୍ ଆଦି ବିକ୍ରି ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଶା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆରମ୍ଭ ହୋଇଥିବା ଦୁଇ ଦୁଇଟି ଅଭିଯାନ ପ୍ରହାର ଏବଂ ମୁକ୍ତି ଏବେ ଧିମେଇ ଯାଇଛି। ଅପରାଧୀଙ୍କୁ ରୋକିପାରୁନି ଅପରେସନ 'ପ୍ରହାର' କିମ୍ବା



**ନିଶାରୁ ମୁକ୍ତି ଦେଇ ପାରୁନି 'ମୁକ୍ତି'**

**ଅଗଷ୍ଟ ପରଠାରୁ କାଁ ଭାଁ କାର୍ଯ୍ୟାନୁଷ୍ଠାନ**

ଡ୍ରଗ୍ସ ଭଳି ନିଶାରୁ ମୁକ୍ତି ଦେଇ ପାରୁନି ଅପରେସନ 'ମୁକ୍ତି'।

ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ବହୁଳ ଭାବରେ ନିଶା କାରବାର ହେଉଛି। ଛାତ୍ରଛାତ୍ରୀ ନିଶାର ମୋହରେ ପଡ଼ି ଅବାଟରେ ଯାଉଛନ୍ତି। ଏଣୁ ଅପରେସନ୍ ପ୍ରହାରର ପରିକଳ୍ପନା କରାଯାଇଥିଲା। ଖବର ସଂଗ୍ରହ ଠାରୁ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ପାଇଁ ଏକାଧିକ ବିଭାଗକୁ ଅପରରେସନ ପ୍ରହାରରେ ନିୟୋଜିତ କରାଯାଇଥିଲା। ପ୍ରାରମ୍ଭରୁ ରାଜଧାନୀର ବହୁ ଶିକ୍ଷାନୁଷ୍ଠାନ ନିକଟରେ ଚଢ଼ଉ କରାଗଲା। ବହୁସଂଖ୍ୟାରେ ନିଶା ବେପାରୀ ଧରା ପଡ଼ି ଜେଲ ଗଲେ। କିନ୍ତୁ ଧୀରେ ଧୀରେ ବିଭିନ୍ନ ବିଭାଗ ମଧ୍ୟରେ ତାଳମେଳର ଅଭାବ ରହିଲା। କାହା ପାଇଁ କାହାର ସମୟ ରହିଲା ନାହିଁ। ମୁଖ୍ୟ ପରିଚାଳନା ଏଜେନ୍ସି ପାଖରେ ଲୋକବଳର ଅଭାବ ରହିଲା। ଅଧିକାରୀମାନେ ଅନ୍ୟ କାମରେ ନିୟୋଜିତ ହେଉଥିବାରୁ ଏଥିପାଇଁ ଆଉ ସମୟ ଦେଇ ପାରିଲେ ନାହିଁ। ଯାହାଫଳରେ ଶିକ୍ଷାନୁଷ୍ଠାନର ଆଖପାଖ ଅଞ୍ଚଳ ଏବେ ନିଶା ବେପାରୀଙ୍କ ଚରାଭୂଇଁ ପାଲଟିଛି। ବେଫିକର ହୋଇ ଏମାନେ ନିଶା କାରବାର କରି ଛାତ୍ରଙ୍କ ଭବିଷ୍ୟତକୁ ଧୂଆଁ କରିଦେଉଛନ୍ତି। ରାଜଧାନୀର ବିଜେବି ନଗର, ପଟିଆ, ଇନ୍‌ଫୋସିଟି, ବରମୁଣ୍ଡା ଓ ରାଜଧାନୀ ଉପକଣ୍ଠରେ ଥିବା ଇଞ୍ଜିନିୟରିଂ କଲେଜ ପାଖରେ ବ୍ୟବସାୟୀ ବେଧଡ଼କ ନିଶା କାରବାର କରୁଛନ୍ତି।

ଗତ ୫ଅଗଷ୍ଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍ଟିଏଫ୍) ସରକାରଙ୍କ ଅପରେସନ୍ ମୁକ୍ତି ଅଧୀନରେ ପଟିଆ ଓ ପ୍ରଶାନ୍ତି ବିହାର ଅଞ୍ଚଳର କଲେଜ କ୍ୟାମ୍ପସ ନିକଟରେ ଚଢ଼ଉ କରିଥିଲା। ୧୦ରୁ ଉର୍ଦ୍ଧ୍ୱ ଦୋକାନରେ ଏସ୍‌ଟିଏଫ୍ ଟିମ୍ ଚଢ଼ଉ କରି ବହୁ ସିଗାରେଟ୍, ସ୍ୱତନ୍ତ୍ର ଗଞ୍ଜେଇ ସିଗାରେଟ୍ ଓ ବେଆଇନ ଗୁଟ୍‌ଖା ଆଦି ଜବତ କରିଥିଲା। ଏହି ମାମଲାରେ ୬ଜଣ ଦୋକାନୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା।

ଗତ ସେପ୍ଟେମ୍ବରରେ ନିଶା କାରବାର ଉପରେ ରୋକ୍ ଲଗାଇବାକୁ ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଓ ୟୁନିଟ-୬ ଅଞ୍ଚଳରେ ମିଳିତ ଚଢ଼ଉ କରାଯାଇଥିଲା। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍ଟିଏଫ୍), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି), ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କ୍ୟାପିଟାଲ ଥାନାର ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୩ କେଜି ୧୦୦ ଗ୍ରାମର ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ କରିଥିଲେ। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଏହାପର ଠାରୁ କିନ୍ତୁ ସେଭଳି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ।

# ଶିକ୍ଷାନୁଷ୍ଠାନରେ ମାତୃ ସମ୍ମିଳନୀ



**କିଶୋରନଗର,୨ ।୧୧(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶ୍ରୀରାମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଜିତ ସାହୁ ଯୋଗଦେଇଥିଲେ । ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ପୂର୍ବତନ ସୈନିକ ସଂଘ ପକ୍ଷରୁ କର୍ମଶାଳା



**ଅନୁଗୋଳ,୨ ।୧୧(ସମିସ):** ଅନୁଗୋଳ ପୂର୍ବତନ ସୈନିକ ସଂଘ ପକ୍ଷରୁ ବାସନ୍ତୀ ଦୁର୍ଗା ମଣ୍ଡପରେ ଏକ କର୍ମଶାଳା ଆୟୋଜିତ ହୋଇଛି । ଏଥିରେ ସଦସ୍ୟମାନଙ୍କ ଜୀବନ ପ୍ରମାଣପତ୍ର, ପେନସନ ସମସ୍ୟା, ବ୍ୟାଙ୍କ ସମସ୍ୟା ଏବଂ ସଂଘର ଆଗାମୀ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ସଂଘର ବଡ଼କେରା ଓ ଅନୁଗୋଳ ହବ୍‌ର ଇନ୍‌ଚାର୍ଜ ଚୟନ କରାଯାଇଥିଲା । ଅନୁଗୋଳ ହବ୍ ପାଇଁ ଅନୀଲ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ ଓ ରାମଚନ୍ଦ୍ର ତ୍ରିପାଠୀ ଏବଂ ବଡ଼କେରା ପାଇଁ ଅରୁଣ ସାହୁ, ଦିଲୀପ ପ୍ରଧାନ ଓ ବନବିହାରୀ ସାହୁ ମନୋନୀତ ହୋଇଛନ୍ତି । କର୍ମଶାଳାରେ ୮୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ ।

# ଚୋରି ଅଭିଯୋଗରେ ଯୁବକଙ୍କୁ ବାନ୍ଧି ମାଡ଼

**ବଇଣ୍ଡା,୨ ।୧୧(ସମିସ):** ଚୋରି ଅଭିଯୋଗରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁବଇଣ୍ଡା ଗ୍ରାମର ଚନ୍ଦନ କୁମାର ସାହୁଙ୍କୁ ବାନ୍ଧି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ତାଙ୍କୁ ଏକ ଗ୍ରୀଲରେ ବାନ୍ଧି ମାଡ଼ ମରାଯାଉଥିବାର ଏକ ଭିଡିଓ ଭାଇରାଲ ହେବା ପରେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି । ଚନ୍ଦନଙ୍କ ବାପା ମହର୍ଗା ସାହୁ ଫାଣ୍ଡିରେ ଏ ନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି । ପୁଲିସ ସୂଚନା ଅନୁଯାୟୀ, ଚନ୍ଦନ ପାପସରା ଗ୍ରାମର ଶୋଭାକାନ୍ତ ସାହୁଙ୍କ ଦୋକାନରେ ପଶି ତେଲ ଚୋରି କରିଥିଲେ । ସିସିଟିଭି କ୍ୟାମେରାରେ ଏହା ଜଣାପଡ଼ିବା ପରେ ଶୋଭାକାନ୍ତ ତାଙ୍କୁ ଗ୍ରୀଲରେ ବାନ୍ଧି ମାଡ଼ ମାରିଥିବା ଚନ୍ଦନଙ୍କ ବାପା ମହର୍ଗା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଶୋଭାକାନ୍ତ ପାଲଟା ଅଭିଯୋଗ କରିଛନ୍ତି । ଚନ୍ଦନ ତାଙ୍କ ଦୋକାନରେ ପଶି ତେଲ ଚୋରି କରିଥିଲେ । ସିସିଟିଭି ଏହା ଦେଖିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି । ପୁଲିସ ଉଭୟଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ କହିଛନ୍ତି ।

# ପିଏମଶ୍ରୀ ପିଏମ ହାଇସ୍କୁଲର ୭୫ତମ ବାର୍ଷିକ ଉତ୍ସବ

## ● ମେଗା ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର

**କଣିହାଁ,୨ ।୧୧(ସମିସ):** କଣିହାଁ ବ୍ଲକ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ପ୍ଲାଟିନମ ଜୁବୁଲି ପାଳନ କମିଟି ଆନୁକୂଲ୍ୟରେ ରବିବାର ମେଗା ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ବିଦ୍ୟାଳୟର ପୁରାତନ ଛାତ୍ର ତଥା ରାଜ୍ୟର ସୁନାମଧନ୍ୟ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ନିଃଶୁଳ୍କ ପରୀକ୍ଷା କରାଯାଇଛି । ଏଥିରେ ଅତିଥି ଭାବେ



ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନଟିପିସି କାର୍ଯ୍ୟନିର୍ବାହୀ ଅଧିକାରୀ କେଏନ ରେଡ୍ଡୀ, ଏମସିଏଲ କଣିହାଁର ମହାପ୍ରବନ୍ଧକ ନରେଶ ସିଂହ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଶେଷଜ୍ଞ ଡାକ୍ତର ପ୍ରତାପ ଚନ୍ଦ୍ର ପାଣି, ଡା. ଲକ୍ଷ୍ମୀଧର ସାହୁ, ଡା. ଜ୍ଞାନେନ୍ଦ୍ର ମହାପାତ୍ର, ଡା. ପଞ୍ଚାନନ ସାହୁ, ଡା. ସୁଚିବନ୍ତ ପ୍ରଧାନ, ଡା. ସୁରେଶ ସାହୁ, ଡା. ସୁଜାତା ସାହୁ, ଡା. ଲିତା ଦେହୁରୀ, ଡା. ମନୋଜ କୁମାର ଦେହୁରୀ, ଡା. ସୌମିକ ନିଓଗୀ, ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ସଭାପତି ସୁକାନ୍ତ ପ୍ରଧାନ, ସମ୍ପାଦକ ଭୂପେନ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଥିରେ ମୋଟ ୭୮୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଯୋଗାଇ ଦିଆଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି । ଅନୁଗୋଳ ରକ୍ତଭଣ୍ଡାର କର୍ମକର୍ତ୍ତାଙ୍କ ଦ୍ୱାରା ୨୦୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ପୁରାତନ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ । ଶିବିରରେ ଏନଟିପିସି ପ୍ରକଳ୍ପ, ଏମସିଏଲ କଣିହାଁ ସହ ବିଭିନ୍ନ ସଂଗଠନ ସାମିଲ ହୋଇ ସହଯୋଗ କରିଥିଲେ ।

# ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ








**ଅନୁଗୋଳ,୨ ।୧୧(ସମିସ):** ଅନୁଗୋଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରବିବାର ପ୍ରଥମ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ପୁଲିସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ଅନୁଗୋଳର ଏସ୍‌ପି ରାହୁଲ ଜୈନ, ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ରଙ୍କ ସମେତ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଆଣ୍ଡ ପି), ଅନୁଗୋଳ ପୁଲିସ ଟ୍ରେନିଂ ସେଣ୍ଟର ଏସପି, ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଏବଂ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟରେ ୧୩ଟି ଡବଲ୍ସ ଏବଂ ୧୦ଟି ମହିଳା ଡବଲ୍ସ ସମେତ ମୋଟ ୮୩ ଦଳ ଅଂଶଗ୍ରହଣ କରିଛନ୍ତି । ଦେବଗଡ଼, ଢେଙ୍କାନାଳ, ଅନୁଗୋଳ ଜିଲ୍ଲା ପୁଲିସ ସମେତ ସିଆଇଏସଏଫ ଏବଂ ଓଆଇଏସଏଫର ଦଳ ପ୍ରତିଯୋଗିତାରେ ଯୋଗଦେଇଛନ୍ତି ।

ଲୋକଙ୍କ ମଧ୍ୟରେ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଚାଲିଥିବା ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ଏହି କାର୍ଯ୍ୟକ୍ରମ ସମର୍ଥନ କରେ । ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ଅନୁଗୋଳ ଏବଂ ଢେଙ୍କାନାଳ ଏସପି ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ଅନୁଗୋଳ ଜିଲ୍ଲା ପୁଲିସ ଦ୍ୱାରା ନାଲକୋ ଏବଂ ଜେଏସପିଏଲର ସିଏସଆର ସହାୟତା ତଥା ଆଇଜି ସତ୍ୟବ୍ରତ ଭୋଇ, ଏବଂ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ମାର୍ଗଦର୍ଶନରେ ଆୟୋଜିତ ହେଉଛି । ଟୁର୍ଣ୍ଣାମେଣ୍ଟ ଦୁଇଦିନ ବ୍ୟାପୀ ଚାଲିବ ।




# ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ

**ପାଲଲହଡ଼ା,୨ ।୧୧(ସମିସ):** ପାଲଲହଡ଼ା ଥାନା ପୁଲିସ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ରବିବାର ସକାଳେ ଥାନା ପରିସରରୁ ଏକ ଶୋଭାଯାତ୍ରା ବାହାରିଥିଲା । ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥି, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶୋଭାଯାତ୍ରାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ ତଥା ମହତାବ ଉଚ୍ଚ ବିଦ୍ୟାଳୟ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଅବଲମ୍ବନ କରି କିପରି ନିରୀହ ଜନସାଧାରଣଙ୍କୁ ଠକୁଛନ୍ତି ସେ ଉପରେ ସଚେତନ କରିଥିଲେ । ଏଟିଏମ



ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା, ଅଜଣା ବ୍ୟକ୍ତିଙ୍କ ମେସେଜ ଓ ଲିଙ୍କକୁ କ୍ଲିକ ନ କରିବା, ଅଜଣା ଆପ୍ ବ୍ୟବହାର ନ କରିବା, କୌଣସି ବ୍ୟାଙ୍କ ସମ୍ବନ୍ଧୀୟ ଫୋନ କଲ୍ ଗ୍ରହଣ ନ କରିବା, କୌଣସି ମିଛ ପୁଲିସ କେଶ ଫୋନ କଲ୍ ପ୍ରତି ଭୃକ୍ଷେପ ନ କରି ଡିଜିଟାଲ ଆରେଷ୍ଟ ପ୍ରତି ହେୟଜ୍ଞାନ କରିବାକୁ ପରାମର୍ଶ ଦିଆଯାଇଥିଲା । ଅଧିକାଂଶ ବୟସ୍କ ବ୍ୟକ୍ତି ସାଇବର ଠକେଇର ଶିକାର ହେଉଛନ୍ତି । ଇଣ୍ଟରନେଟ ବ୍ୟବହାରରେ ଛାତ୍ରଛାତ୍ରୀମାନଙ୍କ ଅଧିକ ଜ୍ଞାନ ଥିବାରୁ ସେମାନେ ନିଜ ଅଭିଭାବକ ଓ ସମ୍ପର୍କୀୟଙ୍କୁ ଠକେଇ ସମ୍ପର୍କରେ ସଚେତନ କରିବାକୁ କୁହାଯାଇଥିଲା । ନିଜର ବ୍ୟକ୍ତିଗତ ତଥ୍ୟ ମୋବାଇଲ ମାଧ୍ୟମରେ କାହାରିକୁ ସେୟାର ନ କରିବାକୁ ଥାନା ଅଧିକାରୀ ମହାନ୍ତ ପରାମର୍ଶ ଦେଇଥିଲେ । ଏହି ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚି ପାରିଲେ ଆମେ ସମସ୍ତ ପ୍ରକାର ଠକେଇର ଶିକାର ହେବାଠାରୁ ରକ୍ଷା ପାଇପାରିବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।

# ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ବୈଠକ

**କିଶୋରନଗର,୨ ।୧୧(ସମିସ):** ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନାରେ କାମ କରୁଥିବା ପାଚିକା ସହାୟିକାମାନଙ୍କୁ ବର୍ଷକୁ ୧୨ମାସ ନିୟମିତ ଦରମା ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଅବସର କାଳୀନ ପେନସନ ବ୍ୟବସ୍ଥା, ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର, ଛଟେଇ



ପାଚିକାଙ୍କୁ ପୁନଃ ନିଯୁକ୍ତି ଦାବିରେ ରବିବାର ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକ ଶାଖାର ବୈଠକ ସ୍ଥାନୀୟ ବରପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ଯୋଗଦେଇ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାମ କରୁଥିବା ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ମାସ ମାସ ଧରି ନିୟମିତ ଭାବେ ଦରମା ପ୍ରଦାନ ନ କରି ସରକାର ସେମାନଙ୍କୁ ଶୋଷଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ନ୍ୟାଯ୍ୟ ଅଧିକାର ପାଇଁ ଆଗେଇ ଆସି ସଂଗଠିତ ଆନ୍ଦୋଳନ ଗଢ଼ିତୋଳିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକର ଶକୁନ୍ତଳା ସାହୁ, ସୌଦାମିନୀ ସାହୁ, ମିଲି ସାହୁ, ମଞ୍ଜୁଲତା ଭୋଇ, ନଳିନୀ ସାହୁ, ଗୀତାଞ୍ଜଳି ସାହୁଙ୍କ ସମେତ ଶତାଧିକ ପାଚିକା ସହାୟିକା ଅଂଶଗ୍ରହଣ କରିଥିଲେ ।

# ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା

**ବଇଣ୍ଡା,୨ ।୧୧(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାରେ ରବିବାରଠାରୁ ପବିତ୍ର କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି । ଶନିବାର କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା । ସୂର୍ଯ୍ୟ ପରେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା । ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଛି । ପୂଜକ ପ୍ରକାଶ ମିଶ୍ର ପୂଜା କରୁଛନ୍ତି । ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ପୂଜା ୬୬ ବର୍ଷ ହେବ ପାଳିତ ହେଇଆସୁଛି । କମିଟିର ଜନ୍ମେଶ୍ୱର ସାହୁ, ଶୁଭେନ୍ଦୁ ମୋହନ ସାହୁ, ଚକ୍ରଧର ବେହେରା, ପ୍ରଶ୍ନ ବେହେରା, ମାନସ ରଞ୍ଜନ ସାହୁ, ରାଜେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ରମେଶ ବେହେରାଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି ।


# ଓଏଭିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା




**ଅନୁଗୋଳ,୨ ।୧୧(ସମିସ):** ଖଣ୍ଡହତା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ମହିମା ଜ୍ୟୋତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ବିଜ୍ଞାନ ଓ ଏହାର ପ୍ରୟୋଗ ବିନା ଆଜିର ମଣିଷ କିପରି ଗୋଟିଏ ମୁହୂର୍ତ୍ତ ମଧ୍ୟ ବଞ୍ଚିପାରିବ ନାହିଁ, ସେ ବିଷୟରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ । ଓଏଭି ଅଧ୍ୟକ୍ଷ ଟିକୁନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୋପୀନାଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଣୁରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବିଜ୍ଞାନ ଓ ବୈଜ୍ଞାନିକ ପଦ୍ଧତିରେ ପରିଚାଳିତ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସାଧୁଚରଣ ସାହୁ ଯୋଗଦେଇଥିଲେ ।

ବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମହାନ୍ତି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଚୁନୁମୁନି ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମୋଟ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ଶୁଭେନ୍ଦୁ ଦାଶ, ଅକ୍ଷୟ କୁମାର ସାହୁ ଓ ପାର୍ଥସାରଥି ପଣ୍ଡା ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରିଥିଲେ ।

# ବେଡ଼ାସର ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



**କୁଇଓ,୨ ।୧୧(ସମିସ):** ବଅଁରପାଳ ବ୍ଲକ ବେଡ଼ାସର ଗ୍ରାମରେ ଆରମ୍ଭ ହୋଇଛି କାର୍ତ୍ତିକେଶ୍ୱର ପୂଜା । କମିଟି ସଦସ୍ୟଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା । ପୂଜକ ପ୍ରମୋଦ ଦାସ ପୂଜା କରିଥିଲେ । କମିଟି ସଭାପତି ଲକ୍ଷ୍ମୀକାନ୍ତ ବେହେରା, ସମ୍ପାଦକ ଦିବେଶ ସାହୁ, ସଭ୍ୟ ଜିତେନ ଦେହୁରୀ, ବାପୁନୁ ସାହୁ, ଅଜିତ ଦେହୁରୀ, ସୁନୀଲ ସ୍ୱାଇଁ, ଦେବାଶିଷ ପରିଡ଼ା, ଆଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ଭଜନକୀର୍ତ୍ତନ ଚାଲୁଥିବାରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।


# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର

**ବଇଣ୍ଡା,୨ ।୧୧(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଛକରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶନିବାର ବଇଣ୍ଡା ଅଟଳ ସ୍ମୃତି ପରିଷଦ ପକ୍ଷରୁ ଆଠମଲ୍ଲିକ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି ନେତା ପରେଶ ଦେଓଙ୍କ ନେତୃତ୍ୱରେ ରାଜେନ୍ଦ୍ର ସାହୁ, ବିଦ୍ୟୁତ ପ୍ରାଣୀଗ୍ରାହୀ, ଅର୍ଜୁନ ରାଉଳ, ଭବାନୀ ଜୋତିଷରାୟ, ଅଶୋକ ସାହୁ, ସୁଶାନ୍ତ ପ୍ରଧାନ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଆଠମଲ୍ଲିକର ମୁଖ୍ୟ ପେଣ୍ଠସ୍ଥଳୀ ବଇଣ୍ଡାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରଶାସନ ଶୀଘ୍ର ଜମି ପ୍ରଦାନ କରିବାକୁ ଦାବି କରାଯାଇଛି ।

# କାର୍ତ୍ତିକେଶ୍ୱର ପୂଜା ପାଇଁ ତୁରଙ୍ଗ ଚଳଚଞ୍ଚଳ

**ନାଲକୋ ନଗର,୨ ।୧୧(ସମିସ):** ଅନୁଗୋଳ ବ୍ଲକ ତୁରଙ୍ଗ ଗ୍ରାମର ଗଣପର୍ବ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି । ଏଥି ପାଇଁ ସମଗ୍ର ଗାଁ ଏବେ ଚଳଚଞ୍ଚଳ ହୋଇପଡ଼ିଛି । ପୂଜା କମିଟିଗୁଡ଼ିକ ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ସାଜସଜ୍ଜା ସହ ରଙ୍ଗୀନ ଆଲୋକମାଳାରେ ମଣ୍ଡପଗୁଡ଼ିକ ଝଲସି ଉଠୁଛି । ପୂଜା କମିଟି କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା । ବିଭିନ୍ନ ପୌରାଣିକ କଥାବସ୍ତୁ ଆଧାରରେ ମେଢ଼ ନିର୍ମାଣ କରଯାଇଛି । ଦୀର୍ଘ ବର୍ଷରୁ ଏହି ଗାଁରେ କାର୍ତ୍ତିକେଶ୍ୱରଙ୍କ ପୂଜା ପାଳିତ ହେଉଛି । ପ୍ରତ୍ୟହ ପ୍ରସାଦ ସେବନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ସଂଗ୍ରାମ କ୍ଲବ ପୂଜା ମଣ୍ଡପ ଏଲୋରା ଗୁମ୍ଫା ସଦୃଶ ହୋଇଛି । ଜାଗନାଥ କ୍ଲବ ମଣ୍ଡପ କାଚରେ







ରାଜଦରବାର ହୋଇଛି । ଝକାସ କ୍ଲବ, ତ୍ରିଦେବ କ୍ଲବ, ମା' ହିଙ୍ଗୁଳା କ୍ଲବ, ନୀଳଚକ୍ର କ୍ଲବ, ଓଭରଟେକ କ୍ଲବକୁ ମିଶାଇ ୧୮ ମଣ୍ଡପରେ କାର୍ତ୍ତିକେଶ୍ୱର ବିରାଜମାନ କରିଛନ୍ତି । ପ୍ରତ୍ୟେକ ପୂଜା କମିଟି ସଭାପତିଙ୍କୁ ନେଇ କେନ୍ଦ୍ରୀୟ ପୂଜା କମିଟି ଗଠନ ହୋଇଛି । କେନ୍ଦ୍ରୀୟ ପୂଜା କମିଟିର ସହମତି କ୍ରମେ ଭସାଣି ଉତ୍ସବରେ ୮ଟି ପୂଜା ମଣ୍ଡପ ମେଳଣରେ ଭାଗନେବେ ବୋଲି ନିଷ୍ପତ୍ତି ନିଆଯାଇଛି । ୫ଦିନ ଧରି ପୂଜା ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଦିନ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ।

# ଶିଶୁ ମନ୍ଦିରରେ ଶିଶୁବାଟିକା ମାତୃ କର୍ମଶାଳା

**ଛେଣ୍ଡିପଦା,୨ ।୧୧(ସମିସ):** ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁବାଟିକାର ମାତୃ କର୍ମଶାଳା ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି । ଅତିଥି ଭାବେ ପରିଚାଳନା କମିଟି ସଭ୍ୟା ତଥା ଅଭିଭାବିକା ଲିପିକା ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ସଙ୍କୁଳ ପ୍ରମୁଖ ଦିଲୀପ କୁମାର ସାହୁ ଯୋଗଦେଇ ଶିଶୁମାନଙ୍କ ବିକାଶରେ ମା'ମାନଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କର୍ମଶାଳାକୁ ଶିଶୁ ବାଟିକାର ପ୍ରମୁଖ ଆଚାର୍ଯ୍ୟା ରୋଜାଲିନ ବେହେରା ପରିଚାଳନା କରିଥିଲେ । ଏଥିରେ ମା'ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଅମୃତ କଳସ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ୫୦ରୁ



ଅଧିକ ମାଆ ଅଂଶଗ୍ରହଣ କରିଥିଲେ । ଆଚାର୍ଯ୍ୟ ହିମାଂଶୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର, ୬.୩ ଲକ୍ଷ ଟଙ୍କା ଜବତ

ପୁରୀ,୨।୧୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି।






## ୪ ଗିରଫ, କାର୍ ଓ ୭ ମୋବାଇଲ ଜବତ

ବିଶେଷକରି ବେଆଇନ ଭାବେ ବ୍ରାଉନ୍‌ସୁଗର, ଗଞ୍ଜେଇ ଭଳି ନିଶାଦ୍ରବ୍ୟ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ପିପିଲି ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର ଓ ୬ଲକ୍ଷ ୩୦ ହଜାର ୭୦୦ ଟଙ୍କା ଜବତ କରିଛି। ଏଥିସହ ଗୋଟିଏ କାର୍, ୭ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଡିହସାହି ପରଜାପଡ଼ାର ଜୟନ୍ତ କୁମାର ସ୍ୱାଇଁ, ଜଟଣୀ ଥାନା ତିରିମଲ୍ଲର ଶଶୀକାନ୍ତ ଜେନା, ସତ୍ୟବାଦୀ ଥାନା ଦୁଗଲର କୁଳମଣି ଖଟେଇ ଏବଂ ସତ୍ୟବାଦୀ ଥାନା ସୁଆଁଲୋ ଗ୍ରାମର ଉମେଶ କୁମାର ସ୍ୱାଇଁ। ରବିବାର ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଜିଲ୍ଲାବ୍ୟାପୀ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ଥାନାଧିକାରୀମାନଙ୍କୁ ସଜାଗ ଏବଂ ସତର୍କ କରିଦିଆଯାଇଛି। ଶନିବାର ପିପିଲି ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ନିଜିଗଡ଼ ଖୁର୍‌କୀ ଅଞ୍ଚଳରେ ଚଢ଼ଉ କରିଥିଲା। ରାସ୍ତା ଉପରେ ଏକ କାର୍ ପାର୍କିଂ କରିଥିଲା। ସେଥିରେ ୫ ଜଣ ଯୁବକ ବସି ବ୍ରଉନ୍‌ସୁଗର ବିକ୍ରି କରିବା ଲାଗି ଯୋଜନା କରୁଥିଲେ। ପୁଲିସ କର୍ମଚାରୀମାନେ କାର୍ ଉପରେ ଚଢ଼ଉବେଳେ ଜଣେ ଯୁବକ ଖସିଯିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ୪ ଜଣଙ୍କୁ କାବୁ କରାଯାଇ କାର୍‌କୁ ଯାଞ୍ଚ କରାଯାଇଥିଲା। ସେଥିରୁ ୧୫୧ ଗ୍ରାମ୍ ବ୍ରାଉନ୍‌ସୁଗର ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତଙ୍କଠାରୁ ୬ଲକ୍ଷ ୩୦ ହଜାର ୭୦୦ ଟଙ୍କା, ୭ଟି ମୋବାଇଲ ଫୋନ ମଧ୍ୟ ଜବତ କରିଥିଲା। ଏ ନେଇ ପିପିଲି ଥାନାରେ ଏକ ମାମଲା (ନଂ.୬୭୪/୨୫) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

# ସ୍ଥିତି ସମୀକ୍ଷା କଲେ ପୁଲିସ ଡିଜି

ପୁରୀ,୨।୧୧(ସମିସ): ରବିବାରଠାରୁ ଆରମ୍ଭ ହୋଇଛି ପଞ୍ଚୁକ ନୀତି। ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭିତରେ ବହୁ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ହେଲେ ବାହାରେ ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ଘଣ୍ଟାଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆ ହୋଇ ଭକ୍ତ ଧୈର୍ଯ୍ୟ ହରାଇଥିଲେ। ପୁଲିସର ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଥିଲା। ଏପରିକି ସନ୍ଧ୍ୟାରେ



ଠେଲାପେଲା ପରିସ୍ଥିତି ଉପୁଜିଥିଲା। ଏକାଧିକ ଭକ୍ତ ଆହତ ହୋଇଥିଲେ। ଆକଳନଠାରୁ ଅଧିକ ଭକ୍ତଙ୍କ ସମାଗମ ଯୋଗୁଁ ସୁରକ୍ଷା କର୍ମୀ ଅସହାୟ ହୋଇପଡ଼ିଥିଲେ। ପ୍ରଶାସନିକ ବ୍ୟବସ୍ଥା ଫେଲ୍ ମାରିଥିଲା। ତେବେ ସନ୍ଧ୍ୟାରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପୁରୀ ଆସି ପୁଲିସ ବ୍ୟବସ୍ଥାର ସମୀକ୍ଷା କରିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଡିଜି ଶ୍ରୀମନ୍ଦିର ଯାଇ ସ୍ଥିତି ସମୀକ୍ଷା କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍‌କୁ ବୃଦ୍ଧି କରାଯାଇଛି। ବ୍ୟାରିକେଡ୍‌କୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି।



ପଞ୍ଚୁକ ଉପଲକ୍ଷେ ବେଳାଭୂମିରେ ହବିଷ୍ୟାଳିଙ୍କ ପୂଜାର୍ଚ୍ଚନା

# ସ୍ତ୍ରୀର ନଗ୍ନ ଫଟୋ ଓ ଭିଡିଓ ଭାଇରାଲ ଧମକ, ସ୍ୱାମୀ ଗିରଫ

ପୁରୀ,୨।୧୧(ସମିସ): ସ୍ତ୍ରୀଙ୍କୁ ବଦନାମ କରିବା ପାଇଁ ତାଙ୍କ ନଗ୍ନ ଫଟୋ ଏବଂ ଭିଡିଓ ଭାଇରାଲ କରିଦେବାର ଧମକ ଦେବା ଅଭିଯୋଗରେ ତାଳବଣିଆ ଥାନା ପୁଲିସ ସ୍ୱାମୀ ଦୀପକ ବିଶ୍ୱାଳଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତମାସ ୯ ତାରିଖରେ ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ସେ ଦୁଇବର୍ଷ ହେବ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ବାହାରେ ରହୁଛନ୍ତି। ସେ ଓ ତାଙ୍କ ଝିଅ ପୁରୀରେ ରହୁଥିବାବେଳେ ଦେଢ଼ଶୁର ପ୍ରଦ୍ୟୁମ୍ନ ବିଶ୍ୱାଳ ୨୦୦୦ ଟଙ୍କା ଦାବି କରିଥିଲେ। ନଚେତ୍ ତାଙ୍କୁ ବଦ୍‌ନାମ କରିବା ପାଇଁ ତାଙ୍କ ନାମରେ ନଗ୍ନ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତା ମହିଳା ଗତ ୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନିକଟକୁ ଏକ ମୋବାଇଲ୍‌ରୁ ବାରମ୍ବାର କଲ୍ ଏବଂ ଭିଡିଓ କଲ୍ ଆସୁଥିଲା। ତାଙ୍କ ଦେଢ଼ଶୁର ଏବଂ ଜଣେ ଅଜଣା ବ୍ୟକ୍ତି ଦୀର୍ଘଦିନ ଧରି ଏକ ମୋବାଇଲ୍‌ରୁ ମହିଳାଙ୍କ ନଗ୍ନ ଫଟୋ ପଠାଇ ଟଙ୍କା ଦାବି କରୁଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା (ନଂ.୨୧୦/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ପାରମ୍ପରିକ ନୃତ୍ୟ ସଙ୍ଗୀତରେ ହସିଲା ଶରଧାବାଲି

ପୁରୀ,୨।୧୧(ସମିସ): ପବିତ୍ର ପଞ୍ଚକ ଏକାଦଶୀରେ ପାରମ୍ପରିକ ନୃତ୍ୟ ସଙ୍ଗୀତରେ ହସିଛି ଶରଧାବାଲି। ପଣ୍ଡିତ ଉମେଶ ଚନ୍ଦ୍ର କର ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ବାଦ୍ୟ ଗୁରୁ ଆଲୋକ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅନେକ ନୃତ୍ୟାନୁଷ୍ଠାନର ଶିଳ୍ପୀ ଓଡ଼ିଶୀ ନୃତ୍ୟ, ନବଦୁର୍ଗା, ସମ୍ବଲପୁରୀ ପରିବେଷଣ କରିଥିବାବେଳେ ଅନେକ ବର୍ଷିଆନ ଓ ଯୁବ କଣ୍ଠଶିଳ୍ପୀ ଓଡ଼ିଶୀ, ଛାନ୍ଦ ଓ ଚମ୍ପୁ ପରିବେଷଣ କରିଥିଲେ। ପଦ୍ମଶ୍ରୀ ପ୍ରଫୁଲ୍ଲ କର ଓ ପଣ୍ଡିତ ଉମେଶ କରଙ୍କ ସ୍ମୃତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାମଚନ୍ଦ୍ର ଦାସ ମହାପାତ୍ର, ସୁରେନ୍ଦ୍ର ନାଥ ଦାଶ, ସୁବାସ ସ୍ୱାଇଁ, ସତ୍ୟନାରାୟଣ ଗୁରୁ ଅତିଥି ଭାବେ ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ପ୍ରଶାନ୍ତ କୁମାର ସାମଲ, ଡ. ସୁଶିଲ ପଟ୍ଟନାୟକ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଉପଦେଷ୍ଟା ଆଲୋକ ମହାପାତ୍ର, ପ୍ରଦ୍ୟୁମ୍ନ ସିଂ ଚନ୍ଦା, ମାଧବ ଶ୍ରୀଚନ୍ଦନ ସାହୁ, ବଟଗୋପାଳ ତ୍ରିପାଠୀ, ପୂର୍ଣ୍ଣ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ, ଜଗଦୀଶ ପ୍ରସାଦ ରଥ, ଆଶା ମୁକୁଳ ବାରିକ୍, ସୁରେଶ ସେଠୀ, ଇଂ. ସରୋଜ ମିଶ୍ର, ମଞ୍ଜୁ ମିଶ୍ର, ବିବେକ ମହାନ୍ତି, ଯୁଞ୍ଜୀନ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ଫଟୋଗ୍ରାଫର୍ସ କ୍ଲବ୍ ଅଫ୍ ଶ୍ରୀଜଗନ୍ନାଥ ଧାମର ବୈଠକ

ପୁରୀ,୨।୧୧(ସମିସ): ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଫଟୋଗ୍ରାଫରଙ୍କୁ ନେଇ ଗଠିତ "ଫଟୋଗ୍ରାଫର୍ସ କ୍ଲବ୍ ଅଫ୍ ଶ୍ରୀଜଗନ୍ନାଥ ଧାମ ପୁରୀ' ସଂଘର ସାଧାରଣ ବୈଠକ ସ୍ଥାନୀୟ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟ ମହାଭୈରବୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସହର ତଥା ଗ୍ରାମାଞ୍ଚଳର ଫଟୋଗ୍ରାଫର ଯୋଗଦେଇଥିଲେ। ଏଥିରେ ନୂତନ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚେୟାରମ୍ୟାନ ଭାବେ ମିଥୁନ ଜେନା, ଉପଦେଷ୍ଟା ପ୍ରକାଶ ଦଳେଇ, ସଭାପତି ଶିବଚରଣ ମହାନ୍ତି, ଉପସଭାପତି ହରପ୍ରସାଦ ଚାଟାର୍ଜୀ, ସମ୍ପାଦକ ସୁକାନ୍ତ ସାହୁ, କାର୍ଯ୍ୟକାରିଣୀ ସମ୍ପାଦକ ନୀଳାଞ୍ଚଳ ପାଢ଼ୀ, ୪ ସହ ସମ୍ପାଦକଙ୍କ ମଧ୍ୟରୁ ନିମାପଡ଼ାରୁ ଜିତେନ୍ଦ୍ର ମହାନ୍ତି, ଗୋପରୁ ଉପେନ୍ଦ୍ର ସାହୁ, ଚନ୍ଦନପୁରରୁ ଅସିତ୍ ତ୍ରିପାଠୀ, ବ୍ରହ୍ମଗିରିରୁ କୈଳାସ ସେଠୀ ଓ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟକାନ୍ତ ସ୍ୱାଇଁ ଚୟନ ହୋଇଛନ୍ତି। ସଦସ୍ୟଙ୍କ ବିଭିନ୍ନ ଅସୁବିଧାର ସମାଧାନ, ଜୀବନ ବୀମା ଓ ଆଗକୁ ସଂଘର ଉନ୍ନତି ନିମନ୍ତେ ଆଲୋଚନା ହୋଇଥିଲା।

# ଆଧ୍ୟାତ୍ମିକ ଜାଗରଣ ପାଇଁ ପଞ୍ଚୁକ ମହୋତ୍ସବ ସ୍ମରଣ ରହିବ

ପୁରୀ,୨।୧୧(ସମିସ): ଆଧ୍ୟାତ୍ମିକ ଚେତନା ଓ ଜାଗରଣ ପାଇଁ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଧର୍ମମାସ କାର୍ତ୍ତିକ ଏବଂ ପଞ୍ଚୁକର ଅବଦାନକୁ ଏହି ଜାତି ଚିରକାଳ ସ୍ମରଣ ରଖିବ ବୋଲି କହିଛନ୍ତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର। ବଡ଼ଦାଣ୍ଡ ମା' ମାଉସୀ ମା'ଙ୍କ ସମ୍ମୁଖରେ ପଞ୍ଚୁକ ମହୋତ୍ସବ କମିଟି ପକ୍ଷରୁ ୧୦ତମ ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ପ୍ରଫେସର ମହାପାତ୍ର ଶ୍ରୀଜଗନ୍ନାଥ ସଂସ୍କୃତିର ସମୃଦ୍ଧିରେ ମାଉସୀ ଅର୍ଦ୍ଧାସିନୀଙ୍କ ଯୋଗଦାନ ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ମହୋତ୍ସବ କମିଟି ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ବୀରେନ୍ଦ୍ର ଶାସ୍ତ୍ରୀ, ସମ୍ପାଦକ ରାମଚନ୍ଦ୍ର ଦୋରା, ଡ. ବିଶ୍ୱନାଥ ମିଶ୍ର, ସତ୍ୟନାରାୟଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରବଚକ ବାଲିଆ ବାଳକୃଷ୍ଣ ପଣ୍ଡା ପ୍ରବଚନ ଦେଇଥିବା ସମୟରେ କଳାଞ୍ଜଳୀ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସମବେତ ଓ ଏକକ ନୃତ୍ୟ, ରାଧାମୋହନ ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଭରତ ନାୟକ ଓ ଶ୍ୟାମପ୍ରକାଶ ସେନାପତି।




**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUPADA ASSEMBLY CONSTITUENCY** | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ପ୍ରଳମ୍ବାସୁର ବଧ ବେଶରେ ଦର୍ଶନ ଦେଲେ ବଳଦେବଜୀଉ

କେନ୍ଦ୍ରାପଡ଼ା,୨।୧୧(ସମିସ):

କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଦ୍ୱାଦଶୀ ତିଥି ଗୋଟିଏ ଦିନ ହେବାରୁ ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ବଳଦେବଜୀଉଙ୍କ ଦ୍ୱାରା ଉଭୟ ପ୍ରଳମ୍ବାସୁର ବଧ ବେଶ ଓ ଗରୁଡ଼ ବେଶ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଶ ଅନୁଷ୍ଠାନ କରାଯାଇଥିଲା। ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଆସିଥିବା ପାଟଶାଢ଼ୀ ପରିଧାନ ପୂର୍ବକ ପ୍ରଭୁ ମହାପ୍ରଭୁ ସଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଦୁଇ ଦୁର୍ଲଭ ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ତୁଳସୀ ବିବାହ ଓ ଗରୁଡ଼ ଜନ୍ମ ନୀତି ଥିବାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତୀମା ଗୋବିନ୍ଦଜୀଉ ବିମାନରେ ଯାତ୍ରା କରି ଭଗବାନପୁର ତୁଳସୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ତୁଳସୀ ବିବାହ ନୀତି ସମ୍ପନ୍ନ ହୋଇଥିଲା। ରାତି ଧୂପ ସମ୍ପନ୍ନ ପରେ ପୂଜା ପଣ୍ଡାଙ୍କ ଦ୍ୱାରା ଦେବ ଉଥାପନ ନୀତି ସିଂହାସନରେ କରାଯାଇଥିଲା। ପରେ ଜଗମୋହନ ମଣ୍ଡପରେ ଦଣ୍ଡାୟମାନ ଗରୁଡ଼ଙ୍କ ଜନ୍ମ ଜୟନ୍ତୀ ନୀତି ପାଳନ କରାଯାଇଥିଲା। ତୁଳସୀ ଚଉରାରେ ରାଜପୁରୋହିତଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ହୋଇଥିଲା। ସମସ୍ତ ନୀତି ସମ୍ପନ୍ନ ପରେ ଅନ୍ୟାନ୍ୟ ମନ୍ଦିର ନୀତି ଅନୁଷ୍ଠିତ ହୋଇଥିଲା। ପ୍ରଳମ୍ବାସୁର ବେଶ ସମ୍ପର୍କରେ ମନ୍ଦିର ସତ୍ୱଲିପି ଅନୁଯାୟୀ ଏକ ସ୍ୱତନ୍ତ୍ର କିମ୍ବଦନ୍ତୀ ରହିଛି। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ ବଳରାମ ଗୋପାଳଙ୍କ ସହ ଥିବା ସମୟରେ ଦୁଷ୍ଟ ପ୍ରଳମ୍ବାସୁରଙ୍କ ସହ ଯୁଦ୍ଧ ହୋଇଥିଲା। ପ୍ରଭୁ ବଳରାମ ନିଜ ମୂଷଳରେ ସଂହାର କରିଥିଲେ। ଶ୍ରୀକୃଷ୍ଣ ତାଙ୍କ କାନ୍ଧରୁ ଉତ୍ତରୀୟ ବସ୍ତ୍ର ବଳରାମଙ୍କ ମସ୍ତକରେ ପିନ୍ଧାଇଥିଲେ। ସେହି ପ୍ରଥା ପରମ୍ପରା ଆଜି ପର୍ଯ୍ୟନ୍ତ ଉଭୟ କ୍ଷେତ୍ରରେ ଅବିଚ୍ଛିନ୍ନ ରହିଛି। ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ ପ୍ରତିବର୍ଷ ତିନିଖଣ୍ଡ ପାଟ ଶାଢ଼ୀ ଶ୍ରୀମନ୍ଦିର ପ୍ରଶାସନ ତୁଳସୀକ୍ଷେତ୍ରକୁ ପଠାଇଥାଏ। ତାହା ପରିଧାନ ପୂର୍ବକ ପ୍ରଭୁ ବଳଦେବଜୀଉ ପ୍ରଳମ୍ବାସୁର ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି ବୋଲି ମନ୍ଦିର ପ୍ରଶାସନ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।



## ଦୁର୍ଘଟଣାରେ ୩ ଆହତ

ବାଲିକୁଦା,୨।୧୧(ସମିସ): କଟକ-ମାଛଗାଁ ମୁଖ୍ୟ ରାସ୍ତାର ତିହୁଡ଼ି ହନୁମାନ ଛକ ନିକଟରେ ଏକ ସାଇକଲ ସହ ଅଟୋର ମୁହାଁମୁହିଁ ଧକ୍କା ହୋଇ ଅଟୋ ରାସ୍ତା କଡ଼କୁ ଓଲଟିପଡ଼ିଥିଲା। ଫଳରେ ୬ ଜଣ ମଧ୍ୟରୁ ୩ ଜଣ ଆହତ ହୋଇ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ନୟାଗଡ଼ ଥାନା ଅଞ୍ଚଳରୁ ଗୋଟିଏ ପରିବାର ଅଟୋ ଯୋଗେ ପ୍ରଥମେ ଗୋଡ଼ା ପଞ୍ଚପଲ୍ଲୀରେ ଥିବା ଗ୍ରାମେଶ୍ୱର ମହାଦେବଙ୍କ ଦର୍ଶନ ସାରି କାକଟପୁର ମା' ମଙ୍ଗଳା ଦର୍ଶନ ପାଇଁ ଯାଉଥିବାବେଳେ ତିହୁଡି ହନୁମାନ ଛକ ନିକଟରେ ନୂଆଗାଁ ବାଲିକୁଦା ଥାନା ନୂଆଗାଁ ଗ୍ରାମର ବିପିନ ମହାନ୍ତି ସାଇକଲ ଯୋଗେ ବାଲିକୁଦା ଆସୁଥିବାବେଳେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଓଲଟିପଡ଼ିଥିଲା। ଏଥିରେ ୩ ଜଣ ଆହତ ହୋଇଥିଲେ।

## ଦୋଛକିରେ ଦୁର୍ଘଟଣା, ମହିଳାଙ୍କ ମୃତ୍ୟୁ

ପାରାଦୀପ, ୨।୧୧(ସମିସ): ଆଜି ସନ୍ଧ୍ୟାରେ ଦୋଛକିରେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ପାରାଦୀପ ଆଡ଼କୁ ଯାଉଥିବା ଏକ ହାଇୱା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକରେ ବସିଥିବା ମହିଳା ତଳକୁ ଖସି ପଡିଥିଲେ। ହାଇୱା ତାଙ୍କୁ ରାସ୍ତାରେ ଘୋଷାଡି ଘୋଷାଡି ନେଇଯାଇଥିଲା। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଲକ୍ ଥାନା ଅଧୀନ ଝିମାଣୀ ଗ୍ରାମର ବିନି ବେହେରା। ସେ ପାରାଦୀପରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହିତ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପାରାଦୀପ ଆଡିସନାଲ ଏସ୍‌ପି ସ୍ମୃତିରଞ୍ଜନ କର ଓ ଲକଥାନା ଅଧିକାରୀ ପହଞ୍ଚି ହାଇୱାକୁ ଜବତ କରିବା ସହିତ ଚାଳକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ପରେ ପୁଲିସ ପରିବାର ଲୋକ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ପରେ ଅବରୋଧ ହଟିଥିଲା।

## ଶତାୟୁ ପୂଜକ ଶଙ୍କର୍ଷଣ ଦାଶଙ୍କ ପରଲୋକ



ରାଜକନିକା, ୨।୧୧(ସମିସ): ରାଜକନିକା ବ୍ଲକ୍‌ର ବାଂଶୀରୀୟ ଗ୍ରାମର ଶତାୟୁ ପୂଜକ ଶଙ୍କର୍ଷଣ ଦାଶ(୧୦୧)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ପ୍ରତ୍ୟୁଷରେ ସ୍ୱର୍ଗତ ଶଙ୍କର୍ଷଣ ଶଯ୍ୟାରେ ଥାଇ ଯୋଡ଼ହସ୍ତରେ ଈଶ୍ୱରଙ୍କୁ ନମସ୍କାର କରୁଥିବା ସମୟରେ ପ୍ରାଣତ୍ୟାଗ କରିଛନ୍ତି। କୋରନ୍ଧ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ସାଂସାରିକ ଜୀବନ ଆରମ୍ଭ କରିଥିବା ଶଙ୍କର୍ଷଣ ପରେ ଚାକିରି ଛାଡ଼ି ପୂଜକ ଭାବେ ବିଭିନ୍ନ ମଠ ମନ୍ଦିରରେ ପୂଜା କରି ଜୀବନ ବିତାଇଥିଲେ। ତାଙ୍କ ମୃତ୍ୟୁରେ କୋରନ୍ଧ, ବାଂଶରୀୟା, ଗିରିୟା ଗାଁରେ ଶୋକ ପ୍ରକାଶ ପାଇବା ସହ ବହୁ ବିଶିଷ୍ଟ ଲୋକ ଶେଷଦର୍ଶନ କରିବା ପରେ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବାଂଶରୀୟା ନିଆଯାଇ ସଂସ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଭାଇ ଲକ୍ଷ୍ମଣ, ରାମଚନ୍ଦ୍ର, ପୁଅ ଶୈଳେନ୍ଦ୍ର, ଶରତ, ପୁତୁରା ଜଗନ୍ନାଥ, ସୁବାସ, ସୁକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ପୁଅ ଶୈଳେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଜଗନ୍ନାଥପୁର ବିଦ୍ୟାଳୟରେ ପୋଷାକ ବିତରଣ



ଏରସମା/ତିର୍ତ୍ତୋଲ,୨।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ଜଗନ୍ନାଥପୁର ପିଏମ୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସିଆରସିସି ସୁଶାନ୍ତ ବେହେରା ଉପସ୍ଥିତ ଥିଲେ। ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧୋତ୍ସବ



କେନ୍ଦ୍ରାପଡ଼ା,୨।୧୧(ସମିସ): ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଅଗ୍ରଣୀ ସାଂସ୍କୃତିକ ସଂସ୍ଥା ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀ ମିଳିତ ଭାବେ ଓଡ଼ିଆ ଭକ୍ତି ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ, ଭଜନ ସମ୍ରାଟ ଭିକାରୀ ବଳଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ପାଳିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଶାନ୍ତ ସାମଲ ମୁଖ୍ୟଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଅମର ରାଉତ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଧାନଶିକ୍ଷକ ଅଜୟ ସ୍ୱାଇଁ ଓ ନାଟ୍ୟକାର ଭୀମସେନ ପ୍ରଧାନ ଯୋଗଦେଇ ଭିକାରୀ ବଳଙ୍କ ଅମର ସ୍ମୃତିକୁ ସ୍ମରଣ କରିଥିଲେ। ଗୀତିକାର ବିମଳ ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଆରମ୍ଭରେ ଭଜନ ସମ୍ରାଟ ଭିକାରୀ ବଳ, ଅକ୍ଷୟ ମହାନ୍ତି, ଲୋକକବି ଭାବଗ୍ରାହୀ ପରିଡ଼ା ଓ କବି ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏ ଅବସରରେ ଉପସ୍ଥିତ କଳାକାର ଭଜନ ସମ୍ରାଟଙ୍କ କାଳଜୟୀ ଗୀତ 'କୋଠ ଭୋଗଖିଆ', 'ହାତରେ ମୋ ମୁଠା ମୁଠା', 'ନୂଆ ଘର ଖଣ୍ଡି ଦିନେ' ଇତ୍ୟାଦି ଗାଇ ସମସ୍ତଙ୍କୁ ମୋହିତ କରିଥିଲେ। ବିକ୍ରମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଦିବ୍ରହ୍ମ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା



ବାଲିକୁଦା,୨।୧୧(ସମିସ): ବାଲିକୁଦା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବାଲିକୁଦା ବ୍ଲକ୍ ମରିଚପୁର ପଞ୍ଚାୟତ ଗାଦୀବ୍ରହ୍ମ ବିଦ୍ୟାପୀଠ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରୁ ୨୫ ଜଣ ଦୌଡ଼କୁଦ ଓ ୧୬ ଜଣ କ୍ରିକେଟ୍ ପାଇଁ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଉଦଘାଟନ ଦିବସରେ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଉଦଯାପନୀ ଦିବସରେ ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରା, ପ୍ରଧାନଶିକ୍ଷକ ହୃଷିକେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ସମିତିସଭ୍ୟା ସୁନୀତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ କ୍ରୀଡା ସମ୍ପାଦକ ରମେଶ ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଯଜ୍ଞ ସଂସ୍କାର ସମିତି ପକ୍ଷରୁ ମହୋଦଧି ଆଳତୀ

ବାଲିକୁଦା,୨।୧୧(ସମିସ):ଜଗତର ମଙ୍ଗଳ କାମନା କରି ନାମଯଜ୍ଞ ସଂସ୍କାର ସମିତି ସଂକୀର୍ତ୍ତନ ମହାମଣ୍ଡଳୀ ପକ୍ଷରୁ ମହୋଦଧି ଆଳତୀ ସମାପିତ ହୋଇଛି। ଅଶାନ୍ତ ସମୁଦ୍ରକୁ ଶାନ୍ତ କରିବା ସହ ପ୍ରକୃତିର ସୁରକ୍ଷା ନିମନ୍ତେ ମହାମଣ୍ଡଳର ଶତାଧିକ ସଦସ୍ୟ କାର୍ତ୍ତିକ ମାସର ପଞ୍ଚକ ଅବସରରେ ସମୂହ ନାମ ସଂକୀର୍ତ୍ତନ କରିବା ସହ ସରବନ୍ତବଳଦେବଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ପ୍ରଭୁଙ୍କ ଆଜ୍ଞା ମାଳ ନେଇ ସମୁଦ୍ର ଦେବତାଙ୍କୁ ଆଳତୀ କରି ଜଗତର ମଙ୍ଗଳ କାମନା କରିଥିଲେ। ମହାମଣ୍ଡଳ ସଭାପତି ମାଧବାନନ୍ଦ ଜେନା, ସମ୍ପାଦକ ବସନ୍ତ ନାୟକ, ଉପସଭାପତି ବସନ୍ତ ପରିଡା, ସହସମ୍ପାଦକ ପବିତ୍ର ସାଉ, ସଂଗଠନ ସମ୍ପାଦକ ବିଜୟ ପ୍ରଧାନ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ପଞ୍ଚାୟତ ଗଠନ ଦାବିରେ ଗ୍ରାମବାସୀଙ୍କ ମେଳି

ନାଉଗାଁ,୨।୧୧(ସମିସ): ନୂତନ ପଞ୍ଚାୟତ ଗଠନ ନିମନ୍ତେ ଗାରୋଇ ଗୁଣ୍ଡିଚା ମନ୍ଦିର ନିକଟରେ ମେଳିବାନ୍ଧିଲେ ୪ଟି ଗ୍ରାମର ଗ୍ରାମବାସୀ। ନାଉଗାଁ ବ୍ଲକ୍ ଅଧୀନସ୍ଥ କୋରୁଅ ପଞ୍ଚାୟତର ଗାରୋଇ ନିକଟରେ ଥିବା ଗୁଣ୍ଡିଚା ମନ୍ଦିର ନିକଟରେ ରାଜସ୍ୱ ଗ୍ରାମ ଡିଅତେଲ ସରା, ଗାରୋଇ, ନୂଆଁକଣ ଓ ପଡ଼ା ଗ୍ରାମ ଡାହାଣୀଖିଆ ଗ୍ରାମର ଶତାଧିକ ଗ୍ରାମବାସୀ ସଭା କରି ନୂତନ ପଞ୍ଚାୟତ ଗଠନ ଦାବି କରିଥିଲେ। ୨୦୧୧ ଜନଗଣନା ଅନୁସାରେ କୋରୁଅ ପଞ୍ଚାୟତରେ ୧୯ଟି ୱାର୍ଡ ରହିଥିବାବେଳେ ଏହି ୪ଟି ଗ୍ରାମର ୱାର୍ଡ ସଂଖ୍ୟା ୧୧ ଥିଲା। ବର୍ତ୍ତମାନ ଜନଗଣନା କରାଗଲେ ୱାର୍ଡ ସଂଖ୍ୟା, ଜନସଂଖ୍ୟା ଓ ଭୋଟର ସଂଖ୍ୟା ବୃଦ୍ଧି ହେବା ନେଇ ଦାବି କରିଛନ୍ତି ଗ୍ରାମବାସୀ। ନୂତନ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଚାରୋଟି ଗ୍ରାମରୁ ପାଞ୍ଚଜଣିଆ ସଦସ୍ୟଙ୍କୁ ନେଇ ଗ୍ରାମସ୍ତରୀୟ କମିଟି ଗଠନ କରାଯାଇ ଆଗାମୀ ଦିନରେ ଏହି କମିଟି ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

■ ଶାସନ ପଞ୍ଚାୟତର ଦୁର୍ନୀତି ବିରୁଦ୍ଧରେ ପଞ୍ଚାୟତବାସୀଙ୍କ ଅନଶନ ନୋଟିସ

# ବେନାମୀ ପୋଷ୍ଟରକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା

ପଟ୍ଟାମୁଣ୍ଡାଇ,୨।୧୧(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଶାସନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ବିରୁଦ୍ଧରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆସନ୍ତା ୪ ତାରିଖ ଦିନ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଓ ଆନ୍ଦୋଳନ କରିବା ପାଇଁ ବ୍ଲକ୍ ପ୍ରଶାସନକୁ ନୋଟିସ ଦିଆଯାଇଛି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପଟ୍ଟାମୁଣ୍ଡାଇ ବଜାର ସମେତ ଶାସନ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ପୋଷ୍ଟର ଲଗାଯାଇଛି। ଏହି ଘଟଣା ପରେ ପଟ୍ଟାମୁଣ୍ଡାଇ ବଜାର ଓ ଶାସନ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏକ ବେନାମୀ ପୋଷ୍ଟର ଲଗାଯିବା ଘଟଣାକୁ ନେଇ ଶାସନ ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ବେନାମୀ ପୋଷ୍ଟରରେ ଆନ୍ଦୋଳନକାରୀଙ୍କୁ ସମାଜ ବିରୋଧୀ ଦଲାଲ ବୋଲି ଉଲ୍ଲେଖ କରାଯାଇଛି। ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରି କୁଆଡ଼େ ଭିଜିଲାନ୍ସ ବିଭାଗ କ୍ଲିନଚିଟ ଦେଇଥିବା ବେନାମୀ ପୋଷ୍ଟରରେ ଉଲ୍ଲେଖ ରହିଛି। ଯାହାକି ଭିଜିଲାନ୍ସ ବିଭାଗକୁ ସର୍ବସାଧାରଣରେ ଅପନିନ୍ଦିତ କରାଯିବାକୁ ଅପଚେଷ୍ଟା କରାଯାଇଥିବା ଆନ୍ଦୋଳନର ନେତୃତ୍ୱ ନେଉଥିବା ପ୍ରଶାନ୍ତ ମହାନ୍ତି, ଅର୍ଜୁନ ସାହୁ, ତୀର୍ଥ ପରିଡା, ରମାକାନ୍ତ ଦାସ, ରାହାସ ମଲିକ, ବିଚିତ୍ର ସେନାପତି, ଭ୍ରମରବର ନାୟକ ପ୍ରମୁଖ କହିଛନ୍ତି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | **(A)** Pending criminal cases | | **(B)** Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.





# ପରିବେଶ ଅନୁକୂଳ ହେଉଛି ବିସ୍କୁଟ୍ ଚା' କପ୍

ଭୁବନେଶ୍ୱର,୨।୧୧(ସମିସ):



ଚା' ସମସ୍ତଙ୍କୁ ପସନ୍ଦ ହୋଇଥାଏ। ମାଟି କପ୍ ହେଉ କି ପ୍ଲାଷ୍ଟିକ୍ ପେପର କପ୍‌ରେ ଚା' ଟିକ୍ ସମସ୍ତଙ୍କୁ ଦରକାର ହୋଇଥାଏ। ହେଲେ ମାଟି କପ୍‌କୁ ଛାଡ଼ି ଅନେକ ଦୋକାନରେ ଏବେ କାଗଜ କପ୍‌ରେ ଚା' ବିକ୍ରି କରାଯାଉଛି। ଏହି ପ୍ଲାଷ୍ଟିକ୍ ପେପର କପ୍ ଛୋଟ ହୋଇଥିଲେ ବି ପରିବେଶ ପାଇଁ କ୍ଷତିକାରକ ସାଜୁଛି। କିନ୍ତୁ ଏହାର ବିକଳ୍ପ ଭାବେ ଏବେ ବଜାରକୁ ଆସିଛି ବିସ୍କୁଟ୍ କପ୍। ବିସ୍କୁଟ୍‌ରେ ପ୍ରସ୍ତୁତ କପ୍‌ରେ ଏବେ ଚା' ପିଉଛନ୍ତି ଲୋକେ। ଆଉ ଚା' ପିଇବା ପରେ କପ୍‌କୁ ତଳେ ପକାଇବା ବଦଳରେ ଖାଇହେଉଛି। ଫଳରେ ତଳେ ପଡ଼ି ପରିବେଶ ନଷ୍ଟ ହେବାର ସମ୍ଭାବନା ନାହିଁ।

ରାଜଧାନୀର ରାସ୍ତା କଡ଼ରୁ ନେଇ ବଡ଼ ମାର୍କେଟ, ହାଟ, ଗଳିକନ୍ଦିର ଅନେକ ସ୍ଥାନରେ ଛୋଟ ବଡ଼ ଚା' ଦୋକାନ ରହିଛି। ଏହି ସବୁ ଦୋକାନରେ ପ୍ଲାଷ୍ଟିକ୍ ପେପର କପ୍‌ରେ ଚା' ଗ୍ରାହକମାନେ ପିଉଛନ୍ତି। ପ୍ଲାଷ୍ଟିକ୍ ପେପରରେ ଗରମ ଚା ପଡ଼ିଲେ ଏହି ପେପରରୁ ପ୍ଲାଷ୍ଟିକ୍ ସବୁ ତରଳି ପେଟ ଭିତରକୁ ଯାଇଥାଏ। ଏଥିସହିତ ଏହି ପ୍ଲାଷ୍ଟିକ୍ କପ୍ ମାଟିରେ ପଡ଼ିବା ପରେ ପରିବେଶ ଖରାପ ହେବା ସହ ମାଟି ପାଇଁ ମଧ୍ୟ ବିପଦ ସାଜୁଛି। ସରକାରୀ ସ୍ତରରେ ଏହି ପ୍ଲାଷ୍ଟିକ୍ ପେପରକୁ ବନ୍ଦ କରିବା ପାଇଁ ଅନେକ କଟକଣା କରାଯାଉଛି। ହେଲେ ଏହି ଘୋଷଣା କେବଳ ଘୋଷଣାରେ ରହିଯାଉଛି। କିନ୍ତୁ ଏହି ପ୍ଲାଷ୍ଟିକ୍ ପେପର ପ୍ଲେଟ୍‌ରୁ ମୁକ୍ତି ପାଇବା ପାଇଁ ବିକଳ୍ପ ଭାବେ ଆସିଲାଣି

## ଫିଙ୍ଗିବା ବଦଳରେ ଖାଉଛନ୍ତି ଲୋକେ

ବିସ୍କୁଟ୍ ଚା' କପ୍। ରାଜଧାନୀର ପ୍ରାୟ ୨୦୦ରୁ ଅଧିକ ଦୋକାନରେ ବିସ୍କୁଟ୍ କପ୍ ମିଳୁଛି। ଏହି ବିସ୍କୁଟ୍ କପ୍‌ର ଇଲାଇଚି, ଭ୍ୟାନିଲା, ଚକୋଲେଟ୍, ପିଜ୍ଜା, ବଟରସ୍କଚ୍, ସୁଗାର ଫ୍ରି ପରି ଫ୍ଲେଭର ରହିଛି। କପ୍‌ର ସାଇଜ୍‌କୁ ନେଇ ଦର ରହିଛି। ୭୫ଏମ୍‌ଏଲ୍‌ରୁ ଆରମ୍ଭ ହୋଇ ୧୫୦ ଏମ୍‌ଏଲ୍ ପର୍ଯ୍ୟନ୍ତ ରହିଛି। ଏହାର ଦର ୧୦ରୁ ଆରମ୍ଭ କରି ୨୦ ଟଙ୍କା ରହିଛି। ଏହି କପ୍‌ରେ ଚା' ୧୦ ମିନିଟ୍ ପର୍ଯ୍ୟନ୍ତ ରହିପାରିବ। ଏହି କପ୍ ଦେହ ପାଇଁ ହିତ ହୋଇଥିବାବେଳେ ପରିବେଶ ପାଇଁ ମଧ୍ୟ ଘାତକ ସାଜୁନାହିଁ।

ଆଜିର ଦିନରେ ପ୍ଲାଷ୍ଟିକ୍ ପେପର କପ୍ ମାଟିରେ ପଡ଼ିଲେ ବିଘଟନ ହେଉନି। ହେଲେ ଏହି ବିସ୍କୁଟ୍ କପ୍ ନା ମାଟିରେ ପଡ଼ିବ ନା ପରିବେଶ ଖରାପ। ଛୋଟରୁ ବଡ଼ ସମସ୍ତେ ଏହି କପ୍‌କୁ ଖାଇ ପାରିବେ ବୋଲି ଆଇଆର୍‌ସି ଭିଲେଜରେ ଥିବା ଇକୋ ଟ୍ରିଜ୍ ମୁଖ୍ୟର ଇଶାନ ଛାଉଛରିଆ କହିଛନ୍ତି। ସେ ଆହୁରି ଏହି ବିସ୍କୁଟ୍ କପ୍ ଚା'କୁ ତିଆରି କରି ସହରର ଦୁଇଶହରୁ ଅଧିକ ଦୋକାନକୁ ପଠାଯିବା ସହ ଓଡ଼ିଶାର ମଧ୍ୟ ୯୦ ପ୍ରତିଶତ ସହରକୁ ଏହି ବିସ୍କୁଟ୍ କପ୍ ଚା' ପାର୍ସଲ କରାଯାଉଛି ବୋଲି କହିଛନ୍ତି।

## ଜୀବନର କେତେ ରଙ୍ଗ

# କାର୍ତ୍ତିକରେ ଖୋଜାପଡ଼ନ୍ତି ସୌଦାମିନୀ



ଭୁବନେଶ୍ୱର,୨।୧୧(ସମିସ): କାର୍ତ୍ତିକର ଡଙ୍ଗା କେବଳ ପରମ୍ପରାର ପ୍ରତୀକ ନୁହଁ, ତାହା କେବେ ମାନସିକର ଡଙ୍ଗା ସାଜେ ତ କେବେ ଗୁଜୁରାଣ ମେଣ୍ଟାଇବାର ବାଟ ଦେଖାଏ। କାର୍ତ୍ତିକ ଆସିଲେ କାମ ତାଙ୍କର ଆରମ୍ଭ ହୁଏ। ବିନ୍ଦୁସାଗରରେ ଭାସୁଥିବା କଦଳୀ ପାଟୁକାର ଛୋଟ ଡଙ୍ଗା ହେଉ କି ବାଉଁଶ, ନଡ଼ାର ସବୁଠୁ ବଡ଼ ଡଙ୍ଗା ହେଉ, ବେଶ ନିଖୁଣ ଭାବରେ ଗଢ଼ିଥାନ୍ତି ସେ। ଅଭିଜ୍ଞତା ତାଙ୍କୁ ଡଙ୍ଗା କାରିଗରର ପରିଚୟ ଦେଇଛି। ନାଁ ତାଙ୍କର ସୌଦାମିନୀ ସାମଲ। ଗଲା କେତେ ବର୍ଷ ହେବ କାର୍ତ୍ତିକରେ ଲୋକଙ୍କ ମାନସିକ ଡଙ୍ଗା ତିଆରି କରୁଛନ୍ତି।

ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇବାର ପରମ୍ପରା ଅନେକ ଜଣଙ୍କୁ ରୋଜଗାରର ମାଧ୍ୟମ ସାଜେ। ସେଥିମଧ୍ୟରୁ ଅନ୍ୟତମ ହେଉଛନ୍ତି ଡଙ୍ଗା ତିଆରି କରି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା କାରିଗର। ପ୍ରତିବର୍ଷ ଏହି ଦିନକୁ ଚାହିଁ ରହିଥିବା କାରିଗରଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ନାଗେଶ୍ୱର ଟାଙ୍ଗୀର ସୌଦାମିନୀ ସାମଲ। ବୟସ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ହେଲାଣି। ହାତ ଆଜି ବି ଡଙ୍ଗା ତିଆରିରେ ବ୍ୟସ୍ତ। ପ୍ରତିବର୍ଷ ଶ୍ରାବଣ ମାସ ପରେ ଏହି ଡଙ୍ଗା ତିଆରି କାମ ମାସକ ଆଗରୁ ଆରମ୍ଭ କରିଥାନ୍ତି। ଅନେକ ବର୍ଷ ଧରି ବିନ୍ଦୁସାଗରରେ ଭାସୁଥିବା ଡଙ୍ଗାକୁ ସେ ହୃଷିକେଶ ବେହେରାଙ୍କ ସହ ମିଶି ତିଆରି କରୁଛନ୍ତି। ଜଣେ ମହିଳା ଡଙ୍ଗା କାରିଗର ହେବାର ଅନୁଭୂତିରୁ ସେ କହିଥିଲେ, ହସ୍ତଶିଳ୍ପକୁ ନେଇ ସେ କିଛି ପ୍ରଶିକ୍ଷଣ ନେଇନଥିଲେ, ବରଂ ହୃଷିକେଶ ବେହେରାଙ୍କଠୁ ଡଙ୍ଗା ତିଆରି କାମ ଶିଖି ଅନେକ ବର୍ଷ ହେବ ତାଙ୍କ ସହଯୋଗୀ ଭାବେ କାମ କରୁଛନ୍ତି। ବିନ୍ଦୁସାଗରରେ ଭସାଯାଉଥିବା ସବୁଠୁ ବଡ଼ ଡଙ୍ଗା ତିଆରିରେ ଦିନକୁ ପାଖାପାଖି ୫ରୁ ୬ ଘଣ୍ଟା ସମୟ ଦେଇଥାନ୍ତି। ହେଲେ ଏହି କାମରେ ସବୁଦିନ ଘର ଚଳାଇବା ସମ୍ଭବ ନୁହେଁ, ତେଣୁ ଅନ୍ୟ ସମୟରେ ମୂର୍ତ୍ତିକାମ, ଟେରାକୋଟା କାମ ଆଦି କରିଥାନ୍ତି। ଆଖପାଖରେ ହେଉଥିବା ଲକ୍ଷ୍ମୀପୂଜା ଏବଂ ବିଶ୍ୱକର୍ମା ପୂଜା ଆଦିରେ ମୂର୍ତ୍ତି ପାଇଁ ତାଙ୍କୁ ଅର୍ଡର ଆସିଥାଏ। ଏହି ଡଙ୍ଗା ଏବଂ ମୂର୍ତ୍ତି କାମରେ ତାଙ୍କୁ ପରିବାର ଲୋକ ସହଯୋଗ କରନ୍ତି। ସୌଦାମିନୀଙ୍କ ପୁଅ ମଧ୍ୟ କାର୍ତ୍ତିକରେ ଛୋଟ ଛୋଟ ଡଙ୍ଗା ତିଆରି କରି ବିକ୍ରି କରିଥାନ୍ତି। ସମୟ ସହ ବୟସ ବଢ଼ି ଚାଲିଥିଲେ ହେଁ ଆଜି ବି ତାଙ୍କ ହାତ ଅଟକିନି। ହାତ ଗୋଡ଼ ଚାଲିଥିବା ଯାଏଁ ଡଙ୍ଗା ଗଢ଼ିବା ବି ଚାଲିଥିବ ବୋଲି ସୌଦାମିନୀ କହିଥିଲେ।

# ୧୪ରୁ ପିକକ୍ ଶିଶୁମେଳା

ଭୁବନେଶ୍ୱର, ୨।୧୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଆସନ୍ତା ୧୪ରେ 'ପିକକ୍ ଶିଶୁମେଳା' ଆରମ୍ଭ ହେବ। ଏକାମ୍ର ହାଟର ମୁକ୍ତ ରଙ୍ଗମଞ୍ଚରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସପ୍ତାହେ ବ୍ୟାପୀ ଅର୍ଥାତ୍ ୨୦ ତାରିଖ ଯାଏଁ ଅନୁଷ୍ଠିତ ହେବ। ପ୍ରତିଯୋଗୀଙ୍କୁ ଶ୍ରେଣୀ ଅନୁସାରେ ଶିଶୁ, ସବଜୁନିଅର, ଜୁନିଅର ଓ ସିନିଅର ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏହାସହ ପିକକ୍‌ର ବିଭିନ୍ନ ବାର୍ଷିକ ସମ୍ମାନ ପାଇଁ ନାମାଙ୍କନ ଆହ୍ୱାନ କରାଯାଇଛି। ବହୁମୁଖୀ ପ୍ରତିଭା ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଡ. ପିସି ଦାସ ସ୍ମାରକୀ ଶିଶୁ ପ୍ରତିଭା ସମ୍ମାନ, ସାହସିକତା ପାଇଁ ବାଜିରାଉତ ସ୍ମାରକୀ ସମ୍ମାନ, ଅଭିନୟ ପାଇଁ ଶରତ ପୂଜାରୀ ସ୍ମାରକୀ ସମ୍ମାନ, ବଳିଷ୍ଠ ନେତୃତ୍ୱ ତଥା ସମାଜ ପରିବର୍ତ୍ତନକାରୀ ଜଣେ ଝିଅଙ୍କୁ ଆଦରମଣି ବରାଳ ସ୍ମାରକୀ ସମ୍ମାନ ଓ କ୍ରୀଡ଼ା ପାଇଁ ଜଣେ ଝିଅଙ୍କୁ ସୁଷମା ମହାପାତ୍ର ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶିଶୁ ଲେଖକଙ୍କ ପାଇଁ ଶିଶୁସାଥି ସମ୍ମାନ, ସାମ୍ବାଦିକତା ପାଇଁ ସ୍ୱରୂପ ଜେନା ସ୍ମାରକୀ ସମ୍ମାନ, ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବନୀ ବରାଳ ସ୍ମାରକୀ ସମ୍ମାନ, ଶିଶୁମାନଙ୍କ ସୁରକ୍ଷା ବା ବିକାଶ ପାଇଁ କାର୍ଯ୍ୟରତ ବ୍ୟକ୍ତିଙ୍କୁ ଡ. ପିସି ଦାସ ସ୍ମାରକୀ ଶିଶୁ ଅଧିକାର ସୁରକ୍ଷା ସମ୍ମାନ, ପଞ୍ଚାୟତର ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ଆରାଧନା ନନ୍ଦ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ୧୯୯୦ରୁ ଶିଶୁ ଅଧିକାର ସପ୍ତାହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଅନ୍ତର୍ଜାତୀୟ ଗଭୀର ସମୁଦ୍ର ଶଯ୍ୟା ଦିବସ

ଭୁବନେଶ୍ୱର, ୨।୧୧ (ସମିସ): ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି, ସିଏସଆଇଆର-ଆଇଏମଏମଟିରେ ଅନ୍ତର୍ଜାତୀୟ ଗଭୀର ସମୁଦ୍ର ଶଯ୍ୟା ଦିବସ ଉଦଘାଟିତ ହୋଇଯାଇଛି। ଗୋଆସ୍ଥିତ ସିଏସଆଇଆର-ଏନଆଇଓ, ଏନଆଇଓଟି, ଚେନ୍ନାଇ ଏବଂ ନ୍ୟାସନାଲ ସେଣ୍ଟର ଫର ପୋଲାର ଆଣ୍ଡ ଓସେନ ରିସର୍ଚ୍ଚ ସହଯୋଗରେ ସଚିବ ଡ. ଏମ. ରବିଚନ୍ଦ୍ରନଙ୍କ ପରାମର୍ଶରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ସୋଆ ବିଶ୍ୱବିଦ୍ୟାଳୟ ଏବଂ ସିଏସଆଇଆର - ଆଇଏମଏମଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏହି ଉତ୍ସବକୁ ଉଦଘାଟନ କରିଥିଲେ।

# ବାଲିପାଟଣା ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବାଲିପାଟଣା,୨।୧୧(ସମିସ): ପ୍ରଜ୍ଞାନ ମିଶନ ପକ୍ଷରୁ ରବିବାର ସ୍ଥାନୀୟ ବାଗ୍‌ଦେବୀ ବିଦ୍ୟା ମନ୍ଦିର ପରିସରରେ ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ଗୀତା ପାଠର ତାତ୍ପର୍ଯ୍ୟ ଉପଲବ୍‌ଧି କରାଇବା ସହିତ ଗୀତା ଦ୍ୱାରା ମାନସିକ, ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ବାର୍ତ୍ତା ରହିଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରତିଯୋଗିତାରେ ଗ୍ରୁପ୍ 'କ'ରେ ଅର୍ପିତା ରଥ, ଆଦିତ୍ୟ ପାତ୍ର, ସୌରଭ ମଣ୍ଡଳ, ଗ୍ରୁପ 'ବି'ରେ ଶୁଭସ୍ମିତା ପୃଷ୍ଟି, ଆୟୁଷ୍ମାନ ଷଡ଼ଙ୍ଗୀ, ଆଦ୍ୟାଶା ବାରିକ ଓ ଗ୍ରୁପ 'ସି'ରେ ମାନସୀ ମୁଦୁଲି, ଆଦ୍ରିକା ପାତ୍ର ଓ ସୋନାଲି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶିଶିର କୁମାର ପାଢ଼ୀ, ଅର୍ଦ୍ଧେନ୍ଦୁ ଶେଖର ମହାପାତ୍ର, ଗୀତା ସେବୀ ରାମ ନାରାୟଣ





ଶତପଥୀ, ଅରୁଣ କୁମାର ଶତପଥୀ, ଅଭିମନ୍ୟୁ ନାୟକ, ବିକାଶ କୁମାର ଓଝା ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପବିତ୍ରା ଦାସ, ଉର୍ମିଳା ସେନାପତି, ସବିତା ମୁଖି, ଛବିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ୍‌ର ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ।

# 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ମଞ୍ଚସ୍ଥ

ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାରେ ବିଦ୍ୟାକନକ ସୃଜନାନୁଷ୍ଠାନ ଦ୍ୱାରା ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ରବିବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। କଳୁଷିତ ଆଜିର ଏ ସମାଜ। ମାନବିକତା ଆଜି କବର ନେଇଛି। ହିଂସା, ଅନ୍ୟାୟ, ଅନୀତି, ଅସତ୍ୟ ପଥର ଯାତ୍ରୀ ଆଜିର ଯୁବ ସମାଜ। ସେ ପୁଷ୍ପିତ ପଲାଶ ବନରେ ଦେଖେ ବିଦ୍ରୋହର ବହ୍ନି। ସ୍ଥୂଳ ପଦ୍ମରେ ଦେଖେ ଆହତର ରକ୍ତ ଆଉ ଆନତ କୃଷ୍ଣଚୂଡ଼ାରେ ଦେଖେ ଅନାଗତ ଯୁଗର ରକ୍ତ କେତନ। କାମ, କ୍ରୋଧ, ଲୋଭ ମୋହ ଓ ଅଜ୍ଞତାର ବଶବର୍ତ୍ତୀ ହୋଇ ଜଘନ୍ୟ ଅପରାଧ ଘଟାଇବାକୁ ପଛ ଘୁଞ୍ଚା ଦେଉନି ଯୁବ ସମାଜ। ଏ ସବୁର ଅନ୍ତିମ ପରିଣତି କେତେ ଯେ ଭୟାନକ ସେ ନିଜେ ବି ଜାଣି ନ ଥାଏ। ମହାଭାରତ ଯୁଦ୍ଧରେ ଚକ୍ରବ୍ୟୁହ ଭିତରକୁ



ପ୍ରବେଶ କରିଥିଲେ ଅଭିମନ୍ୟୁ। କିନ୍ତୁ ଫେରି ପାରିନଥିଲେ। ସେମିତି ଆଜିର ଯୁବ ସମାଜ ଅପରାଧର ଚକ୍ରବ୍ୟୁହକୁ ଅତି ସହଜରେ ପ୍ରବେଶ କରିଯାନ୍ତି, କିନ୍ତୁ ଫେରିପାରନ୍ତି ନାହିଁ। ଏହାକୁ ନେଇ ଗତିଶୀଳ ହୋଇଛି ନାଟକ। ହେମେନ୍ଦ୍ର ମହାପାତ୍ର ନାଟକର ରଚନା କରିଥିବାବେଳେ ସୌନିକା ସାହୁ ନିର୍ଦ୍ଦେଶନା ଦେଇଛନ୍ତି। ସଙ୍ଗୀତରେ ମାନସ କୁମାର ପରିଡ଼ା ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମନ୍ମଥ କୁମାର ଶତପଥୀ, ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେର, ସଂଘ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, ସଂଘ ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୋବିନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଉପସ୍ଥିତ ରହିଥିଲେ।

# ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ ଉଦ୍‌ଯାପିତ





ଭୁବନେଶ୍ୱର,୨।୧୧(ସମିସ): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଆୟୋଜିତ ୧୩ ତମ ଓଡ଼ିଶୀ ରାଗମହୋତ୍ସବ ଓ ସମ୍ମାନ ସମାରୋହ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବର ପ୍ରଥମ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ଗାନ ସମାବେଶ। ପରେ ପରେ ଆଶାବରୀ କଲଚରାଲ ସୋସାଇଟିର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଂଗୀତ ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଆଳାପ କଲଚୁରାଲ ଟ୍ରଷ୍ଟର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ। ଶେଷରେ ସଂଗୀତା ପଣ୍ଡା ଓ ମ୍ୟୁଜିକ ଆନନ୍ଦ ଗ୍ରୁପ ଏବଂ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ଗାୟକ ତଥା ଗବେଷକ ଗୁରୁ ରାମହରି ଦାସ, ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଉପ ସଭାପତି ଡ. ଶାନ୍ତନୁ ଆଚାର୍ଯ୍ୟ, ସାହିତ୍ୟ ସାଧକ ତଥା ଗୀତିକାର ଗୌର ପଟ୍ଟନାୟକ, ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ଉପସ୍ଥିତ ଥିଲେ। ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ବଙ୍କିମ ସେଠୀଙ୍କୁ ଗୁରୁ ସିଂହାରୀ ସମ୍ମାନ, ଓଡ଼ିଶୀ ନୃତ୍ୟ ପ୍ରଦର୍ଶକ ଏବଂ ନୃତ୍ୟ ନିର୍ଦ୍ଦେଶିକା ଗୁରୁ ଡ. ଅରୁଣା ମହାନ୍ତଙ୍କୁ ଭାଗବତୀ ସ୍ମୃତି ସମ୍ମାନ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟଙ୍କୁ ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

# ସାଉଦି ଆରବରେ ପ୍ରବାସୀ ଭାରତୀୟ ପରିଚୟ ଦିବସ

ଭୁବନେଶ୍ୱର, ୨।୧୧ (ସମିସ): ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସପ୍ତାହ ବ୍ୟାପୀ ପ୍ରବାସୀ ପରିଚୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସମେତ ଗୁଜୁରାଟ, କର୍ଣ୍ଣାଟକ, ପଞ୍ଜାବ ଓ ଉତ୍ତରାଖଣ୍ଡ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ପ୍ରଦର୍ଶିତ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ ଓ ଆଧୁନିକ ଓଡ଼ିଆ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଓଡ଼ିଶା ପାଭିଲିଅନ୍ ଷ୍ଟଲ୍‌ରେ ପିପିଲି ଚାନ୍ଦୁଆ, କଟକ ରୂପା ତାରକସି, ହସ୍ତତନ୍ତ, ପଟ୍ଟଚିତ୍ର, ଓ ତାଳପତ୍ର ଚିତ୍ରକଳା, ରସଗୋଲା ଭଳି ଅନେକ ଓଡ଼ିଆ ସଂସ୍କୃତି ସହିତ ସଂପୃକ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଭାରତୀୟ ଦୂତାବାସର ଉପ ମିଶନ ମୁଖ୍ୟ ଆବୁ ମାଥେନ ଜର୍ଜ ତଥା ପରିଦର୍ଶକ ମିଠାର ସ୍ୱାଦକୁ ବିଶେଷ ପ୍ରଶଂସା କରିଥିଲେ। ଭାରତୀୟ ରାଜଦୂତ ସୁହେଲ ଏଜାଜ୍ ଖାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ଓଡ଼ିଶା ପାଭିଲିଅନ୍‌ର ଶିଳ୍ପସାମଗ୍ରୀ ଓ ସାଂସ୍କୃତିକ ଉପସ୍ଥାପନା ଦେଖି ପ୍ରଶଂସା କରିଥିଲେ। ଓଡ଼ିଆ ସମାଜ ପକ୍ଷରୁ ଅଜିମୁଦ୍ଦିନ୍ ଖାନ ରାଜଦୂତଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଦୀପିକା ପାଣିଗ୍ରାହୀ ଓ ଦୀପିକା ପାତ୍ର। ବିବେକ ସିଲ୍ଲା, ଶିବାଶିଷ ନାୟକ ଓ ଜ୍ୟୋତିର୍ମୟ ସାହୁ ମଞ୍ଚ ପରିଚାଳନା କରିଥିଲେ।





ପ୍ରଦର୍ଶିତ ହେଲା ପିପିଲି ଚାନ୍ଦୁଆ, ରୁପା ତାରକସୀ ଓ ରସଗୋଲା

# ଭୁବନେଶ୍ୱର ଉତ୍ତର ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

ନନ୍ଦନକାନନ,୨।୧୧(ସମିସ): ନଭେମ୍ବର ୫ ରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍ତର ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଚନ୍ଦ୍ରଶେଖରପୁର ଥାନା ନିକଟସ୍ଥ କ୍ଲବ୍ ଟାଉନ ପଡ଼ିଆରେ ଏହାର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ତଥା ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଲୋକନୃତ୍ୟ, ଲୋକକଳା ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉତ୍ତର ମହୋତ୍ସବ ସମ୍ମାନ-୨୦୨୫ ପ୍ରଦାନ କରାଯିବ। ସଭାପତି କୁନାଲ ରାଉତ କହିଥିଲେ ଚଳିତବର୍ଷ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସାମଗ୍ରୀର ଷ୍ଟଲ ଲାଗିବା ସହିତ ମୀନାବଜାର, ଦୋଳି ଓ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ ରହିବ। ଅନ୍ତର୍ଯ୍ୟାମୀ କୁଅଁର, ସମରେନ୍ଦ୍ର ସାହୁ, କର୍ପୋରେଟର ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା, ନିରଞ୍ଜନ ରାଉତରାୟ, ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି, ନଗେନ ବିଶୋଇ, ବିଭୂତି ଭୂଷଣ ବିଶ୍ୱାଳ, ସଞ୍ଜୟ ପତି, ସ୍ମୃତିରଞ୍ଜନ ଦାସ ଓ ଜଳଧର ସୁବୁଦ୍ଧି, କୁନା ଜେନା, ଉମାକାନ୍ତ ହାତୀ, ବିଶ୍ୱଜିତ ରାଉତ, ଅଞ୍ଜନ ଜେନା, ନିର୍ମଳ ରାଉତ, ନିର୍ମଳ ପଣ୍ଡା, ପ୍ରକାଶ ତ୍ରିପାଠୀ, ନବଘନ ରାଉତ, ସୌଭାଗ୍ୟଲକ୍ଷ୍ମୀ ଦାଶ, ଲିପା ସାହୁ, ଜ୍ୟୋତ୍ସ୍ନା ନାୟକ ଉପସ୍ଥିତ ଥିଲେ। ସଂଯୋଜକ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମଣିଷ ପାଇଁ ଛବିଟିଏ' କଳା ପ୍ରଦର୍ଶନୀ

ଭୁବନେଶ୍ୱର,୨।୧୧(ସମିସ): ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରକାଶିତ ହେଉଥିବା ତ୍ରୈମାସିକ ଓଡ଼ିଆ ପ୍ରଗତିଶୀଳ ସାହିତ୍ୟ ପତ୍ରିକା ଯୁଗ ପ୍ରବର୍ତ୍ତକ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ "ମଣିଷ ପାଇଁ ଛବିଟିଏ' ଶୀର୍ଷକ କଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏଥିସହିତ ଯୁଗ ପ୍ରବର୍ତ୍ତକ କଳା ଓ ସାହିତ୍ୟ ବାର୍ଷିକ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍ସବର ପ୍ରାରମ୍ଭରେ ଜୟଦେବ ଭବନ ପ୍ରଦର୍ଶନୀ ହଲ୍‌ଠାରେ ୨୨୫ ଜଣ ଯୁବ ଓ ଶିଶୁ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରାଙ୍କନ ଓ ମୂର୍ତ୍ତି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ସାହିତ୍ୟିକ ପ୍ରଫେସର ନଟବର ଶତପଥୀ ଉଦ୍‌ଘାଟନ କରିଥିଲେ। କବି ଓ ଲେଖକ ତଥା ଯୁଗ ପ୍ରବର୍ତ୍ତକର ଅନ୍ୟତମ ଉପଦେଷ୍ଟା ନିରାକାର ଦାସଙ୍କ ସଭାପତିତ୍ୱରେ କରିଥିବାବେଳେ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ଦେଇଥିଲେ ସମ୍ପାଦକ ରାଜେନ୍ଦ୍ର ବର୍ମା। ଅନ୍ୟତମ ଅତିଥି ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ସମ୍ମାନିତ ବକ୍ତା ସ୍ତମ୍ଭକାର ରମାକାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ। କଥାକାର ଅଚ୍ୟୁତାନନ୍ଦ ପତିଙ୍କ ସମ୍ମାନରେ ଗାଳ୍ପିକା ଚିନ୍ମୟୀ ବାରିକଙ୍କୁ ଯୁଗ ପ୍ରବର୍ତ୍ତକ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଅଙ୍କୁର ଫାଉଣ୍ଡେସନର ସପ୍ତମ ଜାତୀୟ ବହୁଭାଷୀ ଶିଶୁ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୧(ସମିସ):

ଦୁଇ ଦିନିଆ ଶିଶୁ ସାହିତ୍ୟ ଉତ୍ସବ ଗୀତଗୋବିନ୍ଦ ସଦନଠାରେ ଉଦ୍‌ଘାଟିତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଦୁଇଶହ ପିଲା ଏହି ଉତ୍ସବରେ ଏକାଠି ହୋଇ ସାହିତ୍ୟ, କଳା ଓ ସଂସ୍କୃତିର ରଙ୍ଗୀନ ମେଳାରେ ଯୋଗ ଦେଇଥିଲେ। ଉତ୍ସବରେ ବହୁ ସାହିତ୍ୟିକ, ଚିତ୍ରଶିଳ୍ପୀ ଓ କଳାକାରଙ୍କ ସମାବେଶ ଘଟିଛି। ପ୍ରଥମ ଦିନରେ ଏହି ଉତ୍ସବକୁ ଲେଖିକା ତଥା ଆଇଆରଏସ୍ ଅବସରପ୍ରାପ୍ତ ଅଧିକାରୀ ପାରମିତା ଶତପଥୀ, ପ୍ରସିଦ୍ଧ ହିନ୍ଦୀ କବି ଯତୀଶ କୁମାର ଏବଂ କଲିକତାରୁ ଆସିଥିବା ଗାଳ୍ପିକା ସ୍ମିତା ଗୋୟଲ ଉଦ୍‌ଘାଟନ କରିଛନ୍ତି। ସେମାନେ ପିଲାଙ୍କୁ ସାହିତ୍ୟର ମହତ୍ତ୍ୱ ଓ ସୃଜନଶୀଳତାର ଗୁରୁତ୍ୱ ବିଷୟରେ ଉତ୍ସାହଜନକ ବାର୍ତ୍ତା ଦେଇଛନ୍ତି। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବସନ୍ତ କୁମାର ସାହୁ ପାରମ୍ପରିକ କଣ୍ଢେଇ ନୃତ୍ୟର ଶୈଳୀ ଶିଖାଇବାକୁ ନେଇ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ କୌଶିକ ନାଥ ଫିଲ୍ମ ମେକିଙ୍ଗର କୌଶଳ ଏବଂ ସମ୍ପଦ ମହାପାତ୍ର ବିଜ୍ଞାନ ସହ ସାହିତ୍ୟର ମିଶ୍ରଣରେ ଗପ ପରବର୍ତ୍ତୀ ଅଧିବେଶନରେ ପିଲାମାନଙ୍କ ପାଇଁ ରହିଛି। ଏଥିସହିତ ଅକ୍ସଫୋର୍ଡ ବୁକ୍ସ ଦ୍ୱାରା ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ବହିର ପସରା ପଢ଼ିବା ଓ କିଣିବା ପାଇଁ ରଖାଯାଇଛି। ଆସନ୍ତାକାଲି ଉତ୍ସବର ଦ୍ୱିତୀୟ ଦିନରେ ଆଉ ଅଧିକ କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ ଶିଶୁମାନଙ୍କର ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି କାର୍ଯ୍ୟକ୍ରମର ଆୟୋଜିକା ତଥା ଶିଶୁ ସାହିତ୍ୟିକା, ଅଙ୍କୁର ଫାଉଣ୍ଡେସନର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମୟୀ ପଣ୍ଡା କହିଛନ୍ତି।



# ଚକଡ଼ା ପୋକରେ ଧାନ ଫସଲ ନଷ୍ଟ

● ଫସଲ କ୍ଷୟକ୍ଷତି ଆକଳନ ସହ ଚାଷୀଙ୍କୁ ସହାୟତା ଦାବି



ଆନନ୍ଦପୁର, ୨।୧୧(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଚକଡ଼ା ପୋକ ଲାଗିଯିବାରୁ ଅମଳ ହେବାକୁ ଥିବା ଧାନ ଫସଲ ନଷ୍ଟ ହୋଇଯାଇଛି। ଆନନ୍ଦପୁର ହାଟଡିହି ବ୍ଲକର ବିଭିନ୍ନ ଧାନ କ୍ଷେତରେ ଧାନ ଗଛ ମୋଡ଼ି ହୋଇ ତଳେ ପଡ଼ିଥିବା ପରିଲକ୍ଷିତ ହୋଇଛି। ଘସିପୁରା ବ୍ଲକ ଅନ୍ତର୍ଗତ ଖାଳିଆମେଣ୍ଢା ଓ ଓସ୍ତପୁରା ମୌଜାରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଅଞ୍ଚଳର ବହୁ ଆଦିବାସୀ ଓ ସାଧାରଣ ଲୋକ ହଜାର ହଜାର ଟଙ୍କା କରଜ କରି ଧାନ ଫସଲ କରିଥିବା ବେଳେ କୌଣସି କାରଣରୁ ଖାଳିଆମେଣ୍ଢା ଓ ଓସ୍ତପୁରା ମୌଜାରେ ବହୁ ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହେବା ସହ ଅନ୍ୟ ଜମିକୁ ଏହି ରୋଗ ବ୍ୟାପୁଥିବାର ଦେଖାଯାଇଛି। ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରୋଗର ନିରାକରଣ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଜମିର ଚାଷୀମାନଙ୍କୁ କ୍ଷୟକ୍ଷତିର ଆକଳନ ପୂର୍ବକ ସରକାରୀ ସହାୟତା ଯୋଗାଇ ଦେବାକୁ ଅଗ୍ରଣୀ ଚାଷୀ ଶିବଶରଣ ମିଶ୍ର ଦାବି କରିଛନ୍ତି।

ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବିଚିତ୍ର ନୀତି

# କାମ ଠିକାଦାରଙ୍କ, ମହାବିଦ୍ୟାଳୟ ଦେଉଛି ବିଦ୍ୟୁତ ବିଲ୍





ଚମ୍ପୁଆ, ୨।୧୧(ସମିସ): ଖବର ପ୍ରକାଶ ପାଇଁ ମତାମତ ମାଗିବାରୁ ତରବରିଆ ଭାବେ ରାତିଅଧରେ ସୂଚନାଫଳକ ଲଗାଇ ଠିକାଦାର ତାର କର୍ତବ୍ୟ ଶେଷ କରିଥିବା ବେଳେ ୬କୋଟି ଟଙ୍କାର ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ମହାବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟିର ଅଜାଣତାରେ ବିଦ୍ୟୁତ ସଂଯୋଗ ପ୍ରାଦାନ କେଉଁ ସ୍ୱାର୍ଥରେ ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୯୭୭ରେ କାର୍ଯ୍ୟକ୍ଷମ ଏହି ମହାବିଦ୍ୟାଳୟର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। କେତେବେଳେ ଆବଶ୍ୟକ କର୍ମଚାରୀ ଅଭାବ ତ କେତେବେଳେ ଅଧ୍ୟାପକ ଅଭାବକୁ ନେଇ ଶିକ୍ଷା ବାଧାପ୍ରାପ୍ତ ହେଉଛି। ଏହି ମହାବିଦ୍ୟାଳୟର ପରିସରରେ ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରାଯାଉଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ କୌଣସି ସୂଚନାଫଳକ ଲଗାଯାଇ ନଥିଲା। ଖବର ପାଇଁ ମତାମତ ମାଗିବାରୁ ରାତିଅଧରେ ସୂଚନାଫଳକ ଲଗିଥିଲା। ମାତ୍ର ଦୀର୍ଘଦିନ ଧରି କାମ ଚାଲୁ ରହିଥିବା ବେଳେ ଏହି ବୃହତ ପ୍ରକଳ୍ପକୁ ମହାବିଦ୍ୟାଳୟ ପକ୍ଷରୁ ବିଦ୍ୟୁତ ସଂଯୋଗ ଦିଆ ଯାଇଥିଲେ ହେଁ ଏହାର ବିଲ୍ କିଏ ଦେଉଛି ନା କଲେଜ ପକ୍ଷରୁ ପ୍ରଦାନ କରାଯାଉଛି ସେନେଇ ପ୍ରଶ୍ନ ଉଙ୍କିମାରିଛି। ରଡ କାଟିବାଠାରୁ ଆରମ୍ଭ କରି ପ୍ରକଳ୍ପରେ ମଟର ସାହାଯ୍ୟରେ ଜଳ ବ୍ୟବହାର କରାଯିବା ସହିତ ଠିକାଦାର କର୍ମଚାରି ମାଡିବସିଥିବା କ୍ୱାର୍ଟରରେ ମଧ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟ ଆରମ୍ଭରୁ ବୋରିଂ ବ୍ୟବସ୍ଥା କରାଯିବା କଥା ମାତ୍ର ମହାବିଦ୍ୟାଳୟ ପରିସରରେ ନଳକୂପରୁ ମଟର ସାହାଯ୍ୟରେ ପାଣି ଯୋଗାଇବାକୁ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରବିନ୍ଦ୍ରନାଥ ନାଏକ ଓ ଯନ୍ତ୍ରୀ ନରେଶ ପରିଡାଙ୍କୁ ପଚାରିବାରୁ କାର୍ଯ୍ୟଶେଷ ପରେ ବୋରିଂ କଲେ ଚଳିବ ବୋଲି କହିଛନ୍ତି। ଏନେଇ ବିଦ୍ୟାଳୟ ଅଧକ୍ଷଙ୍କୁ ପଚାରିବାରୁ କହିଛନ୍ତି, ଠିକାଦାରକୁ ବିଦ୍ୟୁତ ଦେୟ ପୈଠ କରିବାକୁ କୁହାଯାଇଛି। ମହାବିଦ୍ୟାଳୟର ଗୋଟିଏ ସଂଯୋଗରୁ ଠିକାଦାର ବିଦ୍ୟୁତ ବ୍ୟବହାର କରୁଥିବା ବେଳେ କେତେ ଅର୍ଥ ପ୍ରଦାନ କରିବ? ସେନେଇ ଏବେ ପ୍ରଶ୍ନ ଉଠିଛି।

ମହିଳା ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର ମାମଲା

# ଅଭିଯୁକ୍ତଙ୍କୁ ନୋଟିସ ଜାରିକଲା ବନ ବିଭାଗ

ତୁରୁମୁଙ୍ଗା, ୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ପିଚ୍ଛୁଲାବେଡା ସଂରକ୍ଷିତ ଜଙ୍ଗଲ ଭିତରେ ବାଲି ଚୋରା ଚାଲାଣ ବେଳେ ବନରକ୍ଷୀ ଦେବଜାନୀ ମହାନ୍ତ ଏବଂ ସ୍କ୍ୱାଡ କୈଳାସ ମହାନ୍ତଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ସେଠାରେ ଟ୍ରାକ୍ଟରକୁ ଜବତ କରିଥିଲା ବେଳେ ତୋଣ୍ଡ ଗ୍ରାମର ପ୍ରହ୍ଲାଦ ମହାନ୍ତ ଏବଂ ତାଙ୍କର ୫ ଜଣ ସାଥୀ, ମହିଳା ବନରକ୍ଷୀ ଦେବଜାନୀ ମହାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ, ଦୁର୍ବ୍ୟବହାର ଓ ଠେଲାପେଲା କରିବା ପରେ ଗଣଦୁଷ୍କର୍ମ ଧମକ ମଧ ଦେଇଥିଲେ। ଉକ୍ତ



ଘଟଣାକୁ ନେଇ ପାଟଣା ରେଞ୍ଜରେ ମାମଲା ରଜୁ ପରେ କେନ୍ଦୁଝର ଡିଏଫ୍ଓଙ୍କ ନିର୍ଦ୍ଦେଶରେ ପାଟଣା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ରେଞ୍ଜର ପ୍ରହ୍ଲାଦ ପଲେଇଙ୍କୁ ୧୦୫୫/୨୫ ଏକ ନୋଟିସ ଜାରି କରାଯାଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଛଡ଼ାଇ ନିଆଯାଇଥିବା ଟ୍ରାକ୍ଟର ଗାଡି ସହ ସେ ନିଜେ ରେଞ୍ଜ କାର୍ଯ୍ୟଳୟରେ ଉପସ୍ଥିତ ରହିବାକୁ ନୋଟିସରେ ନିର୍ଦ୍ଦେଶ ଜାରି ହୋଇଛି; ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫଓ ଏଚଡି ଧନରାଜ୍ ଉଲ୍ଲେଖ କରିଛନ୍ତି।

# ଘଣ୍ଟାଏ ଧରି ରାଜପଥ ଜାମ୍

ବାରିକପୁର, ୨।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଡାହାଲା ପୁରିପଡାଠାରେ ଆଜି ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତା ଜାମ ରହିଥିଲା। ସୂଚନା ମୁତାବକ ଅପରାହ୍ନ ପ୍ରାୟ ଚାରିଟା ସମୟରେ ଗୋଟିଏ ଟ୍ରକ ରାଜପଥ ଉପରେ ୨ଟି ଷଣ୍ଢଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଷଭ ୨ଟି ରାସ୍ତା ଉପରେ ଛଟପଟ ହୋଇ ପଡି ରହିଥିଲେ। ଏହି ସମୟରେ ବଜରଙ୍ଗ ଦଳ କର୍ମୀମାନେ ରାସ୍ତାରେ ଯାଉଥିବା ବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଷଣ୍ଡ ଦୁଇଟିଙ୍କ ଚିକିତ୍ସା ପାଇଁ ଅଟକି ରହିଥିଲେ। ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ହୋଇଥିବା ବେଳେ ବୃଷଭ ରାସ୍ତା



ମଝିରେ ପଡି ରହିବାରୁ କାରଣରୁ ଗାଡି ଚଳାଚଳ ହୋଇ ପାରିନଥିଲା। ଏଥିପାଇଁ ଶହଶହ ଗାଡି ମୋଟର ରାସ୍ତା ଉପରେ ଠିଆ ହୋଇ ରହିଥିଲେ। ଭଣ୍ଡାରିପୋଖରୀଠାରୁ ଛତାବର ଓ ଡାହାଲାଠାରୁ ଆଖୁଆପଦା ଯାଏଁ ରାସ୍ତା ଦୁଇ ପାର୍ଶ୍ୱରେ ମାଲବାହୀ ଓ ଯାତ୍ରୀବାହୀ ଗାଡି ଠିଆ ହୋଇଥିବା ଦେଖା ଯାଇଥିଲା। ଖବର ପାଇ ସ୍ଥାନୀୟ ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ସହ ଷଣ୍ଡ ଦୁଇଟିଙ୍କୁ ରାସ୍ତା ମଝିରୁ ଅପସାରଣ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ରୋଟାରୀ କ୍ଲବ୍ ପକ୍ଷରୁ ୨ ଦିନିଆ ଦନ୍ତ ଚିକିତ୍ସା ଶିବିର ଉଦ୍‌ଯାପିତ



ଯୋଡ଼ା, ୨।୧୧(ସମିସ): ଯୋଡା ରୋଟାରୀ କ୍ଲବ ପକ୍ଷରୁ ଯୋଡାସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲ ଏବଂ ଜିଲିଙ୍ଗସ୍ଥିତ ଓଏମସି ଡିଏଭି ପବ୍ଲିକ ସ୍କୁଲରେ ୨ ଦିନିଆ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୩୦ ଓ ୩୧, ୨ଦିନ ଦିନ ଧରି ଚାଲୁରହିଥିବା ଏହି ଶିବିରଟି ୩୧ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଦନ୍ତ ରୋଗ ବିଶେଷଜ୍ଞ ତଥା କେନ୍ଦୁଝରର ଡାକ୍ତର ସଞ୍ଜିବ କୁମାର ଓତାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରଥମ ଦିନରେ ଯୋଡାସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲ ଏହି ଶିବିରଟି ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଜିଲିଙ୍ଗସ୍ଥିତ ଓଏମସି ଡିଏଭି ପବ୍ଲିକ ସ୍କୁଲରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କିଭଳି ନିଜ ନିଜର ଦନ୍ତର ଉପଯୁକ୍ତ ଯତ୍ନନେବେ ସେ ସମ୍ପର୍କରେ ସଚେନତା କରାଯିବା ସହ ଦାନ୍ତରେ ବିଭିନ୍ନ ସମସ୍ୟା ପରୀକ୍ଷା ମାଧ୍ୟମରେ ଉପଯୁକ୍ତ ପରାମର୍ଶ ଦିଆଯାଇଛି। ଶିବିରଟିରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଦନ୍ତ ଚିକିତ୍ସା ବିଭାଗର ୬ ଜଣ ଅଭିଜ୍ଞ ଡାକ୍ତର ଏଥିରେ ଯୋଗଦେଇଥିଲେ। ସେମାନେ ହେଲେ ଡାକ୍ତର ଗୌରବ ଶର୍ମା, ଡାକ୍ତର ସରୋଜ କୁମାର ବେହେରା, ଡାକ୍ତର ଅନିଶା ଦତ୍ତ, ଡାକ୍ତର ସାହସଭିର ଝା, ଡାକ୍ତର ପାୟଲ ମହାରଣା, ସହାୟକ ଜୟଦେବ ବେହେରା। ଏହି ଶିବିର ୨ଟିରେ ଯୋଡା ରୋଟାରୀ କ୍ଲବର ସଭାପତି ରୋଟାରିଆନ ଜିତେନ୍ଦ୍ର ବୈଦ୍ୟ ଓ ସମ୍ପାଦକ ରୋଟାରିଆନ ପଦ୍ମଲୋଚନ ବେହେରାଙ୍କ ସମେତ ବରିଷ୍ଠ ରୋଟାରିଆନ ବିକାଶ ମହାନ୍ତି, ରୋଟାରିଆନ ରାକେଶ ସିଙ୍ଗାଣିଆ, ରୋଟାରିଆନ ସୁମନ ଭଟ୍ଟାଚାର୍ଯ୍ୟ, ରୋଟାରିଆନ ଦିଲ୍ଲୀପ ରାଉତ, ରୋଟାରୀଆନ ସ୍ୱରୁପ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଟାଟା ଡିଏଭି ସ୍କୁଲରେ ୪୧୩ ଜଣଙ୍କର ଦନ୍ତ ପରୀକ୍ଷା କରାଯାଇଥିବା ବେଳେ ଓଏମସି ଡିଏଭି ସ୍କୁଲରେ ୩୪୭ ଜଣଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। ଶିବିରଟିକୁ ଯୋଡା ଓ ଜିଲିଙ୍ଗ ଡିଏଭି ସ୍କୁଲର ଅଧକ୍ଷ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

# ତୁରୁମୁଙ୍ଗା ଥାନାଞ୍ଚଳରେ ସାଇବର ସୁରକ୍ଷା ସଚେତନତା



ତୁରୁମୁଙ୍ଗା, ୨।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନାଞ୍ଚଳରେ ଶନିବାର ସାଇବର ସୁରକ୍ଷା ସଚେତନ ରଥ ବୁଲି ଛାତ୍ରଛାତ୍ରୀ ଏବଂ ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନ କରାଇଥିଲା। ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ଏହି ରଥ ବାହାରି ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିହୁଁଆଁ ଛକ ରାଜନଗର ଆଦି ଅଞ୍ଚଳରେ ବୁଲି ସାଇବର ଠକେଇ ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ସାଇରା ମାସ୍କଟ ପକ୍ଷରୁ ଲୋକଙ୍କୁ ସଚେତନତା କରାଯାଇଛି। କାର୍ଯ୍ୟକ୍ରମରେ ରିଜର୍ଭ ଇନସ୍ପେକ୍ଟର ଦେବାଶିଷ ସ୍ୱାଇଁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଏଏସଆଇ ସୟଦ ସାଲିମ ହୁସେନ୍‌ଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବାଳିକା କ୍ରିକେଟ ପାଇଁ ପ୍ରସ୍ତୁତି



ହାଟଡିହୀ,୨।୧୧(ସମିସ): ଆସନ୍ତା ନଭେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ହାଟଡିହୀ ବ୍ଲକ ସୁନ୍ଦରାପାଳ ହେବାକୁ ଥିବା ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବାଳିକା କ୍ରିକେଟ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ରଶ୍ମିରେଖା ନାଇକ, ବିଇଓ ରାଜୀବ ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଲିନାଲିସା ସାମନ୍ତରାୟ, ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଜାମ୍ବିରା ସରପଞ୍ଚ ପ୍ରତିନିଧି ଖଗେଶ୍ୱର ମଲ୍ଲିକ, ଗଡ଼ଚଣ୍ଡୀ କ୍ରୀଡା ସଂଘର ସଭାପତି ସୁଧାଂଶୁ ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରଥମ ଥର ପାଇଁ ହାଟଡିହୀ ବ୍ଲକରେ ହେଉଥିବା ଏହି କ୍ରିକେଟ ପ୍ରତିଯୋଗିତାକୁ କିପରି ସରଶ ସୁନ୍ଦର କରାଯିବ ତାହା ଉପରେ ଆଲୋଚନା କରିଥିଲେ। ଖେଳାଳିଙ୍କ ପାଇଁ ଖାଦ୍ୟପେୟ, ରହିବାର ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କ୍ରୀଡା ସଂଘ ସଦସ୍ୟ ପ୍ରଦ୍ୟୁମ୍ନ ପାତ୍ର, ରତ୍ନାକର ସାହୁ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ନାରାୟଣଚନ୍ଦ୍ର ବିଶ୍ୱାଳ, ରତ୍ନାକର ସାହୁ, ବୃନ୍ଦାବନ ରାଉତ, ସୁବାସଚନ୍ଦ୍ର ଜେନା, ହାଟଡିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡା, ଗଡ଼ଚଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଶାସିନୀ, ଅନିରୁଦ୍ଧ ସେଠୀ, ନବଘନ ନାୟକଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନେ ଯୋଗ ଦେଇଥିଲେ।

# ଗ୍ରାମପଞ୍ଚାୟତ ପିଅନ ସଂଘ ଘସିପୁରା ବ୍ଲକ୍ ବୈଠକ

ଆନନ୍ଦପୁର, ୨।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମପଞ୍ଚାୟତ ସଭାଗୃହଠାରେ ଘସିପୁରା ବ୍ଲକ ସଭାପତି ବସନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଘସିପୁରା ବ୍ଲକ ସମସ୍ତ ୨୫ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପିଅନଙ୍କୁ ନେଇ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦେଓଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ ଓ ହାତିଶିଳା ଗ୍ରାମର ସମାଜସେବୀ ରସାନନ୍ଦ ଜେନା, ଦେଓଗାଁ ଗ୍ରାମର ଘନଶ୍ୟାମ ବାରିକ, ସୁରେନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ରାଜ୍ୟ ପଞ୍ଚାୟତ କର୍ମଚାରୀ ପିଅନ ସଂଘର ସଦସ୍ୟ ତଥା ବ୍ଲକ ସମ୍ପାଦକ ପ୍ରମୋଦ ରାଉତ କହିଛନ୍ତି ଯେ ସେମାନେ ଅନ୍ୟ ବର୍ଗର ୪ର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ ପରି ସୁବିଧା ସୁଯୋଗ ପାଉନାହାନ୍ତି।



୨୦୧୪ ୧୨୫ଧାରା ଆଇନ ଉଛେଦ ନ ହେବା ପର୍ଯ୍ୟନ୍ତ ସରକାର ଆମମାନଙ୍କୁ ସମାନ କାମକୁ ସମାନ ଦରମା, ନିୟମିତ ଦରମା, ଶ୍ରମ ବିଭାଗର ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦରମା ଦେଲେ ଆମେ ପିଅନ କର୍ମଚାରୀ ଗ୍ରାମପଞ୍ଚାୟତର ସମସ୍ତ ପରିବାର ଆପଣଙ୍କ ନିକଟରେ ଚିର ଋଣୀ ହୋଇ ରହିବୁ ତା'ନହେଲେ ସମଗ୍ର ଗ୍ରାମପଞ୍ଚାୟତ କର୍ମଚାରୀ ସପରିବାର ରାଜ ରାସ୍ତାକୁ ଆନ୍ଦୋଳନକୁ ଓହ୍ଲାଇବେ। ଏହି ବୈଠକରେ ବ୍ଲକ ସଭାପତି ବସନ୍ତ ଭୂୟାଁ, ରାଜ୍ୟ ସଂଘ ସଦସ୍ୟ ଓ ବ୍ଲକ ସମ୍ପାଦକ ପ୍ରମୋଦ ରାଉତ, କୋଷାଧକ୍ଷ ନିମାଇଁ ଚରଣ ଜେନା, ସହସମ୍ପାଦକ କେଶଚନ୍ଦ୍ର ମାଝୀ, ଅଁତେ ରାଉତ, ସମୀକ୍ଷକ କ୍ଷୀରୋଦ ନାୟକ, ସଦସ୍ୟ ପଞ୍ଚାନନ ପଲେଇ, ବିଦ୍ୟାଧର ରାଉତ, ପୁରନ୍ଦର ନାୟକ, ସନ୍ତୋଷ ରାୟ, ପଦ୍ମଲାଭ ପାତ, ରାମଚନ୍ଦ୍ର ଟୁଡୁ ଯୋଗଦାନ କରିଥିଲେ।

■ ପଞ୍ଚୁକ ବ୍ରତର ୨ୟ ଦିନ

# ବାବା ଆଖଣ୍ଡଳମଣିଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼

ଭଦ୍ରକ/ଆରଡି,୨।୧୧(ସମିସ): ଧର୍ମର ମାସ କାର୍ତ୍ତିକ ବ୍ରତ ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଚାଲିଛି ପଞ୍ଚୁକ ବ୍ରତ। ରବିବାର ୨ୟ ଦିନରେ ଭକ୍ତ ଓ ହବିଷ୍ୟାଳୀମାନେ ବାବାଙ୍କ ଶିବଗଙ୍ଗା ପୁଷ୍କରିଣୀରେ ସ୍ନାନ କରିବା ସହ ବାବାଙ୍କୁ ସାହାଣମେଳାରେ ଦର୍ଶନ କରିଥିଲେ।



ଭାଗବତ ପାଠ ଓ ପାରାୟଣରେ ଉତ୍ସବ ମୁଖର ପୀଠ

ଫଟୁକ ଅବସରରେ ବାବାଙ୍କର ପ୍ରତିଦିନ ଦିଗମ୍ବର ବେଶ ସହ ରାହାସ ପୂର୍ଣ୍ଣିମା ଯାଏଁ ମଧ୍ୟାହ୍ନ ଧୂପରେ ପଞ୍ଚାନନ ବେଶରେ ଦର୍ଶନ ଦେଉଛନ୍ତି ଭକ୍ତଙ୍କୁ। ଏଥିପାଇଁ ଦିନ ତମାମ ଲାଗିଥିଲା ହଜାର ହଜାର ଭକ୍ତଙ୍କ ଭିଡ଼। ସେହିପରି ରାହାସ ପୂର୍ଣ୍ଣିମା ଦିନ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅପରାହ୍ଣରେ ହରଗୌରୀ ବେଶ ଅନୁଷ୍ଠିତ ହେବ। ତାହାସହ ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ହବିଷ୍ୟାଳୀ ଭକ୍ତ ବୁଡ ପକାଇବା ସହ ବୋଇତ ଭସାଇବେ। ପରେ ଚଉଁରା ମୂଳରେ କାର୍ତ୍ତିକ ମହାତ୍ମ୍ୟ ପଠନ ସହ ଆକାଶ ଦୀପ ପ୍ରଜ୍ୱଳିତ କରାଯିବ। ମନ୍ଦିରର ପରମ୍ପରା ଅନୁଯାୟୀ ପବିତ୍ର ଅଁଳା ନବମୀ ଠାରୁ ରାହାସ ପୂର୍ଣ୍ଣିମା ଯାଏଁ ମନ୍ଦିର ବେଢ଼ା ପ୍ରାଙ୍ଗଣରେ ହରିହର ଭେଟ ସହ ଭାଗବତ ପଠନ ଓ ପାରାୟଣରେ ଉତ୍ସବମୁଖର ସମଗ୍ର ପୀଠ।

ବୈତରଣୀ ନଦୀ ଓ ବାଲି ସୁରକ୍ଷା ଆଲୋଚନାଚକ୍ର

# ନଦୀକୂଳିଆ ଗ୍ରାମ୍ୟ କମିଟି ଗଠନକୁ ଗୁରୁତ୍ୱ

ଆନନ୍ଦପୁର, ୨।୧୧ (ସମିସ):

ବୈତରଣୀ ନଦୀ ହିଁ କେନ୍ଦୁଝର ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ପରିବର୍ଦ୍ଧିତ କରିଛି। ବୈତରଣୀ ନଦୀ କେନ୍ଦୁଝର ଜିଲ୍ଲାର ଜୀବନରେଖା। ବୈତରଣୀକୁ ବାଦ ଦେଇ କେନ୍ଦୁଝରର ସଭ୍ୟତା, ସଂସ୍କୃତି, ସାମାଜିକ ଜୀବନଶୈଳୀ ଓ ବିକାଶକୁ ପରିକଳ୍ପନା କରାଯାଇ ପାରିବ ନାହିଁ ବୋଲି ନଦୀ ସୁରକ୍ଷା ଓ ବାଲି ସତ୍ୟାଗ୍ରହ ସମ୍ପର୍କିତ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ସାମାଜିକ କର୍ମୀ ଯଜ୍ଞପ୍ରସାଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ ନଦୀର ହତ୍ୟା ପାଇଁ ହେଉଥିବା ଷଡ଼ଯନ୍ତ୍ରର ନିନ୍ଦା କରିଥିଲେ। ବିଶିଷ୍ଟ ପ୍ରବଚକ ଅର୍ଜୁନୀ ମହାନ୍ତି କହିଲେ, ବୈତରଣୀର ବୟସ ଗଙ୍ଗାଠାରୁ ବଡ଼। ଏହା ପବିତ୍ର ଓ ଆମ ସଂସ୍କୃତିର




ଆଧାର। ସାହିତ୍ୟିକ ହଳଧର ପଣ୍ଡା ବୈତରଣୀ ନଦୀର କୂଳରେ ଥିବା ୧୦୮ କୃଷ ଲିଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନଦୀ କୂଳରେ ହିଁ ଜୈନ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ହୋଇଥିବା ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ସମାଜସେବୀ ବିରଞ୍ଚି ମହାପାତ୍ର ବୈତରଣୀ ନଦୀର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ବାଲି ସତ୍ୟାଗ୍ରହକୁ ପ୍ରଶଂସା କରିଥିଲେ। ସରକାର ଚାହିଁଲେ ବୈତରଣୀ ନଦୀରୁ ବାଲି ଲୁଟ୍ ହେବା ଅନେକାଂଶରେ କମିବ ବୋଲି ମତ ରଖିଥିଲେ। ପତିତପାବନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ କମଳାକାନ୍ତ ଦାସ, ସୁବାସଚନ୍ଦ୍ର ମହାପାତ୍ର ଓ ଆନନ୍ଦପୁର ପୌରପାଳିକାର ପାରିଷଦ କୃଷ୍ଣଚନ୍ଦ୍ର ରଣା ଓ ବିଜେପି ନେତା ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରମୁଖ ନଦୀକୂଳିଆ ଗାଁଗୁଡ଼ିକରେ ଗ୍ରାମ୍ୟ କମିଟି ଗଠନ କରାଗଲେ ବାଲି ଚୋରିକୁ ରୋକାଯାଇ ପାରିବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ସ୍ତମ୍ଭକାର ସ୍ୱାଧୀନ ଶତପଥୀ, ଯୁବନେତା ପ୍ୟାରୀମୋହନ ବାରିକ, ବିଜେପି ନେତା ସଞ୍ଜୟ ଜେନା, ମଧୁସୂଦନ ରାଉତ, ପ୍ରକୃତିପ୍ରେମୀ ତ୍ରିଲୋଚନ ସାହୁ, ଦଇତାରୀ ମହାକୁଡ, ରୂପରଞ୍ଜନ ମହାରଣା, ସନ୍ଦିପ ଜେନା, ଅନ୍ତର୍ଯ୍ୟାମୀ ବାବୁ, ପ୍ରଳୟ ସାହୁ, ସୁଦର୍ଶନ ସାହୁ, ସୌମ୍ୟରଞ୍ଜନ ସାହୁ, ଗୋପାଳ ସେଠୀ, ରଶ୍ମି ଜେନା, ସୁଶାନ୍ତ ବୋଇତେଇ, ପୂର୍ଣ୍ଣଚନ୍ଦ୍ର ଜେନା, ଆକାଶ ନାଥଙ୍କ ସମେତ ବୈତରଣୀ, କୁସେଇ ଓ ରେମାଳ ନଦୀ କୂଳିଆ ଗାଁରୁ ବିଭିନ୍ନ ବର୍ଗରୁ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।

# ବନ୍ୟଜନ୍ତୁ ଶିକାର ବେଳେ ଜଣେ ଗିରଫ





ତେଲକୋଇ, ୨।୧୧(ସମିସ): ତେଲକୋଇ ବନାଞ୍ଚଳ କଣ୍ଟାବାହାଳ ଗ୍ରାମ ସନ୍ନିକଟ ଜଙ୍ଗଲରେ ବିଦ୍ୟୁତ୍ ଫାସ ଦ୍ୱାରା ବନ୍ୟଜନ୍ତୁ ଶିକାର ଉଦ୍ୟମ ଚାଲିଥିବା ବେଳେ ବନ ବିଭାଗ ଚଢଉ କରି ଜଣଙ୍କୁ ଗିରଫ କରିଛି। ଏହାସହ ଅଭିଯୁକ୍ତଠାରୁ ବ୍ୟାପକ ଶିକାର ସରଞ୍ଜାମ ବନ ବିଭାଗ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା ଅନୁଗୁଳ ଜିଲ୍ଲା କୁନ୍ତଳା ଗ୍ରାମର ମନ ନାୟକଙ୍କ ପୁଅ ରବି (୩୫)। ଶନିବାର ରାତିରେ ଅଭିଯୁକ୍ତ ରବି କଣ୍ଟା ବାହାଳ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାସ ବସାଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ତେଲକୋଇ ବନ କର୍ମଚାରୀ ଉକ୍ତ ଜଙ୍ଗଲରେ ଚଢଉ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ରବିକୁ ଗିରଫ କରିବା ସହିତ ବ୍ୟାପକ ବିଦ୍ୟୁତ୍ ତାର, ବୋତଲ ଆଦି ଶିକାର ସରଞ୍ଜାମ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ବନ କର୍ମଚାରୀ ପ୍ରଭାତୀ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢଉରେ ସାମିଲ ହୋଇଥିଲେ।

ବ୍ୟାପକ ଶିକାର ସରଞ୍ଜାମ ଜବତ

## ରାସ୍ତା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



ଦୋଳସାହି,୨।୧୧(ସମୀସ): ତିହିଡ଼ି ବ୍ଲକ୍ କୁବେରା ପଞ୍ଚାୟତର ଇଟାଗଡି ଗ୍ରାମ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଆଖପାଖ ୪ଟି ଗ୍ରାମର ଲୋକ ନିର୍ଭର କରନ୍ତି। ଏହି ରାସ୍ତାର ଦୁଇ ପାର୍ଶ୍ୱକୁ ଦୀର୍ଘଦିନ ହେବ ଜବରଦଖଲକାରୀମାନେ ନିଜ ଦଖଲରେ ରଖିବା କାରଣରୁ ରାସ୍ତା ସଂକୁଚିତ ହୋଇରହିଛି। ସେହିଭଳି ଦୀର୍ଘଦିନ ହେବ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସୂଚନାନୁଯାୟୀ, ଏହି ରାସ୍ତା କାମ ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇ ପଡିରହିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପଞ୍ଚୁକ ବ୍ରତର ୨ୟ ଦିନ: ବାବା ଆଖଣ୍ଡଳମଣିଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼

ଭଦ୍ରକ/ଆରଡି,୨।୧୧(ସମିସ):

ଧର୍ମର ମାସ କାର୍ତ୍ତିକ ବ୍ରତ ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଚାଲିଛି ପଞ୍ଚୁକ ବ୍ରତ। ରବିବାର ୨ୟ ଦିନରେ ଭକ୍ତ ଓ ହବିଷ୍ୟାଳୀମାନେ ବାବାଙ୍କ ଶିବଗଙ୍ଗା

### ଭାଗବତ ପାଠ ଓ ପାରାୟଣରେ ଉତ୍ସବମୁଖର ପୀଠ



ପୁଷ୍କରିଣୀରେ ସ୍ନାନ କରିବା ସହ ବାବାଙ୍କୁ ସାହାଣମେଲାରେ ଦର୍ଶନ କରିଥିଲେ। ପଞ୍ଚୁକ ଅବସରରେ ବାବାଙ୍କର ପ୍ରତିଦିନ ଦିଗମ୍ବର ବେଶ ସହ ରାହାସ ପୂର୍ଣ୍ଣିମା ଯାଏଁ ମଧ୍ୟାହ୍ନ ଧୂପରେ ପଞ୍ଚାନନ ବେଶରେ ଦର୍ଶନ ଦେଉଛନ୍ତି ଭକ୍ତଙ୍କୁ। ଏଥିପାଇଁ ଦିନତମାମ ଲାଗିଥିଲା ହଜାର ହଜାର ଭକ୍ତଙ୍କ ଭିଡ଼। ସେହିପରି ରାହାସ ପୂର୍ଣ୍ଣିମା ଦିନ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅପରାହ୍ଣରେ ହରଗୌରୀ ବେଶ ଅନୁଷ୍ଠିତ ହେବ। ତାହାସହ ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ହବିଷ୍ୟାଳୀ ଭକ୍ତ ବୁଡ଼ ପକାଇବା ସହ ବୋଇତ ଭସାଇବେ। ପରେ ଚଉଁରା ମୂଳରେ କାର୍ତ୍ତିକ ମହାତ୍ମ୍ୟ ପଠନ ସହ ଆକାଶ ଦୀପ ପ୍ରଜ୍ୱଳିତ କରାଯିବ। ମନ୍ଦିରର ପରମ୍ପରା ଅନୁଯାୟୀ ପବିତ୍ର ଅଁଳା ନବମୀଠାରୁ ରାହାସ ପୂର୍ଣ୍ଣିମା ଯାଏଁ ମନ୍ଦିର ବେଢ଼ା ପ୍ରାଙ୍ଗଣରେ ହରିହର ଭେଟ ସହ ଭାଗବତ ପଠନ ଓ ପାରାୟଣରେ ଉତ୍ସବମୁଖର ସମଗ୍ର ପୀଠ।

## ଶୁଭାରମ୍ଭର ୨ ମାସ ପରେ ବି ଗଡ଼ିଲାନି ପୌରପାଳିକାର ୨ 'ଇଲେକ୍ଟ୍ରିକ ବସ୍'

ଭଦ୍ରକ, ୨।୧୧(ସମିସ): ଗତ ଅଗଷ୍ଟ ୩୧ତାରିଖ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭଦ୍ରକ ପୌରପାଳିକା ପକ୍ଷରୁ ବିବିଯୁଟିଟି ଦ୍ୱାରା ପ୍ରଦାନ କରାଯାଇଥିବା ୨ଟି ଇଲେକ୍ଟ୍ରିକ ଯାତ୍ରୀବାହୀ ବସ୍ ନୂତନ ବସ୍‌କୁ ଉଦଘାଟନ କରାଯାଇଥିଲା। ଏହି ୨ଟି ଇଲେକ୍ଟ୍ରିକ ବସ୍ ସହରରୁ ସ୍ଥାନାନ୍ତରିତ ହୋଇ ପ୍ରାୟ ଅଢେଇ କିମି ଦୂରରେ ପ୍ରତିଷ୍ଠା ହୋଇଥିବା ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ୪କିମି ଦୂର ନଳାଙ୍ଗସ୍ଥିତ ଜିଲ୍ଲା କୋର୍ଟକୁ ଗମନାଗମନ କରିବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ବସ୍ ୨ଟିକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରାଧକ୍ଷା ଗୁଲମକୀ ଦଲାୱାଜି ହବିବ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ୨ଟି ବସ୍ ଶୁଭାରମ୍ଭକୁ ଇତିମଧ୍ୟରେ ୨ ମାସରୁ ଅଧିକ ସମୟ ବିତି ଯାଇଥିଲେ ବି ଏହି ବସ୍ ରାସ୍ତାରେ ଗଡିଲାନି। ଫଳରେ ସହରର



ବୁଦ୍ଧିଜୀବୀ ଓ ଯାତ୍ରୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ୨ଟି ବସ୍ ସେବା ଯୋଗାଇ ନଦେବାର ଫାଇଦା ଏଠାକାରଅଟୋ ଚାଳକମାନେ ନେଉଛନ୍ତି। କୌଣସି ବିକଳ୍ପ ନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ୨ଶହ ଟଙ୍କା ଲେଖାଏଁ ଭଡ଼ା ଦାବି କରୁଛନ୍ତି। ଏ ଦିଗରେ ଜିଲ୍ଲାପାଳ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରକ୍ତଦାନ ଶିବିର: ୪୧ ୟୁନିଟ୍ ସଂଗୃହୀତ



ଭଦ୍ରକ,୨।୧୧(ସମିସ): ଆଜି ହୂତାତ୍ମା ଦିବସ ଉପଲକ୍ଷେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ବସନ୍ତ ରାଉତଙ୍କ ନେତୃତ୍ୱରେ ଏବଂ ଯୁବା ସଂଗଠନ ବଜରଙ୍ଗ ସହଯୋଗରେ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ ଉଦଘାଟନ କରବା ସହିତ ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରଖଣ୍ଡରୁ ଆସିଥିବା ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ ଏବଂ ମାତୃଶକ୍ତିର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ରକ୍ତ ଦାନ କରାଯାଇଥିଲା। ଏହି ଶିବିରରେ ମୟୂରଭଞ୍ଜ ବିଭାଗ ସଙ୍ଗଠନ ମନ୍ତ୍ରୀ ବିପିନ ବିହାରୀ ପଣ୍ଡା ଉପସ୍ଥିତ ଥିଲେ। ୫୦୦ ବର୍ଷର ଅପେକ୍ଷା ପରେ ବାବରି ମସଜିଦକୁ ଭାଙ୍ଗି ହିନ୍ଦୁ ମାନଙ୍କର ହୃଦୟ ଓ ଆତ୍ମା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରର ଶୁଭାରମ୍ଭ କରାଯାଇଥିଲା। ୧୯୯୦ ମସିହାରେ ଉକ୍ତ ଘଟଣାରେ ବଜରଙ୍ଗୀ ଭାଇ (ଶରତ କୋଠାରୀ ଓ ରାମ କୋଠାରୀ) ଗୋଟିଏ ମା'ର ୨ଟି ପୁତ୍ର ଏବଂ ହଜାର ହଜାର ବଜରଙ୍ଗ ଦଳର କାର୍ଯ୍ୟକର୍ତାଙ୍କୁ ମୁଲାୟମ ସିଂ ସରକାରଙ୍କ ଦ୍ୱାରା ଗୁଳିକରି ହତ୍ୟା କରାଯାଇଥିଲା। ସେହି ଲୋମହର୍ଷଣକାରୀ ଘଟଣା ସହିତ ବଜରଙ୍ଗୀ ଭାଇମାନଙ୍କ ବଳିଦାନ ଦିବସର ସ୍ମରଣାର୍ଥେ ସାରା ଦେଶରେ ୨୬ ଅକଟୋବର ଠାରୁ ୨ ନଭେମ୍ବର ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ହୂତାତ୍ମା ବିବସ ପାଳନ କରାଯାଉଛି। ଏହି ଶିବିରରେ ଆଜି ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ



ବାସୁଦେବପୁର,୨।୧୧(ସମିସ): ବାସୁଦେବପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ନରସିଂହପୁର ହାଇସ୍କୁଲରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ତନ୍ମିତା କର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବିଇଓ ସୂର୍ଯ୍ୟଶିଖା ମହାନ୍ତି, ଏବିଇଓ ତପନ ଦ୍ୱିବେଦୀ, ଉର୍ମିଳା କର, ଅମୀୟ କୁମାର ମହାଳିକ, ନରସିଂହପୁର ପଂଚାୟତର ସରପଞ୍ଚ ଗୌରାଙ୍ଗଚନ୍ଦ୍ର ପଣ୍ଡା, ନରସିଂହପୁର ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ଷଣ୍ଢ, ଏମଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ଯୋଗ ଦେଇ ଉଦବୋଧନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅଜୟ କୁମାର ପଣ୍ଡା, ସିଆରସିସି ପ୍ରଶାନ୍ତ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଅମୀୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ୨୩ଟି କ୍ଲଷ୍ଟରର ୬୬୬ ଜଣ ପ୍ରତିଯୋଗୀ ୧୦ଟି ବିଭାଗର ଅଂଶଗ୍ରହଣ କରିଥିଲେ। ଓଡିଶାର ଲୋକକଳାକୁ ନେଇ କୁନି ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ବକ୍ତାମାନେ କହିଛନ୍ତି। ଏହି ସୁରଭି କାର୍ଯ୍ୟକ୍ରମରେ ରଚନା, ହସ୍ତାକ୍ଷର, ବିତର୍କ, ଚିତ୍ରାଙ୍କନ, ବକ୍ତୃତା, ଶିଳ୍ପକଳା ଓ ଦଳଗତ ଲୋକ ନୃତ୍ୟ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଅଂଶଗ୍ରହଣ କରିବେ।

## ଚରମ୍ପା ଷ୍ଟେସନ ରୋଡ୍‌ରେ ଉଚ୍ଛେଦ ପାଇଁ ସୂଚନା


ଭଦ୍ରକ,୨।୧୧(ସମିସ): ଖୁବଶୀଘ୍ର ଉଚ୍ଛେଦ ହେବ ବହୁ ପ୍ରତୀକ୍ଷିତ ଭଦ୍ରକ ସହର ଚରମ୍ପା ଷ୍ଟେସନ ରୋଡ। ଏନେଇ ପ୍ରଶାସନିକ ପ୍ରସ୍ତୁତି ବି ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟେସନ ରୋଡରେ ସରକାରୀ ମାପଚୁପ ଶେଷ ସହ ଡାକବାଜି ସହୟତାରେ ସୂଚନା ଦିଆଯାଇଛି। ଆସନ୍ତା ଅକ୍ଟୋବର ୭ରୁ ଚରମ୍ପା ଡାହାଣିଗଡ଼ିଆଠାରୁ ଆରମ୍ଭ ହେବ ଉଚ୍ଛେଦ ପ୍ରକ୍ରିୟା ବୋଲି ଜଣାଯାଇଛି। ସରକାରୀ ଜମିରୁ ହଟିବ ଜବରଦଖଲ। ବର୍ତ୍ତମାନର ଭୌଗୋଳିକ ସ୍ଥିତି, ଜନସଂଖ୍ୟା ବୃଦ୍ଧି ସହ ସହରର ନୂତନ ପରିକଳ୍ପନା ପାଇଁ ଆବଶ୍ୟକ ସରକାରୀ ଉଚ୍ଛେଦ। ଭଦ୍ରକ ଷ୍ଟେସନର ମୁଖ୍ୟରାସ୍ତା ଅର୍ଥାତ ଚରମ୍ପା ଷ୍ଟେସନ ରୋଡ ବର୍ତ୍ତମାନ ସ୍ଥିତରେ ଅତି ସଂକୀର୍ଣ୍ଣ ହୋଇ ପଡ଼ିଛି। ଫଳରେ କେବଳ ଭଦ୍ରକ ନୁହେଁ; ପଡୋଶୀ ବାଲେଶ୍ୱର, କେନ୍ଦ୍ରାପଡା, ଯାଜପୁର ଓ କେନ୍ଦୁଝର ଭଳି ଜିଲ୍ଲାର ହଜାର ହଜାର ଟ୍ରେନ ଯାତ୍ରୀ, ସ୍ଥାନୀୟ ଲୋକ, ଶହ ଶହ ଗାଡ଼ି ଚଳାଚଳ ପାଇଁ ପ୍ରତିଦିନ ଉପୁଜୁଛି ଟ୍ରାଫିକ୍ ସମସ୍ୟା। ଆବଶ୍ୟକକୁ ଗୁରୁତ୍ୱ ଦେଇ ପ୍ରଶାସନ ନେଇଛି ବଡ଼ ପଦକ୍ଷେପ। ଅନ୍ୟପକ୍ଷରେ, ଦୀର୍ଘ ବର୍ଷ ଧରି ଉକ୍ତ ଷ୍ଟେସନ ରୋଡରେପାଖାପାଖି ୩୦୦ ଛାଟବଡ଼ ଦୋକାନୀ ବ୍ୟବସାୟ କରି ନିଜର ଜୀବିକା ନିର୍ବାହ କରି ଆସୁଥିଲେ। ଉଚ୍ଛେଦ ପରେ ଏମାନେ ଯିବେ କୁଆଡ଼େ କରିବେ କ'ଣ? ତେଣୁ ସରକାର ବିସ୍ଥାପିତଙ୍କ ଜୀବନ ଜୀବିକା ପ୍ରତି ସମଗୁରୁତ୍ୱ ଦେଇ ଏମାନଙ୍କର ଉପଯୁକ୍ତ ଥଇଥାନ ବି କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଦୋବଲ, ୨।୧୧(ସମିସ): ଦୋବଲ ନିକଟସ୍ଥ ଦେହୁଡି ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ଗ୍ରାମର ଖଗେଶ୍ୱର ସାହୁଙ୍କ ସ୍ତ୍ରୀ ସୁକାନ୍ତି ସାହୁ (୩୮) ଗତକାଲି ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାଯାଏ, ସୁକାନ୍ତି ଘର ଭିତରେ ବେକରେ ରଶି ଲଗାଇ ଝୁଲିଥିବା ଅବସ୍ଥାରେ ପରିବାରିକ ଲୋକେ ଦେଖି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଆଜି ସକାଳୁ ଥାନାଧିକାରୀ ରଞ୍ଜନ ସେଠୀ, ଏସଆଇ ରଶ୍ମିତା ମଲ୍ଲିକ ଓ ଅନ୍ୟମାନେ ତଦନ୍ତ କରିଥିଲେ। ପୋଷ୍ଟମର୍ଟମ ପରେ ମୃତଦେହକୁ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଥିଲା ଓ ପରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣାକୁ ନେଇ ପାହାଡପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନଡ଼ିଆ ଖସି ଛାତ୍ର ଗୁରୁତର

ଭଦ୍ରକ,୨।୧୧(ସମିସ): ନଡ଼ିଆ ତୋଳାଯାଉଥିବା ବେଳେ ନଡ଼ିଆ ଖସି ଜଣେ ପ୍ରଥମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛି। ସୂଚନାନୁଯାୟୀ, ଶନିବାର ଭଦ୍ରକ ବ୍ଲକ ଅଧୀନ କୋଡବରୁଆଁ ପଞ୍ଚାୟତ ପ୍ରାଥମିକ ସ୍କୁଲରେ ଥିବା ନଡିଆ ଗଛରୁ ନଡ଼ିଆ ତୋଳା ଯାଉଥିଲା। ଏତିକି ବେଳେ ଜଣେ ପ୍ରଥମ ଶ୍ରେଣୀର ଛାତ୍ର ଯାଉଥିବା ବେଳେ ତା' ଉପରେ ନଡ଼ିଆ ଖସି ପଡ଼ିଥିଲା। ଫଳରେ



ଛାତ୍ର ପ୍ରତିକ କୁମାର ମହାନ୍ତି ଗୁରୁତର ଭାବେ ଆହତ ହୋଇ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। କୋଡବରୁଆଁ ଗାଁର ପ୍ରଦୀପ ମହାନ୍ତିଙ୍କ ପୁଅ ପ୍ରତିକ ଆହତ ହେବା ନେଇ ଉତ୍ତେଜନା ଲାଗିଥିଲା

## ସାହିତ୍ୟ ପରିଷଦ ବାର୍ଷିକ ବନ୍ଧୁମିଳନ ଓ ଆଲୋଚନାଚକ୍ର

ଭଣ୍ଡାରିପୋଖରୀ, ୨।୧୧(ସମିସ): ଷୋଳମପୁର ହିମସାରମନା ସାହିତ୍ୟ ପରିଷଦର ବାର୍ଷିକ ବନ୍ଧୁମିଳନ ଓ ସାହିତ୍ୟ ଆଲୋଚନାଚକ୍ର ସଭାପତି ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାହିତ୍ୟ ଘର ପରିସରରେ ପବନସୂତ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟକ ବୃନ୍ଦାବନ ସାହୁ, ବିରଜା କୃପା ପରିବାର ସମ୍ପାଦକ ବୈଦନାଥପଣ୍ଡା, ଗାଳ୍ପିକ ଦିଗମ୍ବର ବେହେରା, ପ୍ରଧାନଶିକ୍ଷକ ଗୌରୀ ଶଙ୍କର ମିଶ୍ର, ଅଧ୍ୟାପକ ଅନାଦି ଚରଣ ସାହୁ, ଅଧ୍ୟାପକ ଚିନ୍ମୟ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣଚନ୍ଦ୍ର ଦାସ, ପଣ୍ଡିତ ମୀନକେତନ ବେଉରିଆ, ଶିକ୍ଷାବିତ ରାମଚନ୍ଦ୍ର ମହାନ୍ତି, ଅଭିମନ୍ୟୁ ରାଉତ, ନାରୀକବି ରାଜଶ୍ରୀ ଓଝା, ସୁବାସିନୀ ନାୟକ, ପ୍ରମୋଦ ମିଶ୍ର, କବି ଅଶୋକ ନାୟକ, ଅର୍ଜୁନ ପରିଡ଼ା, ସାହିତ୍ୟକା ଅନୁପମା ରଣା, କବି ମହେନ୍ଦ୍ର ମଳିକ, ପ୍ରାବନ୍ଧିକ ବିଶ୍ୱନାଥ ବେହେରା, ସତ୍ୟବାଦୀ ଗାହାଣ, ବିଶ୍ୱନାଥ କରଣ, ପଞ୍ଚାନନ ସାହୁ, ଗୋକୁଳାନନ୍ଦ ସାମଲ, ରାଜେନ୍ଦ୍ର ବେହେରା



ଅଂଶଗ୍ରହଣ କରି ସାହିତ୍ୟକୁ ଉଜ୍ଜୀବିତ ରଖିବାକୁ ହେଲେ ନବାଗତ ଯୁବ ସାହିତ୍ୟକଙ୍କୁ ପ୍ରେରଣା ସହ ଉତ୍ସାହିତ କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର ସମ୍ପାଦକ ଦାମୋଦର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ, ବିବରଣୀ ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ରମାକାନ୍ତ ସାହୁ ଅତିଥି ପରିଚୟ ଓ ସହସମ୍ପାଦକ ବିଶ୍ୱମ୍ଭର ରାଉତ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଅସୁରାଳି, ୨।୧୧(ସମୀସ): ନାହାନ୍ତି ଧର୍ମ ପରାୟଣା ମହିଳା ପାକମ୍ବରି ଦାସ। ତାଙ୍କ ପରଲୋକରେ ଗଡିଆଳି ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପ୍ରଭାକର



ଦାସ, ଉଦୟକର ଦାସ, ବୁଦ୍ଧିରାମ ଦାସ, କନ୍ୟା କନକ ଦାସ, ଜନକ ଦାସ, ରଜନୀ ଦାସ ଉପସ୍ଥିତ ଥିଲେ। ପରେ ଯାଦବ ସଂଘର କର୍ମକର୍ତ୍ତା ତଥା ଯୁବ ଯାଦବ ଜିଲ୍ଲା ସମ୍ପାଦକ ସନ୍ତୋଷ ଦାସ, ମାଧବଚନ୍ଦ୍ର ଖଟୁଆ, ସତ୍ୟମୂର୍ତ୍ତି ବେହେରା, ରବିନ୍ଦ୍ର ଦାସ, ଗୌରହରି ପରିଡା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଶୋକବାର୍ତ୍ତା ଦେଇଛନ୍ତି ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର, ଧାମନଗର ବରିଷ୍ଠ ଯାଦବ ନେତା ଅନିଲ ବାରିକ, ସୁବାସ ବାରିକ, ରାଜ୍ୟ ସଭାପତି ଅମର ନାୟକ ପ୍ରମୁଖ। ମର ଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଶବଦାହ କରାଯାଇଥିଲା। ମୁଖାଗ୍ନି ଦେଇଥିଲେ ବଡ଼ପୁଅ ଲକ୍ଷ୍ମୀଧର ଦାସ।

## ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଯୋଗ ଶିବିର

ଧାମନଗର, ୨।୧୧(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଯୋଗ ଶିବିର ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଉଦଘାଟନ କରିଥିବା ବେଳେ ପରିଷଦର ସଭାପତି ଅନିଲ କୁମାର ବାରିକ ସଭାପତିତ୍ୱ କରିଥିଲେ। ମାନବ ଜୀବନ, ସୁସ୍ଥ ଶରୀର ପାଇଁ ଯୋଗ ଏକାନ୍ତ ପ୍ରୟୋଜନ। ଏଥିରେ ଯୁବ ଯୋଗ ଗୁରୁ ରାକେଶ ବାରିକ ଦୀର୍ଘ ଦେଢ଼ ଘଣ୍ଟାଧରି ଶତାଧିକ ବରିଷ୍ଠ ବ୍ୟକ୍ତିଙ୍କୁ ଆସନ ପ୍ରାଣାୟମ ପରି ସରଳ ଉପଯୋଗୀ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।



ଆତ୍ମା ପରମାତ୍ମା ଶରୀର ଓ ମନ ମଧ୍ୟରେ ସନ୍ତୁଳନ ହିଁ ଯୋଗର ଲକ୍ଷ୍ୟ। ସୁସ୍ଥ ଓ ନିରାମୟ ଜୀବନ ହିଁ ସୁସ୍ଥ ସମାଜ ଗଠନ କରିହୁଏ। ଏଥିରେ ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ସାମଲ, ମହେଶ୍ୱର ସ୍ୱାଇଁ, ବିଦ୍ୟାଧର ରାଉତ, ନରେନ୍ଦ୍ର ମଲ୍ଲିକ, ସଂଗଠନ ସମ୍ପାଦକ ରାମଚନ୍ଦ୍ର ସାହୁ, ଦଶରଥ ଦାସ, ନିରାକାର ଧଳ, ସମାଜସେବୀ ନରେନ୍ଦ୍ର ଦାସ, ହୃଦାନନ୍ଦ କର, ଏମ.ଡି ହବିବୁର୍ ରହେମାନ,ଅଭିମନ୍ୟୁ ମଲ୍ଲିକ, ଗୋଲାମ ଜିଲାନୀ ହାବିବି, ଧନଞ୍ଜୟ ଦାସଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ। ପରେ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଓ କୈଳାସ ଗୁପ୍ତା ଏବଂ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକାରୀ କମିଟିର ନୂତନ ସଦସ୍ୟ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀ, ସମାଜସେବୀ ଗୟାଧର ବଳ, କ୍ଷେତ୍ରବାସୀ ବାରିକଙ୍କ ନାମ ଘୋଷଣା କରାଯାଇଥିଲା। ପରିଷଦର ଉପସଭାପତି ସୁରତ ଚନ୍ଦ୍ର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## 'ଇତିହାସକୁ ଉଜ୍ଜୀବିତ କରେ ମହୋତ୍ସବ'

ଅସୁରାଳି, ୨।୧୧(ସମିସ):

ଇତିହାସକୁ ଉଦ୍‌ଜୀବିତ କରେ ମହୋତ୍ସବ। ଏକତାର ସୂତ୍ରରେ ବାନ୍ଧି ରଖେ ସଂସ୍କୃତି ଓ ପରମ୍ପରାକୁ। ମହୋତ୍ସବ ମାନେ କେବଳ ଉତ୍ସବ ନୁହେଁ, ଏହା ହେଉଛି ଏକ ସାମୂହିକ ଅନୁଭୂତି; ଯେଉଁଠି ଛାତ୍ରଛାତ୍ରୀ, ଶିକ୍ଷକ, ଦର୍ଶକ ଓ ସାମାଜିକ ଅଂଶଗ୍ରାହୀମାନେ ଏକ ମଞ୍ଚରେ ଏକତାର ଗାଥା ଗାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପରିପ୍ରେକ୍ଷୀରେ ବିଗତ ୭ ବର୍ଷ ଧରି ଭଦ୍ରକ ଜିଲ୍ଲା ଧାମନଗର ଓ ଚାନ୍ଦବାଲି ବ୍ଲକର ମଧ୍ୟସ୍ଥଳୀ ସାହୁସାହି ଓ ସୁନ୍ଦରପୁରରେ ଥିବା ବାବା ରଘୁବର ଦାସ ମଠରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ପାଳିତ ହେଉଛି କାର୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ମହୋତ୍ସବ। ଉକ୍ତ ମହୋତ୍ସବଟି



୫ ଦିନ ଧରି ଚାଲୁ ରହିବ। ଏହି ଉତ୍ସବ ପାଳନର ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ନୃତ୍ୟ ପ୍ରତିଯୋଗୀତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ହିମାଂଶୁ ଶେଖର ସାହୁ ଓ ଶିକ୍ଷାବିତ ଦୀପ୍ତିରଞ୍ଜନ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ୬୯ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଶିଷ୍ଟ କଳାକାର ମନୋଜ ପଣ୍ଡା, ଜଗନ୍ନାଥ କର, ପ୍ରଭୁ ସାହୁ, ଯାଜ୍ଞସେନୀ ସାମଲ, ନିକୁଞ୍ଜ କିଶୋର ଜେନା ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ମଧ୍ୟରେ ଗଡ୍ଡ କ୍ରିଡ ନୃତ୍ୟ ଅନୁଷ୍ଠାନର କୁନି କଳାକାର ଆୟୁଷୀ ନାୟକ ନିଜର ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ବୋଇତ ବନ୍ଦାଣ କମିଟିର ସମସ୍ତ ସଦସ୍ୟ ତଥା ଧର୍ମେନ୍ଦ୍ର ସାହୁ, ସିଦ୍ଧାର୍ଥ ନାୟକ, ସିଦ୍ଧାର୍ଥ ସାହୁ, ମନୋଜ ସାହୁ, ସ୍ୱତଂଓାର ସାହୁ, ହରିଶ୍ଚନ୍ଦ୍ର ସାହୁ, ପୂଜକ ବ୍ରଜକିଶୋର ପଣ୍ଡା, ସ୍ମୃତିରଞ୍ଜନ ସାହୁ, ମନ୍ମଥ ସେଠୀ, ନିମାଇଁ ଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୨ୟ ସନ୍ଧ୍ୟା ଅବସରରେ ପୁରୀର ବିଶିଷ୍ଟ ପ୍ରବଚକ ପବିତ୍ର କୁମାର ଦାସଙ୍କ ବୈଦିକ ବାଣୀରେ ସମଗ୍ର ପରିବେଶ ଆଧ୍ୟାତ୍ମିକତାରେ ପୁରି ଉଠିଥିଲା। ୨ୟ ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥିବୃନ୍ଦଙ୍କ ମଧ୍ୟରେ ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ କୁମାର ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଅସୁରକ୍ଷିତ ଗେଣ୍ଡାଳିଆଙ୍କୁ ସୁରକ୍ଷା ବିଷଧର ସର୍ପ
## ବନବିଭାଗର ଦୃଷ୍ଟି ପଡ଼ିବ କି ?

ଦୋଳସାହି,୨।୧୧(ସମିସ): ତିହିଡ଼ି ବ୍ଲକ୍‌ର ଗୋଟିଏ ସ୍ଥାନରେ ଦଶ ହଜାରରୁ ଅଧିକ ଗେଣ୍ଡାଳିଆ ପକ୍ଷୀ ଅସୁରକ୍ଷିତ ଭାବେ ବସା ବାନ୍ଧି ରହୁଛନ୍ତି। ଏହି ଗେଣ୍ଡାଳିଆଙ୍କୁ ବିଷଧର ସର୍ପ ସୁରକ୍ଷା ଦେଉଥିବା କୁହାଯାଉଛି। ସୂଚନାନୁଯାୟୀ, କୁବେରା ପଞ୍ଚାୟତର ଇଟାଗଡି ଗାଁରେ ଥିବା ଏକ ଝୁଲା ପୋଲ ନିକଟରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜଙ୍ଗଲରେ ୨ବର୍ଷ ପୂର୍ବରୁ ହୋଇଥିବା ହୁଡହୁଡ ବାତ୍ୟା ସମୟରେ ଆସି ଏହି ଜଙ୍ଗଲରେ ବସାବାନ୍ଧି ରହୁଥିବା ଦେଖିବାକୁ ମିଳୁଛି। ଗତବର୍ଷ ବାତ୍ୟା ସମୟରେ



କିଛି ଗେଣ୍ଡାଳିଆଙ୍କୁ ସ୍ଥାନୀୟ ଲୋକେ ମାରି ଖାଇବା ଘଟଣାକୁ ନେଇ ବନବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କୁ କଡ଼ା ଚେତାବନୀ ଦିଆଯାଇଥିବା ଜଣାଯାଇଛି। ସେହିପରି ଉକ୍ତ ବ୍ୟକ୍ତିଗତ ଜଙ୍ଗଲରେ ବିଷଧର ସର୍ପ ରହୁଥିବା ନେଇ ଗେଣ୍ଡାଳିଆଙ୍କୁ କେହି ଧରିବାକୁ ଯାଉନଥିବା ଆଲୋଚନା ହେଉଛି। ଏହି ଗେଣ୍ଡାଳିଆ ପକ୍ଷୀଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସୁରକ୍ଷା ଦେବାକୁ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଦୁର୍ଘଟଣା ପ୍ରବଣ ସମ୍ବଲପୁର

# ଅମାନିଆଙ୍କ ଦୌରାତ୍ମ୍ୟ, ବଳି ପଡୁଛନ୍ତି ନିରୀହ

ସମ୍ବଲପୁର, ୨।୧୧(ସମିସ)

ଦୁର୍ଘଟଣା ପ୍ରବଣ ଅଞ୍ଚଳ ସାଜିଛି ସମ୍ବଲପୁର ସହର। ଦ୍ରୁତଗତିରେ ଗାଡ଼ି ଚାଳନା ଲାଗି ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଛି। ଏହି ସପ୍ତାହ ଭିତରେ ସହର ତଥା ଲାଗିକି ଥିବା





ଜାତୀୟ ପଥରେ ୮ଟି ଦୁର୍ଘଟଣା ଘଟିଲାଣି। ଏହି ଦୁର୍ଘଟଣାରେ ୫ଜଣ ନିରୀହ ଜୀବନ ଗଲାଣି। ଦ୍ରୁତଗତି ଗାଡି ଚାଳନା ପ୍ରତି ଅଙ୍କୁଶ ଲାଗୁନାହିଁ। ମନ ଇଚ୍ଛା ଗାଡ଼ି ଦୌଡୁଛି। ସହର ଭିତରେ ମାଳମାଳ ସିସିଟିଭି ଲାଗିଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ମଝିରେ ମଝିରେ କେବଳ ହେଲମେଟ ଚେକିଂ କରି ପୁଲିସ ନିଜର କାମ ଶେଷ କରିଦେଉଛି। ହେଲେ ବାସ୍ତବରେ ଅମାନିଆ ଗାଡ଼ି ଚାଳକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଅମାନିଆ ଚାଳକ ବେପାରୁଆ ଭାବେ ଗାଡ଼ି ଚଲାଉଛନ୍ତି। ଯାହାର ପରିଣାମ ନିରୀହ ଲୋକ ଭୋଗିବାକୁ ପଡୁଛି। ଗତ ୨୮ ତାରିଖରେ ସମ୍ବଲପୁର-ଦେବଗଡ଼ ରାଜପଥ ତଥା ସଦର ଥାନା ନୀଳଡୁଙ୍ଗୁରି ଟୋଲ୍ ପ୍ଲାଜା ନିକଟରେ ଟ୍ରକକୁ ବାଇକ ଧକ୍କା ଦେଇଥିଲା। ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ, ଜଣେ ଗୁରୁତର ହୋଇଥିଲେ। ସେହପରି ୩୦ତାରିଖ ଦିନ ଦୁର୍ଗାପାଲି ଫ୍ଲାଏଓଭରବ୍ରିଜରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ବେପାରୁଆ ଓ ଦ୍ରୁତଗତିରେ ଗାଡ଼ି ଚାଳନା ପାଇଁ ଦୁଇ ଜଣ ନିରୀହଙ୍କ ଜୀବନ ଯାଇଥିଲା। ଦ୍ରୁତଗାମୀ କାର୍‌ଟି ଧକ୍କ ଦେବା ଫଳରେ ଜଣେ ମହିଳା ଫ୍ଲାଏଓଭର ତଳକୁ ଖସି ପଡ଼ିଥିଲେ। ମାମୁ, ମାଉସୀ ଓ ଝିଆରୀ ସମ୍ବଲପୁର ବୁଲିବାକୁ ଆସିଥିଲେ। ଘରକୁ ଫେରିବା ପାଇଁ ଦୁର୍ଗାପାଲି ଓଭରବ୍ରିଜରେ ଯାଉଥିଲେ। ଏହି ସମୟରେ ଏକ କାର୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ମାଉସୀ ବ୍ରିଜ୍ ତଳକୁ ଖସିପଡ଼ିଥିଲେ। ଏହା ସହ ୪ ବର୍ଷିଆ ଝିଆରୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

**ସ୍ପିଡ୍‌ରେ ଦୌଡୁଛି ଗାଡ଼ି, କାର୍ଯ୍ୟାନୁଷ୍ଠାନ ଶୂନ**

**ସପ୍ତାହ ଭିତରେ ୮ ଦୁର୍ଘଟଣା, ୫ ମୃତ**

**ସହର ଭିତରେ ମାଳମାଳ ସିସିଟିଭି**

ସେହପରି ୩୧ ତାରିଖ ଦିନ ସମ୍ବଲପୁର ସହର ଚାଉଁରପୁର ବ୍ରିଜ୍ ଶେଷଭାଗରେ ଏକ ଦୁର୍ଘଟଣା ଘଟିଥିଲା। ବୈଦନାଥ ଛକର ସ୍ୱାତୀ ଅଗ୍ରୱାଲ ଚାଲିବାକୁ ଯାଇ ଘରକୁ ଫେରିବା ବେଳେ ଏକ ଦ୍ରୁତଗାମୀ କାର ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ଘଟଣା ସ୍ଥଳରେ ହି ତାଙ୍କର ମୃତ୍ୟୁ ହୋଇଥିଲା। ଠିକସେହି ଦିନ କ୍ଷେତରାଜପୁର ମହନଦୀ ପୋଲ ପାଖରେ ଏକ କଲେଜ ଛାତ୍ରୀକୁ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିଲା। ଫଳରେ ଛାତ୍ରୀ ଜଣକ ଟ୍ରକ ତଳେ ପଡ଼ିଯାଇଥିଲେ। ଟ୍ରକଟି ଚାପି ଦେଇଥିବାରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ସେହିପରି ୧ ତାରିଖ ଦିନ ଧମା ଥାନା ଅଞ୍ଚଳରେ ଦୁଇ ଜଣ ବାଇକରେ ଘରକୁ ଫେରିବା ବେଳେ ଏକ ଟ୍ରାକ୍ଟର ସହ ଦୁର୍ଘଟଣା ଘଟିଥିଲା। ଟ୍ରାକ୍ଟରଟି ମହିଳାଙ୍କ ଗୋଡ଼ରେ ଚଢିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମସାର ସ୍ଥାନନ୍ତର କରାଯାଇଥିଲା। ଆଜି ସମ୍ବଲପୁରରେ ୩ଟି ଦୁର୍ଘଟଣା ଘଟିଛି। ବୁର୍ଲା ଲଡୁଖାଇ ପାଖରେ ଦୁଇଟି ଟ୍ରକ ପଛକୁ ପଛ ଦୁର୍ଘଟଣା ହୋଇଥିଲା। ପ୍ରଥମ ଟ୍ରକ୍‌ଟି ବ୍ରେକ ମାରିଥିବାରୁ ପଛ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଫଳରେ ପଛ ଟ୍ରକ୍ ଚାଳକ ଚାପି ହୋଇ ଗୁରୁତର ହୋଇଥିଲେ। ସେହିପରି ବରେଇପାଲି ଥାନା ଅଧୀନ ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ଚିକିସିôତ ହେଉଛନ୍ତି। ସେହିପରି କ୍ଷେତରାଜପୁର ମନ୍ଦଲିଆରେ ମଧ୍ୟ ବାଇକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସମ୍ବଲପୁର ସହରର ରାସ୍ତା ଗୁଡିକରେ ଓସାର ଛୋଟ ରହିଛି। ହେଲେ ମଧ୍ୟ ଅମାନିଆ ଚାଳକମାନେ ବେପାରୁଆ ଭାବେ ଗାଡ଼ି ଚାଳନା କରୁଛନ୍ତି। ତେଣୁ ପୁଲିସ ଏଥି ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଲୋକଙ୍କ ସୁରକ୍ଷାକୁ ନଜରରେ ରଖି ସହରରେ ମାଳ ମାଳ ସିସିଟିଭି ଲାଗିଛି। କିନ୍ତୁ ଏହା କେଉଁ କାମକୁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ପାଉଁରୁଟି ଖାଇଦେବାରୁ ଷଣ୍ଢକୁ ହତ୍ୟା

**ସମ୍ବଲପୁର, ୨।୧୧(ସମିସ):** ଦୋକାନରୁ ପାଉଁରୁଟି ଖଣ୍ଡେ ଖାଇଦେବାରୁ ଷଣ୍ଢକୁ ଦୋକାନୀ ଛୁରା ମାରି ହତ୍ୟା କରିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ହୀରାକୁଦ ଅଞ୍ଚଳରେ। ଏହି ଘଟଣାରେ ପୁଲିସ ହୀରାକୁଦ ପୁରୁଣା ମାର୍କେଟ ଅଞ୍ଚଳର ଶିବରାମ ମହାନ୍ତି(୫୬)କୁ ଗିରଫ କରିଛି। ସୂଚନା ଅନୁସାରେ, ରବିବାର ଶିବରାମଙ୍କ ଦୋକନ ଖୋଲା ଥିବାବେଳେ ଏକ ବୁଲାଷଣ୍ଢ ଦୋକନରୁ ପାଉଁରୁଟି ଖାଇଦେଇଥିଲା। ଏଥିରେ ସେ ଉତ୍ୟକ୍ତ ହୋଇ



ପାଖରେ ଥିବା ଛୁରୀରେ ଆକ୍ରମଣ କରିଥିଲା। ପଶୁପ୍ରେମୀ ଖବର ପାଇ ଚିକିତ୍ସା ପାଇଁ ମଧ୍ୟ ଯାଇଥିଲେ। ହେଲେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଷଣ୍ଢର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

**ଅଭିଯୁକ୍ତ ଗିରଫ, ଛୁରା ଜବତ**

# ୧୦ କ୍ୱିଣ୍ଟାଲ କେନ୍ଦୁପତ୍ର ଜବତ, ଅଭିଯୁକ୍ତ ଫେରାର



**ରେଢ଼ାଖୋଲ, ୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ମୋଚିବାହାଲ ଗ୍ରାମ ନିକଟରେ ରବିବାର ବେଆଇନ କେନ୍ଦୁପତ୍ର ଚାଲାଣ ଉପରେ ବନ ବିଭାଗ ପକ୍ଷରୁ ଚଢ଼ଉ କରି ୨୦୦ ବଣ୍ଡଲ ଅର୍ଥାତ୍ ପ୍ରାୟ ୧୦ କ୍ୱିଣ୍ଟାଲ କେନ୍ଦୁପତ୍ର ଜବତ କରିବା ସହ ଏକ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ତେବେ ଚଢ଼ଉ ସମୟରେ ଅଭିଯୁକ୍ତ ଫେରାର ହୋଇଯାଇଛି। ସୂଚନା ଯୋଗ୍ୟ ଯେ ବଡ଼ମାଳ ରେଞ୍ଜ ଅଞ୍ଚଳରୁ ବେଆଇନ ଭାବେ କେନ୍ଦୁପତ୍ର ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ ହେଉଥିବା ନେଇ ଖବରପାଇ ବଡ଼ମାଳ ରେଞ୍ଜ ପକ୍ଷରୁ ସଦଳବଳ ୫୫ ନଂ ଜାତୀୟ ରାଜପଥ ମୋଚିବାହାଳ ଗ୍ରାମ ନିକଟରେ ଚଢ଼ଉ କରିଥିଲେ। ଏଥିରେ ଏକ ପିକ୍‌ଅପ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ଏସିଏଫ୍ ଗଜେନ୍ଦ୍ର ଅଦାଜ, ବଡ଼ମାଳ ରେଞ୍ଜର ଚିନ୍ମୟ କୁମାର ଗର୍ଡିଆ, ଦିଲୀପ ଖିଲାରି, ଠାକୁର ଚରଣ ପ୍ରଧାନ, କିଶୋର ପ୍ରଧାନ, ରଞ୍ଜନ ନାଏକ ପ୍ରମୁଖ ସମେତ ଅନ୍ୟ ବଡ଼ମାଳ ରେଞ୍ଜ କର୍ମଚାରୀ ସାମିଲ ରହିଥିଲେ।

# ୫ ଏକର ଜାଗାରୁ ୬୦୦୦ ଗଞ୍ଜେଇ ଗଛ ନଷ୍ଟ

**ନାକଟିଦେଉଳ, ୨।୧୧(ସମିସ):** ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଲାଣ୍ଡିମାଳ-ବଡ଼ମାଳ ଜଙ୍ଗଲରେ ଗଞ୍ଜେଇ ଚାଷ ହୋଇ ଥିବା ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା। ଏଥିରେ ସମ୍ପୃକ୍ତି ଥିବା ଜଣଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ପୁଣି ଥରେ ଅବକାରୀ, ପୁଲିସ୍, ବନବିଭାଗ ରାଜସ୍ ବିଭାଗ ଚଢଉ କରି ୫ଏକର ଜାଗାରୁ ୬୦୦୦ ଗଞ୍ଜେଇ ଗଛ ନଷ୍ଟ କରିଥିବା ଅବକାରୀ ବିଭାଗ ପ୍ରକାଶ କରିଛି। ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ଘୋଷରାମାଳ ପଞ୍ଚାୟତର ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରେ ଗଞ୍ଜେଇ ଚାଷ ହେଉଥିବା ଅବକାରୀ ବିଭାଗକୁ ଖବର ଯାଇଥିଲା। ଆଜି ସେହି ଜଙ୍ଗଲରେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ଏହି ଚାରି ବିଭାଗ ଧାତୁକିମାଳ ମୌଜାର ଲାଣ୍ଡିମାଳ, କ୍ଷେତ୍ରପୁର ଓ ହରିପୁର ନିକଟସ୍ଥ ଜଙ୍ଗଲକୁ ସର୍ଚ୍ଚ ଅପରେସନ କରିଥିଲେ। ଏହି ସର୍ଚ୍ଚଅପରେସନରେ ୫ଏକର ରେଭେନ୍ୟୁ ଜଙ୍ଗଲରୁ ପାଖାପାଖି ୬୦୦୦ ଗଞ୍ଜେଇ ଗଛ କାଟି ପୋଡି ଦିଆଯାଇଥିବା ଅବକାରୀ ବିଭାଗ ଗଣମାଧ୍ୟମ ଆଗରେ ପ୍ରକାଶ କରିଛି। ଏହି ଚଢ଼ଉରେ ଅବକାରୀ ସୁରିଟେଣ୍ଡାଣ୍ଟ ଅଶୋକ କୁମାର ସେଠୁ, ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ନାକଟିଦେଉଳ ଅତିରିକ୍ତ ତହସିଲଦାର ବିଶ୍ୱକସେନ ପୁରୋହିତ, ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଧନଞ୍ଜୟ ସାହୁ ପ୍ରମୁଖ ସାମିଲ ଥିଲେ।

# ୬ରୁ ଶ୍ରୀମଦ୍ ଭାଗବତ କଥା

**ସମ୍ବଲପୁର, ୨।୧୧(ସମିସ):** ସ୍ଥାନୀୟ ବରେଇପାଲି ଡେଙ୍ଗସର୍ଗି ସ୍ଥିତ କେସି ଲଗଜୁରିଆଇନ୍‌ରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଶ୍ରୀମଦ ଭାଗବତ କଥା। ଏହି କାର୍ଯ୍ୟକ୍ରମ ଜିନ୍ଦଲ ପରିବାର(ରେଙ୍ଗାଲି) ପକ୍ଷରୁ ଆୟୋଜନ

**ଯୋଗଦେବେ ପ୍ରବଚିକା ଦେବୀ ଚିତ୍ରଲେଖା**

କରାଯାଉଛି। ଏହା ୬ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମଦ ଭାଗବତ କଥା ଗାନ କରିବା ପାଇଁ ପ୍ରସିଦ୍ଧ ପ୍ରବଚିକା ଦେବୀ ଚିତ୍ରଲେଖା ଜି ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ମିଳିଛି। ୬ ତାରିଖରେ କଳସ ଯାତ୍ରା ଗ୍ରେଟର ସମ୍ବଲପୁର ନିକଟସ୍ଥ ପାଞ୍ଚଗଛିଆର ବୈଦ୍ୟନାଥ ମନ୍ଦିରରୁ ବାହାରିବ। ପ୍ରତିଦିନ ଅପରାହ୍ନ ୩:୩୦ରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ କଥା ଚାଲିବ। ୧୨ ତାରିଖରେ ସକାଳ ୧୦ ଟାରୁ ଅପରାହ୍ନ



୧:୩୦ ପର୍ଯ୍ୟନ୍ତ କଥା ଅନୁଷ୍ଠିତ ହେବ। ନଭେମ୍ବର ୧୩ ତାରିଖରେ ଭକ୍ତଙ୍କ ପାଇଁ ଭଣ୍ଡାର ଆୟୋଜନ କରାଯାଇଛି। ରେଙ୍ଗାଲି ଜିନ୍ଦଲ ପରିବାର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜିର ବୈଠକରେ ଉତ୍କଳ ଆଞ୍ଚଳିକ ମାରୱାରୀ ସମ୍ମିଳନୀ, ମାରୱାରୀ ଯୁବା ମଞ୍ଚ କ୍ଷେତରାଜପୁର, ବସ୍ତି, ମହିଳା ସମିତି ସମ୍ବଲପୁର, କ୍ଷେତରାଜପୁର, ଶକ୍ତି ଶାଖା, ଗୁଜରାଟୀ ସମାଜ, ସିନ୍ଧି ସମାଜ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ସମସ୍ତଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଆୟୋଜକ କିଶୋର, ରମେଶ, ଅଶୋକ, ସୁନୀଲ, ନିତିନ, ନୀରଜ, ବିକାଶ, ଆଲୋକ, ଆକାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣମଣିଙ୍କୁ କାମଧେନୁ ସମ୍ମାନ



**ସମ୍ବଲପୁର, ୨।୧୧(ସମିସ):** ଗୋ ସେବା ପାଇଁ ଦୀର୍ଘ ୨୬୨ ଦିନରୁ ଊର୍ଦ୍ଧ୍ୱ ରାସ୍ତାରେ ବୁଲୁଥିବା ଗୋ ମାତାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରୁଥିବା ଗୁଣମଣି ବିଶ୍ୱାଳଙ୍କୁ ସମ୍ମାନୀତ କରାଯାଇଛି। ଗୋପଷ୍ଟମୀ ଉପଲକ୍ଷେ ଜୟ ମାତା ଦୀ ବୈଷ୍ଣ ଟ୍ରଷ୍ଟ ଓ ଶ୍ରୀ ବ୍ରଜ ଗିରି ରାଜ ସେବା ସଂସ୍ଥାନ ଟ୍ରଷ୍ଟ ପକ୍ଷରୁ ଗୁରୁ ୧୦୮ ଶ୍ରୀ ସତ୍ୟ ନାରୟଣ ପାଣ୍ଡେଙ୍କ ସ୍ମୃତିରେ ପ୍ରଥମ ଥର ପାଇଁ କାମଧେନୁ ସମ୍ମାନ ୨୦୨୫ ସମ୍ମାନିତ କରିଛନ୍ତି। ପୁରୀ ଶ୍ରୀ ମନ୍ଦିରର ବରିଷ୍ଠ ଦଇତା ପତି ବଳଭଦ୍ରଙ୍କ ବାଡ ଗ୍ରାହୀ ସେବକ କୃପାସିନ୍ଧୁ ମହାପାତ୍ର, ଟ୍ରଷ୍ଟ ସଭାପତି ସୌରଭ ରଞ୍ଜନ ମହାପାତ୍ର, ମୁଖ୍ୟ ସଂଯୋଜକ ଦେବାଶିଷ ପୁରୋହିତ, ପଣ୍ଡିତ ମନମୋହନ ପାଣିଗ୍ରାହୀ ଓ ଅନ୍ୟ ସଦ୍ୟସ ବୃନ୍ଦ ଉପସ୍ଥିତ ଥିଲେ।

# ସାଇବର ସଚେତନତା ସାଇକ୍ଲୋଥନ୍

**ସମ୍ବଲପୁର, ୨।୧୧(ସମିସ):** ଲୋକଙ୍କୁ ଅନଲାଇନ ଠକେଇ ପ୍ରତି ସଚେତନ କରିବା ନେଇ ସମ୍ବଲପୁର ପୁଲିସ ପକ୍ଷରୁ ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ଏକ ରାଲି କଚେରି ଛକ ନିକଟରୁ ଆରମ୍ଭ ହୋଇ ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରିବାର ରାଲିର ମୂଳ ଉଦ୍ଦେଶ୍ୟ ରହିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଲେଜ ଓ ସ୍କୁଲର ଛାତ୍ର ଛାତ୍ରୀ, ଜନସାଧାରଣ ଓ




ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦିନକୁ ଦିନ ସାଇବର ଅପରାଧ ବଢ଼ିବଢ଼ି ଚାଲିଛି, ଯାହାକୁ ରୋକିବାକୁ ହେଲେ ପ୍ରଥମେ ସଚେତନର ଆବଶ୍ୟକତା ରହିଛି। ବର୍ତ୍ତମାନ ଡିଜିଟାଲ ଯୁଗ। ସମସ୍ତେ ମୋବାଇଲ ଓ ଅନଲାଇନ ସହ ଜଡିତ ରହିଛନ୍ତି। ଏହାର ଫାଇଦା ନେଉଛନ୍ତି ଅନଲାଇନ ଲୁଟେରା। ତେଣୁ ଲୋକେ ନିଜେ ସଚେତନ ରହିଲେ ଯାଇ ଏହି ସାଇବର ଅପରାଧକୁ ରୋକାଯାଇପାରିବ ବୋଲି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ନିଜର ତଥ୍ୟକୁ ସମସ୍ତଙ୍କୁ ଦିଅନ୍ତୁ ନାହି। ସାଇବର ଅପରାଧ କେବଳ ପୁଲିସ ରୋକିପାରିବନି। ଲୋକେ ନିଜେ ଯେବେ ପର୍ଯ୍ୟନ୍ତ ସଚେତନ ହେବେ ନାହିଁ ଏହି ଅପରାଧରେ ଅଙ୍କୁଶ ଲାଗିବନି ବୋଲି ମତ ପ୍ରକାଶ ପାଇଛି। ସାଇକ୍ଲୋଥନରେ ଶହ ଶହ ଲୋକ ସାମିଲ ହୋଇଥିଲେ।

# ବାମରାରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ

**କୁଚିଣ୍ଡା, ୨।୧୧(ସମିସ):** ବାମରା ଠାରେ ଗୋବିନ୍ଦପୁର ପଞ୍ଚାୟତ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଏକ ରାଲି ଆୟୋଜିତ ହୋଇଥିଲା। ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରାଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାମରା ବ୍ଲକ ଅଫିସରୁ ଏକ ସଚେତନତା ରାଲି ବାହାରି ଗୋବିନ୍ଦପୁର ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଆସିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଉପଆରକ୍ଷୀ ଅଧୀକ୍ଷକ ହେମା ମାଳିନୀ ନାୟକ, ଆରକ୍ଷୀ ନୀରିକ୍ଷକ ସୁକାନ୍ତ କିଶୋର ପ୍ରଧାନ, ସଞ୍ଜୁଲତା ପଣ୍ଡା ଓ ସନାତନ ଟୋପ୍ପୋ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ମଙ୍ଗଳି ନାଏକ, ଡବ୍ଲୁଇଓ ମୋନଜ ଶତପଥୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକ୍ତେଶ୍ୱର ମାଝୀ ଓ ପ୍ରତାପ ସାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ରାଜ୍ୟ ଟୋଙ୍ଗ ଇଲ୍-ମୁ-ଡୋ ଚାମ୍ପିଅନସିପ୍‌ରେ ଦୁଇ ଜଣଙ୍କୁ ସ୍ୱର୍ଣ୍ଣ

**କୁଚିଣ୍ଡା, ୨।୧୧(ସମିସ):** କଟକ ସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେରେ ରାଜ୍ୟ ଟୋଙ୍ଗ ଇଲ୍-ମୁ-ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇ ଥିବାବେଳେ ଏଥିରେ ବାମରାର ଦୁଇ ଜଣ ଗୋଲ୍ଡ ମେଡାଲ ବିଜେତା ହୋଇଛନ୍ତି। ଅକ୍ଟୋବର ୨୫ ଓ ୨୬ ତାରିଖ ଦିନ କଟକ ଠାରେ ରାଜ୍ୟ ସ୍ତରୀୟମାର୍ଶଲ ଆର୍ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ୩୫୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେ ମଧ୍ୟରେ ସମ୍ବଲପୁର ଜିଲ୍ଲା ବାମରା ନିବାସୀ ନରେଶ ସିଙ୍ଗ ଠାକୁରଙ୍କ ପୁଅ ସକ୍ଷମ ସିଙ୍ଗ ଠାକୁର ଗୋଲ୍ଡ ଓ ବ୍ରୋଞ୍ଜ ମେଡାଲ ରେ



ସମ୍ମାନିତ ହୋଇଛନ୍ତି। ସେହିପରି ନିଶାନ୍ତ ସ୍ୱାଇଁ ଗୋଲ୍ଡ, ଅଲ୍ଲାନ ରାଉତ ସିଲଭର ଓ ବ୍ରୋଞ୍ଜ ମେଡାଲ ଜିତି ଥିବା ବେଳେ ଆନ୍ବି ନାଏକ, ରାକ୍ଷୀ ସିଙ୍ଗ, ରିୟାନ ନାଏକ ଓ ଅମନ ରାଉତ ବ୍ରୋଞ୍ଜ ମେଡାଲ ଜିତି ବାମରାକୁ ଫେରିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ବାମରା ଏଡୁଭେଣ୍ଟିଭ ସେଣ୍ଟର୍ ଠାରେ ତାଙ୍କ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ୩ ଲକ୍ଷର ଧଳାଜହର ଜବତ, ୨ଗିରଫ

**ସମ୍ବଲପୁର, ୨।୧୧(ସମିସ):** ଧନୁପାଲି ପୁଲିସ ୩ ଲକ୍ଷ ଟଙ୍କାର ଧଳାଜହର ଜବତ କରିଛି। ଏହି ଅଭିଯୋଗରେ ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି।





ସେମାନେ ହେଲେ ଧନୁପାଲି ଥାନା ଖେତିପଡ଼ର ଏମ୍‌ଡି ଫରଦିନ ଆଲମ(୨୨) ଓ ଭୁତାପଡ଼ାର ଏମଡି ଇଶାରାର(୩୦)। ସେମାନଙ୍କ ନିକଟରୁ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ଡିଅରପାର୍କ ଫରେଷ୍ଟ ଗେଷ୍ଟହାଉସ ପାଖରେ ବ୍ରାଉନସୁଗର କାରବାର ହେଉଥିବା ନେଇ ପୁଲିସ ଖବର ପାଇଥିଲା। ପରେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ଏହି ସମୟରେ ବ୍ରାଉନସୁଗର ମିଳିଥିଲା। ଏହି ମାମଲରେ ଏମ୍‌ଡି କାଲୁ ଓ ଏଡି ସର୍‌ଫରାଜର ଲିଙ୍କ ରହିଥିବା ନେଇ ପୁଲିସ ତଦନ୍ତ କରୁଥିବା ସୂଚନା ରହିଛି। ଅଭିଯୁକ୍ତ ଦ୍ୱୟକୁ ଗିରଫ ପରେ କୋର୍ଟଚାଲାଣ କରିଛି।

## ଆଦର୍ଶ ଶିକ୍ଷକ ମହାଦେବ ଖଡ଼ିଆଙ୍କ ପରଲୋକ

**ସମ୍ବଲପୁର, ୨।୧୧(ସମିସ):** ରବିବାର ପୂର୍ବାହ୍ନରେ ମାଝିପାଲିର ଆଦର୍ଶ ଶିକ୍ଷକ ମହାଦେବ ଖଡ଼ିଆଙ୍କ ପରୋଲକ ଘଟିଛି। ସେ ସମ୍ବଲପୁର ଜିଲ୍ଲା ଅଧୀନ ଧନକଉଡ଼ା ବ୍ଲକର କିଲାସମା କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନପାଲିରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟରତ ଥିଲେ। ସେ ଜଣେ ଆଦର୍ଶ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବରେ ବେଶ୍ ଜଣାଶୁଣା। ଦୀର୍ଘ ୨ମାସ ହେବ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସମସ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପଶ୍ଚିମ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ବୈଠକ ଉଦ୍‌ଯାପିତ

**ହୀରାକୁଦ, ୨।୧୧(ସମିସ):** ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନିଆ ପଶ୍ଚିମ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ବୈଠକ ଉଦ୍‌ଯାପିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ସରୋଜ କୁମାର ହାତୀ ଯୋଗଦେଇ ଆମ ଲକ୍ଷ୍ୟକୁ ପୂର୍ତ୍ତି କରିବାରେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାନ୍ତ ସଂଗଠନ ସମ୍ପାଦକ ତାରକଦାଶ ସରକାର ଯୋଗଦେଇ ଭାରତୀୟ ସପ୍ତଶକ୍ତି ସଙ୍ଗମକୁ କିପରି ସୁଦୃଢ଼ କରିବାକୁ ପଡ଼ିବ ତା ଉପରେ ଧାରଣା ଦେଇଥିଲେ। ସମ୍ଭାଗ ସଭାପତି ଡ. ବେଣୁଧର ପ୍ରଧାନ ଯୋଗଦେଇ ନିଜବକ୍ତବ୍ୟ ରଖିଥିଲେ। ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ



କରିଥିଲେ। ବିଦ୍ୟାଳୟର ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ସର୍ବବ୍ୟବସ୍ଥା ପ୍ରମୁଖ ଦାୟିତ୍ୱ ନେଇଥିଲେ। ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ ଯୋଗଦେଇ ମାର୍ଗ ଦର୍ଶନ କରିଥିଲେ। ସମ୍ଭାଗ କୋଷାଧକ୍ଷ ଶିବପ୍ରସାଦ ବାଗ, ସମ୍ବଲପୁର ଜିଲ୍ଲା ପ୍ରମୁଖ ଆନନ୍ଦ ସାହୁ, ସମ୍ବଲପୁର ସଂକୁଳ ପ୍ରମୁଖ ପ୍ରମୋଦ ପାଢ଼ୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ବୈକୁଣ୍ଠ ନାଗ, ପ୍ରିୟ ରଞ୍ଜନ ଧଳ, ସୁଶାନ୍ତ ବେହେରା ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା, ସେବକ ସେବିକା, ମାତୃଭାରତୀ, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ଫୁଟବଲ ପ୍ରତିଯୋଗିତାରେ ଧମା ଏଫ୍‌ସି ବିଜୟୀ

ସମ୍ବଲପୁର, ୨।୧୧(ସମିସ)

ମାନେଶ୍ୱର ବ୍ଲକ ଅଧୀନ ବରଗାଁ ପଞ୍ଚାୟତ ବଉଁଶରା ଗ୍ରାମର ଦଶମତୀ ଯୁବକ ସଂଘ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ୍ ପ୍ରତିଯୋଗିତା ବରଗାଁ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏମ୍. ଡି ସ୍ପୋର୍ଟିଂ ଓ ଧମା ଏଫସି ଫାଇନାଲକୁ ପ୍ରବେଶ କରିଥିଲେ। ପେନାଲ୍ଟି କିକ୍‌ରେ ଧମା ଏଫ୍. ସି ୩/୧ରେ ବିଜୟୀ ହୋଇଥିଲା। ଖେଳକୁ ଅଭି ମହାନନ୍ଦ, ନନ୍ଦୁ ନାୟକ, କିଶୋର ପରିଚାଳନା କରିଥିଲେ।



ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରତିନିଧି ମନୋଜ ମହାପାତ୍ର ଓ ସମ୍ମାନିତ ଅତିଥି ଭାବରେ ରଞ୍ଜନ ପଣ୍ଡା, ଭବାନୀ ହୋତା, ଗୌରାଙ୍ଗ ପୁରୋହିତ, ଦେବବ୍ରତ ବିଶ୍ୱାଳ, ସୁରଥ ଭୋଇ, ଦୟା ନିଧି ଭୋଇ ଯୋଗଦେଇଥିଲେ। ଅତିଥିମାନେ ଉଭୟ ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାନସ ବେହେରା, ବିଟୁ ବେହେରା, ସାହିଲ ସାହୁ, ଅମୂଲ୍ୟ ଭୋଇ, ଗଦାଧର ବାଗ, କିଶୋର ବାଗ, ସରୋଜ ମିର୍ଦ୍ଧା, ବିଶ୍ୱଜିତ୍ ଜାଲ, ପ୍ରହଲ୍ଲାଦ କୁଅଁର ପ୍ରମୁଖ ଖେଳକୁ ଅୟୋଜନ କରିବା ସହିତ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ୮ ବର୍ଷ ଶିଶୁର ମୃତ୍ୟୁ

**ବରଗଡ଼, ୨।୧୧(ସମିସ)**

ବରଗଡ଼ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ପକ୍ଷ ଶନିବାର ଠାରୁ ଆରମ୍ଭ ହୋଇଛି। ୧ରୁ ୧୫ ନଭେମ୍ବର ଦୀର୍ଘ ୧୫ ଦିନ ଧରି ପାଳନ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମର ଆଜି ଦ୍ୱିତୀୟ ଦିନରେ ବରଗଡ଼ ସଦର ମହକୁମା ଠାରେ ସଡ଼କ ଦୁର୍ଘଟଣାରେ ଜଣେ ନିଷ୍ପାପ ଶିଶୁର ମୃତ୍ୟୁ ଘଟିଛି। ରବିବାର ବରଗଡ଼ ସଦର ଥାନା ଅଧୀନ ସାଉନ୍ତପୁର ଗାଁର ଏକ ପରିବାର ସୋହେଲା ଚିଚିଣ୍ଡା ଗାଁକୁ ଏକ ଟେମ୍ପୁ ସାହାଯ୍ୟରେ ଯାଉଥିଲେ। ସେଠାରେ ଏକ ପାରିବାରିକ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ରାସ୍ତାରେ ଚିଚିଣ୍ଡା ଗାଁକୁ ପହଞ୍ଚିବା ପୂର୍ବରୁ କେନପାଲି ଛକ ନିକଟରେ ସଡ଼କ ଦୁର୍ଘଟଣା ହୋଇଥିଲା। ଏକ ହନୁମାଙ୍କଡ଼ ହଠାତ୍ ଟେମ୍ପୁ ଉପରକୁ ଡେଇଁ ପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଟେମ୍ପୁଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଦୌଡ଼ି ଆସି ଆହତ ଶିଶୁ ଓ ଅନ୍ୟ ସମସ୍ତଙ୍କୁ ଉଦ୍ଧାର କରି ବରଗଡ଼ ବିକାଶ ହସ୍ପିଟାଲରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଜଣେ ମହିଳାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବିଷୟରେ ସୂଚନା ଦେଇଥିଲେ। ଖବର ପାଇ ହସ୍ପିଟାଲ ପରିସରେ ପହଞ୍ଚିବା ପରେ ପରିବାର ଲୋକଙ୍କ ବୁକୁଫଟା କାନ୍ଦ ବୋବାଳିରେ ହୃଦୟବିଦାରକ ପରିବେଶ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳକୁ ବରଗଡ଼ ସଦର ପୁଲିସ ପହଁଞ୍ଚି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।




## ଦେବଦୂତ ସାଜି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ମଣ୍ଟୁ ବଢ଼େଇ

**ଅମ୍ବାଭୋନା, ୨।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଦ୍ୱାରୀ ରାସ୍ତାର ଦ୍ୱାରୀ ଗାଁ ନିକଟରେ ଏକ ସଡକ ଦୁର୍ଘଟଣାରେ ଅମ୍ବାଭୋନା ବ୍ଲକ କଲମୀ ଗାଁର ପୁରନ୍ଦର ଡିଲା (୫୨) ଆହତ ହୋଇଥିଲେ। ପୁରନ୍ଦର ନିଜ କାମ ସାରି ଭୁକ୍ତାରୁ ତାଙ୍କ ନିଜ ଗାଁ କଲମୀ ଅଭିମୁଖେ ନିଜ ବାଇକରେ ଯାଉଥିବା ବେଳେ ଭରସାମ୍ୟ ହରାଇ ଦ୍ୱାରୀ ନିକଟରେ ଏକ ବୁଦାରେ ପଡ଼ିଯାଇଥିଲେ। ତାଙ୍କର ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ଦ୍ୱାରୀ ଗାଁର ମଣ୍ଟୁ ବଢ଼େଇ କୌଣସି କାମରେ ଭୁକ୍ତା ଅଭିମୁଖେ ବାହାରିଥିବା ବେଳେ ଆହତ ପୁରନ୍ଦରଙ୍କୁ ବୁଦାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭୁକ୍ତା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ଏହାପରେ ତାଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ସ୍ଥିତି ଗମ୍ଭୀର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆମ୍ବୁଲାନ୍ସର ବ୍ୟବସ୍ଥା କରି ବରଗଡ଼ ସ୍ଥିତ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ବିପଦ ସମୟରେ ଦେବଦୂତ ସାଜିଥିବା ମଣ୍ଟୁଙ୍କ ଯୋଗୁଁ ଜଣଙ୍କ ଜୀବନ ବଞ୍ଚିଥିବା ଲୋକେ କହୁଛନ୍ତି।

## ପାଇକମାଲରେ ସାଇବର ସଚେତନତା ସଭା

**ପାଇକମାଲ, ୨।୧୧(ସମିସ):** ପାଇକମାଲ ଥାନାରେ ରବିବାର ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସାଇବର ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ସାଇବର କ୍ରାଇମ ବଢୁଛି। ଯାହା ଫଳରେ ଲୋକଙ୍କ ଧନଜୀବନ ହାନି ହେଉଛି। ଏନେଇ ସାଇବର କ୍ରାଇମ ପ୍ରତି କିପରି ଲୋକେ ସଚେତନ ହୋଇ ପାରିବେ ଭିଡିଓ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଏଥିରେ ସ୍ଥାନୀୟ ଯୁବକ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶେଷରେ ଏସଆଇ ବୀଣା ତିର୍କି ଧନ୍ୟବାଦ ଦେଇଥିଲେ।

## ମିଶନ 'ଶିକ୍ଷାଦାନ'ରେ ମାଗଣା ପାଠ୍ୟଦାନ

**ବରଗଡ଼, ୨।୧୧(ସମିସ):** ସଦର ବ୍ଲକ ଅଧୀନ ତୋରା ପଞ୍ଚାୟତ ନାଗେଁନପାଲି ଠାରେ ମିଶନ 'ଶିକ୍ଷାଦାନ' କାର୍ଯ୍ୟକ୍ରମ ଅବସରରେ ଗାଁର ଛାତ୍ରଛାତ୍ରୀଙ୍କୁ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ଉଦ୍ୟମରେ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁ, ମୁହୂରିଆ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗଣିତ, ଇତିହାସ, ଭୂଗୋଳ ଓ ସାହିତ୍ୟ ବିଷୟର ଶିକ୍ଷାଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱକୁ ସହଜ ଓ ସରଳ ଭାବେ ବୁଝେଇ ଥିଲେ। ଛୁଟିଦିନରେ ଏଭଳି ମାଗଣା ପାଠ୍ୟଦାନରେ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।

## ଛେତଗାଁରେ ଦକ୍ଷତା ତାଲିମ ଶିବିର

**ପାଇକମାଲ, ୨।୧୧(ସମିସ):** ପାଇକମାଲ ବ୍ଲକ ଛେତଗାଁ ପଞ୍ଚାୟତରେ ଏଲଟିଆଇ ମାଇଣ୍ଡଟ୍ରି ଓ ମହାଶକ୍ତି ଫାଉଣ୍ଡେସନ ତରଫରୁ ଚତୁର୍ଥ ଥର ପାଇଁ ଦକ୍ଷତା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଛେତଗାଁ ସରପଞ୍ଚ ବନିତା ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଗୁପ୍ତେଶ୍ୱର ପଟେଲ, ପ୍ରି ମେମ୍ବରରାଜୁ ମହାନନ୍ଦ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହାଶକ୍ତି ଫାଉଣ୍ଡେସନ ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପୂର୍ବରୁ ମହାଶକ୍ତି ଫାଉଣ୍ଡେସନ ତରଫରୁ ହେଇଥିବା ତାଲିମରେ ପ୍ରାୟେ୩୦୦ରୁ ଉର୍ଦ୍ଧ୍ୱ ଝିଅମାନେ ଭାଗ ନେଇ ତାଲିମ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ରୁ ଉର୍ଦ୍ଧ୍ୱ ଝିଅ ସ୍ୱାବଲମ୍ବୀ ହୋଇ ଉପକୃତ ହୋଇଛନ୍ତି। ତାଲିମ ନେଇ ଆତ୍ମନିର୍ଭରଶୀଳ ହେବେ ଓ ଦାଦନ ମୁକ୍ତ ହୋଇ ନିଜ ଅଞ୍ଚଳରେ କିଛି ଅର୍ଥ ଉପାର୍ଜନ କରିପାରିବେ ବୋଲି ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ ମତ ରଖିଥିଲେ। ଏଥିରେ ଅତିରିକ୍ତ ବ୍ଲକ ସଂଯୋଜକ ଅଜିତ ପୁଟା, ଶିବାନୀକୁମ୍ଭାର, ରିତୁ ସାହୁ, ଶିବାନୀ ହରିପାଲ, କିରଣ ସେଠ, ପ୍ରଶାନ୍ତ ପାଣ୍ଡେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ ଧନ୍ୟବାଦ ଦେଇଥିଲେ।

## ଅମ୍ବାଭୋନାରେ ମାରାଥନ

**ଅମ୍ବାଭୋନା, ୨।୧୧(ସମିସ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅମ୍ବାଭୋନା ଠାରେ ପାଳିତ ହୋଇଯାଇଛି। ଅମ୍ବାଭୋନା ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଜାତୀୟ ଏକତା ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଅମ୍ବାଭୋନା ପୁଲିସ ଆନୁକୂଲ୍ୟରେ ଏବଂ ଥାନା ଅଧିକାରୀ ବିପିନ ବାଗଙ୍କ ନେତୃତ୍ୱରେ ଏକ ଗଣଦୌଡ ଆୟୋଜିତ ହୋଇଥିଲା। ଗଣଦୌଡ ଅମ୍ବାଭୋନା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ରାସ୍ତା କଡ ସୁବିଧାକେନ୍ଦ୍ର ପର୍ଯ୍ୟନ୍ତ ହୋଇଥିଲା। ଅମ୍ବାଭୋନା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ, ଅମ୍ବାଭୋନା ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଗଜେନ୍ଦ୍ର ଦାସ, ଅଟଳ ଚାରିଟେବୁଲ ଟ୍ରଷ୍ଟ ଭୁକ୍ତାର ସଭାପତି ଶିବାଜୀ ପଟେଲ ଏବଂ ଅଟଳ ପରିବାରର ସଦସ୍ୟବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏବଂ ଆଖପାଖ ଅଞ୍ଚଳର ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

**ଭଟଲି, ୨।୧୧ (ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ, ଭଟଲିର ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଦଶ ଦିନାତ୍ମକ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସଂସ୍କୃତ ଭାଷାର ଉପଯୋଗିତା ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂସ୍କୃତ ଭାରତୀ ପଶ୍ଚିମୋତ୍କଳର ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ ସଂସ୍କୃତ ସମ୍ଭାଷଣ ଶିବିରରେ ସହଜ ଓ ସରଳ ସଂସ୍କୃତରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାପ୍ରଦାନ କରିଥିଲେ। ପ୍ରିୟାବାବୁ, ସମୀକ୍ଷା ସାହୁ, ଲିପ୍ସା ପଟେଲ, ସୁମିତ ସା ପ୍ରମୁଖ ଛାତ୍ରୀଗଣ ସଂସ୍କୃତ ଭାଷାରେ ସ୍ୱକୀୟ ଅନୁଭୂତି କଥନ ସହ ସଂସ୍କୃତ ପଥପ୍ରାନ୍ତ ନାଟକ ପରିବେଶଣ କରିଥିଲେ। ସଂସ୍କୃତ ଅଧ୍ୟାପକ ରାଜୀବ ସାହୁ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଆଦିତ୍ୟ ସିଂ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ରାଜଶ୍ରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରତିମା ପଣ୍ଡା, ମୁକ୍ତା କେଶରୀ ସାମ୍ରତ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ।

## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ 'ପାଥୱେ'

**ବରଗଡ଼, ୨।୧୧ (ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନ୍ସେଲିଂ 'ପାଥୱେ' ସେମିନାରର ଆୟୋଜନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର୍ ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ, ଡାଇରେକ୍ଟର୍ ସିଦ୍ଧାର୍ଥ ସାୱଡିଆ ଏବଂ ଭାଇସ୍ ପ୍ରିନ୍ସିପାଲ୍ ପ୍ରଭୁଦତ୍ତ ଦାଶଙ୍କ ସହିତ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ କାଉନ୍ସେଲିଂ କରିବା ପାଇଁ ପ୍ରସିଦ୍ଧ କାଉନ୍ସେଲର୍ ଡ.ଦୁର୍ଗେଶ ଶତପଥୀ (ଡାଇରେକ୍ଟର୍, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ସୋସିଆଲ୍ ରିସର୍ଚ୍ଚ ସେଣ୍ଟର୍) ଆସିଥିଲେ। ଛାତ୍ରଛାତ୍ରୀ ନିଜର ରୁଚି ଅନୁଯାୟୀ କ୍ୟାରିୟର୍ ଚୟନ କରିବା ଉଚିତ୍ ବୋଲି ସେ କହିଥିଲେ। ଏହା ବ୍ୟତୀତ ସେ ଛାତ୍ରଛାତ୍ରୀଙ୍କୁ କ୍ୟାରିୟର୍‌ର ପରାମର୍ଶ ଦେବା ସହ ସେମାନଙ୍କ ମନରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦେଇଥିଲେ। ପ୍ରିନ୍ସିପାଲ୍ କରନ ସାହୁ ଡ.ଶତପଥୀଙ୍କୁ ପୁଷ୍ପ, ଶାଲ୍ ଏବଂ ସ୍ମୃତିଚିହ୍ନ ଦେଇ ସମ୍ମାନିତ କରିଥିଲେ। ଚେୟାରମ୍ୟାନ୍ ସୁମନ ସାୱଡିଆ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



## ଶ୍ରୀ ଅରବିନ୍ଦ ସ୍କୁଲରେ ଉପଖଣ୍ଡସ୍ତରୀୟ କର୍ମୀ ସମ୍ମିଳନୀ

**ପଦ୍ମପୁର, ୨।୧୧(ସମିସ)**

ଶାନ୍ତି ନଗର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ବରଗଡ଼ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ ଆନୁକୂଲ୍ୟରେ ପଦ୍ମପୁର ସବଡିଭିଜନ ସ୍ତରୀୟ ବ୍ଲକ ସମୂହର ସମ୍ମିଳିତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୋହେଲାର ପ୍ରଶାନ୍ତ ମିଶ୍ର ମାତୃପତାକା ଉତ୍ତୋଳନ କରିଥିଲେ। ଏହାପରେ ଅଧ୍ୟକ୍ଷା ଆହ୍ଲାଦିନୀ ଦଲାଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଉପସଭାପତି ମନୋଜ ପଣ୍ଡା ସ୍ୱାଗତ ଅଭିନନ୍ଦନ ଏବଂ ପାଇକମାଲର ମମତା ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ସଂଗଠକ ରାଧାକାନ୍ତ ମିଶ୍ର ଏବଂ ଉପେନ୍ଦ୍ର ମହାପାତ୍ର 'ମାତୃକର୍ମ ହେଉ ଆମ ଜୀବନର ବ୍ରତ' ଶୀର୍ଷକ ଆଲୋଚନା କରିଥିଲେ। ଅନ୍ୟତମ ଜିଲ୍ଲା ସଂଗଠକ ସମରେନ୍ଦ୍ର ଲେଙ୍କା ସାଙ୍ଗଠନିକ ମତାମତ ପ୍ରଦାନ କରିଥିଲେ। ଉପେନ୍ଦ୍ର ମହାପାତ୍ର ମାତୃପତାକା ପତାକା ଅବତରଣ କରିଥିଲେ। ପଦ୍ମପୁର ଉପଖଣ୍ଡ ସମସ୍ତ ୧୭ଟି ଶିକ୍ଷାକେନ୍ଦ୍ରରୁ ମାତୃକର୍ମୀ ଯୋଗଦାନ କରିଥିଲେ। ଶେଷରେ ସମ୍ପାଦକ ଆଦିତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

### କୁଆବାଉଁଶ ଗାଁରେ ସଶସ୍ତ୍ର ଡକାୟତି ଘଟଣା

# ୫ ଅଭିଯୁକ୍ତ ଗିରଫ ସହ ସୁନାଗହଣା, ଟଙ୍କା ଜବତ

**ପାଟଣାଗଡ଼, ୨।୧୧(ସମିସ)**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା କୁଆବାଉଁଶ ଗାଁରେ ଗତ ମାସ ୧୭ ତାରିଖ ବିଳମ୍ବିତ ରାତିରେ ରମାକାନ୍ତ ସରାପଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣାରେ ଅଭିଯୁକ୍ତ ଧରା ପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ରବିବାର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ସରାପ, ମହାଦେବ ଚାନ୍ଦ, ରାହୁଲ କୁମ୍ଭାର, ଗଣେଶ ଭୋଇ ଓ ଧନେଶ୍ୱର ନାଗ। ଏହି ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ପାଇକମାଲ ଅଞ୍ଚଳର। ଅନ୍ୟ ୩ଜଣ ଖପ୍ରାଖୋଲ ଓ ଅଇଁଲାପାଲି ଗାଁର। ଏକ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୁଝାରୀ ଏହି ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ସୁନାଚେନ, କାନଫୁଲ, ନଗଦ ହଜାରେ ଟଙ୍କା, ଜମି ଜମା ସମ୍ପର୍କିତ କାଗଜପତ୍ର ସହ ସେମାନେ ବ୍ୟବହାର କରିଥିବା ୨ଟି ଛୁରୀ ଓ ୪ଟି ମୋବାଇଲ ପୁଲିସ ଜବତ କରିଛି। ପାଟଣାଗଡ଼ ଥାନା କୁଆବାଉଁଶ ଗାଁରେ ଗତ ୧୭ ତାରିଖ ରାତିରେ ଦଣ୍ଡ ନୃତ୍ୟ ଚାଲିଥିଲା। ଗାଁ ଲୋକେ ଦଣ୍ଡ ନୃତ୍ୟ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ରମାକାନ୍ତ ସରାପଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ତାଙ୍କ ଘରେ ପଶିଥିଲେ। ରମାକାନ୍ତଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଓ ପୁଅକୁ ପ୍ରଥମେ ଛୁରା ଦେଖାଇ ଭୟଭୀତ କରିଥିଲେ। ଏହାପରେ ରଶିରେ ବାନ୍ଧି ଦେଇଥିଲେ। ଆଲମିରା ଚାବି ମାଗିନେଇ ସୁନାଗହଣା ସହ ଟଙ୍କା ଲୁଟ୍ କରି ଫେରାର ମାରିଥିଲେ। ଏହି ଘଟଣାକୁ ନେଇ ରମାକାନ୍ତଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ସରାପ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ ଜାରି ରହିଥିଲା। ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଆହୁରି ୨ ଜଣ ଫେରାର ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ପୁଝାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



### ଗ୍ୟାସ୍ ବୋଝେଇ ଟ୍ରକ୍‌ରେ ଲାଗିଲା ନିଆଁ

# ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର

**ବୀରମହାରାଜପୁର, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଜଟେସିଂହା ହରିହର ଯୋର ବ୍ରିଜ୍ ପାଖରେ ଶନିବାର ରାତ୍ରିରେ ଏକ ଇଣ୍ଡିଆନ ଗ୍ୟାସ୍ ବୋଝାଇ ଟ୍ରକ୍ ଗଲାବେଳେ କୌଣସି କାରଣରୁ ହଠାତ୍ ନିଆଁ ଲାଗି ଜଳି ଯାଇଥିଲା। ଫଳରେ ଗାଡ଼ି ଡ୍ରାଇଭର ଓ ହେଲ୍ପର ଗାଡିରୁ ବହାରିପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ବୀରମହାରାଜପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ବହୁ ସମୟପରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, ଟ୍ରକ୍ (ଓଡି ୩୧ଇ ୬୮୬୫) ରେଢ଼ାଖୋଲ ପଟୁ ବୀରମହାରାଜପୁର ଆଡକୁ ଆସୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଗ୍ୟାସ୍ ବୋଝେଇ ଟ୍ରକ୍‌ଟି ଅଧା ପୋଡିଯାଇଥିବା ବେଳେ ଗ୍ୟାସ ଭର୍ତ୍ତି ସିଲିଣ୍ଡରକୁ ନିଆଁ ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ବଡ଼ ଧରଣର ବିସ୍ଫୋରଣରୁ ଟ୍ରକ୍‌ଟି ବର୍ତ୍ତିଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଚାଳକ ମୃତ୍ୟୁ

**ହରଭଙ୍ଗା, ୨।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପଇଦାଭୂଇଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ଛତ୍ରଙ୍ଗ ଗ୍ରାମର ଅମୂଲ୍ୟ ବେହେରା (୨୩)। ଅମୂଲ୍ୟ ବିଳମ୍ବିତ ରାତିରେ ଏକ ବାଇକ୍ ଯୋଗେ ଜଣେ ନାବାଳିକା ସହ ଭାବପୁରରୁ କୁଶଙ୍ଗ ଆଡ଼କୁ ଫେରୁଥିଲେ। ଏହି ସମୟରେ ପଇଦାଭୂଇଁ ପୋଲ ନିକଟରେ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଧାନ ବିଲରେ ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ପରେ ଉଭୟ ରାତିସାରା ବାଇକ୍ ସହ ଧାନ ବିଲରେ ପଡ଼ି ରହିଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ହରଭଙ୍ଗା ମେଡିକାଲରେ ନିଆଯାଇଥିଲା। ସେଠାରେ ଡାକ୍ତର ଅମୂଲ୍ୟଙ୍କୁ ମୃତ ଘୋଷଣା କରିଥିଲେ। ହରଭଙ୍ଗା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଡୁଙ୍ଗୁରିପାଲି, ୨।୧୧(ସମିସ):** ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ଶିବ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଆର୍‌ଏମ୍‌ସିକୁ ଯାଇଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗ ଦେଇଥିବାବେଳେ ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁଙ୍କ ସମେତ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ପୂର୍ବ ବିଜେଡ଼ି ସରକାରଙ୍କ ସମୟରେ ହୋଇଥିବା ଯୋଜନା ଓ ବର୍ତ୍ତମାନ ବିଜେପି ସରକାରର ବିଫଳତାକୁ ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ସରକାର ମିଥ୍ୟାର ସରକାର। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସବୁ ଭୁଲି ଗଲାଣି। ଲୋକଙ୍କୁ ପ୍ରତାରଣା କରି କ୍ଷମତାକୁ ଆସିଛି ବୋଲି କହିବା ସହ ମିଥ୍ୟା ବିଜେପି ସରକାରର ବିଫଳତାକୁ ନେଇ ନେତା ଓ କର୍ମୀ ଲୋକଙ୍କୁ ଅବଗତ କରାଇଥିଲେ।

# ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

**ଡୁଙ୍ଗୁରିପାଲି, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କୁମୁଦିନୀ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସଂଯୋଜନା କରିଥିଲେ। ନଅଟି ବିଦ୍ୟାଳୟରୁ ୧୬ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥିଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ନଭେମ୍ବର ମାସର ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ପାଇଁ ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ୍ୟ ଯୋଜନା, ଆଦର୍ଶ ପାଠ ଟୀକା ଓ ଶିକ୍ଷକ ଗତିବିଧି ଯୋଜନା, ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ବହୁ ଶ୍ରେଣୀ ଶିକ୍ଷଣ ପରିଚାଳନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଗଣିତ ଶିକ୍ଷାଦାନ କୌଶଳ, ସ୍ଥାନୀୟ ବିଦ୍ୟାଳୟର ଅଭିନବ କାର୍ଯ୍ୟ, ଶିକ୍ଷଣ ସୋପାନ ପୁସ୍ତିକା, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ଉଲ୍ଲାସ କାର୍ଯ୍ୟକ୍ରମର ସମୀକ୍ଷା ପ୍ରଭୃତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଶିକ୍ଷକ ନନ୍ଦକିଶୋର ବିଶି, ତୁଳସୀରାମ ଭୋଇ, ମୋହନ ଚରଣ ନାଏକ, ହାରାଧନ ବେରିଆ, ଅଭିରାମ ପରାଭୂଏ, କୁଶ ପୁଟେଲ, ଶିକ୍ଷୟିତ୍ରୀ ମାନିନୀ ବାଘ, କଳ୍ପନା ସେଠୀ, ରଶ୍ମିତା କୁଅଁର, ଲଳିତା ଭୁଏ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ବରୁଆଙ୍କ ନାଚରେ ଦୁଲକିଲା କଳାସି ଯାତ୍ରା

ବିନିକା, ୨।୧୧(ସମିସ): ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର କଳାସି ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଛତର ଶୋଭାଯାତ୍ରା ସହ ବରୁଆମାନେ ପାରମ୍ପରିକ ରୀତିରେ ନୃତ୍ୟ କରି ଢ଼ୋଲ ନିଶାଣର ତାଳେ ତାଳେ ନିକଟ ଯୋର, ନଳିଆ, ପୋଖରୀ, ନଦୀକୁ ସ୍ନାନ ପାଇଁ ଯାଇ ନିଜ କୁଠୀକୁ ଫେରିଥିଲେ। ଛତର ଦେବତାଙ୍କ ଦର୍ଶନ ପାଇଁ କୁଠୀ ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିନିକା ଅଞ୍ଚଳର ଚରଦା, ଡଭଲା, ସେଲେଡି, ବଲାରଙ୍ଗା, କୌଡିଆମୁଣ୍ଡା, ଟୁଲୁଣ୍ଡୁପାଲି ପ୍ରଭୃତି ସ୍ଥାନରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଆଡ଼କଟାରେ ଅଇଁଲା ନବମୀ

**ତରଭା, ୨।୧୧(ସମିସ):** ତରଭା ବ୍ଲକ ଆଡ଼କଟା ଗ୍ରାମର ଜାନକୀ ବଲ୍ଲଭ କଳା ପରିଷଦ ଆନୁକୂଲ୍ୟରେ ଅଇଁଲା ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମକୁମାରୀମାନେ ଲୋକଙ୍କୁ ଆଧ୍ୟାତ୍ମିକ ଚେତନା ଓ ନାରୀ ଜାଗରଣ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବ୍ରାହ୍ମକୁମାରୀଙ୍କ ଭାବଗତ ଚିନ୍ତା ଓ ଜନ ସଚେତନତା ପରେ ବରଗଡ଼ର ସରଗ ମଲ୍ଲି ଅନୁଷ୍ଠାନ ଓ ବିଭିନ୍ନ ସାଂସ୍କୃତିକ ଦଳଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାନକୀ ବଲ୍ଲଭ କଳା ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମିଶ୍ର ଓ ସମ୍ପାଦକ ଘାସିରାମ ବାଘ ସରଗମଲ୍ଲୀ ସାଂସ୍କୃତିକ ଅନୁଷ୍ଠାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ବାଇକ୍ ଧକ୍କାରେ ଜଣେ ମୃତ

**ମନମୁଣ୍ଡା/ଶଗଡ଼ା, ୨।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଲୁଣପଙ୍ଗା ଗାଁରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ ଧକ୍କାରେ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ



ଲୁଣପଙ୍ଗା ଗ୍ରାମର ଅଶ୍ୱିନୀ କ୍ଷେତି (୩୯)। ଗୁରୁତର ଦ୍ୱୟ ହେଲେ ମାଝିପଡ଼ା ଗ୍ରାମର ଜଗବନ୍ଧୁ ଭୋଇ (୫୦) ଏବଂ ଜୟକୃଷ୍ଣ ମାଝି (୪୦)। ମୃତକଙ୍କ ଭାଇ ନବୀନ କ୍ଷେତିଙ୍କ ଏତଲାକ୍ରମେ ମୃତକ ଏବଂ ଗୁରୁତର ଆହତ ତିନିଜଣ ଶନିବାର ରାତିରେ ଏକ ବାଇକ୍ (ଓଡି ୨୭ ଡି ୦୫୫୭)ରେ ଲୁଣପଙ୍ଗା ଗ୍ରାମରୁ ମାଝୀପଡ଼ା ଗ୍ରାମକୁ ଯାଉଥିଲେ। ଲୁଣପଙ୍ଗା ଗ୍ରାମ ଦାଣ୍ଡରେ ଅପରପାର୍ଶ୍ୱରୁ ଏକ ଅଜଣା ବାଇକ ଦ୍ରୁତ ଓ ବେପରୁଆ ଭାବେ ଆସି ଏମାନଙ୍କ ସହ ଧକ୍କା କରି ଫେରାର ହୋଇଯାଇଥିଲା। ଧକ୍କାରେ ୩ଜଣ ଗୁରୁତର ଆହତ ହୋଇଥିଲାବେଳେ ବାଇକ ବ୍ୟାପକ ଭାବେ ଭାଙ୍ଗିରୁଜି ଯାଇଥିଲା। ଅଶ୍ୱିନୀଙ୍କୁ ମନମୁଣ୍ଡା ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଦ୍ୱୟଙ୍କ ଗୋଡ ଭାଙ୍ଗିଯାଇଛି। ସେମାନଙ୍କୁ ପ୍ରଥମେ ସୋନପୁର ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମନମୁଣ୍ଡା ଡାକ୍ତରଖାନାରେ ମୃତକଙ୍କ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି।

# ଟ୍ରକ୍ ଧକ୍କାରେ କାର୍ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ହରଭଙ୍ଗା/ପୁରୁଣାକଟକ, ୨।୧୧(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଧୀନ ୫୭ ନଂ ଜାତୀୟ ରାଜପଥର ପୁରୁଣାକଟକସ୍ଥିତ ଭୈରବୀ କଲେଜ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଗୋଟିଏ କାରକୁ ଏକ ଟ୍ରକ୍ ଧକ୍କା ଦେଇଛି। କାରରେ ବସିଥିବା ଭେଡେନ ଅଞ୍ଚଳର ନିତ୍ୟାନନ୍ଦ ମାଝୀ (୩୨), ପରମା ନନ୍ଦ ବାଘ (୨୮), ବୀରେନ୍ଦ୍ର ଚୌଧୁରୀ ଗୁରୁତର ଆହତ ହୋଇଥିଲେ। ଓଡି ୧୭ ଏସି ୯୯୯୭ ନମ୍ବର ବିଶିଷ୍ଟ କାରଟି ଭୁବନେଶ୍ୱରରୁ ବରଗଡ଼ ଜିଲ୍ଲା ଭେଡେନ ଯାଉଥଲା ବେଳେ ଏହି ଦୁର୍ଘଟଣା ଘଟିଛି। ଗୁରୁତରଙ୍କୁ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୁରୁଣାକଟକ ପୁଲିସ ଦୁର୍ଘଟଣା ଛାନଭିନ ଆରମ୍ଭ କରିଛି।

# ୧୬ ପ୍ରହର ନାମଯଜ୍ଞ ଆରମ୍ଭ

**ବିନିକା, ୨।୧୧(ସମିସ):** ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଝାରକଦଳିପାଲି ଗ୍ରାମରେ କଳସ ଶୋଭାଯାତ୍ରା ସହ ୧୬ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି। ରବିବାର ସକାଳେ ସଂକୀର୍ତ୍ତନ, ଘଣ୍ଟବାଦ୍ୟର ତାଳେ ତାଳେ ଗ୍ରାମର ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ନିକଟ ନଳିଆକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଜଳପୂର୍ଣ୍ଣ କଳସକୁ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ମଣ୍ଡପରେ ମହାମନ୍ତ୍ର ନାମଜପ ଅନୁଷ୍ଠିତ ହେବ। ୫ ତାରିଖରେ ନାମଯଜ୍ଞ ପୂର୍ଣ୍ଣାହୁତି ହେବ। କମିଟି ସଭାପତି ସେତୁବନ୍ଧ ଭୋଇ ଓ ସମ୍ପାଦକ ମୁରଲୀ ପଧାନ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରୁଥିବା ବେଳେ ସାମ୍ବାଦିକ ଜିତେନ୍ଦ୍ର ଠାଟି, ଉତ୍ତମ ମହାକୁର, ନିଆମ ଠାଟି, ଧର୍ମେନ୍ଦ୍ର ଛନ୍ଦ, ନରେନ୍ଦ୍ର ରଣା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ଏଥିରେ କର୍ତ୍ତା ଭାବରେ ମଙ୍ଗଳ ପଧାନ ଓ ତାଙ୍କ ଧର୍ମପତ୍ନୀ ମଲାବତି ପଧାନ, ପୂଜକ ଭାବରେ ବଳରାମ ପାଢ଼ୀ ଦାୟିତ୍ୱ ତୁଲାଉଛନ୍ତି।

# ଦିଗଶିରାରେ କଳାସୀ ଯାତ୍ରା

**ଡୁଙ୍ଗୁରିପାଲି, ୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବିଗଶିରାଗ୍ରାମରେ ଦୁଇ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଥିବା ଐତିହାସିକ କଳାସୀ ଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି। ଦୁଇଦିନ ଧରି ପାଳିତ ହୋଇଥିବା ମେଳାର ପ୍ରଥମ ଦିନ ଦଶମୀତିଥିରେ ବରୁଆମାନେ ଗ୍ରାମଦେବୀ ପଥାଇଙ୍କଠାରେ ପୂଜାର୍ଚ୍ଚନା ପରେ କଳାସୀକୁଠିକୁ ସେଠାରୁ ବାଦ୍ୟର ତାଳେ ତାଳେ ନାଚ କରି ଆଣିଥାନ୍ତି। ଦ୍ୱିତୀୟ ଦିନ ଏକାଦଶୀତିଥିରେ କଳାସୀକୁଠିରେ ପୂଜାର୍ଚ୍ଚନା କଲାପରେ ଅଙ୍ଗନଦୀ ଖଣ୍ଡିଯାତ୍ରା ପଡ଼ିଆକୁ ବାଦ୍ୟର ତାଳେ ତାଳେ ନାଚି ନାଚି ଯାଇଥାନ୍ତି। ଯାତ୍ରାରେ ହଜାର ହଜାର ସଂଖ୍ୟକ ଜନସାଧାରଣ ଯୋଗଦେଇ ଆନନ୍ଦ ଉପଭୋଗ କରିଥିଲେ। ମେଳାରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ମୀନାବଜାର ଓ ରାତି ପାଇଁ ଦଣ୍ଡନୃତ୍ୟ, ସ୍ଥାନୀୟ ଅପେରାର ମଧ୍ୟ ଆୟୋଜନ କରାଯାଇଥିଲା।

# କନ୍ଧମାଳ ଗ୍ରାମ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ; କୁମରକେଲି ଚାମ୍ପିଅନ୍



**କନ୍ଧମାଳ, ୨।୧୧(ସମିସ):** କନ୍ଧମାଳ ଗ୍ରାମ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଜୟ ଶ୍ରୀରାମ କ୍ରିକେଟ ଟିମ୍ ଦ୍ୱାରା କନ୍ଧମାଳ ହାଇସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୬ଟି ଟିମ୍ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ଦମାମୁଣ୍ଡ ଓ କୁମରକେଲି ମଧ୍ୟରେ ହୋଇଥିଲା। ଏଥିରେ କୁମରକେଲି ଚାମ୍ପିଅନ୍ ହୋଇଥିଲା। ଦେବାଶିଷ ସାହୁ, ମଦନ କୁମାର ଓ ସୁବାଷ ସାହୁ ଖେଳ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଜିତ ସାହୁ, ବଳରାମ ସାହୁ ଓ ଯଜ୍ଞେଶ୍ୱର ଦେହୁରୀ ଉପସ୍ଥିତ ଥିଲେ। କନ୍ଧମାଳ ଜୟ ଶ୍ରୀରାମ କ୍ରିକେଟ ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୁଡଭେଲିପଦରରେ ସାମାଜିକ ନାଟକ ମଞ୍ଚସ୍ଥ



**ଶଗଡ଼ା, ୨।୧୧ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୁଡଭେଲି ପଦର ଗ୍ରାମରେ କୈଳାଶୀ ଯାତ୍ରା ଉପଲକ୍ଷେ ଏକ ସାମାଜିକ ନାଟକ ପରିବେଷିତ ହୋଇଛି। ମାଁ ଗ୍ରାମପତି ନାଟ୍ୟ ପରିଷଦ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'କାଳିଆ ଦେଉଛି ଅସରା ଦୁଃଖ' ପରିବେଷିତ ହୋଇଥିଲା। ସନ୍ତୋଷ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ମାଁ ଗ୍ରାମପତି ନାଟ୍ୟ ପରିଷଦର କଳାକାରଙ୍କ ସହ ଅତିଥି କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ମଞ୍ଚରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୁବନେତା କିଶୋର ମେହେର, ସୁଧୀର ମହାକୁଡ, ପୁରନ୍ଦର କର୍ମୀ, ସରପଞ୍ଚ ପ୍ରତିନିଧି ସଚିନ ମିଶ୍ର, ରାଜେନ୍ଦ୍ର ମେହେର, ପୁରନ୍ଦର ଠେଲା, ପ୍ରମୋଦ ମେହେର, ରବି ସାହୁ, ସୁଶୀଲ ମିଶ୍ର, ହୃଦାନନ୍ଦ ମେହେର, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ ବଘାର ମଞ୍ଚ ପରିଚାଳନା କରିଥିଲେ। ମାଁ ଗ୍ରାମପତି ନାଟ୍ୟ ପରିଷଦର ସଭାପତି ସନତ ସାହୁ, ସମ୍ପାଦକ ବିଷ୍ଣୁ ଚରଣ ମହଲା, ଧନୀ ବାଘ, ସତ୍ୟବାନ ସାହୁ, ରାଜାରାମ ମାହାଣା, ଶରତ ରଣା, ନୀଳମାଧବ ମାହାଣା, ରମେଶ ମଲିକ, ଦିନେଶ ବିଶି, ପ୍ରେମଚାନ୍ଦ ସାହୁ, ଉତ୍ତର ବାଘ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ଉପକରଣ ସହାୟତା ବଣ୍ଟନ

**କନ୍ଧମାଳ, ୨।୧୧(ସମିସ):** କନ୍ଧମାଳ ବ୍ଲକ କାର୍ଯ୍ୟାଳୟରେ ଜେନେରାଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପକରଣ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାଧର ମିଶ୍ର, ଜିଆଇସି ମ୍ୟାନେଜର ସ୍ମୃତିରଞ୍ଜନ ମଲିକ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନିରୋଜ ପାତ୍ର, ଧର୍ମ ବେହେରାଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ




୧୩୫ ଜଣ ବରିଷ୍ଠ ନାଗରିକଙ୍କ ନାମ ପୂର୍ବରୁ ପଞ୍ଜୀକରଣ ହୋଇଥିଲା। ପ୍ରେମାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିବ ସାହୁଙ୍କ ସମେତ ୭୦ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଅଣ୍ଟା ବେଲ୍ଟ, ଆଣ୍ଠୁ ବେଲ୍ଟ, ହୁଇଲ ଚେୟାର ଆଦି ପ୍ରଦାନ କରା ଯାଇଥିଲା।

# ପୁରୁଣାକଟକରେ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ପୁରୁଣାକଟକ/ହରଭଙ୍ଗା, ୨।୧୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପୁରୁଣାକଟକ ମିନି ଷ୍ଟାଡିୟମରେ ବୌଦ୍ଧ ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ




ହୋଇଯାଇଛି। ପୁରୁଣାକଟକ ହନୁମାନ ମନ୍ଦିରଠାରୁ କ୍ରୀଡା ମଶାଲ ବାହାରି ଥିଲା। ପୂର୍ବତନ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଡ. ପ୍ରମୋଦ ମହାପାତ୍ର, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଉପ ସଭାପତି ସତ୍ୟାନନ୍ଦ ପୁରୋହିତ, ସଂକୁଳ ପ୍ରମୁଖ ଦଶରଥ ମେହେର, ସଂକୁଳ ସଂଯୋଜକ ଶ୍ରୀବତ୍ସ ମିଶ୍ର, ଯୁଗ୍ମ ସମ୍ପାଦକ ପଞ୍ଚାନନ ହୋତା ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମନହିରା ମଞ୍ଚାସୀନ ଥିଲେ। ବରିଷ୍ଠ ଆଚାର୍ଯ୍ୟ ମନୋଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୌଦ୍ଧ ସଙ୍କୁଳ ପ୍ରମୁଖ ଦଶରଥ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂକୁଳ କ୍ରୀଡା ପ୍ରମୁଖ ସୁରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଶାରୀରିକ ପ୍ରମୁଖ ପ୍ରଭାତ ବାରିକ ସହଯୋଗ କରିଥିଲେ।

# ପିଇଓ-ସମିତିସଭ୍ୟ କଥାକଟାକଟିରୁ ଅସନ୍ତୋଷ

### ପିଇଓଙ୍କ ବଦଳି ବାତିଲ ଓ ଗାଁରେ ପଞ୍ଚାୟତ ନୂଆ କୋଠା ନିର୍ମାଣ ଦାବି

**ଦେଓଗାଁ, ୨।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତରେ ଗତ ୩୦ ତାରିଖରେ ହୋଇଥିବା ପଞ୍ଚାୟତ ଗ୍ରାମସଭାରେ ପିଇଓ ଏବଂ ସମିତିସଭ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଛି। ପିଇଓଙ୍କ ଅନ୍ୟତ୍ର ବଦଳିକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପଞ୍ଚାୟତ ସଭାକକ୍ଷରେ ଶନିବାର ହୋଇଥିବା ଗ୍ରାମସଭାରେ ସମିତିସଭ୍ୟ ଲକ୍ଷ୍ମଣ ମେହେର ପହଞ୍ଚି ତାଙ୍କୁ କାହିଁକି ବୈଠକକୁ ଡକାଯାଇନାହିଁ ବୋଲି କହିଥିଲେ। ଏହାକୁ ନେଇ ପିଇଓଙ୍କ ସହ କଥା କଟାକଟି ହୋଇଥିଲା। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୪୫ ଲକ୍ଷ ଟଙ୍କାରେ ହେବାକୁ ଥିବା ନୂତନ କୋଠକୁ କୁଲିଆବାହାଲ ନିକଟସ୍ଥ ଏକ ସ୍ଥାନରୁ ସ୍ଥାନାନ୍ତର କରିବା ପାଇଁ ଯୋଜନା କରାଯାଉଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ବୈଠକ ବସିଥିଲା। ଏହାକୁ ତୀବ୍ର ନିନ୍ଦା କରାଯିବା ସହ ପିଇଓ ବନବିହାରୀ ବେଦବାକଙ୍କ ବଦଳିକୁ ବାତିଲ କରିବା ପାଇଁ ଦାବି କରାଯାଇଥିଲା। ଏହାସହ ପଞ୍ଚାୟତ କୋଠା ନିର୍ମାଣ ସାଲେପାଲିରେ ହିଁ କରାଯିବା ପାଇଁ ଗାଁରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀ ପଞ୍ଚାୟତକୁ ଯାଇ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ଦେଓଗାଁ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରଦିନ ସକାଳୁ ବ୍ଲକ ପ୍ରଶାସନର ଉପସ୍ଥିତିରେ ତାଲାକୁ ଖୋଲାଯାଇଥିଲା। ତେବେ ଏହି ଦାବିକୁ ନେଇ ଗ୍ରାମବାସୀ ଅଟଳ ରହିଛନ୍ତି। ଗାଁରେ ନୂତନ ପଞ୍ଚାୟତ କୋଠା ନିର୍ମାଣ ଓ ପିଇଓଙ୍କ ବଦଳି ବାତିଲ କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗାଁ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ସରପଞ୍ଚ ବଲ୍ଲଭି ସାହୁଙ୍କୁ ପଚାରିବାରୁ ଗ୍ରାମସଭାରେ ସମିତିସଭ୍ୟ ଓ ପିଇଓ କଠାକଟାକଟି ହେବାପରେ ଗାଁରେ କେହି ଜଣେ ପଞ୍ଚାୟତ କୋଠା ସ୍ଥାନାନ୍ତର ହେଉଥିବା ନେଇ ଅପପ୍ରଚାର କରିଦେବାରୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏବେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



**ସିନାପାଲି, ୨। ୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଟିମନପୁର ଫୋରୱେ ରାସ୍ତାରେ ଏକ ସୁପରଏକ୍ସଲ ଗାଡ଼ିକୁ ଟ୍ରକ୍ ଧକ୍କାଦେବାରୁ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ବାସନ୍ତୀ ଘିଭେଲା (୫୦) ଓ ଗୁରୁତର ବ୍ୟକ୍ତିହେଲେ ନରସିଂହ ଘିଭେଲା (୫୫)। ସୂଚନା ଅନୁସାରେ, ରବିବାର ପୂର୍ବାହ୍ନରେ ସ୍ୱାମୀ ସ୍ତ୍ରୀ ଏକ ସୁପରଏକ୍ସଲ ଗାଡ଼ିରେ ଝିଅଘର ଗଡ଼ରାମାଲକୁ ଯାଉଥିଲେ। ହେଲେ ଟିମନପୁର ଠାରେ ସିନାପାଲି ପଟରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ନରସିଂହ ଗୁରୁତର ହୋଇଥିଲେ। ଖବର ପାଇ ସିନାପାଲି ଦମକଲ ଗାଡ଼ି ପହଞ୍ଚି ନରସିଂହଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଘଟଣାସ୍ଥଳରେ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଟ୍ରକ୍‌କୁ ଜବତ କରିଥିଲେ। ମୃତ ମହିଳାଙ୍କ ପରିବାର ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ଯୁବ ଯାଦବ ସମାଜ ସଭାପତି ଗଣେଶ ପୋଡ, ଯାଦବ ସମାଜ ସଙ୍ଗଠନ ସମ୍ପାଦକ ଡୋଲାମଣି ଘିଭେଲା, ରାଣିମୁଣ ସରପଞ୍ଚ ଦେବଦତ୍ତ ସୁପକାରଙ୍କ ସମେତ ଅନେକ ଲୋକ କ୍ଷତିପୂରଣ ଦାବି କରିଥିଲେ। ସିନାପାଲି ବିଡିଓ କାର୍ମି ଓରାମ, ତହସିଲଦାର ଉପାଞ୍ଜଲି ମାଝୀ, ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟା, ସିନାପାଲି ପୁଲିସ ଏସ୍‌ଆଇ ସହଦେବ ଯୋଶୀ, ଯୋଶ୍ନାରାଣି ଖୁଣ୍ଟିଆ, ଏଏସ୍‌ଆଇ ପ୍ରଭାକର ନାୟକ, ରାମେଶ୍ୱର ବାଗ୍‌ଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ନୂଆପଡ଼ା ଉପନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ରେଡକ୍ରସ ପାଣ୍ଠିରୁ ମଧ୍ୟ ସହାୟତା ଦିଆଯାଇ ନାହିଁ ବୋଲି ଜଣାପଡ଼ିଛି।

### ୧୯ରେ ମାଣିକେଶ୍ୱରୀ ମହୋତ୍ସବ

# ସଙ୍ଗୀତର ମୂର୍ଚ୍ଛନାରେ ଝୁମିବେ କଳାହାଣ୍ଡିବାସୀ

ଭବାନୀପାଟଣା, ୨ ।୧୧(ସମିସ)



ଦୀର୍ଘ ୨୭ ବର୍ଷ ଧରି ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହିତ କଳା, କଳାକାର ଓ କଳାପ୍ରେମୀଙ୍କ ପାଇଁ ମହାମିଳନର ମଞ୍ଚ ପାଲଟିଛି ମାଣିକେଶ୍ୱରୀ ମହୋତ୍ସବ। ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତଥା କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ନାମରେ ନାମିତ ଏହି ମହୋତ୍ସବ ଏକ ସାଂସ୍କୃତିକ ବିପ୍ଳବର ରୂପନେବାକୁ ଯାଉଛି। କଳାହାଣ୍ଡି ଜିଲ୍ଲା ତଥା ରାଜ୍ୟସ୍ତରର ଅନେକ ବଛାବଛା କଳାକାରମାନଙ୍କୁ ନେଇ ଆୟୋଜିତ ହେଉଥିବା ମାଣିକେଶ୍ୱରୀ ମହୋତ୍ସବ ଏଥର ୨୮ତମ ବର୍ଷରେ ପହଞ୍ଚିଛି। ଚଳିତବର୍ଷ ଏହି ମହୋତ୍ସବକୁ ସରସସୁନ୍ଦର କରିବାକୁ ଆଜି ସ୍ଥାନୀୟ ହୋଟେଲ ମିଡଟାଉନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର, ପ୍ରଦୀପ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ମୁଣ୍ଡ ମଞ୍ଚାସୀନ ଥିଲେ। ଯୁବ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଭୂପେଶ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି କାନୁନ୍‌ଗୋ, ପ୍ରଦୀପ କୁମାର ଦାସ, ଧବଳେଶ୍ୱର ମହାପାତ୍ର, ସୁଶୀଲ କୁମାର ବାଗ, ଅମୀୟ କୁମାର ସାହୁ, ସତ୍ୟ ନାରାୟଣ ବିଶି, ପ୍ରଭାତ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ ଆୟୋଜନ ସମ୍ପର୍କରେ ନିଜନିଜ ମତ ଓ ମନ୍ତବ୍ୟ ରଖିଥିଲେ। ସଂଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ପରିଚାଳନା ପାଇଁ ସଭାପତି ଭାବେ ଭୂପେଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ତ୍ରିପାଠୀ, ଉପସଭାପତି ପ୍ରଦୀପ କୁମାର ସାହୁ, ରମେଶ ସିଂହ, ସାଧାରଣ ସମ୍ପାଦକ ଭାବେ ସୁପ୍ରଭା ଶତପଥୀ, ସଂଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ ରବି କାନୁନଗୋ, କାର୍ଯ୍ୟକ୍ରମ ନିଷ୍ପାଦକ କରୁଣାକର ଦାସ, ଜୟରାମ ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଉପଦେଷ୍ଟା କମିଟିରେ ଡ. ଅଜୟ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଭୀମସେନ ସାହୁ, ଲକ୍ଷ୍ମୀ ନାରାୟଣ ଦାସ, ହରିଶ୍ଚନ୍ଦ୍ର ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ସତ୍ୟନାରାୟଣ ବିଶି, ଉମାଚରଣ ପ୍ରଧାନ, ଦେବୀ କାନୁନ୍‌ଗୋ, ରଜନୀକାନ୍ତ ମୁନୀ, ସନ୍ତୋଷ ମିଶ୍ର, ମନୋଜ ପଟ୍ଟନାୟକ, ଗୋବର୍ଦ୍ଧନ ଦାସ, ଆଇନ ପରାମର୍ଶଦାତା ସତ୍ୟ ନାରାୟଣ ପଣ୍ଡା, ହେମନ୍ତ ସିଂ, ଦିବ୍ୟରଞ୍ଜନ ବହିଦାର ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ବିଜୁ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣା; ବୃଦ୍ଧଙ୍କ ମୃତ୍ୟୁ



**ଧର୍ମଗଡ଼, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ୱେ ଢ଼ାବା ନିକଟରେ ଆଇଚର ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ତରୁଣୀ ଦୁର୍ଗା (୬୫) ବେହେରା ବଜାରରୁ ଘରକୁ ଫେରୁଥିବାବେଳେ ଢ଼ାବା ନିକଟରେ ବେହେରା ପଟରୁ ଆସୁଥିବା ଏକ ବ୍ରଏଲର କୁକୁଡ଼ା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମୃତକ ଜଣକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଦୁର୍ଘଟଣାପରେ ଫେରାର ଥିବା ଜଣାପଡ଼ିଛି। ଘଟଣାପରେ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖା ଦେଇଥିଲା। ରାସ୍ତା ଅବରୋଧ କରି କ୍ଷତି ପୂରଣ ଦାବିକରିଥିଲେ। ଘଟଣାସ୍ଥଳରେ କୋକସରା ପୁଲିସ ଓ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ହିଁ କ୍ଷତିପୂରଣ ଦାବି ନେଇ ଲୋକେ ଅଡ଼ି ବସିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିଲା। ରାସ୍ତା ଉପରେ ସହ ସହ ଗାଡି ଅଟକି ରହିଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହୋଉଥିବା ଦେଖା ଦେଇଛି। ଡାକ୍ତରଖାନାକୁ ପୁଲିସ ଆସି ମୃତ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇ ଥିବା ଜଣାପଡ଼ିଛି।

# ଅଟୋ ଓ ବାଇକ୍ ଧକ୍କା: ଦୁଇ ଗୁରୁତର



**କେସିଙ୍ଗା, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅଧୀନ ଏନ୍‌ଏଚ୍ ୨୬ ଉପରେ ଥିବା କୋକୋମୁଣ୍ଡା ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୭.୩୦ ମିନିଟ ସମୟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ଅଟୋ ଚାଳକ ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ କେସିଙ୍ଗା ବ୍ଲକରେ ଆୟୋଜିତ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କିଛି ଛାତ୍ରଛାତ୍ରୀ ନିଜ ଗ୍ରାମ ଅଧମୁଣ୍ଡା ଏକ ଅଟୋରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଦୁଇ ଚାଳକ ଆହତ ହୋଇଥିଲେ। ଅଟୋ ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଯାଇଛି। ଉକ୍ରେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀଙ୍କ କହିବା ଅନୁଯାୟୀ ବାଇକ୍ ଚାଳକ ଭବାନୀପାଟଣାରୁ ବଲାଙ୍ଗିର ଯାଉଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ମଟର ସାଇକଲ ଚାଳକ ଭୁଲ ବାଟରେ ଆସୁଥିବାରୁ ଦୁର୍ଘଟଣା ଘଟିଛି। ପୁଲିସ ଦୁଇଟି ଗାଡ଼ିକୁ ଜବତକରି ତଦନ୍ତ ଆରମ୍ଭ କରିଛି।

# 'ମିଳୁନି ସୁଭଦ୍ରା ଟଙ୍କା' ବାରଦୁଆର ହିତାଧିକାରୀ

**କଲମପୁର, ୨।୧୧(ସମିସ):** କାହାକୁ ଥରେ ମିଳିଛି, କାହାକୁ ଦୁଇଥର ମିଳିଲାଣି। କାହାକୁ ଯେତେ ଚେଷ୍ଟା କଲେ ମଧ୍ୟ ଆଦୌ ମିଳିନାହିଁ। ଏନେଇ ହିତାଧିକାରୀ ବ୍ଲକଠାରୁ ସିଡିପିଓ ଅଫିସ ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ନିରାଶ ହୋଇପିଡ଼ଲେଣି। କିନ୍ତୁ କାହାଠାରୁ ସଠିକ ଉତ୍ତର ପାଇ ପାରୁନାହାଁନ୍ତି। ଶତାଧିକ ହିତାଧିକାରୀ ଏଭଳି କାରଣରୁ ବଞ୍ଚିତ ହୋଇଥିବା କୁହାଯାଉଛି। ହେଲେ ସବିଶେଷ ତଥ୍ୟ କାହାଠାରୁ ମିଳିପାରୁ ନାହିଁ, ଏନେଇ ବିଡିଓ ଏବଂ ସିଡିପିଓ ଅଫିସ ସହିତ ଯୋଗାଯୋଗ କରି ସବିଶେଷ ବିବରଣୀ ଦେବାକୁ କହିବା ପରେ ସେମାନେ ଆମ ପାଖରେ ନାହିଁ ବୋଲି କହିଛନ୍ତି।



# ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



**କୋକସରା/ଜୟପାଟଣା, ୨।୧୧(ସମିସ):** ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁବ ସମାବେଶ ଅବସରରେ ଉଛୁଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରବିବାର ଆଇଁଲି ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାନ ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ମହିଚଳାଠାରୁ ଉଛୁଳା ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଉଛୁଳା ପହଞ୍ଚିବା ପରେ ସେଠାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଉଛୁଳା ପିଏଚସିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ବେଣୁଧର କୁମାରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଙ୍ଗଠନର ଯୁବ ସଂଯୋଜକ ସାଇ ଶିବାନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ବଳବିକାଶ ତାଲିମ ନିର୍ବାହକ ଶିବପ୍ରସାଦ ମହାନ୍ତି, ସତ୍ୟସାଇ ସେବା ସଙ୍ଗଠନ କଳାହାଣ୍ଡି ସଦସ୍ୟ ତଥା ପୂର୍ବତନ ବିଧାୟକ ମୌଷଧୀ ବାଗ, ଜିଲ୍ଲା ଯୁବ ପରିଷଦ ସଦସ୍ୟ ସାଇ ଦେବାୟନ୍ ବେହେରା, ପଦ୍ମିନୀ ମହାନ୍ତି, ପ୍ରେମତରୁ ସଂଯୋଜକ ମହେଶ୍ୱର ରଣା, ସୁବାସ ପଣ୍ଡା, ରଞ୍ଜିତ ବେଶ୍ରା ଓ କୁଞ୍ଜ ବିହାରୀ ସାହୁ, ଫକୀର ନାରାୟଣ ସାହୁ, ବସନ୍ତ କୁମାର ମାଝୀ, କୁମଦ ଚନ୍ଦ୍ର ମାଝୀ, ଟିକେଶ୍ୱର୍ ସାହୁ, ଜୀମୁତ ବାହାନ ମାଝୀ ଓ ନୂଆଗୁଡା ସତ୍ୟସାଇ ଭଜନ କେନ୍ଦ୍ରର ସୁବ୍ରତ କୁମାର ସ୍ୱାଇଁ, କିଶୋରଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଧର୍ମେନ୍ଦ୍ର ବାଗ ପରିଚାଳନା କରିଥିବାବେଳେ ଜିଲ୍ଲା ଆଦିବାସୀ ଉନ୍ନୟନ ନିର୍ବାହକ ପ୍ରେମଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**୫୧ ୟୁନିଟ୍ ସଂଗ୍ରହ**

# ଅଶ୍ଳୀଳ ମନ୍ତବ୍ୟକୁ ବିରୋଧ କରି ଏତଲା



**ଲାଞ୍ଜିଗଡ଼, ୨।୧୧(ସମିସ):** ଜାତିଗତ ଆକ୍ଷେପକୁ ନେଇ ଅଶ୍ଳୀଳ ଭାଷାର ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲକୁ ନେଇ ଲାଞ୍ଜିଗଡ଼ବାସୀ ଓ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜର ଏକ ପ୍ରତିନିଧି ଦଳ ଲାଞ୍ଜିଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ଲାଞ୍ଜିଗଡ଼ ଥାନା ଲାଞ୍ଜିଗଡ଼ ପ୍ରଧାନୀପଡ଼ାର ମହେନ୍ଦ୍ର ଦଳେଇ ନାମକ ଜଣେ ଯୁବକଙ୍କ ଗତ ୨୮ ତାରିଖରେ ମୃତ୍ୟୁ ଘଟିଥିଲା।ତାଙ୍କର ଶବ ସତ୍କାର ସମ୍ପୂର୍ଣ୍ଣ ହେବା ପରେ ଏହି ଘଟଣାକୁ ଆଧାର କରି ଲାଞ୍ଜିଗଡ଼ ମହାଦେବ ପଡ଼ାର କିଛି ଯୁବକ ଜାତିଗତ ସମାଜକୁ ଆକ୍ଷେପ କରି ଅଶ୍ଳୀଳ ଭାଷାର ସମାଜର ବ୍ୟକ୍ତି ବିଶେଷ ତଥା ସଂଗଠନ ଓ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜକୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷାର ଗାଳିଗୁଲଜ କରିଥିବା ଭାଇରାଲ ହୋଇଥିଲା।ଏହି ଘଟଣାକୁ ଆଧାର କରି ୩୧ ତାରିଖରେ ଲାଞ୍ଜିଗଡ଼ ସଦର ମଣ୍ଡପ ଠାରେ ଲାଞ୍ଜିଗଡ଼ କ୍ଷେତୀୟ ପାଇକ ସମାଜ ଓ ଲାଞ୍ଜିଗଡ଼ବାସୀଙ୍କୁ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସହମତିକ୍ରମେ ନିଷ୍ପତ୍ତି ନେଇ ଅଶ୍ଳୀଳ ଭାଷା ବ୍ୟବହାର କରିଥିବା ଲାଞ୍ଜିଗଡ଼ ମହାଦେବ ପଡ଼ାର ଯୋଗେଶ ନାଏକ, ଶିବୁ ନାଗ, ରାଜା ନାଏକ, ଅଙ୍କିତ କୁମାର, ଦିପେଶ ସୁନା, ଅରୁଣ ନାଏକ ନାମକ ଯୁବକମାନେ ଫେସବୁକ ଓ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷାରେ ଭାଇରାଲ କରିଥିବା ନକଲକୁ ନେଇ ଶତାଧିକ ଲାଞ୍ଜିଗଡ଼ବାସୀ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲାଞ୍ଜିଗଡ଼ କ୍ଷେତ୍ରୀୟ ପାଇକ ସମାଜ ସମେତ ଲାଞ୍ଜିଗଡ଼ବାସୀ ଦାବି କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ଥାନା ଏସଆଇ ଡୋଳାମଣି ବିଶିଙ୍କୁ ପଚାରିବାରୁ ଏତଲା ପାଇଛୁ ଏବଂ ଏହାର ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି।

# ସତରଞ୍ଜରେ ବବିତା ଜାତୀୟସ୍ତରକୁ ମନୋନୀତ

**ଲାଞ୍ଜିଗଡ଼, ୨।୧୧(ସମିସ):** ଖୋର୍ଦ୍ଧାସ୍ଥିତ ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୯ତମ ରାଜ୍ୟ ସ୍ତରୀୟ ସତରଞ୍ଜ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ଧଅଁରାଭଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀ ଗୌତମ ହରିଜନ ଓ ବାଳିକ ବିଭାଗରୁ ବବିତା ଦୋରା ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ବାଳିକା ବିଭାଗ ପକ୍ଷରୁ ବବିତା ଦୋରା ପଞ୍ଚମସ୍ଥାନ ଅଧିକାର କରି ଆଗକୁ ତ୍ରିପୁରା ରାଜ୍ୟର ଅଗରତାଲାରେ ହେବାକୁ ଥିବା ଜାତୀୟସ୍ତର ପାଇଁ ମନୋନୀତ ହୋଇଛନ୍ତି। ବବିତା ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ବିଭାଗ ଓ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେରଙ୍କ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଶୁଭଶ୍ରୀ ସାମନ୍ତରାୟ, ଖେଳ ଶିକ୍ଷକ ଅଜୟ କୁମାର ପଲେଇ, ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବବିତା ଦୋରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।



# କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**କର୍ଲାମୁଣ୍ଡା, ୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଜିଲ୍ଲାର ୧୩ଟି ବ୍ଲକରୁ ୧୪ ଓ ୧୭ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ସଭାପତିତ୍ୱ କରିଥିବା ବେଳେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ହେମସାଗର ମହାନନ୍ଦ, କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ଲାଞ୍ଜିଗଡ଼ ଗୋଷ୍ଠୀଶିକ୍ଷାଧିକାରୀ ରଷିଆ ମେହେର, ପ୍ରାକ୍ତନ କଲମପୁର ବିଇଓ ବିଜୟ କୁମାର ପୁରୋହିତ ଯୋଗଦେଇ କ୍ରୀଡା ମାଧ୍ୟମରେ ଶୈକ୍ଷିକ ବିକାଶର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୂପସିଂ ରାଉତ ବିବରଣୀ ପଠନ କରିଥିଲେ। ରିଷିଡ଼ା ବାପୁଜୀ ହାଇସ୍କୁଲ ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସୂର୍ଯ୍ୟମଣି ଭୋଇ ସଭା ସଂଯୋଜନା କରିଥିବାବେଳେ ସୁଧିର ରଞ୍ଜନ ସୁନା ଓ ପ୍ରିତମ ହୋତୋ ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ପର୍ଶୁରାମ ଓଝା, ପଙ୍କଜ ବାରିକ, ସୂର୍ଯ୍ୟମଣି ରଣା, ଆଶିଷ କୁମାର ମଲ୍ଲିକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସମ୍ପାଦକ ସଞ୍ଜୟ କୁମାର ଦାସ, ସିଆରସିସି ପ୍ରଶନ୍ନ କୁମାର ସାହୁ, ଯୁଗଳ ନାଗ, ବିଶିକେଶନ ସୁନା, ମିଲାପ କୁମାର, ହେମନ୍ତ ନାୟକ, ଉଜ୍ଜଳ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବୋଇତବନ୍ଦାଣ ପାଇଁ ରାସ୍ତା ସଫାକରିବାକୁ ଦାବି


କେସିଙ୍ଗା, ୨।୧୧(ସମିସ)



ବୁଧବାର କାର୍ତ୍ତିକ ମାସର ଶେଷ ଦିନରେ ହେଉଥିବା ବୋଇତ ବନ୍ଦାଣ ଉତ୍ସବେ ବିଭିନ୍ନ ନଦୀ ଘାଟରେ ଭଡ଼ ଲାଗିବ। ଦିନକ ପାଇଁ ନଦୀ ପୀଠରେ ପ୍ରବଳ ଭିଡ଼ ହୋଇଥାଏ। କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ପ୍ରାୟ ୯୦ ପ୍ରତିଶତ ଜନସାଧାରଣ ଉକ୍ତ ଦିନ ସ୍ଥାନୀୟ ତେଲନଦୀ ପୀଠରେ ଗାଧୋଇବା ସହିତ ପୂଜାର୍ଚ୍ଚନା କରିଥାନ୍ତି। କିନ୍ତୁ କୌଣସି ବର୍ଷ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇ ନ ଥାଏ। ଫଳରେ ଭୋର ସମୟରେ ଭକ୍ତ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି। ଦୁଇ ତିନି ଦିନ ତଳେ ସେମିତି ଛଟ୍‌ପୂଜା ସମୟରେ ମଧ୍ୟ ସହରର ମହିଳା ମାନେ ତେଲନଦୀ କୂଳରେ ପୂଜା ପାଇଁ ଯାଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାସ୍ତା ଉପରୁ ନଦୀ ତଳକୁ ନା ଭଲ ରାସ୍ତା ଖଣ୍ଡେ ନାହିଁ। ଦିନକ ପାଇଁ ନଦୀକୂଳରେ ଭକ୍ତଙ୍କ ସୁବିଧା ପାଇଁ ଲାଇଟର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି। ତେଣୁ କାର୍ତ୍ତିକ ପୂର୍ଣ୍ଣିମାକୁ ଆଖି ଆଗରେ ରଖି ରାସ୍ତାରୁ ଓହ୍ଲାଇବା ପାଇଁ ଭଲ ରାସ୍ତା ଓ ପୂଜାପାଠ ପାଇଁ ଦିନକ ପାଇଁ ଆଲୋକର ବ୍ୟବସ୍ଥା କରିବା ପାଇଁ ସାଧାରଣ ରେ ଦାବି ହେଉଛି। କେସିଙ୍ଗା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଧିକାରୀ ମାନେ ଉକ୍ତ ବିଷୟକୁ ଗୁରୁତ୍ୱଦେଇ ପୂର୍ଣ୍ଣିମା ଆଗରୁ ରାସ୍ତାଘାଟ ସଫା କରିବା ସହିତ ଦରକାର ପଡ଼ିଲେ ଲାଇଟର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ। ଅନ୍ୟ ପଟେ ଚଳିତ ବର୍ଷ ନିକଟରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ତେଲ ନଦୀ ରେ ଅଧିକ ପାଣି ଆସୁଥିବାରୁ କୌଣସି ଅଘଟଣକୁ ଏଡାଇବା ପାଇଁ ଦୁଇ ତିନି ଘଣ୍ଟା ପାଇଁ ସ୍ଥାନୀୟ ଦମକଳ ବାହୀନି ସଜାଗ ରହି ପୂର୍ଣ୍ଣିମା ଦିନ ନଦୀ କୂଳରେ ଉପସ୍ଥିତ ରହି ନିଜର ଉପସ୍ଥିତି ଜାହିର କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଦୁର୍ନୀତି ନିବାରଣ ସମସ୍ତଙ୍କ ସାମୂହିକ ଦାୟିତ୍ୱ

**ଧର୍ମଗଡ଼, ୨।୧୧(ସମିସ):** ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଦାଶିବ ନାୟକଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ଆଲୋକ ମହାପାତ୍ର, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଏଏଇ ସର୍ବେଶ୍ୱର ପ୍ରଧାନ, ବିଇଓ ପଙ୍କଜିନୀ ମାଝୀ, ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରଣବ ପ୍ରକାଶ ଭଇଁସାଲ, ସରପଞ୍ଚ ସଙ୍ଘ ସଭାପତି ହାତୀରମ ଦୁର୍ଗା, ସମେତ ସମସ୍ତ ପିଆରଆଇ ମେମ୍ବର ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।ନୀତି ର ବିରୁଦ୍ଧା ଚରଣ କରିବା, ବିଧି ବ୍ୟବସ୍ଥା ରେ ବାହାରେ କରାଯାଉଥିବା କାର୍ଯ୍ୟ ହେଉଛି ଦୁର୍ନୀତି ବୋଲି କହିବା ସହିତ କିପରି ଦୁର୍ନୀତି ନିବାରଣ କରାଯାଇ ପାରିବ ସେହି ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମହାନନ୍ଦ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ କୁ ଅଫିସ ମଧ୍ୟରେ ସୀମିତ ନ ରଖି ଗ୍ରାମାଞ୍ଚଳମାନଙ୍କୁ ଯାଇ ସଚେତନ କଲେ ଆମ ବ୍ଲକ ରାଜ୍ୟରେ ପ୍ରଥମ ଦୁର୍ନୀତି ମୁକ୍ତ ବ୍ଲକ ହୋଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିପିଡିଓ ଦେବୀ ପ୍ରସାଦ ମେହେର ପରିଚାଳନା କରିଥିବା ବେଳେ ଛାଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଶିକ୍ଷକଙ୍କ ମୋବାଇଲ ହ୍ୟାକ୍ କରି ଲୁଟିନେଲେ ୨.୭୮ ଲକ୍ଷ

ବାଲିଆପାଳ, ୨।୧୧ (ସମିସ)

ଜଣେ ଶିକ୍ଷକଙ୍କ ମୋବାଇଲ ହ୍ୟାକ କରି ଦୁର୍ବୃତ୍ତମାନେ ୨ ଲକ୍ଷ ୭୮ ହଜାର ଟଙ୍କା ଲୁଟ କରିନେଇଥିବା ନେଇ ଅଭିଯୋଗ ହୋଇଛି । ଶିକ୍ଷକ ଜଣଙ୍କ ନିଜ ମୋବାଇଲରେ ଶିକ୍ଷକ ଓ ତଥା ଛାତ୍ରୀଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁଏଏସ) ଆପ୍ ଅପଲୋଡ କରିଥିବାରୁ ତାଙ୍କର ଏଭଳି ଅବସ୍ଥା ହୋଇଥିବା ସନ୍ଦେହ ପ୍ରକଟ କରିଛନ୍ତି ।

ମିଳିଥିବା ସୂଚନା ମୁତାବକ, ମହାବଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାଷ ଚନ୍ଦ୍ର ରାଉତଙ୍କ ମୋବାଇଲକୁ ୩୧.୧୦.୨୫ ସନ୍ଧ୍ୟାରେ ଲଗାତାର ଓଟିପି ଆସିବାକୁ ଲାଗିଥିଲା । ଶିକ୍ଷକ ଜଣଙ୍କ ମୋବାଇଲ କୌଣସି ପ୍ରକାରେ ଚଳାଇ ପାରିନଥିଲେ । ସେତେବେଳେ ଶିକ୍ଷକ ଜଣଙ୍କ ତାଙ୍କ ମୋବାଇଲ ହ୍ୟାକ ହୋଇଥିବା ଜାଣିବାକୁ ପାଇ ନିକଟସ୍ଥ ଏକ ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଯାଞ୍ଚ କରିବାରୁ ତାଙ୍କ ଦରମା ଆକାଉଣ୍ଟରୁ ୨ ଲକ୍ଷ ୭୮ ହଜାର ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ଶିକ୍ଷକ ଜଣଙ୍କ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜର, ବାଲେଶ୍ୱର ସାଇବର

## ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଅପଲୋଡକୁ ନେଇ ସନ୍ଦେହ

ଥାନା ସମେତ ଅଭିଯୋଗ କରିଛନ୍ତି । ଶିକ୍ଷକ ୩୧ ତାରିଖରେ ଶିକ୍ଷକ ଓ ତଥା ଛାତ୍ରୀଙ୍କ ଉପସ୍ଥାନ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁ ଏଏସ) ଆପ୍‌କୁ ଅପଲୋଡ କରିଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ ପ୍ରକଟ କରିବା ସହ ବାଲିଆପାଳ ବିଇଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀ ସରକାରଙ୍କର ଏହି ଆପ ହୋଇଥିବାରୁ ଏଥିରେ କୌଣସି ତ୍ରୁଟି ନଥିବା ନେଇ ବୁଝାଇଥିଲେ । ସୂଚନା ଯୋଗ୍ୟ ୟୁନିଫାଏଡ ଅଟୋମେଶନ ସିଷ୍ଟମ(ୟୁ ଏଏସ) ଆପକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଶତ ପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ଚାପ ପକାଯାଉଛି । ଏପରିକି ଏହା ନକଲେ ଦରମା ବନ୍ଦ ପାଇଁ ଚିଠି କରାଯାଉଛି । ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ଶିକ୍ଷକମାନେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଦୃଷ୍ଟିରୁ ନିଜ ମୋବାଇଲରେ ଏହି ଆପ୍‌କୁ ଲୋଡ କରି କାର୍ଯ୍ୟ କରିବାକୁ ବିରୋଧ କରିଆସୁଛନ୍ତି । ଆଜିର ଏହି ଘଟଣା ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଛନକା ପଶିଯାଇଛି ।

# ଅସହ୍ୟ ହେଲା ବାପାଙ୍କ ନିର୍ଯାତନା

● ଥାନାର ଦ୍ୱାରସ୍ଥ ହେଲା ନାବାଳିକା ଝିଅ

ବାଲିଆପାଳ, ୨।୧୧ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ ଯମୁନାଶୂଳ ଗ୍ରାମର ଏକ ନାବାଳିକାଙ୍କୁ ନିଜ ବାପା ଟଙ୍କା ଲୋଭରେ ଝିଅର ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ ବିବାହ କରିଦେବା ଏବଂ ଝିଅ ରାଜି ନ ହେବାରୁ ଅକଥନୀୟ ନିର୍ଯାତନା ଦେବା ଘଟଣା ଏବେ ଚର୍ଚ୍ଚା ବିଷୟ ପାଲଟିଛି । ନାବାଳିକାର ମା' କିଛି ବର୍ଷ ପୂର୍ବେ ଆରପାରିକୁ ଚାଲିଗଲା ପରେ ବାପା ଗୋଟାଏ ପରେ ଗୋଟିଏ ବିବାହ କରି ବହୁ ଋଣଗ୍ରସ୍ତ ରହିଛନ୍ତି । ତେଣୁ ଅର୍ଥ ଲୋଭରେ ସେ ଝିଅକୁ ଅନ୍ୟକୁ ବିବାହ କରିଦେବା ପାଇଁ ଚେଷ୍ଟା କରୁଥିଲେ । ଝିଅ ଭୟଭୀତ ହୋଇ ସେହି ଗ୍ରାମରେ ଥିବା ଅଜାଆଇଙ୍କ ଘରେ ଆଶ୍ରୟ ନେଇଥିଲେ । ମାତ୍ର ପିଶାଚ ବାପା ସେଠାରେ ଗୁଣ୍ଡା ଲଗାଇ ଅଜା ଆଇଙ୍କୁ ମାରି ଲହୁଲୁହାଣ କରିବା ପରେ ଅଜା, ଆଇ ଏବଂ ଝିଅ ବାଲିଆପାଳ ଥାନାରେ ୨୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଝିଅ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବା ପରେ ସେ ଉଚ୍ଚଶିକ୍ଷା ପାଇଁ ପାଠ ପଢିବ ବୋଲି ସରକାରଙ୍କୁ ଅଭିଯୋଗ ପତ୍ରରେ ମଧ୍ୟ ନିବେଦନ କରିଛନ୍ତି । ମାତ୍ର ଅଜା, ଆଇ ଏବଂ ନାବାଳିକା ଜଣକ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଫଳ ମିଳିନଥିଲା । ରବିବାର ସନ୍ଧ୍ୟାରେ ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର ଏବଂ ଗଣମାଧ୍ୟମର ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ରାତିରେ ନାବାଳିକାଙ୍କୁ ବାଲେଶ୍ୱର ସୁଧାର ଗୃହକୁ ପଠାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଏ ଘଟଣାକୁ ନଅ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କାହା ଚାପରେ ଚୁପ୍ ରହିଥିଲା । ଏଭଳି ବାପାଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ବୈଠକ



ବାଲିଆପାଳ, ୨।୧୧ (ସମିସ): ଏହି ବ୍ଲକ ସୁରଡିହା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ରବିବାର ପୂର୍ବାହ୍ନରେ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟିର ସମ୍ପାଦିକା କଳ୍ପନା ଜେନାଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଅବସରପ୍ରାପ୍ତ ବିଡିଓ ବାଜେଲ ମାଝୀ, କାର୍ଯ୍ୟକାରୀ ସଭାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଅଜୟ ବେହେରା, ଯତିନ୍ଦ୍ର ନାଥ ପରିଡା, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ପିଲାଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ପ୍ରଦାନ, ସହିତ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିବା ଇତ୍ୟାଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ବଙ୍କିମ ଜେନା, ବିକ୍ରମ ବାଡ଼ି, ପର୍ଶୁରାମ ପାତ୍ର, କରୁଣାକର ପାତ୍ର, ଶିଶିର ଖଣ୍ଡା, ମଧୁସୂଦନ ଦଳାଇ ଉପସ୍ଥିତ ଥିଲେ ।

# କୁଦମାନସିଂ ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ଶୁଭାରମ୍ଭ

ବାଲିଆପାଳ, ୨।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଦମାନସିଂ ଗ୍ରାମରେ ୩୯ ତମ ବୋଇତ ବନ୍ଦାଣ ଓ ରାହାସ ଉତ୍ସବର ଶୁଭାରମ୍ଭ ଶନିବାର ସନ୍ଧ୍ୟାରେ ହୋଇ ଯାଇଛି । ଏହି ଅବସରରେ ଗ୍ରାମର ଶତାଧିକ ମହିଳାମାନେ ବାଲିଆପାଳ ବସ ଷ୍ଟାଣ୍ଡ ଠାରୁ ଏକ କଳସ ଶୋଭାଯାତ୍ରାରେ ବାହାରି ସୁବର୍ଣ୍ଣରେଖା ନଦୀପଠାରେ ପହଞ୍ଚିଥିଲେ । ସେଠାରୁ ରାଇ ଦାମୋଦରଙ୍କ ପୂଜା ପାଇଁ ଘଟ ଉତ୍ତୋଳନ କରି ପୂଜା ମଣ୍ଡପକୁ ନେଇ କଳସ ସ୍ଥାପନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସୁଦୂର ମୟୂରଭଞ୍ଜର ଘୁମୁରା ନାଚ ସ୍ଥାନୀୟ ଲୋକମାନଙ୍କୁ ଆକୃଷ୍ଟ କରୁଥିବାର ଦେଖିବାକୁ ମିଳିଥିଲା ।



ଏହି ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ଆଗାମୀ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁଦମାନସିଂ ଗ୍ରାମର ମୁଖିଆ ତଥା ପୂଜା କମିଟିର ଉପଦେଷ୍ଟା ଅରୁଣ ପାତ୍ର କହିଛନ୍ତି । ଏହି ଉତ୍ସବରେ ପୁରୁଷ ଏବଂ ମହିଳାମାନଙ୍କ କବାଡି ପ୍ରତିଯୋଗିତା ସବୁଠାରୁ ଆକର୍ଷଣୀୟ ହେବ ବୋଲି ଜଣାପଡିଛି । ପୂଜା କମିଟିର ସଭାପତି ମହେଶ୍ୱର ଜେନା କମିଟିର ସଂପାଦକ ପ୍ରତାପ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ସରୋଜ କୁମାର ସାହୁ, ବରିଷ୍ଠ ସଦସ୍ୟ ରଘୁନାଥ ଜେନା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପାତ୍ର, ସଞ୍ଜୀବ ମହାଳିକ, ସୁବୁଧ ପାତ୍ର, ରଘୁନାଥ ପାତ୍ର, ରତ୍ନାକର ଜେନାଙ୍କ ସହିତ ଅନ୍ୟ ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ରହିଛନ୍ତି ।

# ମହିଳାଙ୍କ ମୃତଦେହ ଉଦ୍ଧାର

ବାହାନଗା, ୨।୧୧(ସମିସ) : ବାଲେଶ୍ୱର ଜିଲ୍ଲା ସଦର ଥାନା ଜୟଦେବ କସବା ଫାଣ୍ଡି ଅଧିନ କୁସୁମୁଳି ପାହି ଅଞ୍ଚଳରେ ଜଣେ ଅଜଣା ମହିଳା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି । ଶନିବାର ସକାଳ ୧୧ଟା ସମୟରେ ଜଣେ ମହିଳା ରସାଳପୁର ପଞ୍ଚାୟତ କୁସୁମୁଳି ପାହି ସ୍ଥିତ ଅଙ୍ଗନବାଡ଼ି ନିକଟରେ ବାନ୍ତି କରିଥିଲେ । ପରେ ସେ ସେଠାରେ ଗୁରୁତର ହୋଇ ପଡ଼ି ରହିଥିଲେ । ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଅଚେତ ମହିଳାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ହେଲେ ଡ଼ାକ୍ତର ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ମୃତ ମହିଳାଙ୍କ ପରିଚୟ ଅସ୍ପଷ୍ଟ ରହିଛି । ଏ ନେଇ ଜୟଦେବ କସବା ଫାଣ୍ଡି ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ତଦନ୍ତ ଚଳାଇଥିବା ବେଳେ ମୃତ ମହିଳାଙ୍କ ପରିଚୟ କେହି ଜାଣିଥିଲେ ଜଣାଇବାକୁ ଫାଣ୍ଡି ଅଧିକାରୀ ଦେବଦତ୍ତ ସ୍ୱାଇଁ ସୂଚନା ଦେଇଛନ୍ତି ।

# ପରିବହନ ବିଭାଗର ଯାଞ୍ଚ, ଜରିମାନା ଆଦାୟ

ସୋର, ୨।୧୧(ସମିସ): ବାଲେଶ୍ୱର ପରିବହନ ବିଭାଗ ତରଫରୁ କଲେଜ ଛକରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି । ବାଲେଶ୍ୱର ପରିବହନ ବିଭାଗର କନିଷ୍ଠ ଏମଭିଆଇ ଦୀନେଶ ରଞ୍ଜନ ବେହେରା, ଦେବସ୍ମିତା ନାୟକ, ସୋର ଥାନା ଏସଆଇ ସୌମ୍ୟ ରଞ୍ଜନ ଜେନା, କନେଷ୍ଟବଳ ମମତା ସେଠୀଙ୍କୁ ନେଇ ଏକ ଟିମ୍ କଲେଜ ଛକ ନିକଟରେ ହେଲମେଟ, ଲାଇସେନ୍ସ, ଫିଟନେସ, ଇନ୍ସୁରାନ୍ସ, ଡଙ୍କ ଆଣ୍ଡ ଡ୍ରାଇଭ ଯାଞ୍ଚ କରିଥିଲେ । ଏହି ସମୟରେ ମୋଟ ଦୁଇ ଲକ୍ଷ ଅଠର ହଜାର ଟଙ୍କାର ଫାଇନ ଆଦାୟ କରାଯାଇଥିଲା । ଏହି ଚେକିଂ ସମୟରେ ସୋର ଥାନାରେ କାର୍ଯ୍ୟରତ ଏପିଆର କନେଷ୍ଟବଳ ସାମିଲ ହୋଇଥିଲେ ।

# ହେଉନି ରାସ୍ତା ମରାମତି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଧାରଣା



ସିମୁଳିଆ, ୨।୧୧ (ସମିସ): ସିମୁଳିଆ ନିର୍ବାଚନ ମଣ୍ଡଳୀର ରାସ୍ତାର ମରାମତି ସମସ୍ୟାକୁ ନେଇ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି ଦଳୀୟ କର୍ମୀମାନଙ୍କୁ ନେଇ ଗ୍ରାମ ଉନ୍ନୟନ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଥିବା ଛଟିଦାରୁ ଟୁଡୁଙ୍ଗା. ସଦାନନ୍ଦ ପୁର ଗାଁ ମାର୍କୋଣା ରାସ୍ତାକୁ ଠିକାଦାର କଚ୍ଛପ ଗତିରେ କାମ କରିବା, କାମବେଳେ ଗ୍ରାମ ଉନ୍ନୟନ ବିଭାଗର କୌଣସି ଷ୍ଟାଫ ନ ରହିବା, ଠିକାଦାର ନିଜ ଇଚ୍ଛାରେ ନିମ୍ନମାନର କାମ କରିବା, ଝାଟିଆମାଳଠାରୁ ଇଶନ ରାସ୍ତା ବହୁ ଖାଲ ହୋଇ ଯାଇଥିବାରୁ ଆମ୍ବୁଲାନ୍ସ, ଦମକଳ. ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ଗ୍ରାମ ଉନ୍ନୟନ ବିଭାଗ ଏସଡିଓଙ୍କୁ ବାରମ୍ବାର ଅବଗତ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଫଳରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଗ୍ରାମ ଉନ୍ନୟନ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ଅଧିକ୍ଷକ ପନ୍ଦର ଦିନ ମଧ୍ୟରେ ମରାମତି କରିବା ଓ ରାସ୍ତାର କାର୍ଯ୍ୟ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଦିବଂଗତ ସାମ୍ବାଦିକ କିଶୋର ବେହେରାଙ୍କ ପରିବାରକୁ ସହାୟତା

ଖଇରା, ୧।୧୧ (ସମିସ): ଖଇରା ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ କିଶୋର କୁମାର ବେହେରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମଙ୍ଗଳବାର ଆଖିବୁଜିଥିବା ବେଳେ ବିଜେପିର ଯୁବ ନେତା ନୀଳମାଧବ ପଣ୍ଡା ମୃତ କିଶୋରଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିବା ବେଳେ ଆର୍ଥିକ ସହଯୋଗର ହାତ ବଢାଇଛନ୍ତି । ତୁଡିଗଡିଆ ମଣ୍ଡଳର ପୂର୍ବତନ ସଭାପତି ମହେଶ୍ୱର ନାଥଙ୍କ ସମେତ ଅନ୍ୟାନ୍ୟ ବିଜେପି କର୍ମୀ ଉପସ୍ଥିତ ଥିଲେ । ଏଥିସହ ଆଗାମୀ ଦିନରେ ମଧ୍ୟ ସହାୟତା ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ଜାତୀୟ ପ୍ରେସ ଦିବସ ପ୍ରସ୍ତୁତି ବୈଠକ

କାଳିପଦା, ୨।୧୧ (ସମିସ): ସାମ୍ବାଦିକ ସଂଘ ସୁବର୍ଣ୍ଣରେଖା ପ୍ରେସ କ୍ଲବର ଜାତୀୟ ପ୍ରେସ ଦିବସ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ବ୍ଲକ ଛକ ଏସକେଜି ଟ୍ରଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ କାର୍ଯ୍ୟକାରୀ ସଭାପତି ସନ୍ୟାସୀ ବେହେରା ଅଧ୍ୟକ୍ଷତା କରିଥିଲେ । ବୈଠକରେ ଗତ ବର୍ଷର ଆୟ ବ୍ୟୟ ହିସାବ କରାଯାଇଥିଲା । ନଭେମ୍ବର ୧୬ ତାରିଖ ଜାତୀୟ ପ୍ରେସ ଦିବସ ପାଳନ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏଥିପାଇଁ ବଜେଟ, ଅତିଥି ଚୟନ, ସମ୍ବର୍ଦ୍ଧନା ପର୍ବ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ନେଇ ମଧ୍ୟ ଆଲୋଚନା ହୋଇଥିଲା । କ୍ଲବର ମାର୍ଗ ଦର୍ଶକ ତଥା ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ପ୍ରେସ ଦିବସ ପାଳନର ରୂପ ରେଖ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମ୍ପାଦକ ତଥା ଡିଏସ ଟିଭି ପରିଚାଳନା ନିର୍ଦ୍ଦେଶକ ସଦାଶିବ ସେଠୀ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶ୍ରୀହରି ଚରଣ ମଣ୍ଡଳ, ହରେକୃଷ୍ଣ ତ୍ରିପାଠୀ, ଭୀଷ୍ମ ଚରଣ ମଲ୍ଲିକ, ସାମ୍ବାଦିକା ନମିତା ସାମଲ, ଉପଦେଷ୍ଟା ଆରତୀ ପାତ୍ର, ଜ୍ୟୋତି ରଞ୍ଜନ ପଟ୍ଟାୟତ, ପ୍ରଭାତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରେନ ଧକ୍କାରେ ଜଣେ ମୃତ

ସୋର,୨।୧୧(ସମିସ): ସୋର ରେଳ ଷ୍ଟେସନରୁ ଅନତି ଦୁର ଲିଙ୍ଗପଡା ରେଳ ଫାଟକ ନିକଟରେ ଏକ ଟ୍ରେନ ଧକ୍କାରେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଉକ୍ତ ବ୍ୟକ୍ତି ଜଣଙ୍କ ଦୀର୍ଘଦିନ ଧରି ସୋରର ବିଭିନ୍ନ ସ୍ଥାନରେ ବୁଲାବୁଲି କରୁଥିଲେ । ଆଜି ପୂର୍ବାହ୍ନରେ ରେଳ ଫାଟକ ନିକଟରେ ଏକ ଦ୍ରୁତଗାମୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଖବର ପାଇ ସୋର ଆରପିଏଫ ଓ ବାଲେଶ୍ୱର ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିବା ଜଣାପଡିଛି ।

# ଚୋରକୁ ଧରି ପୁଲିସ ଜିମା

ସୋର,୨।୧୧(ସମିସ): ସୋରରେ ଚୋର ମାନଙ୍କର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବା ବେଳେ ଗ୍ରାମବାସୀ ସଜାଗ ରହୁଥିବା ଦେଖାଯାଇଛି । ଗତକାଲି ରାତିରେ ଚୋରି ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଜଣେ ଚୋରକୁ ଧରି ପୁଲିସକୁ ଜିମା ଦେଇଛନ୍ତି । ସୋର ଥାନା ମାଣିପୁର ପଞ୍ଚାୟତରେ କିଛି ମାସ ହେବ ଚୋରି, ଡକାୟତି ଭଳି ଘଟଣା ବଢିବାରେ ଲାଗିଛି । ଗତଦୁଇ ଦିନ ତଳେ ଛତରା ଗ୍ରାମର ପ୍ରହଲ୍ଲାଦ ତ୍ରିପାଠୀଙ୍କ ଘର ସମ୍ମୁଖରେ ଥିବା ଏକ ଟାଟା ଏସି ଗାଡିରୁ ବ୍ୟାଟେରୀ ଚୋରି ହୋଇଥିବା ବେଳେ ଗତକାଲି ରାତିରେ ତାଙ୍କ ଦୋକାନରୁ କିଛି ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିଲେ । ଏହା ଜାଣିପାରି ପୂର୍ବରୁ ପ୍ରସ୍ତୁତ ଥିବା ସ୍ଥାନୀୟ ଲୋକେ ଜଣେ ଚୋରକୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଖସି ପଳାଇ ଯାଇଥିଲେ । ଫଳରେ ଉକ୍ତ ଚୋରକୁ ଗ୍ରାମବାସୀ ସୋର ପୁଲିସକୁ ହସ୍ତାନ୍ତର କରିବା ସହିତ ସୋର ଥାନାରେ ପ୍ରହଲ୍ଲାଦ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏ ବାବଦରେ ଥାନାରେ ଏକ ମାମଲା ରୁଜୁ କରି ଚୋରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଏସ୍‌ଡିପିଓ ଅଫିସ୍ ସମ୍ମୁଖ ହୋଟେଲରୁ ଚୋରି

ରାଜଘାଟ/ରୂପସା,୨।୧୧(ସମିସ): ବସ୍ତା ପୁଲିସ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଏକ ହୋଟେଲରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଉପରତାପଣ୍ଡା ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଏସଡିପିଓ ଅଫିସ୍ ସମ୍ମୁଖରେ ରଘୁନାଥ ହୋଟେଲ ନାମକ ଗୋଟିଏ ଭୋଜନାଳୟ ରହିଛି । ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଗ୍ୟାସ କଟର ସହାୟତାରେ ସଟର ତାଲା ଭାଙ୍ଗି ନଗଦ ୫ହଜାର ଟଙ୍କା, ରୋଷେଇ ସାମଗ୍ରୀ ସମେତ ଗ୍ୟାସ ଭର୍ତ୍ତି ଟାଙ୍କିକୁ ଚୋରାଇ ନେଇଥିଲେ । ଆଜି ସକାଳୁ ପ୍ରଶାନ୍ତ ହୋଟେଲ ଖୋଲିବାକୁ ଆସି ଚୋରି ବାବଦରେ ଜାଣିବାକୁ ପାଇ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ଚଳାଇଛି । ବସ୍ତା ଅଞ୍ଚଳରୁ ଏଭଳି ବାରମ୍ବାର ଚୋରିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ବସ୍ତା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ପଥଚାରୀକୁ ପିଟିଲା ବାଇକ,୨ ଗୁରୁତର

ରାଜଘାଟ, ୨।୧୧ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ଛକ ନିକଟରେ ରାସ୍ତାରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିକୁ ଗୋଟିଏ ବାଇକ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି । ବାଇକ ଆରୋହୀ ବାଲେଶ୍ୱରରୁ କଲିକତା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଉକ୍ତ ଛକ ନିକଟରେ ଛିଡ଼ା ହୋଇଥିବା ଜୈନିକ ପଥଚାରୀଙ୍କୁ ଧକ୍କା ଦେଇଥିଲେ । ଫଳରେ ଦୁହେଁ ଦୂରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ବସ୍ତା ହସ୍ପିଟାଲକୁ ପଠାଇବା ସହ ବାଇକଟିକୁ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଛି । ଆଜି ମଧ୍ୟାହ୍ନ ସମୟରେ ପଶ୍ଚିମବଙ୍ଗ ରାମରାଜାତାଲା ଅଞ୍ଚଳର ସୌମ୍ୟକାନ୍ତି ପାଜି (୪୧) ବାଇକ୍ ଯୋଗେ ପଶ୍ଚିମବଙ୍ଗ ଫେରୁଥିବା ସମୟରେ ଗୁଡିଖାଳ ବସ୍ ଷ୍ଟାଣ୍ଡରେ ଛିଡା ହୋଇଥିବା ଚକ୍ରଡା ଗ୍ରାମର ରତ୍ନାକର ମଣ୍ଡଳ (୫୦) କୁ ପିଟିଥିଲେ ।

# ପୁସ୍ତକ 'ମୋ ମାମୁନୀ ମୁହଁରେ ହସ' ଓ 'ଭାବର ସ୍ୱର' ଲୋକାର୍ପିତ



ଖଇରା,୨।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଧୋବାଗଡିଆ ପ୍ରୋ ହେଲ୍ଥ ଫିଜିଓଥେରାପି କେନ୍ଦ୍ର ପରିସରରେ ବିଶିଷ୍ଟ ନାଟ୍ୟକାର ତଥା କବି ବସନ୍ତ କୁମାର ଦାସ ଲିଖିତ କବିତା ସଂକଳନ ମୋ ମାମୁନୀ ମୁହଁରେ ହସ ଓ ଜଳଧର ଦାସଙ୍କ ଦ୍ୱାରା ପ୍ରସ୍ତୁତ ଭାବର ସ୍ୱର ଦ୍ୱାଦଶ ସଂସ୍କରଣ ରବିବାର ଦିନ ଲୋକାର୍ପିତ ହୋଇ ଯାଇଛି । ସାଂପ୍ରତିକ ପରିସ୍ଥିତିରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଜଳ ସଂକଟ, ଓଡିଶାର ସଂସ୍କୃତି ଓ ପରମ୍ପରା ତଥା ସରକାରଙ୍କ ବିଭିନ୍ନ ଯୋଜନାର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କରାଯାଇଥିବା ବସନ୍ତ ଦାସଙ୍କ ଏହି କବିତା ସଂକଳନ ତଥା ଆଧାତ୍ମିକ ଚିନ୍ତାଧାରାକୁ ନେଇ ଲେଖାଯାଇଥିବା ଭାବର ସ୍ୱର ପୁସ୍ତକ ଜନମାନସରେ ଓ ସମାଜ ଉପରେ ନିଶ୍ଚୟ ପ୍ରତିଫଳନ ସୃଷ୍ଟି କରିବ ବୋଲି ଅତିଥି, ବକ୍ତା ଏବଂ ସମୀକ୍ଷକ ମାନେ ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ପେଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଯୁଧିଷ୍ଠିର କୁଅଁର ମୁଖ୍ୟଅତିଥି, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ପରେଶ ପ୍ରସାଦ ଦକ୍ଷିଣରାୟ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ କୈଳାସ ଚନ୍ଦ୍ର ପୃଷ୍ଟି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଡା. ଜୀବନଜ୍ୟୋତି ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ

ବାଲିଆପାଳ, ୨।୧୧ (ସମିସ): ଗ୍ରାମାଞ୍ଚଳରେ ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ ଗଠନ କରିବା, ଛାତ୍ରଛାତ୍ରୀଙ୍କୁ ପିଲାଟି ଦିନରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଥମ ଥର ପାଇଁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଇଆଇଟି, ନିଟ୍, ଜେଇ ସମେତ ଅନ୍ୟାନ୍ୟ ବିଷୟରେ ପଢ଼ିବା ପାଇଁ ଫାଉଣ୍ଡେସନ କୋର୍ସର ଶୁଭାରମ୍ଭ କରାଯାଇଛି । ଏ ନେଇ ଶିଶୁ ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ସ୍ଥାୟୀ ସଭାପତି ପ୍ରମଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜନ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ନିତ୍ୟାନନ୍ଦ ଫାର୍ମାସୀ କଲେଜର ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନା, ମୁଖ୍ୟବକ୍ତା ଭାବେ ରୁପସା କଲେଜରେ ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ସତ୍ୟେନ୍ଦ୍ର କୁମାର ପାଳ, ଶିକ୍ଷାବିତ ସୁଧାଂଶୁ ପଣ୍ଡା, ରସାୟନବିତ ପିତାମ୍ବର ବିଶ୍ୱାଳ, ପଦାର୍ଥ ବିତ୍ ଉତ୍କର୍ଷ ଆନନ୍ଦ, ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ପ୍ରମୁଖ ଯୋଗଦେଇଥିଲେ । ପ୍ରତ୍ୟେକ ରବିବାର ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଭିଜ୍ଞ ଅଧ୍ୟାପକ, ଅଧ୍ୟାପିକାଙ୍କ ଦ୍ୱାରା ପିଲାଙ୍କୁ ଶିକ୍ଷା ଦିଆଯିବ ବୋଲି ସମ୍ପାଦକ ଶ୍ରୀ ବେହେରା କହିଛନ୍ତି । ବିଦ୍ୟାଳୟର ଗୁରୁଜୀ ଗଦାଧର ବେହେରା, ପରମାନନ୍ଦ ପରିଡା, ନିଆସୀ ରଣଜିତ, ସାଇ ବିକାଶ ବେହେରା, ବସନ୍ତ ପ୍ରଧାନ, ଉମାଶଙ୍କର ପଣ୍ଡା, ଗୁରୁମା ଅଞ୍ଜୁବାଳା ମିଶ୍ର, ଶାନ୍ତି ଲତା ଜେନା, ରଶ୍ମିତା ପାତ୍ରୀ ରଞ୍ଜିତା ପ୍ରଧାନ, ଜୟନ୍ତୀ ଦାସ, ସାଇପ୍ରୀୟା ସାମନ୍ତରାୟ, ବଞ୍ଜୁବାଳା ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ ।

# ବସୁଧା ପିଇବା ପାଣି କେନାଲରେ ଭାସି ନଷ୍ଟ

ଜଳେଶ୍ୱର, ୨।୧୧(ସମିସ)



ଜଳେଶ୍ୱର ବ୍ଲକ ରାଇବଣିଆ କାଳିକ ପଞ୍ଚାୟତର ଉପରତୋଟ ଗାଁର ସାମଲା ଟୁଡୁଙ୍କ ଘର ପାଖରେ ପାଇପ ଫାଟି ପାଖ କେନାଲରେ ପାଣି ବୋହି ନଷ୍ଟ ହେଉଛି । ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଘର ଘର ପିଇବା ପାଣି ପହଞ୍ଚିବାର ସରକାରଙ୍କ ବ୍ୟବସ୍ଥା ପ୍ରହସନ ପାଲଟିଛି । ମାଟି ତଳେ ପୋତା ହୋଇ ଥିବା ମୁଖ୍ୟ ପାଇପରୁ କ୍ୟାପଟି କେହି ଦୁଷ୍ଟ ପ୍ରକୃତିର ଲୋକ ଖୋଲି ନେବା ଓ ପାଇପକୁ କାଟି ଦେବା ଫଳରେ ଲୋକଙ୍କ ପାଖକୁ ପିଇବା ପାଣି ପହଞ୍ଚିବା ପରିବର୍ତ୍ତେ ନିକଟରେ ଥିବା କେନାଲରେ ବୋହି ଧାନ କ୍ଷେତରେ ମିଶୁଛି । ଏହା ସହିତ ପାଇପ ଖୋଲା ରହିଥିବାରୁ ପିଇବା ପାଣି ସଂସ୍ପର୍ଶରେ ବିଭିନ୍ନ ବିଷାକ୍ତ ସରୀସୃପ ରହିଛନ୍ତି । ଅପରିଷ୍କାର ସାମଗ୍ରୀ ଓ ମାଟି ଇତ୍ୟାଦି ପଶିବା ଦ୍ୱାରା ପାଣି ଦୂଷିତ ହୋଇ ବ୍ୟବହାର କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ବିଗିଡିବା ଆଶଙ୍କା ରହିଛି । ଦୂଷିତ ପାଣିରୁ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ବଦଳରେ ଲୋକେ ଅଜଣାତରେ ରୋଗ କିଣୁଛନ୍ତି । କେତେକ ଲୋକେ ପାଣିକୁ ଗାଧୋଇବା ଓ ସଫାସୁତୁରା କରିବାରେ ବ୍ୟବହାର କରୁଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ସେହିପରି ସାମଲା ଟୁଡୁଙ୍କ ଘର ବାଡିରେ ପାଣି ଟ୍ୟାପ ବସିଥିଲେ ମଧ୍ୟ ମୁଖ୍ୟ ପାଇପରେ ଆଦୌ ପାଣି ଆସୁନାହିଁ । ବିଶୁଦ୍ଧ ପିଇବା ପାଣି ଅପବ୍ୟବହାର ନ ହେବା ସହିତ ନଷ୍ଟ ନ ହେଉ ବୋଲି ରଘୁନାଥ ମୁର୍ମୁ କହିଛନ୍ତି । ପାଣି ନଷ୍ଟ ହେଉଥିବାରୁ ଗ୍ରାମର ଅଧିକାଂଶ ଲୋକ ଠିକ୍ ଭାବେ ପାଣି ପାଇପାରୁ ନାହାଁନ୍ତି । ଏ ନେଇ ସରପଞ୍ଚଙ୍କ ପ୍ରତିନିଧି ସନୁ ଦାସଙ୍କୁ ପଚାରିବାର ଖୁବ୍‌ଶୀଘ୍ର ପାଇପ ମରାମତି ସହିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

ସକାଳ
THE SAKALA



● 'ବର୍ଷାନ୍ତ'ର ସମ୍ମାନ ଘୋଷଣା

# ସମ୍ମାନିତ ହେବେ ରବୀନ୍ଦ୍ର, ସାବିତ୍ରୀ, ଆଶୁତୋଷ ଓ ଶିବାନୀ



ବାଲେଶ୍ୱର/ସିମୁଳିଆ,୨।୧୧(ସମିସ): ୪୦ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନର ମର୍ଯ୍ୟାଦାଜନକ ସମ୍ମାନ ଘୋଷଣା କରାଯାଇଛି। ଚଳିତ ବର୍ଷର ବର୍ଷାନ୍ତ ସାରସ୍ୱତ ସମ୍ମାନ ପାଇଁ ବିଶିଷ୍ଟ ସମାଲୋଚକ ପ୍ରାଧ୍ୟାପକ ଡ. ରବୀନ୍ଦ୍ର କୁମାର ବିହାରୀ, ବର୍ଷାନ୍ତ କବିତା ସମ୍ମାନ ପାଇଁ ବିଶିଷ୍ଟ କବୟିତ୍ରୀ ସାବିତ୍ରୀ କବି, ବର୍ଷାନ୍ତ ପ୍ରତିଭା ସମ୍ମାନ ପାଇଁ ଯୁବକବି ଆଶୁତୋଷ ଦାଶ ଓ ବର୍ଷାନ୍ତ କଳାଶ୍ରୀ ସମ୍ମାନ ପାଇଁ ବର୍ତ୍ତମାନ ଓଡିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତ୍ରୀ ସୁଶ୍ରୀ ଶିବାନୀ ସଂଗୀତା ରଥଙ୍କ ନାମ ଘୋଷଣା କରାଯାଇଛି। ଆସନ୍ତା ଡିସେମ୍ବର ୩୧ ବୁଧବାର ମଇତାପୁର ରୟାଲ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନର ଅନନ୍ୟ ସାରସ୍ୱତ ସମାରୋହ ୪୦ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନରେ ଏହି ୪ ଜଣ ଯଶସ୍ୱୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବୌଦ୍ଧିକ କବିତା ସଂକଳନ ବର୍ଷାନ୍ତ ଶୁଭ ଉନ୍ମୋଚନ ଏବଂ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଂପାଦକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭରତ ଚନ୍ଦ୍ର ଦାଶ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଉଠା ଦୋକାନୀଙ୍କ କବ୍‌ଜାରେ ଫୁଟ୍‌ପାଥ

ବାଲେଶ୍ୱର,୨।୧୧(ସମିସ)



ପାଦଚଲା ପଥ ପାଲଟିଛି ବ୍ୟବସାୟୀଙ୍କ ବେପାର ପସରା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିବା ସହରର ପାଦଚଲା ପଥ ଉପରେ ଉଠା ଦୋକାନୀଙ୍କଠୁ ଆରମ୍ଭ କରି ଛୋଟ ଛୋଟ ବେପାରୀ ପସରା ମେଲାଇ ବେପାର କରୁଛନ୍ତି। ବିଶେଷକରି ଏବେ ବାହାର ରାଜ୍ୟର ବ୍ୟବସାୟୀମାନେ ବାଲେଶ୍ୱର ସହରକୁ ଆସି ଏହି ପାଦଚଲା ପଥ ଉପରେ ନିଜର ବେପାର ମେଲାଇଛନ୍ତି। ଯାହା ସହରର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରିବା ସହ ପାଦଚଲା ବା ଫୁଟପାଥ୍‌କୁ କବଜା କରି ରଖିଛନ୍ତି। ଯାହାଦ୍ୱାରା ଏହି ପାଦଚଲା ପଥ ସହରବାସୀଙ୍କ ବ୍ୟବହାରରେ ଆସିପାରୁନି। ଏହାବ୍ୟତୀତ ସହରରେ ମର୍ଣ୍ଣି ଏବଂ ଇଭିନିଙ୍ଗ୍ ୱାକ୍ ପାଇଁ ପଡିଆର ଅଭାବ ଥିବାରୁ ସମସ୍ତେ ମୁଖ୍ୟ ରାସ୍ତା ଉପରେ ନିର୍ଭରଶୀଳ। ଅସୁରକ୍ଷିତ ଭାବେ ରାସ୍ତା ଉପରେ କିଏ ଚାଲୁଛନ୍ତି ତ କିଏ ଦୌଡୁଛନ୍ତି। ଯୁବପିଢିଙ୍କଠୁ ଆରମ୍ଭ କରି ବୟସ୍କ ଲୋକମାନେ ଚାଲିବା ରାସ୍ତା ଉପରେ ନିର୍ଭର କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ଚାଲିବା ପାଇଁ ଫୁଟପାଥ ଥିଲେ ମଧ ତାହା ସହରବାସୀଙ୍କ ବ୍ୟବହାରରେ ଆସୁନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ସହରର ତାମୁଲିଆ ବ୍ରିଜ୍‌ଠୁ ଆରମ୍ଭ କରି ଓଟି ରୋଡ୍ ସମ୍ପୂର୍ଣ୍ଣ ପ୍ରଶସ୍ତିକରଣ କରାଗଲା। ରାସ୍ତାର ଦୁଇ ପାଶ୍ୱର୍ରେ ଜବରଦଖଲ ଉଚ୍ଛେଦ ସହ ରାସ୍ତା ପ୍ରଶସ୍ତିକରଣ ହେଲା। ଏଥିସହିତ ପାଦଚଲା ପାଇଁ ଦୁଇ ପାଶ୍ୱର୍ରେ ଫୁଟପାଥ୍ ନିର୍ମାଣ କରାଗଲା। ତାମୁଲିଆ ନିକଟରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ପେଭର୍ ବ୍ଲକ ପକାଯାଇ ଫୁଟପାଥ୍ ନିର୍ମାଣ ହେଲା। ମାତ୍ର ଏହାର ବ୍ୟବହାର ସାଧାରଣ ଲୋକ କରିପାରୁନଥିବା ଦେଖିବାକୁ ମିଳୁଛି। କାରଣ ଫୁଟପାଥ୍ ରେ କେଉଁଠି ଦୋକାନ ଖୋଲିଲାଣି ତ କେଉଁଠି ବାହାର ରାଜ୍ୟରୁ ଲୋକ ଆସି ଏହି ଫୁଟପାଥ୍‌ରେ ରହି ବେପାର କରୁଛନ୍ତି। ମାତ୍ର ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ରାସ୍ତା କଡର ଦୋକାନୀ ନିଜର ଦୋକାନ ବଢାଇ ରାସ୍ତା ନ ହେଲେ ଫୁଟପାଥ୍ ଜବରଦଖଲ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଏହି ସମୟରେ ଫୁଟପାଥ୍ ଉପରେ ଶୀତବସ୍ତ୍ର ତଥା କମ୍ବଳ ବିକ୍ରିର ପସରା ମେଲିଛି। ଏହାବ୍ୟତୀତ ରାଜସ୍ଥାନରୁ ପ୍ରତିବର୍ଷ କିଛି ଲୋକ ଆସି ଏହି ଫୁଟପାଥ ଉପରେ ରହିବା ସହ ନିଜର ବିକ୍ରି ସାମଗ୍ରୀ ମେଲାଇ ଦେଉଛନ୍ତି। ଫଳରେ ତାହା ସେମାନଙ୍କ କବଜାରେ ରହୁଛି। ଯାହାକୁ ନେଇ ସଚେତନ ନାଗରିକ ଏବଂ ବୁଦ୍ଧିଜୀବିମାନେ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଏ ଦିଗରେ ପୌରପାଳିକା, ପୁଲିସ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ରାସ୍ତା ପ୍ରଶସ୍ତିକରଣ ସହ ଡ୍ରେନ୍ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା କାମରେ ଆସୁନାହିଁ। ପ୍ରଶସ୍ତିକରଣ ରାସ୍ତାରେ ଅନେକ ସମୟରେ ପାର୍କିଂ ସମସ୍ୟା ବଢୁଛି। ସେହିପରି ଫୁଟପାଥରେ ଅନେକ ବ୍ୟବସାୟ, ଯାଯାବର ବ୍ୟବସାୟ, ଫାଷ୍ଟଫୁଡ ଦୋକାନ, ପରିବା ଦୋକାନ ଆଜି କବଜା କରି ରଖୁଛନ୍ତି। ଫଳରେ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ଲୋକମାନେ ଏହାର ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଏମିତିକି ସହରରେ ପଡିଆର ଅଭାବ ଥିବାରୁ ଅନେକ ସକାଳେ ଓ ସନ୍ଧ୍ୟାରେ ଚାଲିବା ଅବା ଦୌଡ଼ିବା ପାଇଁ ଫୁଟପାଥ୍ ପାଉନାହାନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଜୟା ବନ୍ଧୁମିଳନ ସମାରୋହ



ନୀଳଗିରି, ୨।୧୧ (ସମିସ): ନୀଳଗିରି ଡାକବଙ୍ଗଳା ପରିସରରେ ରବିବାର ଦିବସବ୍ୟାପୀ ବିଜୟା ବନ୍ଧୁ ମିଳନ ସମାରୋହ୨୦୨୫ ପାଳିତ ହୋଇଯାଇଛି। ସନ୍ଧ୍ୟା କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟା ବନ୍ଧୁମିଳନ ସମାରୋହ ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମାରୋହ କମିଟିର ସଭାପତି ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଦୀର୍ଘ ୧୩ ବର୍ଷ ଧରି ଏହି ବିଜୟକୁ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇ ଆସୁଅଛି। ସେହିପରି ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ଏବଂ ବିଶ୍ୱହିନ୍ଦୁ ପରିଷଦ କଲିକତାର ସହସମ୍ପାଦକ ଗୌରୀପ୍ରସାଦ ରଥ, ପ୍ରଜ୍ଞା ମାହାଲା ପ୍ରମୁଖ ମଞ୍ଚାସୀନ ରହି ବିଜୟା ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବନ୍ଧୁମିଳନ କମିଟିର ସଦସ୍ୟ ଚନ୍ଦ୍ରବିନ୍ଦୁ ଦାସ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଏସ.ପି ପ୍ରତ୍ୟୁଷ ଦିବାକର, ଆଡିସନାଲ ଏସ.ପି ନୀରଞ୍ଜନ ବେହେରା, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସନମ ଦାସ, ବିଡିଓ ବିକ୍ରମ ପରିଡା, ନୀଳଗିରି ଏସ.ଡି.ପି.ଓ ପ୍ରମୋଦ କୁମାର ମଲ୍ଲିକ ଓ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜଙ୍କ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବଳରାମ ବିଶ୍ୱାଳ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଭୋଗରାଇ, ୨।୧୧ (ସମିସ) : ଭୋଗରାଇର ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ କଂଗ୍ରେସ ନେତା ଗଣେଶ ନାୟକ(୧୦୧) ରବିବାର ଦିନ୪ଟାରେ ମୃତ୍ୟୁବରଣ କରିଛନ୍ତି। ଅବିଭକ୍ତ ଶ୍ରଦ୍ଧାପୁର ପଞ୍ଚାୟତର ୪ଥରରୁ ଅଧିକ ସରପଞ୍ଚ ଥିବା ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସେ ପରିଚିତ। ତାଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବିର ଗିରି, ଜିଲ୍ଲାପରିଷଦ ସନ୍ତୋଷ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ ଶୋକ ପ୍ରକାଶ କରିଛନ୍ତି। ସୁପୁତ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମେଶ୍ୱର ନାୟକ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

# ରାଇବଣିଆ ଆଦିବାସୀ ମେଳା ସମୀକ୍ଷା ବୈଠକ



ଜଳେଶ୍ୱର, ୨।୧୧ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏ ଅଞ୍ଚଳର ଆଦିବାସୀଙ୍କ ପାରମ୍ପରିକ ଜୀବନଶୈଳୀ ନିଆରା ଓ ଏକ ସଂସ୍କାର ଭିତ୍ତିକ। ଅନେକ ସମୟରେ ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀଙ୍କ ଭିତରୁ ରାଇବଣିଆ ଅଞ୍ଚଳର ଆଦିବାସୀ ମେଳାର ଆବଶ୍ୟକତାକୁ ନେଇ ଅନେକ ଥର ପ୍ରସ୍ତାବ ଆସିଥିଲେ ହେଁ ଆଜିଯାଏ ହୋଇ ପାରି ନାହିଁ। ଶନିବାର ରାଇବଣିଆ ପଞ୍ଚାୟତସ୍ଥିତ ବାଉଁଶବଣୀ ଗାଁର ଖେଳପଡିଆ ପ୍ରାଙ୍ଗଣରେ ଶ୍ୟାମନଗର, ସର୍ଦ୍ଦାରବନ୍ଧ, କାଳିକ ଓ ରାଇବଣିଆ ପଞ୍ଚାୟତର ଯୁବକମାନଙ୍କୁ ନେଇ ସମାଜସେବୀ କାହ୍ନୁ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବସିଥିଲା। ସମସ୍ତଙ୍କ ସହମତିରେ ପ୍ରଥମେ ରାଇବଣିଆ ଆଦିବାସୀ ମେଳା ହେବାର ସୁନିଶ୍ଚିତ କରିଥିଲେ। ଆସନ୍ତା ୯ ତାରିଖ ରବିବାର ସକାଳ ୧୦ଟାରେ ପ୍ରସ୍ତୁତି ବୈଠକ ସହ ଏକ ସାମ୍ବାଦିକ ସମ୍ମିଳନୀ ରଖାଯାଇଛି ବୋଲି ଶ୍ରୀ ମୁର୍ମୁ ଜଣାଇଛନ୍ତି।

# କମ୍ୟୁନିଟ୍ ହଲ୍ ନିର୍ମାଣ ନିମ୍ନମାନର ଅଭିଯୋଗ



ଜଳେଶ୍ୱର ବ୍ଲକ, ୨।୧୧ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଦକ୍ଷିଣପ୍ରହରାଜପୁର ଗ୍ରାମର ୪ ନମ୍ବର୍ ୱାର୍ଡ ପୋଲିଅସ୍ତ ନିକଟରେ କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ହେଲେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ସଲାସୁତ୍ରରେ ଅତି ନିମ୍ନମାନର ଇଟା, ସିମେଣ୍ଟ ଓ ମାଟି ମିଶା ବାଲି ବ୍ୟବହାର ନେଇ ଅଭିଯୋଗ ହେଉଛି। ସେହି ୱାଡର୍‌ର ୱାର୍ଡ ମେମ୍ବର ରଞ୍ଜନ କୁମାର ସେଠୀ, ଦୀପକ ବିଶ୍ୱାଳ, ଚନ୍ଦନ ଘୋଷ, ପୂର୍ଣ୍ଣଚନ୍ଦ୍ର ଘୋଷ, ଆଶିଷ ଘୋଷ, ରାମ ବିଶ୍ୱାଳ, ରାଜ ବିଶ୍ୱାଳ ପ୍ରମୁଖ ଗ୍ରାମବାସୀ ଉପରିସ୍ଥ ଅଧିକାରୀମାନଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ମଧ କେହି କାର୍ଯ୍ୟସ୍ଥଳକୁ ଆସି ନ ଥିଲେ।

# ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ

ନୀଳଗିରି, ୨।୧୧ (ସମିସ): ବାଲେଶ୍ୱର ଖଣି ବିଭାଗ ଦ୍ୱାରା ଚୋରାବାଲି ବୋଝେଇ ଏକ ଟ୍ରାକ୍ଟର ଜବତ କରାଯାଇଛି। ଆଜି ପ୍ରାୟ ୧୧ .୦୫ରେ ଟ୍ରାକ୍ଟର ଯୋଗେ ଚୋରାବାଲି ବୋଝେଇ ହୋଇ ଈଶ୍ୱରପୁର ଫାଣ୍ଡି ଅଧିନ ଚିନ୍ତାମଣିପୁର ଛକ ପାର ହେଉଥିବା ବେଳେ ବାଲେଶ୍ୱର ଖଣିବିଭାଗର ଜୁନିୟର ମାଇନିଂ ଅଫିସର ପର୍ଶୁରାମ ଜେନା ଧରିଥିଲେ। ପରେ ଉକ୍ତ ଟ୍ରାକ୍ଟରକୁ ନୀଳଗିରି ଥାନାରେ ଜିମା ଦେଇଥିବା ଜଣାପଡ଼ିଛି। ଟ୍ରାକ୍ଟର ମାଲିକ କୁମ୍ଭକୁଣିଆ ଗ୍ରାମର ବିନୋଦ ସେଠୀ ହୋଇଥିବାବେଳେ ଡ୍ରାଇଭରଙ୍କ ଘର



ନୀଳଗିରି ବ୍ଲକ ଉଉଁରିଆବାଡ଼ ପଞ୍ଚାୟତ କାନ୍ଥସିମୁଳିଆ ଗ୍ରାମର ମଙ୍ଗଳା ସିଂଙ୍କ ପୁଅ ଜଗନ୍ନାଥ ସିଂ ବୋଲି ଜଣାପଡ଼ିଛି। ଡ୍ରାଇଭରକୁ ଥାନାକୁ ଅଣାଯାଇ ପଚରାଉଚରା ପରେ ଛାଡି ଦିଆଯାଇଛି। ଜୈନିକ ଠିକାଦାର ରାସ୍ତାନିର୍ମାଣ ପାଇଁ ଚୋରାରେ ବାଲିଆଣି ବ୍ୟବହାର କରୁଥିବା ଜଣାପଡ଼ିଛି।

# ଧର୍ମାନ୍ତୀକରଣ ନେଇ ଗ୍ରାମରେ ଉତ୍ତେଜନା, ଦମ୍ପତି ଅଟକ

ବାଲେଶ୍ୱର,୨।୧୧(ସମିସ): ଧର୍ମାନ୍ତରୀକରଣ ନେଇ ଗ୍ରାମରେ ଉତ୍ତେଜନା। ଘଟଣା ସ୍ଥଳରେ ପୁଲିସ ପହଁଞ୍ଚି ଉଭୟଙ୍କୁ ଥାନାକୁ ନେଇଥିବାବେଳେ ଗ୍ରାମବାସୀ ରାସ୍ତାରେ ବସି ପ୍ରତିବାଦ କରିଛନ୍ତି। ସଦର ଥାନା ଅନ୍ତର୍ଗତ ବଇଁଞ୍ଚା ଗ୍ରାମର ନିଶ୍ଚିନ୍ତା ଅଞ୍ଚଳରେ ସ୍ୱାମୀ ସ୍ତ୍ରୀ ଜନୈକ ବ୍ୟକ୍ତିଙ୍କ ଘରେ ଦେହ ଅସୁସ୍ଥ ଓ ପ୍ରାର୍ଥନା ନାମରେ ଧର୍ମ ପରିବର୍ତ୍ତନ କରୁଥିଲେ। ଏଭଳିକି ଧର୍ମ ପରିବର୍ତ୍ତନ କଲେ ଧନ ସମ୍ପତ୍ତି ବଢିବ, ବଡ ଲୋକ, ଭଲରେ ରହିବ ବୋଲି ଉଭୟ ସ୍ୱାମୀ ସ୍ତ୍ରୀ ଲୋକଙ୍କୁ କହୁଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଖବରପାଇ ସ୍ୱାମୀ ସ୍ତ୍ରୀଙ୍କୁ ଅଟକ ରଖିବା ସହ ପୁଲିସକୁ ଖବର ଦେଇଥିଲେ। ଉକ୍ତ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଗାଁରେ ଚାପା ଉତ୍ତେଜନା ସହିତ ଅନେକ ପୁରୁଷ ମହିଳା ଏକତ୍ରିତ ହୋଇ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରେ ବସିଥିଲେ। ଏ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇବା ପରେ ଘଟଣା ସ୍ଥଳରେ ସଦର ଥାନା ଆଇଆଇସି ସୁଲେଖାନ ମୁର୍ମୁଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାସୁଝା ସହିତ ସଠିକ ତଦନ୍ତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଘଟଣା ଶାନ୍ତ ପଡିଥିଲା।

# ଚୋରା କାଠ ଭର୍ତ୍ତି ଗାଡ଼ି ଜବତ



ନୀଳଗିରି, ୨।୧୧ (ସମିସ): ନୀଳଗିରି ବନ ବିଭାଗ ପକ୍ଷରୁ ରବିବାର ଦିନ ଏକ ଚୋରା କାଠ ଭର୍ତ୍ତି ଟାଟା ଏସିଇ ଗାଡ଼ିକୁ ଜବତ କରାଯାଇଛି। ନୀଳଗିରି ମିତ୍ରପୁର ରାସ୍ତାର ଗୋପିନାଥପୁର ଲେଭୁଲ କ୍ରସିଂ ନିକଟରେ ଏକ ଧଳା ରଙ୍ଗର ଟାଟା ୨୦୭ ଗାଡ଼ିରେ ଡୁଡ୍ରା ଲଗ୍ ୧୧ପିସ୍ ଯାହା ୩୦ସିଫ୍ଟକୁ ବନ ବିଭାଗ ଜବତ କରିଛି। ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ବେହେରାଙ୍କ ସମେତ ବବିଶ୍ମିତା ସାହୁ, ଗାର୍ଡ, ସମେତ ସବୁଜବାହିନୀ ସାମିଲ ଥିଲେ। ଏ ନେଇ ନୀଳଗିରି ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବାର ନୀଳଗିରି ରେଞ୍ଜର ମନୱାର୍ ଖାଁ ସୂଚନା ଦେଇଛନ୍ତି।

# ସୋରରେ ନୂତନ ଥାନାଧିକାରୀଙ୍କ ଯୋଗଦାନ



ସୋର,୨।୧୧(ସମିସ) : ସୋର ଥାନାରେ ନୂତନ ଥାନାଧିକାରୀ ଭାବେ ମୁକୁନ୍ଦ ମୁରାରୀ ପାତ୍ର ଯୋଗ ଦେଇଛନ୍ତି। ସେ ପୂର୍ବରୁ ଏସଆଇ ଭାବେ ଅନନ୍ତପୁର ଫାଣ୍ଡି ଓ ବାଲେଶ୍ୱର ସଦର ଥାନାରେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ସେ ଇନିସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ଫଳରେ ଗତ ଅକ୍ଟୋବର ୩୧ ତାରିଖରେ ବାଲେଶ୍ୱର ଏସ୍ପିଙ୍କ ନିର୍ଦ୍ଦେଶରେ ଆଜି ସୋର ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି। ସୋର ଏକ ଗୁରୁତ୍ୱପୂର୍ଣ୍ଣ ସହର ହୋଇଥିବା ବେଳେ ସମସ୍ତଙ୍କ ସହଯୋଗରେ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ଏବଂ ବଢୁଥିବା ଅପରାଧିକ ଘଟଣାକୁ ଦମନ କରିବାକୁ ଚେଷ୍ଟିତ ହେବେ ବୋଲି ଶ୍ରୀ ପାତ୍ର କହିଛନ୍ତି।

# ଖଇରା ବ୍ଲକର ୯ ପଡା ଗ୍ରାମକୁ ମିଳିଲା ରାଜସ୍ୱ ଗ୍ରାମ ମାନ୍ୟତା

ଖଇରା,୨।୧୧ (ସମିସ) : ଖଇରା ବ୍ଲକର ୯ ପଞ୍ଚାୟତର ୯ ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସହକାରୀ ଚକବନ୍ଦୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ସହ ଖଇରା ଅଞ୍ଚଳରେ ପ୍ରଘଟ ହେବା ପରେ ସଂପୃକ୍ତ ପଡାବାସୀଙ୍କ ମନରେ ଆନନ୍ଦ ଖେଳିଯାଇଛି। ମାନ୍ୟତା ପାଇଥିବା ଏହି ପଡା ଗ୍ରାମ ମଧ୍ୟରେ ସାରଡାଙ୍ଗ ପଞ୍ଚାୟତର ଅଲିପୁର, ଗଡପୋଖରୀ ପଞ୍ଚାୟତର କଦଳୀଗଡିଆ, ରଟିଣା ପଞ୍ଚାୟତର ଆମ୍ବହତା, ମାଖନପୁର ପଞ୍ଚାୟତର ବରଗିଡି, କୁରୁଣ୍ଟା ପଞ୍ଚାୟତର କୁରୁଣ୍ଟା ଶାସନ, ବାଉଁଶଗଡିଆ ପଞ୍ଚାୟତର ରମଦା, ସାରୁଗାଁ ପଞ୍ଚାୟତର ମାହାରାସାହି, କଇଥଗଡିଆ ପଞ୍ଚାୟତର ପାତ୍ରଖୁଣ୍ଟା, ରପେୟା ପଞ୍ଚାୟତର ବଡମୁହାଁ। ଡିଏଲଆର କଟକ ତରଫରୁ ଉପରୋକ୍ତ ଗ୍ରାମ ଗୁଡିକୁ ରାଜସ୍ୱ ଗ୍ରାମ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ ଏହି ଗ୍ରାମ ଗୁଡିକର ସୀମା ପରିବର୍ତ୍ତନ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରିବାକୁ ଜିଲାପାଳ ମାନଙ୍କୁ କୁହାଯାଇଛି।

# ନିମ୍ନମାନର ଛତୁଆ ନେଇ ତାତିଲେ ଅଭିଭାବକ

ସୋର, ୨।୧୧(ସମିସ): ଛୋଟ ପିଲାମାନଙ୍କ ଜୀବନ ସହିତ ଖେଳୁଛନ୍ତି କି ସରକାର ? ଯେଉଁ ଛୋଟ ପିଲାମାନେ ଭବିଷ୍ୟତରେ ଏ ସମାଜ ତଥା ଏ ଦେଶ ପାଇଁ ଭବିଷ୍ୟତ ବୋଲି କୁହାଯାଏ, ସେହି ନିଷ୍ପାପ ଛୋଟ ଛୋଟ ପିଲା ମାନଙ୍କଜୀବନ ସହିତ କାହିଁକି ଖେଳୁଛନ୍ତି ସରକାର? ସୋର ବ୍ଲକ ମାଣତ୍ରୀ ଗ୍ରାମ ପଞ୍ଚାୟତ ଅଧିନ ମାଣତ୍ରୀ ଗ୍ରାମ ଏକ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରତି ଥର ଭଳି ଏଥର ମଧ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗା ଯାଉଥିବା ଛତୁଆ ଏବଂ ବାଦାମ ଆସିଥିଲା। ଏଥର କିନ୍ତୁ ସମୟ ଥିଲା ଭିନ୍ନ। ସଜାଗ ରହିଥିଲେ ପିଲା ମାନଙ୍କ ଅଭିଭାବକ ଓ ଗ୍ରାମବାସୀ। ଛତୁଆ ଗାଡି ଆସି ଅଙ୍ଗନବାଡ଼ି କେନ୍ଦ୍ରରେ ଛତୁଆ ଓ ବାଦାମ ଦେଉଥିବା ବେଳେ ପିଲା ମାନଙ୍କର ଅଭିଭାବକ ଓ ମାଣତ୍ରୀ ଗ୍ରାମର ଗ୍ରାମବାସୀ ଛତୁଆ ପ୍ୟାକେଟକୁ ଖୋଲିଥିଲେ। ଖୋଲିବା ପରେ ଛତୁଆରେ ପୋକ ସାଲୁ ବାଲୁ ହେଉଥିବା ବେଳେ ଛତୁଆ ଖଦଡା ଥିବା ଦେଖିବାକୁ ପାଇଥିଲେ। ଏହି ଛତୁଆକୁ ଗର୍ଭବତୀ ମହିଳାଙ୍କ ସମେତ ଛୋଟ ଛୋଟ ନିଷ୍ପାପ ପିଲା ଖାଉଥିବାରୁ ଗ୍ରାମବାସୀ ମାନେ ତାତିଥିଲେ। ଫଳରେ ଛତୁଆ ନେଇ ଆସିଥିବା ଗାଡି ସହ କର୍ମଚାରୀଙ୍କୁ ଗ୍ରାମବାସୀ ଦୀର୍ଘ ସମୟ ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଫୋନ କରିଥିଲେ ସୁଦ୍ଧା ସେମାନେ ଫୋନ ନ ଉଠାଇବାରୁ ଗ୍ରାମବାସୀ ଛତୁଆ ଏବଂ ପେସ୍ତା ନ ନେଇ ଗାଡିକୁ ଫେରାଇ ଦେଇଥିଲେ। ଏହି ଛତୁଆ ଏବଂ ପେସ୍ତା ଦହିସଡା ଗ୍ରାମରେ ଥିବା ମା' ସର୍ବ ମଙ୍ଗଳା ସ୍ୱୟଂ ସ୍ୱହାୟକ ଗୋଷ୍ଠୀ ପ୍ରସ୍ତୁତ କରି ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ବିତରଣ କରୁଛି। ଗର୍ଭବତୀ ମହିଳା ଏବଂ ଛୋଟ ଛୋଟ ଶିଶୁଙ୍କୁ ଦିଆଯାଉଥିବା ଏହି ଛତୁଆରେ ପୋକ ବାହାରିବା ଏବଂ ପେସ୍ତାର ମାନ ନିମ୍ନମାନର ହେଉଥିବା କାରଣରୁ ଯେ କେତେବେଳେ ଅଘଟଣ ନ ଘଟିବ ତାହା କିଏ କହିବ। ତେବେ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଖାଦ୍ୟ ସୁରକ୍ଷା ବିଭାଗକୁ ନିବେଦନ କରିଛନ୍ତି। ଏ ବାବଦରେ ସୋର ସିଡିପିଓ ହାରାମଣି ନାଇକଙ୍କୁ ଯୋଗାଯୋଗ କରିବା ପରେ ସେ ଏ ବାବଦରେ କୌଣସି ଅଭିଯୋଗ ପାଇ ନାହାନ୍ତି, ଯଦି ଅଭିଯୋଗ ଆସେ ତାହେଲେ ଏହି ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଗୋପୀନାଥପୁର ସାର୍ବଜନୀନ ରାସ ଉତ୍ସବ

ବାଲେଶ୍ୱର(ଉତ୍ତର)/
ଭୋଗରାଇ,୨।୧୧(ସମିସ)



କୃଷ୍ଣାବତାରର ବିବିଧ ଲୀଳା ମଧ୍ୟରୁ ଶ୍ରେଷ୍ଠ ଲୀଳା ହେଉଛି "ରାସ'। କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣ ଏହି ଲୀଳା ଆରମ୍ଭ କରିଥିଲେ ବୋଲି ଏହାର ନାମ ରାସପୂର୍ଣ୍ଣିମା ହୋଇଛି। ତ୍ରେତୟା ଯୁଗରେ ଭଗବାନ ବିଷ୍ଣୁଙ୍କ ଶ୍ରୀରାମ ଅବତାରର ବନବାସ ସମୟରେ ମୁନିମାନଙ୍କ କାମନା ପୂରଣ ପାଇଁ ବର ପ୍ରଦାନ କରିଥିଲେ। ତେଣୁ ସେହି ମୁନିମାନେ ଦ୍ୱାପର ଯୁଗରେ ଗୋପରେ ନାରୀ ଭାବରେ ଜାତ ହୋଇ ଶ୍ରୀକୃଷ୍ଣଙ୍କର ସଙ୍ଗ ଲାଭ କରିଥିବା ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି। ଏଣୁ କୃଷ୍ଣଭକ୍ତ ସମୁଦାୟ ରାସ ପୂର୍ଣ୍ଣିମାରେ ବିଭିନ୍ନ ସ୍ଥାନରେ ଭଗବାନଙ୍କ ଲୀଳାକୁ ଉତ୍ସବ ଭାବେ ପାଳନ କରିଥାନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ରାଧାଗୋବିନ୍ଦ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଦୀର୍ଘ ୬୨ ବର୍ଷଧରି ସାର୍ବଜନୀନ ରାସ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ମଧ ପବିତ୍ର ମହା ଏକାଦୋଶୀ ତିଥିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ରାସ ମଞ୍ଚରେ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସହିତ ଅଷ୍ଟସଖୀ ବିରାଜମାନ କରିଛନ୍ତି। ଗତ ମଙ୍ଗଳ ବାର ଶହ ଶହ ପଞ୍ଚକବ୍ରତ ଧାରୀ ମହିଳା ଓ ଗ୍ରାମବାସୀ ଶୋଭାଯାତ୍ରାରେ ବାହାରି ପାଲୁସିଆସ୍ଥିତ କୁଣ୍ଡ ପୋଖରୀରୁ ଘଟଉତ୍ତୋଳନ କରିବା ସହ ପାଣି ଆଣି ଘଟ ସ୍ଥାପନା କରାଯାଇଥିଲା। ସେହିପରି ଆଜି ଚାରିଦିନ ବ୍ୟାପି ହରିନାମ ମହାଯଜ୍ଞର ଶୁଭାରମ୍ଭ ହୋଇଛି। ଆସନ୍ତା ବୁଧବାର ପବିତ୍ର ରାସପୂର୍ଣ୍ଣିମା ଦିନ ହରିନାମ ସଂକୀର୍ତ୍ତନ ସମାପନ ହେବା ସହ ଅନ୍ନ ମହୋତ୍ସବ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବ କମିଟିର ସଭାପତି ଶିକ୍ଷାବିତ ମୁରଲୀ ମୋହନ ମହାନ୍ତି, କାର୍ଯ୍ୟକାରୀ ସଭାପତି ହୀରାଚାନ୍ଦ ଦାସ, ଉପସଭାପତି ବିଶ୍ୱମ୍ବର ଦାସ ଅଧିକାରୀ, ସମ୍ପାଦକ କୃଷ୍ଣପଦ ଦାସ, କୋଷାଧ୍ୟକ୍ଷ ବନବିହାରୀ ଦାସ ଅଧିକାରୀ, ବ୍ରଜବିହାରୀ ଦାସ, କାର୍ତ୍ତିକ ଚନ୍ଦ୍ର ଦାସ ଅଧିକାରୀ, ଅମୂଲ୍ୟ ପରିଡ଼ା, ବିଦ୍ୟାଧର ପ୍ରଧାନ, ଅନନ୍ତ ବିଶ୍ୱାଳ, ଶିବଶଙ୍କର ବିଶ୍ୱାଳ, ଭଗିରଥ ଘୋଷ, ଧନଞ୍ଜୟ ଦାସ, ବିମ୍ବାଧର ପ୍ରଧାନ, ଅମୂଲ୍ୟ ବିଶ୍ୱାଳ, ପରେଶ ପ୍ରଧାନ, ପ୍ରଶାନ୍ତ ପରିଡ଼ା, ରବୀନ୍ଦ୍ର ପରିଡ଼ା, ଶକ୍ତିପଦ ପରିଡ଼ା, ଅନିରୁଦ୍ଧ ପରିଡ଼ା, ସୀତାରାମ ସାମଲ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟ ମାନେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନରସିଂହପୁର କଲେଜରେ ଛାତ୍ର ଅଶାନ୍ତି

# ପାଠ ପଢ଼ା ହୋଇନି, ପରୀକ୍ଷାରେ ଆସିଛି ପ୍ରଶ୍ନ

ନରସିଂହପୁର,୨।୧୧(ସମିସ)



ନରସିଂହପୁର ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ପାଠ ପଢା ହେଉ ନ ଥିବା ଛାତ୍ରଛାତ୍ରୀ ଅଭିଯୋଗ କରିବା ସହ ଗଣମାଧ୍ୟମ ସମ୍ମୁଖରେ ମୁହ ଖୋଲିଛନ୍ତି। ଅଧ୍ୟକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପାଠ ପଢା ହେଉନି; କିନ୍ତୁ ପରୀକ୍ଷାରେ ପ୍ରଶ୍ନ ପଡୁଛି। ଯାହା ଫଳରେ ଛାତ୍ରଛାତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ନେଇ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ନଭେମ୍ବର ୧ତାରିଖ ଶନିବାର ଦିନ ନରସିଂହପୁର ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କର ବିଜିନେସ୍ ଷ୍ଟାର୍ଟିସ୍ଟିକ୍ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଚାଲିଥିଲା। ପରୀକ୍ଷାରେ ଯେଉଁ ସବୁ ପ୍ରଶ୍ନ ପଡ଼ିଥିଲା ସେଥିରୁ ଅନେକ ପ୍ରଶ୍ନ କଲେଜରେ ପାଠ ପଢା ହୋଇ ନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ପାଠ ପଢା ହୋଇ ନ ଥିବାରୁ ସେମାନଙ୍କୁ ସମସ୍ୟା ହୋଇଥିଲା। ବାଣିଜ୍ୟ ବିଭାଗରେ ପାଠ ପଢା ହେଉ ନ ଥିବା ଛାତ୍ରଛାତ୍ରୀମାନେ କଲେଜ ଅଧ୍ୟକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିବା ସହ ପରୀକ୍ଷାରେ ପଡ଼ିଥିବା ଅନେକ ପ୍ରଶ୍ନ ପାଠପଢା ହୋଇ ନ ଥିବା ସମ୍ପର୍କରେ ଛାତ୍ରଛାତ୍ରୀମାନେ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ, ମାତ୍ର ଅଧ୍ୟକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ଏଇଟା ୟୁନିଭର୍ସିଟିର ଭୁଲ କଲେଜର କୌଣସି ଭୁଲ ନାହିଁ ବୋଲି କହିବା ସହ ଗେଟ ଆଉଟ ବୋଲି କହିବା ସହ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଦେଇଥିବା ଛାତ୍ରଛାତ୍ରୀମାନେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ଯେ ନରସିଂହପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ତଥା କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦେବେନ୍ଦ୍ର ନାରାୟଣ ପତ୍ରି କାଁ ଭାଁ ହାତ ଗଣତି କିଛି କ୍ଲାସକୁ ଛାଡିଦେଲେ ବର୍ଷ ସାରା ଆଦୌ କ୍ଲାସ୍ କରୁ ନ ଥିବା ଅଭିଯୋଗ ହେଉଛି। ଏହି ବିଭାଗରେ ନିୟମିତ ଠିକରେ କ୍ଲାସ ହେଉ ନ ଥିବାରୁ ବିଭାଗରେ ନୈରାଶ୍ୟଜନକ ପ୍ରଦର୍ଶନ ହେଉଛି, ଫଳରେ ଛାତ୍ରଛାତ୍ରୀମାନେ ଏହି ବିଭାଗରେ ଆଉ ପୂର୍ବଭଳି ନାମ ଲେଖାଉ ନାହାନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି। ନରସିଂହପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ୬୪ଟି ସିଟ ଥିବାବେଳେ ମାତ୍ର ୬ ଜଣ ନାମ ଲେଖାଇଥିବା ବେଳେ ଦ୍ୱିତୀୟ ବର୍ଷରେ ମାତ୍ର ୧୧ ଜଣ, ଯୁକ୍ତ ତିନି ପ୍ରଥମ ବର୍ଷରେ ମାତ୍ର ୧୪ ଜଣ ଦ୍ୱିତୀୟ ବର୍ଷରେ ୪୭ ଜଣ ଓ ତୃତୀୟ ବର୍ଷରେ ୪୮ ଜଣ ପଢୁଛନ୍ତି। ଯୁକ୍ତ ଦୁଇରେ ୧୨୮ ସିଟରେ ମାତ୍ର ୧୭ ଜଣ ପିଲା ପଢୁଛନ୍ତି। କଲେଜ ଅଧ୍ୟକ୍ଷ ଥିବା ତଥା ବାଣିଜ୍ୟ ବିଭାଗୀୟ ମୁଖ୍ୟ ଥିବା ଦେବେନ୍ଦ୍ର ନାରାୟଣ ପତ୍ରି ବର୍ଷ ସାରା କୌଣସି କ୍ଲାସ ନ କରି ବିନା କୌଣସି ବିଜ୍ଞାପନରେ ମନଇଚ୍ଛା ଜଣେ ଜଣେ ଅସ୍ଥାୟୀ ଶିକ୍ଷକଙ୍କୁ ନିଯୁକ୍ତି କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ବାଣିଜ୍ୟରେ ସମସ୍ତ ସିଟ୍ ପୂରଣ ହେବା ସହିତ ଭଲ ପ୍ରଦର୍ଶନ ମଧ୍ୟ ହେଉଥିଲା। କିଛି ବର୍ଷ ହେଲା ନିୟମିତ ଅନେକ କ୍ଲାସ ହେଉ ନ ଥିବାରୁ ପାଠପଢା ହୋଇପାରୁନି ଯାହା ଫଳରେ ଏହି ବିଭାଗରେ ସିଟ ଖାଲି ପଡୁଛି।

**ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ**

## ମହିମାଧର୍ମ ଗବେଷକଙ୍କ ଜନ୍ମୋତ୍ସବ



ମାହାଙ୍ଗା,୨।୧୧(ସମିସ): ମାହାଙ୍ଗା ସାହିତ୍ୟ ସମାଜ ଓ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସଦ ତରଫରୁ ସୁସାହିତ୍ୟିକ ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନଙ୍କ ୬୯ ତମ ଜନ୍ମୋତ୍ସବ ଶ୍ରୀ ଶ୍ରୀ ବୀର ଭଦ୍ରେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଭାପତି ବିଦ୍ୟୁତଲତା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଉନ୍ନୟନ କମିଶନର, ଅତିରିକ୍ତ ଶାସନ ସଚିବ ଡ. ଉପେନ୍ଦ୍ର ନାଥ ବେହେରା, ଗବେଷକ ସାହିତ୍ୟିକ ଡ. ଏକାଦଶୀ ପ୍ରଧାନଙ୍କୁ ଜଣେ ଐତିହାସିକ ଭାବେ ୮୦୦ ପୃଷ୍ଠାର "ମାହାଙ୍ଗା ଇତିହାସ" ରଚନା କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଆୟକର କମିଶନର ତଥା ଶରତ କର ଅନିମା କର ଫାଉଣ୍ଡେସନର ଅଧ୍ୟକ୍ଷ ଶୋଭନ କର, ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ କେନ୍ଦ୍ରୀୟ ଜଳ ବିଦ୍ୟୁତ୍ ନିଗମର ଏମଡି ସହଦେବ ଖଟୁଆ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଡ. ଗୌତମ ମହାରଣା ଯୋଗଦେଇଥିଲେ। ଗୀତିକାର କବି ବିଶ୍ୱେଶ୍ୱର ମହାନ୍ତି, ପ୍ରବଚକ ଶାରଦା ପ୍ରସାଦ ମିଶ୍ର, ପ୍ରବଚକ ଶରତ ରଥ, ଶିକ୍ଷାବିତ୍ ବିପିନ ବିହାରୀ କର, କାଞ୍ଚନବାଳା ମହାନ୍ତି, ଡ. ଜୟରାମ ସ୍ୱାଇଁ, ଡ. ଜନାର୍ଦ୍ଦନ ରାଉତ, ଉତ୍କଳ ଜ୍ୟୋତି ରଘୁନାଥ ମହାନ୍ତି, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସାମ୍ବାଦିକ ବିଜୟ ଜେନା, ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଡ. ପ୍ରଧାନଙ୍କ ଗୁଣଗାନ କରିବା ସହିତ ଜନ୍ମଦିନର ଅଭିନନ୍ଦନ ଜ୍ଞାପନ କରିଥିଲେ ନିର୍ବାଣ ପ୍ରତିନିଧି ତଥା କବି ବିଜୟ କୁଅଁର ଜୀବନି ଲେଖକୁ ନେଇ କବିତା ପାଠ କରିଥିଲେ। ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତିର ସମ୍ପାଦକ ଗୌତମ ଚରଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ କବି ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସମାଜସେବୀଙ୍କୁ ଡିଜାଷ୍ଟର ଆମ୍ବାସଡର ସମ୍ମାନ



କନ୍ଦରପୁର,୨।୧୧(ସମିସ): ସରସ୍ୱତୀ କଳା ପରିଷଦ କନ୍ଦରପୁର ଉପଦେଷ୍ଟା ତଥା କଟକ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ଆୱାରନେସ୍ କମିଟି ସଦସ୍ୟ ରକ୍ତଦାତା ସମାଜସେବୀ ଦୀପକ୍ କୁମାର ଚୌଧୁରୀଙ୍କୁ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ୟୁଥ୍ ଡେଭେଲପ୍‌ମେଣ୍ଟ ଏବଂ ବିଶ୍ୱ ଯୁବକ କେନ୍ଦ୍ର ଦିଲ୍ଲୀ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀର୍ଘ ଦିନ ଧରି ନିଜର ଜୀବନକୁ ବାଜି ଲଗେଇ ନିସ୍ୱାର୍ଥପର ଭାବରେ ସମାଜ ମଙ୍ଗଳ ପାଇଁ ଅନବରତ କାର୍ଯ୍ୟ କରିବା ନେଇ ଉତ୍ସାହିତ କରିବା ପୂର୍ବକ ଡିଜାଷ୍ଟର ଆମ୍ବାସଡର ଭାବରେ ଘୋଷଣା କରାଯିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ସହିତ କଲିକତା, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ରାଜ୍ୟରୁ ଶତାଧିକ ସ୍ୱେଚ୍ଛାସେବୀ ବର୍ଗ ଯୋଗଦାନ କରିଥିଲେ। ସୂଚନାଯୋଗ୍ୟ ସାମାଜିକ କର୍ମୀ ଦୀପକ ଦୀର୍ଘଦିନ ଧରି କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରରେ ସ୍ୱେଚ୍ଛାସେବୀ ଏବଂ ଇଣ୍ଡିଆନ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଭାବେ ଭାବେ କାର୍ଯ୍ୟ କରିବା ସହ ରକ୍ତଦାନ ନେଇ ଜନସଚେତନତା, ଦୈବି ଦୁର୍ବିପାକ, ରୋଡ ସେଫ୍ଟି, ଫାଷ୍ଟେଡ୍, ଡିଜାଷ୍ଟର ମ୍ୟାନେଜମେଣ୍ଟ ଆଦି ବିଭିନ୍ନ ଦିଗରେ ମାଷ୍ଟର ଟ୍ରେନର ଭାବେ ନିଜର ଦାୟିତ୍ୱ ସଂପନ୍ନ କରି ପ୍ରଶଂସିତ ହୋଇଛନ୍ତି।

## ଅଗ୍ନିକାଣ୍ଡରେ ବାଛୁରି ମୃତ, ୨ ଗାଈ ଗୁରୁତର



ସାଲେପୁର,୨।୧୧(ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ୧ ବଖରା ଗୁହାଳ ଘର ଜଳିଯିବା ସହ ୨ଟି ଗାଈ ଆଂଶିକ ପୋଡ଼ି ହେବା ସହ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିବାବେଳେ ନିଆଁକୁ ଆୟତ୍ତ କରିବାକୁ ଯାଇ ଗୃହକର୍ତ୍ତା ନିଆଁରେ ପୋଡ଼ିହୋଇ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତ୍ରିରେ ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗିରାବାଦ ଗ୍ରାମର ଦୋଳଗୋବିନ୍ଦ ବେହେରାଙ୍କ ଗୁହାଳରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଗୁହାଳଟି ସଂପୂର୍ଣ୍ଣ ଜଳିଯାଇଥିବାବେଳେ ୨ଟି ଗର୍ଭିଣୀ ଗାଈ ୮୦ ଭାଗ ପୋଡ଼ିଯାଇଥିବାବେଳେ ଏକ ବାଛୁରୀ ନିଆଁରେ ପୋଡ଼ିହୋଇ ମରିଯାଇଥିବା ଜଣାଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯାଇ ଗୃହକର୍ତ୍ତା ଦୋଳଗୋବିନ୍ଦ ମଧ୍ୟ ପୋଡ଼ି ହୋଇ ଏବେ କଟକ ମେଡ଼ିକାଲରେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ଜଣାଯାଇଛି। ଅପର ପକ୍ଷରେ ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଗୁହାଳଟି ସଂପୂର୍ଣ୍ଣ ପୋଡ଼ିଯାଇଥିବା ଜଣାଯାଇଛି। ଖବର ପାଇ ଆଜି ସାଲେପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗାଈ ଦୁଇଟିର ଚିକିତ୍ସା କରିଥିବାବେଳେ ବାଛୁରୀର ମୃତଦେହ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି। ଅପରପକ୍ଷରେ ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଥିବା ଗୃହକର୍ତ୍ତା ଦୋଳଗୋବିନ୍ଦ ଆଇସିୟୁରେ ଭର୍ତ୍ତି ହୋଇଥିବା ଜଣାଯାଇଛି।

**ଉଦ୍ଧାର କରିବାକୁ ଯାଇ ଗୃହକର୍ତ୍ତା ଗୁରୁତର**

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ସାଲେପୁର,୨।୧୧(ସମିସ): ମଧ୍ୟାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ରବିବାର ଦିନ ପ୍ରାୟ ୧ଟା ୩୦ ମିନିଟ ସମୟରେ କଟକ-ସାଲେପୁର ରାସ୍ତାର କଳାରୁଦ୍ର ଗେଷ୍ଟ ହାଉସ ନିକଟରେ ଏକ ଅଜଣା ଗାଡ଼ି ଏକ ବାଇକକୁ ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିବାବେଳେ ବାଇକ ଚାଳକ ଜଣକ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର କୃଷ୍ଣକେଶବ ମହାପାତ୍ର(୨୫) ବୋଲି ଜଣାପଡିଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିକୁ ଖୋଜାଖୋଜି କରୁଥିବା ଜଣାଯାଇଛି।

## ପାଗଳ ଷଣ୍ଢ ଆକ୍ରମଣରେ ଦୁଇ ଆହତ, ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୨।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜିଗ୍ନିପୁର ରାଜସ୍ୱ ଗ୍ରାମରେ ଗତ ଦୁଇ ଦିନ ହେବ ଷଣ୍ଢର ଆତଙ୍କ ଦେଖାଦେଇଛି। ପାଗଳା ଷଣ୍ଢଟିର ଆତଙ୍କରେ ଲୋକେ ଭୟରେ ଘରୁ ବାହାରୁ ନ ଥିବା ଜଣାଯାଇଛି। ଗୋଟିଏ ପାଗଳା ଷଣ୍ଢ ପାଟିରୁ ଲାଳ ଗଡାଇ ପାଗଳ ପ୍ରାୟ ହୋଇ ଲୋକମାନଙ୍କୁ ଆକ୍ରମଣ କରିବାରେ ଲାଗିଛି। ଶନିବାର ଦିନ ରାତିରେ ଏହି ଗ୍ରାମର ନେତ୍ରାନନ୍ଦ ଦଳାଇ ଜିଗ୍ନିପୁର ବଜାରରୁ ଘରକୁ ଫେରୁଥିବା ବାଟରେ ଷଣ୍ଢଟି ତା'ର ଶିଙ୍ଗରେ ମାରି ଗୁରୁତର କରିଛି। ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲା ବେଳେ ଅବସ୍ଥା ଭଲ ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ସେହିପରି ଏହି ଗ୍ରାମର ଶାରଦା ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମଧ୍ୟ ଷଣ୍ଢ ଆକ୍ରମଣରେ ଆହତ ହୋଇଥିବା ଜଣାଯାଇଛି। ଷଣ୍ଢର ଏହି ଆତଙ୍କ ଖବର ପାଇ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଡା. ରାମଚନ୍ଦ୍ର ପତିଙ୍କ ନେତୃତ୍ୱରେ ପ୍ରାଣୀଧନ ନିରୀକ୍ଷକ ବିଶ୍ୱରଞ୍ଜନ ବାରିକ, ସୀତାଂଶୁ ଶେଖର ମହାପାତ୍ର, ସନାତନ ବେହେରା, ଗଣେଶ୍ୱର ପାତ୍ର, ମାନସ ମହାନ୍ତି ପ୍ରମୁଖ ଷଣ୍ଢଙ୍କୁ ଧରି ତାକୁ କାବୁ କରି ନିଶ୍ଚେତକ ଇଂଜେକସନ ଦେଇ ଆୟତ କରିଛନ୍ତି। ଷଣ୍ଢଟି କୌଣସି ଏକ ରୋଗରେ ପଡି ପାଗଳା ହୋଇଯାଇଥିବା ଜଣାଯାଇଛି। ଆୟତ୍ତ ହେବା ପରେ ଲୋକମାନଙ୍କର ଭୟ ଦୂର ହୋଇଛି।

## ଠିକାଦାର ଓ ଯନ୍ତ୍ରୀଙ୍କ ମର୍ଜିରେ ଚାଲିଛି ରାସ୍ତା ମରାମତି



କଣ୍ଟାପଡ଼ା,୨।୧୧(ସମିସ): ରାଜ୍ୟ ରାଜପଥ ନଂ ୬୦ର ସୁନ୍ଦରଗ୍ରାମଠାରୁ ଚିଉଳପୁର (ଗରଗରା) ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ୨୪୬.୨୯ ଲକ୍ଷ ଟଙ୍କାରେ ନିର୍ମିତ ହୋଇ ୧୪.୬.୨୪ ରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ୨.୪ କିମି ବିଶିଷ୍ଟ ଏହି ରାସ୍ତାଟି ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୁଇ ଲେନ୍ ବିଶିଷ୍ଟ ଏହି ନବନିର୍ମିତ ରାସ୍ତାର ଅନେକ ଜାଗା ଦବି ଯାଇଥିବା ବେଳେ ଏହି ରାସ୍ତାର ବାବା ସ୍ୱପ୍ନେଶ୍ୱରଙ୍କ ମନ୍ଦିର ନିକଟରେ ବଡବଡ ଖାଲ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବର୍ଷାଋତୁ ପରେ ଏହି ନବନିର୍ମିତ ରାସ୍ତା କଡରେ ଥିବା ଗଛଲତା ଓ ଘାସ ବୁଦା ସଫା କରିବା, ବର୍ଷା ପରେ ସୃଷ୍ଟି ହୋଇଥିବା ଖାଲଖମାକୁ ତୁରନ୍ତ ମରାମତି କରିବା ପାଇଁ ୨୦୨୯ ମସିହା ପର୍ଯ୍ୟନ୍ତ ଟେଣ୍ଡରରେ ଚୁକ୍ତି ହୋଇଥିଲେ ମଧ୍ୟ ଠିକାଦାର ଓ ଯନ୍ତ୍ରୀ ଏହାକୁ ଦେଖି ଅଣଦେଖା କରୁଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଗୁରୁତର ଅଭିଯୋଗ କରିଛନ୍ତି। ଏହି ରାସ୍ତାର ବାମ ପାଶ୍ୱର୍ରେ ସୁନ୍ଦରଗ୍ରାମ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ଥାୟୀ କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ପାଇଁ କ୍ୱାଟର ନିର୍ମାଣ ହେଉଥିବା ବେଳେ ଉଭୟ ଆରଡି ଏବଂ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଏସ୍‌ଡିଓଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯା ଆସ କରୁଥିଲେ ମଧ୍ୟ ରାସ୍ତା ଅବସ୍ଥା ଦେଖିବା ପରେ ମଧ୍ୟ ସେମାନେ ଚୁପ୍ ରହିବା ଘଟଣା ଠିକାଦାର ଓ ଯନ୍ତ୍ରୀ ମଧ୍ୟରେ ଥିବା ସଲାସୁତରାକୁ ନେଇ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଠିକାଦାରଙ୍କୁ ପରୋକ୍ଷରେ ଆର୍ଥିକ ଲାଭ ପାଇଁ ଯନ୍ତ୍ରୀଙ୍କ ଏ ଚକ୍ରାନ୍ତ ବୋଲି ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ରାସ୍ତା କାର୍ଯ୍ୟରେ ହୋଇଥିବା ଦୁର୍ନୀତି ପଦାକୁ ଆସି ପାରିବ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି।

## ତାଳଦଣ୍ଡା କେନାଲରୁ ନିଖୋଜ ଦିଲ୍ଲୀପଙ୍କ ତଣ୍ଟିକଟା ଶବ ଉଦ୍ଧାର



କିଶନନଗର,୨।୧୧(ସମିସ): ଗତ ଶୁକ୍ରବାର ରାତିରୁ ନିଖୋଜ ଥିବା କିଶନନଗର ଥାନା ଅନ୍ତର୍ଗତ ଥୋରିଆପଡା ଗ୍ରାମର ଦିଲ୍ଲୀପ କୁମାର ଭୋଇ (୨୮)ଙ୍କ ଶବ ଘଟଣାର ତିନିଦିନ ପରେ ଆଜି ରବିବାର ସକାଳେ ତାଳଦଣ୍ଡା କେନାଲର ଅଇନିପୁର ଠାରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ଜଣାପଡିଛି। ପ୍ରକାଶ ଯେ ଗତକାଲି ଶନିବାର ସକାଳେ ସୋମପୁର ଲକ୍ ଠାରୁ ପାଞ୍ଚଶହ ମିଟର ଦୂରରେ ଜାଡୁଆସାହି ସିଧା ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ ପ୍ରଚୁର ରକ୍ତ ପଡ଼ିଥିବା ଏବଂ ଦିଲ୍ଲୀପଙ୍କ ମଟର ସାଇକଲ କେନାଲ ଭିତରେ ପଡ଼ିଥିବା ଦେଖାଯାଇଥିଲା। ଏହି ଘଟଣା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଉଥିବା ବେଳେ ନିଖୋଜ ଦିଲ୍ଲୀପଙ୍କୁ ଖୋଜିବା ପାଇଁ ଦିନସାରା ଅଗ୍ନିଶମବାହିନୀ ଉଦ୍ୟମ କରି ବିଫଳ ହୋଇଥିଲେ। ଆଜି ତାଙ୍କ ମୃତଦେହ କେନାଲରୁ ଉଦ୍ଧାର ହୋଇ ଉପରକୁ ଆସିବା ପରେ ତାଙ୍କର ଆଗପଟ ତଣ୍ଟି କଟାଯାଇଥିବା ଏବଂ ଆଜି ବି ଧାର ଧାର ରକ୍ତ ବୋହୁଥିବା ଦେଖାଯାଇଥିଲା। ମୃତକଙ୍କ ଶବକୁ ତାଙ୍କ ବାପା ଚିହ୍ନଟ କରିବା ପରେ ଶବକୁ ପୁଲିସ ପୋଷ୍ଟମର୍ଟମ ପାଇଁ ପଠାଇ ନିଖୋଜ ମାମଲାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ଜଣାପଡିଛି। ହେଲେ ହତ୍ୟାକାଣ୍ଡରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଯଥାଶୀଘ୍ର ଧରାଯାଇ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି କହିଛନ୍ତି।

## କେନାଲ ପାଣିରେ ମିଶୁଛି ଶୌଚାଳୟ ପାଣି


- ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିକଟରେ ଅଭିଯୋଗ

କିଶନନଗର,୨।୧୧(ସମିସ): କଟକ ସଦର ତଥା କିଶନନଗର ତହସିଲ ଅନ୍ତର୍ଗତ ପାରାବିଲ୍ ଗ୍ରାମର ଜଣେ ବ୍ୟକ୍ତି ନିଜ ପାଇଖାନାର ଆବର୍ଜନା ପାଣିକୁ କେନାଲ ବନ୍ଧ ପିଚୁ ରାସ୍ତା ତଳେ ପାଇପ୍ ପକାଇ କେନାଲ ମଧ୍ୟକୁ ଛାଡିଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା କେନାଲ ପାଣି ପ୍ରଦୂଷିତ ହେବା ସହିତ ସଂକ୍ରମଣ ବ୍ୟାପୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବିଶ୍ୱଜିତ୍ ବାଡି ଓ ବିଶ୍ୱଜିତ ଶତପଥୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

କନ୍ଦରପୁର,୨।୧୧(ସମିସ): କଟକ ସଦର ଅଧୀନସ୍ଥ କନ୍ଦରପୁର ନିକଟରେ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଉକ୍ତ ଯୁବକ ଜଣକ ବୋଧପୁରର ଫୁଲରା ଅଞ୍ଚଳର ଅନ୍ତେବାସୀ। ସେ ଆଜି ବାଇକ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ସମୟରେ ଏକ ପିକଅପ ଭ୍ୟାନ ସହ ପିଟି ହୋଇ ପଡ଼ିଯାଇଥିଲେ। ଉକ୍ତ ଭ୍ୟାନଟି ତାଙ୍କ ଗୋଡ ଉପରେ ଚଢ଼ିଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପିସିଆର ଭ୍ୟାନ୍ ଯୋଗେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ କନ୍ଦରପୁର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରଘୁନାଥଜୀଉଙ୍କ ଜମିରୁ କଟା କାଠ ଜବତ



ନିଶ୍ଚିନ୍ତକୋଇଲି,୨।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତ ମଲିପୁରଠାରେ ଥିବା ଅସୁରେଶ୍ୱର ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ନିଜସ୍ୱ ଜମିରୁ ଜଣେ କାଠ ବ୍ୟବସାୟୀ ଏକ ବିରାଟକାୟ ଚାଖୁଣ୍ଡା ଗଛ କାଟିଦେଇ ଟ୍ରାକ୍ଟରରେ ନେବାକୁ ଉଦ୍ୟମ କରୁଥିଲେ। ଗ୍ରାମର କେତେକ ଯୁବକ ଏହା ଦେଖିବା ପରେ କାଠ ଲୋଡ କରୁଥିବା ଟ୍ରାକ୍ଟରକୁ ଅଟକାଇ ମନ୍ଦିରର ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଅବଗତ କରାଇଥିଲେ। ଶ୍ରୀ ସାହୁ ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଓ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବିଷ୍ଣୁପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଦିବସ ନାୟକ ଘଟଣାସ୍ଥଳରେ ପହଞ୍ଚି କାଠଗଣ୍ଡିକୁ ଜବତ କରିଥିବା ଜଣାଯାଇଛି। ପୁଲିସ କାଠ କାଟି ଟ୍ରାକ୍ଟରରେ ଲୋଡ କରୁଥିବା ବଟକୃଷ୍ଣ ମଣ୍ଡଳ ଏବଂ ତାକୁ ଗଛ କାଟିବା ପାଇଁ କହିଥିବା ବିଜୟ କୁମାର ସିହ୍ନା ଓ ଅଭିଯୋଗକାରୀ ଟ୍ରଷ୍ଟି ପ୍ରକାଶଚନ୍ଦ୍ର ସାହୁଙ୍କୁ ଥାନାକୁ ଡାକି ପଚରାଉଚରା କରି ତଦନ୍ତ ଆରମ୍ଭ କରିଛି। ଯେଉଁ ସ୍ଥାନରେ ଗଛଟି ରହିଥିଲା ପ୍ରକୃତରେ ସେ ସ୍ଥାନଟି ଠାକୁରଙ୍କର ନା ସରକାରଙ୍କର ପ୍ରଥମେ ଚିହ୍ନଟ କରାଯିବା ପରେ କଟାଯାଇଥିବା କାଠକୁ ତଦାନୁସାରେ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି।

## ଧବଳେଶ୍ୱର ପୀଠରେ ପଞ୍ଚକର ଦ୍ୱିତୀୟ ଦିବସ

# ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଲେ ପ୍ରଭୁ ଧବଳେଶ୍ୱର

ଆଠଗଡ,୨।୧୧(ସମିସ)





ପବିତ୍ର କାର୍ତ୍ତିକ ମାସ ପଞ୍ଚୁକର ଦ୍ୱିତୀୟ ଦିବସ। ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିରରେ ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କଟକ ଜିଲ୍ଲା ତଥା ଆଠଗଡ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲେ ହେଁ ବ୍ୟବସ୍ଥା ଶୃଙ୍ଖଳିତ ନ ଥିବା ଲକ୍ଷ୍ୟ କରାଯାଇଛି। ଗତ ଶନିବାରଠାରୁ ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ଆସି ଅନେକ ସମସ୍ୟାର ସମ୍ମୁଖିନ ହୋଇଥିଲେ। ଆଜି ମଧ୍ୟ ପ୍ରାୟ ୪ କିମି ଦୂରରୁ ଶ୍ରଦ୍ଧାଳୁମାନେ ଧାଡିରେ ଠିଆ ହୋଇଥିଲେ। ସୋମବାର ୩ ତାରିଖ ରାତ୍ରି ସମୟରେ ତ୍ରୟୋଦଶୀ ଚତୁର୍ଦ୍ଦଶୀ ସନ୍ଧିକ୍ଷଣରେ ବାବା ଧବଳେଶ୍ୱରଙ୍କ ପାଖରେ ଲାଗି ହେବ ପ୍ରସିଦ୍ଧ ଗଜ ଭୋଗ। ଧବଳେଶ୍ୱର ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାର ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାପାଳ ଏବଂ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଧବଳେଶ୍ୱର ପୀଠରେ ସ୍ଥିତି ପରଖି ବ୍ୟବସ୍ଥାର ସୁଧାର ପାଇଁ ଚେଷ୍ଟା ଚଳାଉଥିବା ଲକ୍ଷ୍ୟ କରାଯାଇଛି। ପଞ୍ଚକରେ ବାବା ୫ ଦିନ ସ୍ୱତନ୍ତ୍ର ବେଶରେ ଦର୍ଶନ ଦେଉଥିବା ବେଳେ ଆଜି ଦ୍ୱିତୀୟ ଦିବସରେ ବାବା ଚନ୍ଦ୍ରଚୂଡ଼ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପୂଜକ ସମିତି ପକ୍ଷରୁ ଭୋରରୁ ସମସ୍ତ ନୀତିକାନ୍ତି କରାଯିବା ପରେ ବାବାଙ୍କୁ ସୁସଜ୍ଜିତ ବେଶରେ ସଜାଯାଇ ସର୍ବସାଧାରଣ ଦର୍ଶନ ନିମନ୍ତେ ଦ୍ୱାର ଫିଟାଯିବା ପରେ ଶ୍ରଦ୍ଧାଳୁ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ୪ କିମି ଚାଲି ଚାଲି ଆସି ଶ୍ରଦ୍ଧାଳୁମାନେ ବାବା ଧବଳେଶ୍ୱରଙ୍କ ପୀଠକୁ ଆସି ଦର୍ଶନ କରୁଥିବାରୁ ଶ୍ରଦ୍ଧାଳୁମାନେ କ୍ଷୋଭ ପ୍ରକାଶ କରି ସିଧାସଳଖ କଟକ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିବା ବେଳେ ୨୦ଟି ଇଭି ଗାଡ଼ି ଶ୍ରଦ୍ଧାଳୁଙ୍କ ପାଇଁ ନିୟୋଜିତ କରାଯିବା ସହ ବାଟ ଯାକ ଏଲଇଡି ଟିଭି ସ୍କ୍ରିନ ଲଗାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

- ପୀଠରେ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ
- ଅବ୍ୟବସ୍ଥା ପାଇଁ ଶ୍ରଦ୍ଧାଳୁ ହନ୍ତସନ୍ତ

# ନୀଳମାଧବଙ୍କ ଲକ୍ଷ୍ମୀନାରାୟଣ ବେଶ



କଣ୍ଟିଲୋ,୨।୧୧(ସମିସ): ପବିତ୍ର ଦେବୋତ୍ଥାପନ ଏକାଦଶୀ କାର୍ତ୍ତିକ ପଞ୍ଚକ ପ୍ରଥମ ଦିବସରେ ଶ୍ରୀନୀଳମାଧବ ଲକ୍ଷ୍ମୀ - ନାରାୟଣ ବେଶରେ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରୁ ସାହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ବେଢ଼ା ପରିକ୍ରମା କରାଯିବା ପରେ ନେତ ବନ୍ଧା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚକ ୪ଦିନ ଶ୍ରୀଜୀଉ ଭିନ୍ନ ଭିନ୍ନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# ଲଡୁବାବାଙ୍କ ପୀଠରେ ଗଜ ଉଦ୍ଧାରଣ ବେଶ



ଶରଣକୁଳ,୨।୧୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ କାର୍ତ୍ତିକମାସ ବଡ଼ ଏକାଦଶୀଠାରୁ ପଞ୍ଚକଯାତ୍ରା ଆରମ୍ଭ ହୋଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ରବିବାର ଗଜଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସମସ୍ତ ଦେବନୀତି ସମାପନ ଠାକୁରଙ୍କୁ ପାରମ୍ପରିକ ରୀତିରେ ଗଜଉଦ୍ଧାରଣ ବେଶରେ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଭକ୍ତଙ୍କ ଦର୍ଶନ ପାଇଁ ଦୁଆର ଖୋଲା ହୋଇଥିଲା। ସନ୍ଧ୍ୟା ୬ଟାରୁ ରାତ୍ର ୯ଘଣ୍ଟା ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ପାଇଁ ବହୁ ଭକ୍ତ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଶ୍ରୀରଘୁନାଥଜୀଉଙ୍କ ଗଜ ଉଦ୍ଧାରଣ ବେଶ

ଓଡ଼ଗାଁ,୨।୧୧(ସମିସ): କାର୍ତ୍ତିକ ମାସ ଶୁକ୍ଳ ହରି ଉତ୍ଥାପନ ଏକାଦଶୀ ସଂଲଗ୍ନ ଗରୁଡ଼ ଦ୍ୱାଦଶୀରେ ପଞ୍ଚୁକର ପ୍ରଥମ ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ଗଜଉଦ୍ଧାରଣ ବେଶ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ। ଚଳିତ ବର୍ଷ ପବିତ୍ର ପଞ୍ଚୁକ ବ୍ରତ ୪ ଦିନ ପଡୁଥିବା ବେଳେ ରବିବାର ପ୍ରଥମ ଦିନରେ ଗଜ ଉଦ୍ଧାରଣ, ମତ୍ସ୍ୟ ଓ କଚ୍ଛପ, କୃଷ୍ଣ ବଳରାମ ଏବଂ ବୁଧବାର ଅନ୍ତିମ ଦିବସରେ କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହେବ। ପଞ୍ଚୁକ ପର୍ବ ଉପଲକ୍ଷେ ମନ୍ଦିରର ୩ ଚୂଡ଼ାରେ ଝଟକୁ ଥିବା ସୁସଜିତ ଆଲୋକ ମାଳା ଦର୍ଶନାର୍ଥୀଙ୍କୁ ଆକର୍ଷିତ କରିଥିଲା। ଏତଦବ୍ୟତୀତ କାର୍ତ୍ତିକେଶ୍ୱର ପୂଜା କମିଟି ତରଫରୁ ରଘୁନାଥ ଜିଉଙ୍କ ଝୁଲଣ ମଣ୍ଡପରେ କାର୍ତ୍ତିକେୟ ପୂଜା ଏବଂ ବଜାର ସାହି କଦମ୍ବ ଗଛ ତ୍ରିନାଥ ଜୀଉଙ୍କ ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରିବେଶକୁ ଆଧ୍ୟାତ୍ମିକମୟ କରିଥିଲା।



## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା; ରୋଗୀ ହନ୍ତସନ୍ତ




ନୟାଗଡ଼,୨।୧୧(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଅପେକ୍ଷା କରି ରୋଗୀଙ୍କ ହସାଁ ଉଡୁଛି। ଡାକ୍ତରଙ୍କ ଡ୍ୟୁଟି ଥିଲେ ବି ସେମାନେ ଆସୁନଥିବା ଏବଂ କ୍ଲିନିକରେ ମାତୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ପରିସ୍ଥିତି ଜଳଜଳ ଦେଖା ଯାଉଥିଲେ ବି ଯେତିକି ଡାକ୍ତର ଅଛନ୍ତି, ତାଙ୍କ ମଧ୍ୟରୁ କିଛି ବରିଷ୍ଠ ଡାକ୍ତରଙ୍କ ମନମୁଖୀ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ସେବା ବଦଳରେ ରୋଗୀଙ୍କୁ ଅସହ୍ୟ ନର୍ଯାତନା ମିଳୁଛି। ରୋଗୀମାନେ ସକାଳୁ ଆସି ପ୍ରଥମେ ଟିକେଟ କାଉଣ୍ଟର ଆଗରେ ଧାଡ଼ିରେ ଠିଆ ହେଉଛନ୍ତି। ଏହା ପରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଧାଡ଼ି। ଯଦି କୌଣସି ରୋଗ ବାବଦ ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ କଲେ, ସେଠି ମଧ ଧାଡ଼ିରେ ଠିଆ ହେବାକୁ ପଡୁଛି। ଶେଷରେ ଔଷଧ ପାଇବା ପାଇଁ ନିରାମୟ ଆଗରେ ଲମ୍ବା ଧାଡ଼ି ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କୁ ଅଣନିଃଶ୍ୱାସୀ କରୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ସୁବିଧାରେ ସେବା ଯୋଗାଇ ଦେବାକୁ ପ୍ରର୍ଯ୍ୟାପ୍ତ ସୁବିଧା ଥିଲେ ମଧ ଆନ୍ତରିକତା ଅଭାବ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇ ଭିତ୍ତିଭୂମୀ ସୃଦୃଢ଼ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶହେ ଶଯ୍ୟା ବିଶିଷ୍ଟ କୋଠା, ମାତୃ ଓ ଶିଶୁ ଚିକିତ୍ସାଳୟ, ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସାଳୟଠାରୁ ଆରମ୍ଭ କରି କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରାଯାଇଛି। ସବୁ ସୁବିଧା ରହିଥିଲେ ମଧ ପରିଚାଳନା ଅବ୍ୟବସ୍ଥା ଏବଂ ଦୀର୍ଘଦିନ ଧରି ଆସ୍ଥାନ ଜମାଇଥିବା କିଛି ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ବୋଲି ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ବର୍ହିବିଭାଗ ଆଗରେ ରୋଗୀଙ୍କ ଲମ୍ବା ଧାଡ଼ି ସହ ବିଭିନ୍ନ ବିଭାଗ ଡାକ୍ତରଙ୍କ ଚାମ୍ବର ସାମ୍ନାରେ ରୋଗୀ ଅପେକ୍ଷା କରି ରହୁଛନ୍ତି। ଅନେକ ସମୟ ଅପେକ୍ଷା କରିବା ପରେ ଚପଲ ଧାଡ଼ି କରି କାମ ଚଳାଯାଉଛି। କେବେ ଏହି ସ୍ଥିତିରେ ସୁଧାର ଆସିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପରିଚାଳନା ଅବ୍ୟବସ୍ଥାରେ ଜିଲ୍ଲା ରକ୍ତ ଭଣ୍ଡାର

# ରକ୍ତ ଅଭାବ ସୃଷ୍ଟି କରିଛି ସାଂଘାତିକ ସ୍ଥିତି




ନୟାଗଡ଼: ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ରହିଥିବା ଜିଲ୍ଲା ରକ୍ତ ଭଣ୍ଡାର ଏବେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ମୁଖ୍ୟତଃ ପରିଚାଳନା ଅବ୍ୟବସ୍ଥା ପାଇଁ ଜିଲ୍ଲା ରକ୍ତଭଣ୍ଡାର ରକ୍ତ ଶୂନ୍ୟ ଅବସ୍ଥାକୁ ଚାଲି ଯାଉଛି। କୌଣସି ସଂଗଠନ ସହ ଯୋଗାଯୋଗ କରାଯାଉନଥିବା, ରକ୍ତ ସଂଗ୍ରହ କ୍ୟାମ୍ପ ଆୟୋଜନ ନେଇ ସଚେତନତା କରାଯାଉନଥିବା ପାଇଁ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ସାଧାରଣ ରୋଗୀମାନେ ରକ୍ତ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ ଦଲାଲଙ୍କ ଜରିଆରେ ହାତଗୁଞ୍ଜା ଦେଲେ ରକ୍ତ ମିଳୁଛି। ରକ୍ତ ଭଣ୍ଡାର ପରିଚାଳନା ବୈଠକ ବସୁନଥିବା ଏହାର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ରକ୍ତ ଭଣ୍ଡାରରେ ଆସ୍ଥାନ ଜମାଇଥିବା ଅନେକ କର୍ମଚାରୀଙ୍କ ପାଇଁ ରୋଗୀ ଏବଂ ରୋଗୀ ସମ୍ପର୍କୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ରକ୍ତ ଭଣ୍ଡାରରେ ଗତ କିଛିଦିନ ହେବ ଲାଗି ରହିଥିବା ରକ୍ତ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ରବିବାର ସନ୍ଧ୍ୟା ୫ ଘଟିକା ବେଳକୁ ନୟାଗଡ଼ ଜିଲ୍ଲା ରକ୍ତ ଭଣ୍ଡାରରେ ମାତ୍ର ୫ ୟୁନିଟ ବ୍ଲଡ ଗଚ୍ଛିତ ଥିବା ସୂଚନା ମିଳିଛି। ଏ ନେଗେଟିଭ ବ୍ଲଡ ୧ଟି ଏବଂ ବି ପଜିଟିଭ ୪ଟି ରହିଥିବା ଦେଖାଯାଇଛି। ଦଲାଲମାନେ ରକ୍ତ ଗୋଟିଏ ୟୁନିଟ୍ ପାଇଁ ୩ ହଜାର ଟଙ୍କା ଦାବି କରୁଛନ୍ତି। ସେହିଭଳି ଭାବେ ପ୍ରତି ବଦଳରେ ରକ୍ତ ନେବାକୁ ଇଚ୍ଛା କରୁଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟଙ୍କୁ ଟେଷ୍ଟିଂ ବାହାନା କରି କିଛି କର୍ମଚାରୀ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କରେ ବିଭିନ୍ନ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ବର୍ଷକ ୬ ହଜାର ୟୁନିଟରେ ପହଞ୍ଚିଥିବା ବେଳେ ଏବେ ସେଥିରେ ୫୦ ପ୍ରତିଶତ ହ୍ରାସ ଘଟିଛି। ଅନୁଷ୍ଠାନ ଗୁଡ଼ିକ ଶିବିର ଆୟୋଜନ କରୁନଥିବା ବେଳେ ରକ୍ତ ଭଣ୍ଡାର ଅବ୍ୟବସ୍ଥା ବୋଝ ଉପରେ ଲଳିତା ବିଡ଼ା ସଦଶ୍ୟ ହୋଇଛି। ରୋଗୀଙ୍କୁ ରକ୍ତ ନାଁରେ ଶୋଷଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

## ବୋଇତ ବନ୍ଦାଣ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# ତାନ୍‌ସେନ୍ ସିଂଙ୍କ ଗୀତରେ ଝୁମିଲେ ଦର୍ଶକ

ନୟାଗଡ଼,୨।୧୧(ସମିସ): ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଦ୍ୱିତୀୟ ସଭାରେ ମୁଖ୍ୟଅତିଥି ଭାବେ କଳିଙ୍ଗ ହସ୍ପିଟାଲ ଅଧ୍ୟକ୍ଷ ସୀତିକଣ୍ଠ ଦାଶ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଳିଙ୍ଗ ହସ୍ପିଟାଲ ସିଇଓ ଏସ୍ ସନ୍ତୋଷ କୁମାର ଦୋରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ ଓ ନୟାଗଡ଼ ପୌର ପରିଷଦର ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶିଳ୍ପିକା ଡାନ୍ସ ଗ୍ରୁପ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ ମାଟିର ସନ୍ତାନ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତାନ୍‌ସେନ ସିଂଙ୍କ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ବୋଇତ ବନ୍ଦାଣ



ଯାତ୍ରାରେ ଛୋଟ ପିଲାଙ୍କ ପାଇଁ ଦୋଳି, ଟ୍ରେନ ବ୍ୟବସ୍ଥା ହୋଇଛି। ଅନେକ ଘର ଉପକରଣ ଦ୍ରବ୍ୟ, ଖାଦ୍ୟ ଷ୍ଟଲ ଖୋଲିଛି। ଆଜି ଦ୍ୱିତୀୟ ସନ୍ଧ୍ୟା ବେଶ୍ ଗହଳି ହୋଇଥିବା ଦେଖା ଯାଇଛି। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ସଭାପତି କିଶାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ଦାଶରଥି ସାହୁ, ଶ୍ରୀକାନ୍ତ ଖଟେଇ, ରଜତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଣା ସହର ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଗନ୍ନାଥ ପ୍ରସାଦରେ ମହିଳାଙ୍କୁ ନିର୍ମମ ହତ୍ୟା

ଗଣିଆ,୨।୧୧(ସମିସ): ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମରେ ଜଣେ ମହିଳାଙ୍କୁ ନିର୍ମମ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଘରେ କେହି ନ ଥିବା ବେଳେ ମହିଳା ଜଣଙ୍କୁ କେହି ହତ୍ୟା କରିଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡିଛି ଯେ ଗ୍ରାମର ଭରତ ସାହୁ ଗଣିଆ ବ୍ଲକ ଶିକ୍ଷା ବିଭାଗରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକରନ୍ତି। ରବିବାର ସନ୍ଧ୍ୟାରେ ସେ ଘରେ ନଥିବା ବେଳେ ତାଙ୍କ ସ୍ତ୍ରୀ ସାବିତ୍ରୀ ସାହୁଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିଲା। ତେବେ ତାଙ୍କ ସାନପୁଅ ଏ ଖବର ବାପାଙ୍କୁ ଜଣାଇବା ପରେ ସ୍ୱାମୀ ଘରକୁ ଆସିଥିଲେ। ଏହାପରେ ସେ ଗଣିଆ ଥାନାକୁ ଖବର ଦେଇଥିଲେ। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ପରେ ଘଟଣାର ରହସ୍ୟ ସାମନାକୁ ଆସିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବଘେଇ ସେମିରେ

ଭାପୁର,୨।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ଗ୍ରାମ ମା' ଢୋଲାଚଣ୍ଡି କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାର୍ଟରରେ ପରସ୍ପରକୁ ଭେଟିଥିଲେ ଏମ୍‌ସିସି କ୍ରିକେଟ କ୍ଲବ ମାଣିକଗୋଡ଼ା ଓ ଆରସିଡି କ୍ରିକେଟ କ୍ଲବ ବଘେଇ। ଟସ୍ ଜିଣି ମାଣିକଗୋଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବଘେଇ ଦଳର ନିତ୍ୟାନନ୍ଦ ବେହେରାଙ୍କ ୩୪ ବଲରୁ ୫୮ ରନ ବଳରେ ଦଳ ୧୯-୫ ବଲରେ ୫ ୱିକେଟ ହରାଇ ବିଜୟ ହାସଲ କରିଥିଲା। ଖେଳ ପରିଚାଳନା କରିଥିଲେ ସୁଶାନ୍ତ କୁମାର ଦଳବେହେରା ଓ ଛବି ଦଳବେହେରା। ଧାରାବିବରଣୀ ପ୍ରଦାନ କରିଥିଲେ ବିଶ୍ୱନାଥ ମହାରଣା, ଅଗସ୍ତି ଦାଶ ଓ ସ୍କୋରର ଭାବେ ରବୀନ୍ଦ୍ର ନାଥ ମହାରଣା ଦାୟିତ୍ୱ ସମ୍ପାଦନା କରିଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି, ୱାର୍ଡସଭ୍ୟ ଉଦ୍ୟନାଥ ମହାରଣା। ସୋମବାର ତୃତୀୟ କ୍ୱାର୍ଟରରେ ରାମପଡା ଓ ଏଲପଡା କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ।

# ଇ-କେୱାଇସି କରିନାହାନ୍ତି ୯୩୯ ଜଣ

ଗଣିଆ,୨।୧୧(ସମିସ): ରାସନ କାର୍ଡ ଇ-କେୱାଇସି କରିନଥିଲେ ଆଉ ଚାଉଳ ମିଳିବ ନାହିଁ। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଇ-କେୱାଇସି କରିନଥିଲେ ଚାଉଳ ମିଳିବ ନାହିଁ ବୋଲି ସରକାର ଜଣାଇ ସାରିଛନ୍ତି। ନୟାଗଡ ଜିଲ୍ଲା ଗଣିଆ ବ୍ଲକର ୮ଟି ପଞ୍ଚାୟତରେ ୩୦୯୫୬ ଜଣ ରାସନ କାର୍ଡ ହିତାଧିକାରୀଙ୍କ ମଧ୍ୟରୁ ୩୦୦୧୭ ଜଣ ଇ-କେୱାଇସି କରିଥିବା ବେଳେ ୯୩୯ ଜଣ ହିତାଧିକାରୀ ଇ- କେୱାଇସି କରିନଥିବା ବିଭାଗ ତରଫରୁ ଜଣାପଡିଛି। ସେଥିମଧ୍ୟରୁ ଆଡକଟା ପଞ୍ଚାୟତରେ ୧୦୩ ଜଣ, ବଡସିଲିଙ୍ଗା ପଞ୍ଚାୟତରେ ୨୯୨ ଜଣ, ବେଳପଡାପାଟଣା ପଞ୍ଚାୟତରେ ୬୩ ଜଣ, ଛାମୁଣ୍ଡିଆ ପଞ୍ଚାୟତରେ ୧୫୭ ଜଣ, ଗଣିଆ ପଞ୍ଚାୟତରେ ୫୯ ଜଣ, କରଡାପଡା ପଞ୍ଚାୟତରେ ୯୪ ଜଣ, କିଶୋର ପ୍ରସାଦ ପଞ୍ଚାୟତରେ ୯୭ ଜଣ, ରାସଙ୍ଗ ପଞ୍ଚାୟତରେ ୭୪ ଜଣ ବୋଲି ଜଣାପଡିଛି। ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଥିବା ବେଳେ ଆଉ କେତେକ ସ୍ଥାନରେ ଫିଙ୍ଗର ପ୍ରିଣ୍ଟ ଏବଂ ଚକ୍ଷୁକୁ ନେଇ ସମସ୍ୟା ଉପୁଜିଛି। ତେବେ ବଡସିଲିଙ୍ଗା ଭଳି ଅପହଞ୍ଚ, ଅବହେଳିତ ସ୍ଥାନରେ ନେଟୱର୍କ ସମସ୍ୟା ଥିବାରୁ ସର୍ବାଧିକ ୨୯୨ ଜଣ ଇ-କେୱାଇସି କରିନଥିବାରୁ ବ୍ଲକ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନକଲି ଦିବ୍ୟାଙ୍ଗଙ୍କୁ ମିଳୁଛି ଭତ୍ତା

# ନିରବଦ୍ରଷ୍ଟା ସାଜୁଛି ସାମାଜିକ ସୁରକ୍ଷା ବିଭାଗ

ଖଣ୍ଡପଡ଼ା,୨।୧୧(ସମିସ): ଖଣ୍ଡପଡ଼ା ବ୍ଲକରେ ଶତାଧିକ ଲୋକେ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହେଉଛି। ବିଗତ ଦିନରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର କିଛି ଅସାଧୁ ଓ କୁଜି ଟାଉଟର ସୁସ୍ଥ ପୁରୁଷ, ମହିଳା ଓ ଭେଣ୍ଡିଆଙ୍କୁ ଭିନ୍ନକ୍ଷମ ଦର୍ଶାଇ ସରକାରୀ ଅର୍ଥ ଆତ୍ମସାତ କରୁଥିବା ଜଣାପଡ଼ିଛି। ଭାପୁର ବ୍ଲକ ଅଧୀନ ପଦ୍ମାବତୀ ପଞ୍ଚାୟତର ଜୈନିକ ବ୍ୟକ୍ତି ଏବଂ ଖଣ୍ଡପଡ଼ା ଅଞ୍ଚଳର କିଛି ଦଲାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେବା ପାଇଁ ଦଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଜାଲ ପ୍ରମାଣପତ୍ର ଦେଉଥିବା ଚର୍ଚ୍ଚା ହେଉଛି। କିଛି ଅର୍ଥ ଲୋଭରେ ନିଜର ମାନବିକତାକୁ ଭୁଲି ଯାଉଛନ୍ତି ଡାକ୍ତର ଏବଂ ବିଭାଗୀୟ ଅଧିକାରୀ। ସାମନ୍ୟ କିଛି ଟଙ୍କା ନେଇ ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ସଜାଇବାକୁ ପଛାଉ ନାହାନ୍ତି। ଆଖିକୁ ଦେଖା ଯାଉଥିବା ବ୍ୟକ୍ତିଙ୍କୁ ଦୃଷ୍ଟିହୀନ, ଭଲ ଲୋକଙ୍କୁ ମାନସିକ ବିକାରଗସ୍ତ, କାନକୁ ଶୁଭୁଥିବା ବ୍ୟକ୍ତିଙ୍କୁ ଶ୍ରବଣବାଧିତ ଏବଂ ସୁସ୍ଥ ସବଳ ଥାଇ ଦିବ୍ୟାଙ୍ଗ ବୋଲି ପ୍ରମାଣିତ କରାଇ ମାସକୁ ଲକ୍ଷାଧିକ ଟଙ୍କା ରାଜକୋଷରୁ ବର୍ବାଦ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଶହଶହ ଅଯୋଗ୍ୟ ହିତାଧିକାରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଭଳି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ସରକାରୀ ଯୋଜନାକୁ ହାଇଜାକ କରି ଚାଲିଥିବା ବେଳେ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏନେଇ ଖଣ୍ଡପଡ଼ା ବ୍ଲକର ଜନସାଧାରଣ ବାରମ୍ବାର ଅଭିଯୋଗ ସହ ବିଭିନ୍ନ ସାମାଜିକ ଗଣମାଧ୍ୟମ ରେ ଚର୍ଚ୍ଚା କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଖଣ୍ଡପଡ଼ା ବ୍ଲକରେ ଏଭଳି ମାଳ ମାଳ ଅଯୋଗ୍ୟ ହିତାଧୀକାରୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ଭତ୍ତା, ରାସନ୍, ଆବାସ, ବସ୍, ଟ୍ରେନ ପାସ୍ ସୁବିଧା ହାତେଇ ଚାଲିଛନ୍ତି। ଖଣ୍ଡପଡ଼ା ବ୍ଲକରେ ସମସ୍ତ ଭିନ୍ନକ୍ଷମ ପ୍ରମାଣପତ୍ରର ବିଧିବଦ୍ଧ ଯାଞ୍ଚ କରାଗଲେ ଅନେକ ଅଯୋଗ୍ୟ ହିତାଧିକାରୀ ସାମ୍ନାକୁ ଆସିବା ସହିତ ଯୋଗ୍ୟ ହିତାଧିକାରୀ ଏସବୁ ସୁବିଧା ପାଇପାରିବେ ବୋଲି ଦାବି ହେଉଛି।

## ଦେଓଗାଁ-ଭାଲିଆଡିହି ଗ୍ରାମ ରାସ୍ତା ବିବାଦ


# ପରିସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ତହସିଲଦାର

ଓଡ଼ଗାଁ,୨।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପାଣ୍ଡେରିପଡା ପଞ୍ଚାୟତ ଦେଓଗାଁ-ଭାଲିଆଡିହି ଗ୍ରାମ ବିବାଦୀୟ ରାସ୍ତାର ସମାଧାନ ନେଇ ପ୍ରଶାସନିକ ହସ୍ତକ୍ଷେପ ପରେ କିଛିଦିନ ପରିସ୍ଥିତି ଶାନ୍ତ ରହିଥିଲା। ବିବାଦୀୟ ସ୍ଥାନରେ ଶନିବାର ବିଳମ୍ବିତ ରାତିରେ ମାଟି ପକାଇ ସମାନ କରିବା ଘଟଣାକୁ ନେଇ ଅଭିଯୋଗ ପାଇବା ପରେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ପବିତ୍ର ମୋହନ ସେଠୀ ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂଙ୍କ ସହ ଅନ୍ୟ ପୁଲିସ୍ କର୍ମଚାରୀ ଦେଓଗାଁ-ଭାଲିଆଡିହି ରାସ୍ତାର ବିବାଦୀୟ ସ୍ଥାନରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଭାଲିଆଡିହି ଗ୍ରାମବାସୀଙ୍କ ତରଫରୁ ପ୍ରତିନିଧି ସୋମବାର ତହସିଲଦାରଙ୍କୁ ଭେଟିବାକୁ ପରାମର୍ଶ ଦେଇଥିଲେ। ରଙ୍ଗଣୀପାଟଣାଠାରୁ ସୁନାମୁହିଁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଦେଓଗାଁ ଭାଲିଆଡିହି ଉଚ୍ଚ ବିଦ୍ୟାଳୟ ପୂର୍ବରୁ ଏକ ଶ୍ମଶାନ କିସମ ଥିବା ପଡ଼ିଆ ଦେଇ ଯାଇଥିବା ରାସ୍ତାକୁ ଦେଓଗାଁ ଗ୍ରାମବାସୀଙ୍କ ଦ୍ୱାରା ବିରୋଧ କରିବା ପରେ ଘଟଣା କୋର୍ଟରେ ପହଞ୍ଚିଥିଲା। ଫଳରେ ନିର୍ମାଣ ହେଉଥିବା ପିଚୁ ରାସ୍ତା ବିବାଦୀୟ ସ୍ଥାନରୁ କାର୍ଯ୍ୟ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ କୋର୍ଟଙ୍କ ରାୟଅନୁସାରେ ରାସ୍ତା ନିର୍ମାଣ ପାଇଁ ଦେଓଗାଁ ଗ୍ରାମବାସୀ ଚାହୁଁଥିବା ବେଳେ ଭାଲିଆଡିହି ଗ୍ରାମବାସୀ ପୂର୍ବର ଗତାନୁଗତିକ ରାସ୍ତା ଉପରେ ସ୍ଥାୟୀ ସଡ଼କ ନିର୍ମାଣ କରାଯାଉ ବୋଲି ଅଡି ବସିଥିଲେ। ଅନେକ ଦିନ ପୂର୍ବରୁ କୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରଶାସନ ଉଦ୍ୟମ କରି ଆସୁଥିବା ବେଳେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏପରି ପରିସ୍ଥିତିରେ ଗତ ଲଘୁଚାପ ବର୍ଷାରେ ବିବାଦୀୟ ରାସ୍ତାଟି ଅଧିକ ନଷ୍ଟ ହୋଇଯାଇଥିବା ବେଳେ ଠାକୁରାଣୀଙ୍କ ଯଜ୍ଞ ଅନୁଷ୍ଠାନ ନିମନ୍ତେ ଭାଲିଆଡିହି ଗ୍ରାମବାସୀ ଶନିବାର ରାତିରେ ସେଠାରେ ମାଟି ପକାଇ ସମତୁଲ କରିବା ଆରମ୍ଭ କରିଥିଲେ। ଏନେଇ ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଅତିରିକ୍ତ ତହସିଲଦାର ସ୍ଥାନୀୟ ପୁଲିସ୍ ଅଫିସର ବିବାଦୀୟ ସ୍ଥାନରେ ପହଞ୍ଚି ଥିଲେ। ବିବାଦୀୟ ସ୍ଥାନରେ କେହି ନଥିବାରୁ ପ୍ରାଶାସନିକ ଅଧିକାରୀମାନେ ଭାଲିଆଡିହି ଗାଁକୁ ଯାଇଥିଲେ। ସେଠାରେ ଗ୍ରାମର ସଭାପତି, ସମ୍ପାଦକ ଏବଂ ଅନ୍ୟ ବରିଷ୍ଠ ଗ୍ରାମବାସୀ ଗାଁରେ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ଫଳରେ ଗାଁ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଦେଓଗାଁ ଗ୍ରାମବାସୀଙ୍କ ତରଫରୁ ବରିଷ୍ଠମାନେ ସୋମବାର ନୟାଗଡ଼ ଜିଲ୍ଲାପାଳଙ୍କୁ ଭେଟିବେ ବୋଲି ଜଣାପଡ଼ିଛି।

## ଜିଲ୍ଲା ଓକିଲ ସଂଘ କାର୍ଯ୍ୟକର୍ତ୍ତା ସମ୍ମିଳନୀ

# ଜୋର୍‌ଦାର୍ ହେବ ମେଡିକାଲ କଲେଜ ଦାବି




ଦଶପଲ୍ଲା,୨।୧୧(ସମିସ): ଜିଲ୍ଲା ଓକିଲ ସଙ୍ଘ ସମୂହ ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ଓକିଲ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ସତ୍‌ସଙ୍ଗ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବାର୍ କାଉନସିଲ ସଭ୍ୟ ପୀତବାସ ପଣ୍ଡାଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ନିନ୍ଦା ପ୍ରସ୍ତାବ ନିଆଯାଇ ସମ୍ପ୍ରତି ରାଜ୍ୟରେ ଆଇନଜୀବୀ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ସାମୂହିକ ଭାବେ ଓକିଲ ସଙ୍ଘ ନେତୃତ୍ୱ ନେବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ଡିସେମ୍ବର ଶେଷ ସପ୍ତାହରେ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀ ସମସ୍ତ ଓକିଲ ସଙ୍ଘ କାର୍ଯ୍ୟକର୍ତ୍ତା ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ଦଶପଲ୍ଲା ଓକିଲ ସଙ୍ଘ ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଖଣ୍ଡପଡା ସଙ୍ଘ ସଭାପତି ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ବିକ୍ରମ ଦେଓ, ରଣପୁର ସଙ୍ଘ ସଭାପତି ଶତ୍ରୁଘ୍ନ ପାଇକରାୟ, ନୟାଗଡ଼ ଜିଲ୍ଲା ସଙ୍ଘ ସମ୍ପାଦକ ସ୍ୱଦେଶ ମିଶ୍ର, ଉପସଭାପତି ସନ୍ତୋଷ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି ଘଟଣା

# ରାଜ୍ୟ ବୋର୍ଡରେ ହାଜର ହେଉନାହାନ୍ତି ଅଭିଯୁକ୍ତ

ଯାଜପୁର,୨୧୧(ସମିସ)

ପ୍ରଥମେ ଗୋଟିଏ ଭିନ୍ନକ୍ଷମ ପାଇଁ ସଂରକ୍ଷିତ ରହିଥିବା ପଦବୀରେ ଦୁଇ ଜଣ ନକଲି ଭିନ୍ନକ୍ଷମ ପ୍ରମାଣପତ୍ରଧାରୀ ନିଯୁକ୍ତି ପାଇଲେ। ଏହା ପରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଜଣେ ସକ୍ଷମ କର୍ମଚାରୀମାନେ ଦାୟିତ୍ୱ ସଂପାଦନ କରୁଛନ୍ତି। ଏ ନେଇ ଜିଲ୍ଲାସ୍ତରରେ ତଦନ୍ତ କରାଯାଇ ସବୁ ପ୍ରମାଣ ମିଳିବା ପରେ ରାଜ୍ୟ ବୋର୍ଡକୁ ତଦନ୍ତ ଭାର ଦିଆଯାଇଛି। କିନ୍ତୁ ଉକ୍ତ ତଦନ୍ତରେ ଦୁଇ ନକଲି ଭିନ୍ନକ୍ଷମ କର୍ମଚାରୀ ଅବହେଳା କରି ଲୁଚି ବୁଲୁଥିବା ଜଣାପଡିଛି। ବର୍ଷ ବର୍ଷ ଭଳି ଏଭଳି ନକଲି ପ୍ରମାଣପତ୍ର ଦେଖାଇ ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କା ଲୁଟି ଆସୁଥିବା କର୍ମଚାରୀଙ୍କୁ ଏ ପର୍ଯ୍ୟନ୍ତ କାହିଁକି ନିଲମ୍ବନ କରାନଯାଇ ପ୍ରକୃତ ଭିନ୍ନକ୍ଷମଙ୍କୁ ନିଯୁକ୍ତି ଦିଆଯାଇନାହିଁ ତାହା ଏବେ ପ୍ରଶ୍ନ ପାଲଟିଛି। ଏହି ଦୁଇ ନକଲି ଭିନ୍ନକ୍ଷମ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଠାରୁ ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗର କେଉଁ ଅଧିକାରୀ ସୁରକ୍ଷା ଦେଇ ଆସୁଛନ୍ତି ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବି ହେଉଛି।

ସୂଚନା ମୁତାବକ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୧୦ ମସିହାରେ ମୋଟ ୧୨ଟି ଫାର୍ମାସିଷ୍ଟ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ଗୋଟିଏ ପଦବୀ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ନିଯୁକ୍ତି ବେଳକୁ ପରେଶ କୁମାର ମଲ୍ଲିକ (ଦୃଷ୍ଟିବାଧିତ) ଏବଂ ଅମ୍ଳାନ କୁମାର ପାଣି (ଶାରୀରିକ ଭିନ୍ନକ୍ଷମ) ଦର୍ଶାଇ ନିଯୁକ୍ତି ମିଳିଥିଲା। କିନ୍ତୁ ପରବର୍ତ୍ତି ସମୟରେ ଉଭୟ କର୍ମଚାରୀ ସାଧାରଣ କର୍ମଚାରୀଙ୍କ ଭଳି ସମସ୍ତ କାର୍ଯ୍ୟ କରିବା ସହିତ ସରକାରୀ ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। କିନ୍ତୁ ଗତ ୨୦୨୪ ମସିହାରେ ଅନ୍ୟ ଜଣେ ଭିନ୍ନକ୍ଷମ କର୍ମଚାରୀ ତ୍ରିଲୋଚନ ପଲେଇ ଉଭୟଙ୍କ ବିରୋଧରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଭୟ ଭିନ୍ନକ୍ଷମ ପ୍ରାର୍ଥୀ ନ ହୋଇ ମଧ୍ୟ ଭିନ୍ନକ୍ଷମ କୋଟାରେ ଚାକିରି କରୁଛନ୍ତି ଏବଂ ସେମାନଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏଭଳି କେଳେଙ୍କାରିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଂପୃକ୍ତି ଥିବାରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଏହାର ତଦନ୍ତ ପାଇଁ ରାଜ୍ୟ ମେଡିକାଲ ବୋର୍ଡକୁ ତଦନ୍ତ କରିବାକୁ ଚିଠି କରିଥିଲେ। ଏଥିପାଇଁ ଉଭୟ ଅମ୍ଳାନ ଓ ପରେଶଙ୍କୁ ରାଜ୍ୟ ବୋର୍ଡରୁ ଇତିମଧ୍ୟରେ ଦୁଇ ଦୁଇ ଥର ହାଜର ହେବା ପାଇଁ ନୋଟିସ୍ ହୋଇସାରିଲାଣି। ତଥାପି ବିଭିନ୍ନ ବାହାନା କରି ଉଭୟ ବୋର୍ଡର ସାମ୍ନା କରୁନଥିବା ଜଣାପଡିଛି। ବୋର୍ଡରେ ହାଜର ହେବା ଦିନ ଉଭୟ ଛୁଟିରେ ରହୁଥିବା ଜଣାପଡିଛି। ତେଣୁ କିଭଳି ଉଭୟ କର୍ମଚାରୀ ବୋର୍ଡରେ ହାଜର ନ ହୋଇ ଛୁଟିରେ ରହୁଛନ୍ତି ତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଯାଜପୁର ସିଡିଏମ୍ଓ। ଏ ନେଇ ସିଡିଏମଓ ବରୀ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଚିଠି ଲେଖି କୈଫୟତ ତଲବ କରିଛନ୍ତି। କିଏ ଉଭୟ କର୍ମଚାରୀଙ୍କୁ କେଉଁ ପରିସ୍ଥିତିରେ ଛୁଟିରେ ରହିବାକୁ ଅନୁମତି ଦେଇଛି ସେ ନେଇ ଆସନ୍ତା ୭ ଦିନ ଭିତରେ ରିପୋର୍ଟ ଦେବାକୁ (ଚିଠି ନଂ ୮୫୪୯) ରେ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୦ ମସିହାରୁ ଉଭୟ କର୍ମଚାରୀ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି କରୁଛନ୍ତି ଏବଂ ଗତ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଉଭୟଙ୍କ ବିରୋଧରେ ବିଧିବଦ୍ଧ ଲିଖିତ ଅଭିଯୋଗ ହେଲାଣି। ତଥାପି ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ନକଲି ପ୍ରମାଣପତ୍ର ଦେବା ଏବଂ ବେଆଇନ ନିଯୁକ୍ତି ସ୍କାମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ହାତ ଥିବାରୁ ଏହାକୁ ଏଡାଇ ଦେବା ପାଇଁ ଟାଳଟୁଳ ନିତି ଅବଲମ୍ବନ କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ୪୩ ବର୍ଷରେ ପହଞ୍ଚିଲା ଲାଲବାଗର ଲକ୍ଷ୍ମୀନାରାୟଣ ପୂଜା



ମଙ୍ଗଳପୁର/କୟାଁଗୋଲା,୨୧୧(ସମିସ): ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ତ ଲାଲବାଗ ଛକରେ ଅନୁଷ୍ଠିତ ହୋଇ ଆସୁଥିବା ଲକ୍ଷ୍ମୀନାରାୟଣ ପୂଜା ଚଳିତ ବର୍ଷ ୪୩ ବର୍ଷରେ ପହଞ୍ଚିଛି। ଏକାଦଶୀରୁ ଆରମ୍ଭ ହୋଇ ରାହାସ ପୂର୍ଣ୍ଣମୀ ଦିନ ଏହି ପୂଜା ଶେଷ ହୋଇଥାଏ। ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସଜାଯାଇଛି। ପୂଜାରେ ଘନଶ୍ୟାମ ଦାସ ଓ ତାଙ୍କ ଧର୍ମପତ୍ନୀ ମାଳତୀ ଦାସ ସଂକଳ୍ପ କରିଥିବା ବେଳେ ପୂଜକ ସୁରେନ୍ଦ୍ର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ପୂଜାର ପ୍ରଥମ ଦିନରେ ଓଡ଼ିଶାର ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଡ୍ୟାନ୍ସ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଦିନରେ ସୁନାମଧନ୍ୟ ଗାୟିକାଙ୍କ ଦ୍ୱାରା ପାଲା ଓ ଶେଷ ଦୁଇ ଦିନ ମେଲୋଡି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ପ୍ରେମ ପ୍ରତାରଣା ଅଭିଯୋଗ; ନାବାଳିକାଙ୍କ ଆତ୍ମହତ୍ୟା

ଯଖପୁରା/ଦାନଗଦି, ୨୧୧(ସମିସ): ଯଖପୁରା ଥାନା ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ପ୍ରେମରେ ପ୍ରତାରଣା ଯୋଗୁଁ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରେମିକଙ୍କ ବ୍ଲାକମେଲିଂ ଓ ଧମକ ଚାପ ଜନିତ ସାମାଜିକ ଅସହ୍ୟତାରେ ଜଣେ ୧୫ ବର୍ଷୀୟା ନାବଳିକା ଆତ୍ମହତ୍ୟା କରିଛନ୍ତି। ପୁଲିସ ତଥ୍ୟ ଅନୁସାରେ, ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜଣେ ନାବାଳିକାଙ୍କ ସେହି ପଞ୍ଚାୟତର ଶାସନ ଗ୍ରାମର ରବିନ୍ଦ୍ର ବିଶ୍ୱାଳଙ୍କ ପୁଅ ସୋନୁ ବିଶ୍ୱାଳ (୧୯)ଙ୍କ ସହିତ ପ୍ରେମ ସଂପର୍କ ରହିଥିଲା। କିନ୍ତୁ ପରେ ସୋନୁ ତାଙ୍କ ସହ ଥିବା କିଛି ଅନ୍ତରଙ୍ଗ ଫଟୋ ଦେଖାଇ ଧମକ ଓ ବ୍ଲାକମେଲିଂ ମାଧ୍ୟମରେ ପଇସା ମାଗିବା ଆରମ୍ଭ କରିଥିଲେ। ଏହା ଅସହ୍ୟ ହେବାରୁ ନାବାଳିକା ଜଣଙ୍କ ସୋନୁଙ୍କ ପିତା ରବୀନ୍ଦ୍ରଙ୍କୁ ସବୁ କଥା ଜଣାଇ ସମାଡ଼ାନ ଚାହିଁଥିଲେ। କିନ୍ତୁ ସେଠାରୁ ଆଶ୍ୱାସନା ନ ମିଳିବାରୁ ନିରାଶ ହୋଇ ଘରକୁ ଫେରି ନିଜ ଘରେ ଡ୍ରେସ୍ ଓଢ଼ଣିରେ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଝିଅର ବାପା ଯଖପୁରା ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପୁଲିସ କେସ୍ ନଂ୧୬୨/୨୫ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଯଖପୁରା ଥାନା ଅଧିକାରୀ କହିଛନ୍ତି, ପ୍ରାରମ୍ଭିକ ତଦନ୍ତରେ ବ୍ଲାକମେଲିଂ ଓ ମାନସିକ ଚାପ ଜଣାପଡିଛି। ଅଭିଯୁକ୍ତ ସୋନୁ ବିଶ୍ୱାଳଙ୍କୁ ଗିରଫ ପାଇଁ ପୁଲିସ ଟିମ୍ ଗଠିତ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲ ପଠାଯାଇଛି।

## କଳାମାଟିଆ ମଠରେ ଭଣ୍ଡାର ସେବା ମହୋତ୍ସବ

ବରୀ,୨୧୧(ସମିସ): ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତର ସର୍ବପ୍ରାଚୀନ ରାଧାକାନ୍ତ ମଠରେ ପବିତ୍ର କାର୍ତ୍ତିକ ମାସ ଏବଂ ପଞ୍ଚୁକ ଉପଲକ୍ଷେ ଶ୍ରୀମଦ୍ ଭାଗବତ ଚେତନା ସେବା ପରିଷଦ ଏବଂ କଳାମାଟିଆ ମଠର ମିଳିତ ଆନୁକୂଲ୍ୟରେ ପଞ୍ଚକ ୫ଦିନ ବ୍ୟାପୀ ଅନ୍ନ ପ୍ରସାଦ ସେବା ପୂର୍ବାହ୍ନ ୫ଘଟିକା ଠାରୁ ଆରମ୍ଭ ହୋଇ ୧୦ ଘଟିକା ପର୍ଯ୍ୟନ୍ତ ଚାଲୁରହିବ। ମଠ ସଂସ୍କୃତି ଅନୁସାରେ ପ୍ରସାଦ ବିତରଣ ସେବା, ଯାହାକୁ କି ଭଣ୍ଡାରସେବା ବୋଲି କୁହାଯାଏ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦ୍ରହାସ୍ୟ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମଠର ମଠାଧିସ ଶ୍ୟାମସୁନ୍ଦର ଦାସଜୀ ମହାରାଜ, ସେବା ପରିଷଦର ସଭାପତି ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ, ଆନନ୍ଦ ପରିଡ଼ା, ଜୟରାମ ନାୟକ, ଦେବେନ୍ଦ୍ର ବେହୁରିଆ, ପ୍ରଶାନ୍ତ ଧଳ, ବସନ୍ତ ପରିଡ଼ା, ଲଳିତ ମଲ୍ଲିକ, ପାପୁନ ଧଳଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ସ୍ୱର ଓ ସ୍ୱାକ୍ଷର' ପକ୍ଷରୁ ସାହିତ୍ୟ ଆସର

ଯାଜପୁର ଟାଉନ,୨୧୧(ସମିସ): ଯାଜପୁର ସହରର ବହୁ ପୁରାତନ ସାହିତ୍ୟ ଅନୁଷ୍ଠାନ 'ସ୍ୱର ଓ ସ୍ୱାକ୍ଷର'ର ମାସିକ କବିତା ପାଠ ସାହିତ୍ୟ ଆସର ସହିତ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ଫଡା ଓ କବି ଶଙ୍କର ପରିଡ଼ାଙ୍କ ଦେହାନ୍ତ ପାଇଁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ସହିତ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଅଧ୍ୟାପକ ଦାମୋଦର ବେହେରାଙ୍କ ବାସଭବନରେ ଆୟୋଜିତ ଉକ୍ତ ଆସରରେ ଅନୁଷ୍ଠାନର ସଭାପତି ଡା. ରାଜକିଶୋର ପଣ୍ଡା ଅଧ୍ୟକ୍ଷତା କରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କବି ଦାମୋଦର ବେହେରା, କବି ରାମଚନ୍ଦ୍ର ଦାଶ, କବି ବିଷ୍ଣୁ ଦଳେଇ ଓ କବି ଅନିଲ ମହାନ୍ତିଙ୍କ ସହିତ ଉପସ୍ଥିତ କବିମାନେ ସ୍ୱର୍ଗତ କବିମାନଙ୍କ ସ୍ମୃତିଚାରଣ କରିଥିଲେ। କବିତା ପାଠ ଆସରରେ ଉପସ୍ଥିତ ସମସ୍ତ କବିମାନେ ନିଜ ନିଜର କବିତା ପାଠ କରିଥିଲେ। ରାମଚନ୍ଦ୍ର ଦାଶ କବିତାଗୁଡିକ ସଂଯୋଜନା କରିଥିବା ସମୟରେ ଅନିଲ ମହାନ୍ତି କବିତାଗୁଡିକର ସମୀକ୍ଷା କରିଥିଲେ। କାମେଶ୍ୱର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଅନ୍ୟ କବିମାନଙ୍କ ମଧ୍ୟରେ ଯଯାତି ସାହୁ, ବିଷ୍ଣୁ ଦଳାଇ, ମନୋଜ କୁମାର ନାଥ, ବ୍ୟଙ୍ଗକବି ଅଖିଳ ମୋହନ ଦାଶ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ରଞ୍ଜନ ପାଣିଗ୍ରାହୀ ଓ ଅନ୍ୟମାନେ କବିତା ଆସରକୁ ସରସ ସୁନ୍ଦର କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କୋରେଇ,୨୧୧(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକର ୧ନଂ. ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତରେ କୋରେଇ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ପଦଯାତ୍ରାରେ ଶହ ଶହ ବିଜୁ ଜନତା ଦଳର କର୍ମୀମାନେ ଯୋଗ ଦେଇଥିଲେ। ପ୍ରଥମେ ରଗଡ଼ି ଛକରୁ କର୍ମୀମାନେ ଏକ ବିରାଟ ମୋଟରସାଇକଲ ଶୋଭାଯାତ୍ରାରେ ବାହାରି କନ୍ତୋର ତଥା ଆଖପାଖ ଗ୍ରାମରେ ବୁଲି ସାଧାରଣ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହାପରେ କନ୍ତୋର ପଡିଆରେ ଆୟୋଜିତ ହୋଇଥିବା ସଭାରେ ଯୋଗଦେଇ ଶ୍ରୀଯୁକ୍ତ ଦାସ କହିଥିଲେ କି ବିଜେପି ସରକାର ବିକାଶ ନାଁରେ ବିନାଶ କରୁଛି। ନାରୀମାନେ ଅସୁରକ୍ଷିତ ଥିବା ବେଳେ ଦୁର୍ନୀତି ସୀମା ଟପିଲାଣି ବୋଲି ବିଭିନ୍ନ ବକ୍ତାମାନେ



ବକ୍ତବ୍ୟ ରଖିଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ବିଜେଡି ନେତା ଭକ୍ତବତ୍ସଳ ସ୍ୱାଇଁ ଓ ପ୍ରତାପ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ୧ ନମ୍ବର୍ ଜୋନ୍ ଜିଲା ପରିଷଦ ସସ୍ମିତା ତରେଇ, ୨ ନମ୍ବର ଜୋନ ଜିଲ୍ଲା ପରିଷଦ ଉମାକାନ୍ତ ମାଝୀ, କୋରେଇ ବିଜୁ ଜନତା ଦଳର ସଭାପତି ସୌଭାଗ୍ୟ କୁମାର ମହାନ୍ତି, ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ସୁଧାଂଶୁ ବରାଳଙ୍କ ସହ ଅନେକ ସରପଞ୍ଚ, ସମିତି ସଭ୍ୟସଭ୍ୟା ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶିଶୁ ସ୍ୱାସ୍ଥ୍ୟ ଶିବିର

ଶଙ୍ଖଚିଲା,୨୧୧(ସମିସ): କୋରେଇ ଉନ୍ନୟନ ପରିଷଦ ତରଫରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଏକ ନିଶୁଳ୍କ ଶିଶୁ ସ୍ୱାସ୍ଥ୍ୟ ଶିବିର ଅନୁଷିତ ହେଇଯାଇଛି। ଏହି ଶିବିରକୁ ଶଙ୍ଖଚିଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ଏଥିରେ କଟକ ଶିଶୁଭବନର ଶିଶୁ ରୋଗ ବିଶେଷଜ୍ଞ ବିଶ୍ୱନାଥ ଦାସ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରିଷଦର ସଭାପତି ଶ୍ରୀଧର ଦାସ, ଉପଦେଷ୍ଟା ମଦନ ମୋହନ କର, ସମ୍ପାଦକ ଆଲୋକ କୁମାର ଦାଶ, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ଶରତ କୁମାର ପୃଷ୍ଟି, ସୂର୍ଯ୍ୟମଣି ମହାପାତ୍ର, ଦୀପକ ମହାପାତ୍ର, କାଶୀନାଥ ସାହୁ, ପ୍ରଭାକର ସାହୁ, ନିରୁପମା ମଲିକ, ବୈଷ୍ଣବ ପାତ୍ର, ଜଗନ୍ନାଥ ଦାସ ଉପସ୍ଥିତ ରହିଥିଲେ। ସେହିପରି ଶିକ୍ଷାକେନ୍ଦ୍ର ମୁଖ୍ୟ ଅରୁଣ କୁମାର ସାହୁ, ସସ୍ମିତା ପଥାଳ, ସୁଧୀର କୁମାର ମଲ୍ଲିକ, ଶ୍ୟାମସୁନ୍ଦର ଦାସ, ସନ୍ତୋଷ ସାହୁ, ବିଷ୍ଣୁପ୍ରିୟା ସ୍ୱାଇଁ ସମେତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଲକ୍ଷ୍ମୀନଗର ସରପଞ୍ଚ ସର୍ବେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରକୁ ଉଦ୍‌ଯାପନ କରିଥିଲେ। ପରିଷଦର କୋଷାଧକ୍ଷ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

କୟାଁଗୋଲା,୨୧୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ଗ୍ରାମପଞ୍ଚାୟତ ସ୍ଥିତ ଶାସ୍ତ୍ରୀଜୀ ନୋଡ଼ାଲ ଆଞ୍ଚଳିକ ସାଧନ କେନ୍ଦ୍ରର ପଞ୍ଚମ ମାସିକ ବୈଠକ ବରେଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୧୬ଟି ବିଦ୍ୟାଳୟରୁ ମୋଟ ୩୨ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ବୈଠକରେ ଶାସ୍ତ୍ରୀଜୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଫିରୋଜ ଖାଁ ସଭାପତିତ୍ୱ କରିଥିଲେ। ବରେଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତିଳକ କୁମାର ସାହୁ ବୈଠକକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଧଳ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅଭିମନ୍ୟୁ ବାରିକ ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ବରିଷ୍ଠ ଶିକ୍ଷକ ସୁବାସ ସାମଲ, ଜଗବନ୍ଧୁ ଜେଠୀ, ହିମାଂଶୁ ଶେଖର ସାମଲଙ୍କ ସହିତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୈଜନ୍ତି ସାମଲ, ବିଜିତା ଦାସ ଉପସ୍ଥିତ ଥିଲେ।

## ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ



ବିଞ୍ଝାରପୁର,୨୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାଶିକ୍ଷା ବିଭାଗ ପକ୍ଷରୁ ଦୁଇ ଦିନିଆ ଖୋ- ଖୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମୁଖ୍ୟଅତିଥି ରୂପେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ୧୦ ବ୍ଲକରୁ ସମୁଦାୟ ୨୩୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟବକ୍ତା ଭାବରେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇଥିଲେ। ଏଥିରେ ଭାରପ୍ରାପ୍ତ ଶିକ୍ଷାଧିକାରୀ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ର, ଜିଲ୍ଲା ଶାରୀରିକ ପ୍ରଶିକ୍ଷକ ସବିତା ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଶମ୍ଭୁନାଥ ଦାଶ, ନନ୍ଦ କିଶୋର ନାୟକ, ମଧୁସୂଦନ ଧଳ, ରାଜେନ୍ଦ୍ର କୁମାର ଦାସ, ରାଜେଶ କୁମାର ସେଠୀ, ସତ୍ୟ ନାରାୟଣ ମହାନ୍ତି, ବିଦ୍ୟାଳୟର ଏସ୍ଏମ୍ସି କମିଟି ସଭାପତି ଦିଲିପ୍ କୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ବିଦ୍ୟାଳୟର ୨୪ ଜଣ ଖେଳ ପ୍ରଶିକ୍ଷକ ଉପସ୍ଥିତ ରହି ପରିଚାଳନା କରୁଥିଲେ।

## ପଞ୍ଚୁକ ଅବସରରେ ମୁରୁଜ ପ୍ରତିଯୋଗିତା

ବରୀ,୨୧୧(ସମିସ): ବରୀ ବ୍ଲକ ଭଅଁରା ଗ୍ରାମସ୍ଥିତ ନନ୍ଦଲାଲଜୀଉ ମଠ ପରିସରରେ କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ଏକ ମୁରୁଜ ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଛି। ସାମାଜିକକର୍ମୀ ବିଶ୍ୱଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଗ୍ରାମର ଛୋଟ ଛୋଟ ପିଲାମାନେ ମୁରୁଜ ପ୍ରତିଯୋଗିତାରେ



ଅଂଶଗ୍ରହଣ କରି ବିଭିନ୍ନ ସୁନ୍ଦର ଚିତ୍ର ମାନ ଆଙ୍କିଥିଲେ। ପ୍ରତିଯୋଗିତାର ଶେଷରେ ସ୍ଥାନୀୟ ଅଞ୍ଚଳର ଅଧିବାସୀ ପ୍ରଫୁଲ କୁମାର ଜେନା, ଶିକ୍ଷକ ଶରତ ଚନ୍ଦ୍ର ଜେନା, ମଠାଧିସ ମହାରାଜ ରାମେଶ୍ୱର ଦାଶ ଯୋଗଦେଇ ମୁରୁଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ଗୀତାଞ୍ଜଳି ଓଝା, ଦ୍ୱିତୀୟ ବର୍ଷା ରାଣୀ ବେହେରା ଓ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରିୟଙ୍କା ଜେନା ଓ ରୀତାଞ୍ଜଳି ଓଝାଙ୍କୁ ପୁରସ୍କୃତ ପ୍ରଦାନ କରିଥିବା ବେଳେ ଅନ୍ୟପ୍ରତି ଯୋଗୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବେଦପ୍ରକାଶ ବାରିକ, ଶ୍ୱେତପଦ୍ମା ଜେନା, ସୁଶ୍ରୀ ସଂଗୀତା ଜେନା, ସୁପ୍ରଭା ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଜାରକା ନୂଆଗାଁସ୍ଥିତ ଓଁକାର ବିଦ୍ୟାମନ୍ଦିର କୁନିକୁନି ପିଲାମାନଙ୍କ ମଧ୍ୟରେ ମୁରୁଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣଦୀପ୍ତା ଜେନା ଓ ପ୍ରତ୍ୟୁଷା ସାମଲ ପ୍ରଥମ, ଭାଗ୍ୟଶ୍ରୀ ନାୟକ ଦ୍ୱିତୀୟ ଓ ନିର୍ଲିପ୍ତା ପାତ୍ର, ଲୋରିଆ ପ୍ରିୟଦର୍ଶନୀ ରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ଇସାଣୀ ଦେହୁରୀ ପ୍ରଥମ, ଅର୍ଚ୍ଚିତା ବେହେରା ଦ୍ୱିତୀୟ ଓ ଭୂମି ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସିତ କୁମାର ସାମାଲଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କସ୍ତୁରୀ ଚରଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାମଲ, ସସ୍ମିତା ଦାସ, ସସ୍ମିତା ନାୟକ, ମମତା ଦାସ, ନିକିତା ସ୍ୱାଇଁ, ଚିନ୍ମୟୀ ଜେନା ପ୍ରମୁଖ ପରିଚାଳନା କରିବାରେ ସହାୟତା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଉଷାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିରିପଟା ଉଚ୍ଚ ବିଦ୍ୟାଳୟରେ ମକ୍‌ଡ୍ରିଲ

କୟାଁଗୋଲା,୨୧୧(ସମିସ): ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ବିରିପଟା ଉଚ୍ଚ ବିଦ୍ୟାଳୟରେ ଦଶରଥପୁର ଅଗ୍ନିଶମ ବିଭାଗ ତରଫରୁ ଅଗ୍ନିନିର୍ବାରକ ତଥା ବିଭିନ୍ନ ପ୍ରାକୃତିକ ବପର୍ଯ୍ୟୟର ମୁକାବିଲା ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରିପଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ବେହେରାଙ୍କ ସଭାପତିତ୍ୱରେ ଏହାର ପରିଚାଳନା କରାଯାଇଥିଲା। ଦଶରଥପୁର ବ୍ଲକ ମୁଖ୍ୟ ଅଗ୍ନିଶମ ଅଧିକାରୀ ପର୍ଶୁରାମ ଜେନା ଏବଂ ତାଙ୍କର ସହକର୍ମୀଙ୍କ ମାଧ୍ୟମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା କୌଶଳର ପ୍ରଦର୍ଶନ ମାଧ୍ୟମରେ ତାଲିମ ପ୍ରଦାନ କରଯାଇଥିଲା। ଏହି ତାଲିମ ଶିବିରରେ ଶିକ୍ଷକ ସତ୍ୟ ରଞ୍ଜନ ନାୟକ ଅନ୍ୟ ଶିକ୍ଷକ ଶିକ୍ଷୟଶତ୍ରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଆଞ୍ଚଳିକ ସମ୍ବଳ କେନ୍ଦ୍ରସ୍ତରୀୟ ବୈଠକ

ମଙ୍ଗଳପୁର/କୟାଁଗୋଲା,୨୧୧(ସମିସ): ଦଶରଥପୁର ବ୍ଲକ କାୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ଜୟଚଣ୍ଡୀ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ପଞ୍ଚମ ମାସିକ ଆଞ୍ଚଳିକ ସମ୍ବଳ କେନ୍ଦ୍ର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁବକଣ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ଲଷ୍ଟରର ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ପୂର୍ବତନ ସିଆର୍‌ସିସି ଖଗେଶ୍ୱର ସାହୁ, ଧରମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ମଲ୍ଲିକ, ଗରବନ୍ଧ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରୀକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, କମିଟିର ସଭ୍ୟ ପ୍ରଭାତ କୁମାର ନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ।

### ଗୋଚର ଜମିରୁ ବେଆଇନ ଗଛକଟା

# ଚଢ଼ଉ କରି ଜବତ କଲା ବନ ବିଭାଗ

ବରୀ,୨୧୧(ସମିସ)

ଗୋଚର ଜମିରୁ ବେଆଇନ ଗଛ କାଟି ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ଜବତ କଲା ବନବିଭାଗ। ବରୀ ବ୍ଲକ ଅନ୍ତର୍ଗତ ସାହୁପଡା ପଞ୍ଚାୟତ ମେଲଣ ପଡ଼ିଆ ନିକଟରୁ ଚଢ଼ଉ କରି ବିଭିନ୍ନ ପ୍ରକାର ଚୋରା କାଠ ଜବତ କରିଛନ୍ତି ବନବିଭାଗ। ଗୋଚର ଜମିରୁ କାଠ କଟା ଯାଉଥିବା ଦେଖି ସ୍ଥାନୀୟ ଲୋକମାନେ ପ୍ରଥମେ ବରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଯଦି ତହସିଲ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଥାଆନ୍ତା ତେବେ କାଠ ମାଫିଆଙ୍କୁ ଘଟଣା ସ୍ଥଳରୁ ଧରିବା ସହିତ କିଛି ଗଛ କଟା ଯିବାରୁ ରକ୍ଷା ପାଇ ପାରିଥାଆନ୍ତା। ପରଦିନ ତହସିଲଦାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି



ବନ ଅଧିକାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚି କଟାଯାଇଥିବା କାଠ ଗଣ୍ଡି ଗୁଡିକୁ ଜବତ କରିଥିଲେ। ଗଛ କଟା ଯାଇଥିବା ସ୍ଥାନଟି ଏକ ଗୋଚର ଜମି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଜବତ କରାଯାଇଥିବା କାଠ ମଧ୍ୟରେ ଆକାଶି, ଚାକୁଣ୍ଡା ଓ ଜନ୍ଦାଖାଇ କାଠ ଥିବା ଜଣାପଡିଛି। ଉକ୍ତ ଗୋଚର ଜମିରୁ କିଛି ଅସାଧୁ ବ୍ୟକ୍ତି କାଠ କଟାଇ ଅନ୍ୟତ୍ର ଚୋରା ଚାଲାଣ କରୁଥିବା ଜଣାପଡିଛି। କାଠ ମାଫିଆ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। ଖାଲି ଯେ ଏଇ ଗୋଟିଏ ଘଟଣା ତା' ନୁହେଁ ବାରମ୍ବାର ବରୀ ଅଞ୍ଚଳର ବିଭିନ୍ନ ସରକାରୀ ଜମିରୁ ଗଛକଟା ଯାଉଥିବା ଜଣା ପଡିବା ସହିତ କାଠମାଫିଆ ମାନଙ୍କ ସହ ରାଜସ୍ୱ କର୍ମଚାରୀଙ୍କ ଭିତିରି ବୁଝାମଣା ଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

## ବୋଇତ ବନ୍ଦାଣ ନିମନ୍ତେ ପ୍ରସ୍ତୁତି ବୈଠକ

ବ୍ରହ୍ମବରଦା,୨୧୧ (ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଅସାହି ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ୨୬ତମ ବାର୍ଷିକ ଉତ୍ସବ ଓ ପବିତ୍ର ବୋଇତ ବନ୍ଦାଣ ନିମନ୍ତେ ପ୍ରସ୍ତୁତି ବୈଠକ ସଂସଦ ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ୫ତାରିଖ ବୁଧବାର ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ ପବିତ୍ର ବୋଇତ ବନ୍ଦାଣ ପର୍ବ କିପରି ସୂଚାରୁ ରୂପେ ପାଳନ କରାଯିବ ସେ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ଦିବସରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବରୀ ବିଜେପି ନେତା ଉମେଶଚନ୍ଦ୍ର ଜେନା, ଓଡ଼ିଆ ଧାରାବାହିକ ଅଭିନେତା ଓ ଅଭିନେତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବାର ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ପ୍ରଭୁ ରାଧା- କୃଷ୍ଣଙ୍କ ମୃଣ୍ମୟୀ ପ୍ରତିମାର ପୂଜାକାର୍ଯ୍ୟ ଓ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ମହୋତ୍ସବ କିପରି ଶାନ୍ତି ଶୃଙ୍ଖଳା ସହକାରେ ସମାପନ ହେବ ସେନେଇ ସଂସଦର ସଭ୍ୟ ମାନଙ୍କ ସହ ଆଲୋଚନା କରାଯାଇଥିଲା। ବୈଠକରେ ସଂସଦର ପୂର୍ବତନ ସଭାପତି ପ୍ରଦୀପ ଦାସ, ବରିଷ୍ଠ ଉପଦେଷ୍ଟା ରାକେଶ ଦେଓଙ୍କ ସମେତ ସଂସଦର ସମସ୍ତ କର୍ମକର୍ତ୍ତାଙ୍କ ଓ ସଭ୍ୟ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଭତ୍ତାରୁ ବଞ୍ଚିତ ହେବେ ୨୪୧୫ ଯୋଗ୍ୟ ହିତାଧିକାରୀ

ବ୍ରହ୍ମପୁର, ୨।୧୧(ସମିସ)

- ଧରାକୋଟ ଓ ଦିଗପହଣ୍ଡି ବ୍ଲକରୁ ଯଥାକ୍ରମେ ୨୭୧ ଓ ୨୩୦, ବ୍ରହ୍ମପୁର ମହାନଗର ନିଗମରୁ ୧୫୯ ଜଣ
- କିଏ ଓ କେଉଁ ଆଧାରରେ ବାଦ୍ ପଡ଼ିବେ ଚିନ୍ତାରେ ହିତାଧିକାରୀ ଓ ଜନପ୍ରତିନିଧି
- ସରକାରଙ୍କ ଗରିବମାରଣ ନୀତି ବିରୋଧରେ କୁହୁଳୁଛି ଜନ ଅସନ୍ତୋଷ, ଆନ୍ଦୋଳନ ଧମକ

ରାଜ୍ୟର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପୂର୍ବରୁ ଜନସାଧାରଣଙ୍କ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ବର୍ତ୍ତମାନ ଗୋଟିଏ ପରେ ଗୋଟିଏ ପ୍ରତାରଣା ପାଲଟିଛି। ଫଳରେ ବିଜେପିର ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଫରକ ଥିବା ଲୋକେ ସିଧାସଳଖ ଅଭିଯୋଗ କରିଛନ୍ତି। ପୂର୍ବ ତଥା ନବୀନ ପଟ୍ଟନାୟକ ସରକାର ଅମଳରେ ଲୋକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗରୁ ବର୍ତ୍ତମାନ ଲୋକେ ବଞ୍ଚିତ ହେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପରେ ବର୍ତ୍ତମାନ ଗରିବ ଲୋକଙ୍କ ଭତ୍ତା ଅର୍ଥ ଉପରେ ପଡ଼ିଛି ସରକାରଙ୍କ ନଜର। ଯାହାର ଫଳ ସ୍ୱରୂପ ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରାଞ୍ଚଳ ଓ ମହାନଗର ନିଗମରେ ମୋଟ ୨୪୧୫ଜଣ ହିତାଧିକାରୀ ଇନ୍ଦିରାଗାନ୍ଧୀ ଜାତୀୟ ଯୋଜନାରୁ ବାଦ୍ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିବା କୁହାଯାଉଛି। ଫଳରେ ଜିଲ୍ଲାରେ ଦୁଇ ହଜାରରୁ ଅଧିକ ଯୋଗ୍ୟ ହିତାଧିକାରୀ ବିଭିନ୍ନ ପ୍ରକାରର ଭତ୍ତା ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ପ୍ରକାରେ, ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଥିଲା। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବାବଦରେ ମାସିକ ଏକ ହଜାର ଟଙ୍କା ମିଳୁଥିବା ବେଳେ ୮୦ବର୍ଷରୁ ଊର୍ଦ୍ଧ୍ୱ ତଥା ୮୦ପ୍ରତିଶତ ଭିନ୍ନକ୍ଷମଙ୍କୁ ପୂର୍ବରୁ ୧୨ଶହ ଟଙ୍କା ଦିଆଯାଉଥିବା ବେଳେ ତାହାକୁ ବୃଦ୍ଧି କରାଯାଇ ମାସିକ ୩୫ଶହ କରାଯାଇଛି। ତେବେ ବର୍ତ୍ତମାନ ହିତାଧିକାରୀଙ୍କ ତାଲିକାକୁ କାଣ୍ଟଛାଣ୍ଟ କରିବାକୁ ବିଭାଗ ପକ୍ଷରୁ ମୌଖିକ ନିର୍ଦ୍ଦେଶ ଆସିଥିବା ବେଳେ ଖୁବ୍‌ଶୀଘ୍ର ଏନେଇ ନିର୍ଦ୍ଦେଶନାମା ଜାରି ହେବ ବୋଲି ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାର ମୋଟ ୨୨ଟି ବ୍ଲକ, ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ହିଞ୍ଜିଳି ପୌରପାଳିକା ଓ ବ୍ରହ୍ମପୁର ମହାନଗର ନିଗମରେ କେନ୍ଦ୍ରୀୟ ଯୋଜନାରେ ସାମିଲ ଥିବା ତଥା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଉଥିବା ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୨୪୧୫ଜଣ ବାଦ୍ ପଡ଼ିବା ସମ୍ଭାବନା ରହିଛି। ଏଥିପାଇଁ ପ୍ରସ୍ତୁତ ତାଲିକାରେ ବ୍ରହ୍ମପୁର ମହାନଗର ନିଗମରୁ ୧୫୯ଜଣ ଥିବାବେଳେ ହିଞ୍ଜିଳି ପୌରପାଳିକାରୁ ୧୦ଜଣ ବାଦ୍ ପଡ଼ିପାରନ୍ତି। ସେହିଭଳି ୨୨ଟି ବ୍ଲକ ମଧ୍ୟରୁ ଧରାକୋଟ ବ୍ଲକରୁ ସର୍ବାଧିକ ୨୭୧ଜଣ ଓ ଦିଗପହଣ୍ଡି ବ୍ଲକରୁ ୨୩୦ଜଣଙ୍କ ନାମ ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସେହିଭଳି ୧୫ଟି ବ୍ଲକରୁ ଶତାଧିକ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ତାଲିକାରେ ରହିଥିବା ବେଳେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ିକ ମଧ୍ୟରୁ ଖଲ୍ଲିକୋଟ ଏନ୍‌ଏସିରୁ ସର୍ବାଧିକ ୩୨ଟି ବାଦ୍ ପଡ଼ିପାରନ୍ତି।

ସେପଟେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ୧୩ଟି ବର୍ଗର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଏହି ସଂଖ୍ୟା ମଧ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ମୃତ ହିତାଧିକାରୀଙ୍କ ସ୍ଥାନରେ ଅନ୍ୟ ନୂତନ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯାଉନଥିବା ଅଭିଯୋଗ ହେଉଛି। ବର୍ତ୍ତମାନ କେନ୍ଦ୍ରୀୟ ଯୋଜନାରୁ ହିତାଧିକାରୀଙ୍କ ସଂଖ୍ୟାକୁ ହ୍ରାସ କରିବାକୁ ଯୋଜନା କରାଯାଉଥିବା ବେଳେ କେଉଁ ହିତାଧିକାରୀଙ୍କୁ କେଉଁ ଆଧାରରେ ବାଦ୍ ଦିଆଯିବ ତାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ଅପରପକ୍ଷେ କେନ୍ଦ୍ରୀୟ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ତାଲିକା ଭୁକ୍ତ କରିବା ନେଇ ସେଭଳି କିଛି ଲିଖିତ ନିର୍ଦ୍ଦେଶନାମା ଆସିନଥିଲେ ହେଁ ଏଥିରେ ସାମିଲ କରିବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି। ତେବେ ବିଏମସିରେ ବର୍ତ୍ତମାନ ୧୨ହଜାର ୭୯୭ଜଣ ହିତାଧିକାରୀ ଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ଅର୍ଥ ଆସୁଛି। କିନ୍ତୁ ଯଦି କେନ୍ଦ୍ରୀୟ ଯୋଜନାରୁ ବାଦ ହୋଇ ଅଧିକ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଏ ତେବେ ସେମାନଙ୍କ ଭତ୍ତାରାଶି ପାଇଁ ଆବଶ୍ୟକ ପାଣ୍ଠି କେଉଁଠାରୁ ଆସିବ ତାହା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। ଅନ୍ୟପକ୍ଷରେ କେବଳ ବ୍ରହ୍ମପୁରରେ ୫ହଜାରରୁ ଅଧିକ ବିଭିନ୍ନ ବର୍ଗର ହିତାଧିକାରୀ ଆବେଦନ କରି ତାଲିକାଭୁକ୍ତ ହେବାକୁ ଚାହିଁ ବସି ଥିବାବେଳେ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଯୋଜନାକୁ ନେଇ ଜନ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏଭଳି ସ୍ଥିତିରେ ନିଜ ନିଜ ଅଞ୍ଚଳରେ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ନିର୍ବାଚିତ ଜନପ୍ରତିନିଧି। ସରକାରଙ୍କ ଏଭଳି ଗରିବମାରଣ ନୀତିକୁ ନେଇ ଅତିଷ୍ଠ ଜନସାଧାରଣ ଓ ଲୋକ ପ୍ରତିନିଧି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

● ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ବିଭାଗର ହସ୍ତକ୍ଷେପ ଦାବି

ବ୍ରହ୍ମପୁର, ୨।୧୧(ସମିସ): ସଦ୍ୟ ସମ୍ପନ୍ନ ହୋଇଛି ଦୁର୍ନିତି ନିବାରଣ ସପ୍ତାହ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗୀୟ ଦପ୍ତରରେ କର୍ମଚାରୀ ଓ ଅଧିକାରୀମାନେ ଦୁର୍ନିତିକୁ ପ୍ରଶୟ ଦେବେନାହିଁ ଏବଂ ଏହାକୁ ମୂଳୋତ୍ପାଟନ କରିବାକୁ ବଜ୍ର ଶପଥ ନେଇଛନ୍ତି। ହେଲେ ଏସବୁ କେବଳ ଅନ୍ଧକୁ ଦର୍ପଣ ଦେଖାଇବା ସଦୃଶ। ସପ୍ତାହ ପାଳନ ଶେଷ ନହେଉଣୁ ପୁଣି ଦୁର୍ନିତି ଓ ସରକାରୀ ଆର୍ଥର ବାଟମାରଣା ସମ୍ପର୍କିତ ଅଭିଯୋଗ ଆସିଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୋଲସର, ବାଲ୍ୟସରା ଓ କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ନିର୍ମାଣ କାର୍ଯ୍ୟ ଅତିନିମ୍ନ ମାନର ହେଉଥିବା ଅଭିଯୋଗ



ହୋଇଛି। ରାସ୍ତାଟି ବୋଲସର ଏବଂ ବାଲ୍ୟସରା ପଞ୍ଚାୟତ ସମେତ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ନମ୍ବର ୱାର୍ଡ ଅନ୍ତର୍ଗତ ଅରବିନ୍ଦନଗରକୁ ସଂଯୋଗ କରୁଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ନିର୍ଦ୍ଧାରିତ ପରିମାଣର ବାଲି, ଗୋଡି ଓ ସିମେଣ୍ଟର ସମିଶ୍ରଣ କରାଯାଉନଥିବା ବେଳେ ଲୁହା ଛଡ ମଧ୍ୟ ସଠିକ ଭାବେ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଠିକାଦାର, କନିଷ୍ଠ ଯନ୍ତ୍ରୀ ଓ ଏସଡିଓଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ରାସ୍ତା ଦିର୍ଘସ୍ଥାୟୀ ହୋଇପାରିବ ନାହିଁ ବରଂ ସରକାରୀ ଅର୍ଥ ପାଣିରେ ପଡ଼ିବ ବୋଲି ଆଶଙ୍କା କରି ଅଞ୍ଚଳବାସୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି। ବାଲ୍ୟସରା ସରପଞ୍ଚ ରବୀନ୍ଦ୍ରନାଥ ପଲେଇ ଓ ବରିଷ୍ଠ ବିଜେଡି ଯୁବନେତା ନଚିକେତା ସ୍ୱାଇଁ ଗ୍ରାମବାସୀଙ୍କ ଅଭିଯୋଗ ପତ୍ରକୁ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କୁ ପ୍ରଦାନ କରିବା ସହିତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବିଲୁଆ କାମୁଡ଼ାରେ ୪ ଆହତ

ବୁଗୁଡ଼ା, ୨।୧୧(ସମିସ): ବୁଗୁଡା ସହରରେ ଏକ ପାଗଳ ବିଲୁଆ ଶୁକ୍ରବାର ରାତିରୁ ଆତଙ୍କ ଖେଳାଇଛି। ୪ ଜଣଙ୍କୁ କାମୁଡ଼ି ଆହତ କରିଥିବା ଜଣାଯାଇଛି। ଆହତ ମାନେ ହେଲେ ବିୟୁଟି ବେହେରା(୧୫), ଭାନୁମତି ସେଠୀ (୪୦), ଉଷାରାଣୀ ପାତ୍ର (୪୩), ଏଚ୍. ବେହେରା। ପାଗଳ ବିଲୁଆଟି ସହରର ବାଲିପିଣ୍ଡି ସାହି, ପରିବା ବଜାର, ନେଳିଆ ବନ୍ଧ ଅଞ୍ଚଳରେ ଘୁରିବୁଲି ଲୋକଙ୍କୁ କାମୁଡ଼ି ଥିଲା। ବିଲୁଆ କାମୁଡ଼ାର ଶିକାର ହୋଇଥିବା ଏହି ୪ ଜଣ ଚିକିତ୍ସା ପାଇଁ ମେଡିକାଲକୁ ଯାଇଥିଲେ। ସେଠାରେ ସେମାନଙ୍କୁ ଆଣ୍ଟି ରାବିଜ୍ ଦିଆଯାଇଥିବା ସହରରେ ଆତଙ୍କ ଖେଳିଯାଇଛି।

## ଟ୍ରେନ୍ ଲାଇନ୍‌ରେ କଟି ଯୁବକ ମୃତ

ଖଲ୍ଲିକୋଟ, ୨।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କନକା ନିକଟରେ ଶନିବାର ରାତିରେ ଟ୍ରେନ ଲାଇନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୋମଣ୍ଡ ଗ୍ରାମର ଆର୍. ରମେଶ ରେଡ୍ଡୀ। ତେବେ ସେ କୋମଣ୍ଡରୁ କନକା କେଉଁ ପରିସ୍ଥିତିରେ ଆସିଲେ ଓ କିପରି ଏହି ଘଟଣା ଘଟିଲା ତାର କାରଣ ଜଣାପଡ଼ିନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାମାଳି

ପାତ୍ରପୁର, ୨।୧୧(ସମିସ): ଜରଡ଼ା ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ବୃଦ୍ଧାଙ୍କ ବେକରୁ ପ୍ରାୟ ୨ ଭରିର ଖାସୁମାଳି ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ପଥରାଘାଇ-ପଙ୍କାଳ ଗ୍ରାମ ମଧ୍ୟ ରାସ୍ତାରେ ପଥରାଘାଇ ଗ୍ରାମର ସାଇବାଣୀ ସାହୁ ନିଜ ବାଡ଼ରୁ ବାଇଗଣ ତୋଳିବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଏକୁଟିଆ ଦେଖି ତାଙ୍କ ବେକରୁ ଖାସୁମାଳି ଝାମ୍ପି ନେଇଥିଲେ। ଏନେଇ ସେ ମୌଖିକ ଭାବେ ଜଣାଇଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ନବଜାତ ଶିଶୁକନ୍ୟାର ଶବ ଉଦ୍ଧାର

ଆସିକା, ୨।୧୧(ସମିସ): କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ନିକଟରେ ରାସ୍ତା କଡ଼ରୁ ଜଣେ ନବଜାତ ଶିଶୁ କନ୍ୟାର ଶବ ଉଦ୍ଧାର ହୋଇଛି। ଶିଶୁ କନ୍ୟାଟି କେମିତି ଏଠାକୁ ଆସିଲା, କିଏ ଫୋପାଡ଼ିଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ସ୍ଥଳରେ ଶିଶୁ କନ୍ୟାଟିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶିଶୁ କନ୍ୟାଟିର ମୃତ୍ୟୁ ହୋଇଥିବା ବେଳେ ଶିଶୁଟିର ପେଟରେ ମେଡ଼ିକାଲ ଷ୍ଟିକର ବି ରହିଛି। ଅନ୍ୟପଟେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁ କନ୍ୟାଟିର ଶବକୁ ମେଡିକାଲକୁ ଆଣି ଅଧିକ ତଦନ୍ତ କରୁଛି।

● ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

## ସାଇ ସମ୍ପ୍ରିତିଙ୍କୁ ସ୍ୱର୍ଣ୍ଣ, ବିଦୁସ୍ମିତାଙ୍କୁ ରୌପ୍ୟ

ପାତ୍ରପୁର, ୨।୧୧(ସମିସ): କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଉପାନ୍ତର ପ୍ରତିଯୋଗୀ ମାନେ ସଫଳତା ହାସଲ କରିଛନ୍ତି। ଦିଗପହଣ୍ଡି ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ସାଇ ସମ୍ପ୍ରିତି ପ୍ରଧାନ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିଦୁସ୍ମିତା ତରାସିଆ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ସାଇ ସମ୍ପ୍ରିତି ପ୍ରଧାନ ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଉଭୟଙ୍କ ସଫଳତା ହାସଲ କରିଥିବା ବେଳେ ବିଭିନ୍ନ ମହଲରୁ ପ୍ରଶଂସାର ଛୁଅ ଛୁଟିଛି।

## ସିପିଆଇ ଆଞ୍ଚଳିକ କମିଟି ସମାବେଶ




ବ୍ରହ୍ମପୁର, ୨।୧୧(ସମିସ): ସ୍ଥାନୀୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ପାର୍ଟିର ବ୍ରହ୍ମପୁର ଆଞ୍ଚଳିକ ପରିଷଦର ଜେନେରାଲ ବଡ଼ି ସମାବେଶ ଅନୁଷ୍ଠିତ ହୋଇଯାଇଛି। କାଳୀକିଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପଞ୍ଜାବର ରାଜଧାନୀ ଚଣ୍ଡିଗଡ଼ରେ ଅକ୍ଟୋବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ସିପିଆଇର ୨୫ତମ ମହାଅଧିବେଶନର ନିର୍ଦ୍ଧାରଣ ସମ୍ପର୍କିତ ଆଲୋଚନା କରାଯାଇଥିଲା। ପ୍ରଥମେ ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରକାଶ ପାତ୍ର ଲାଲ ପତାକା ଉତ୍ତୋଳନ କରିଥିଲେ। ସମାବେଶରେ ପାର୍ଟି ସଭ୍ୟପଦ ନବୀକରଣ, ଶାଖା ସମ୍ମିଳନୀ ମାନଙ୍କର ତାରିଖ ନିର୍ଦ୍ଧାରଣ, ବିଜେପି ନେତୃତ୍ୱାଧିନ ଡବଲ ଇଞ୍ଜିନ ସରକାରର ସମ୍ପୂର୍ଣ୍ଣ ବିଫଳତା ଏବଂ ମହିଳାଙ୍କ ଉପରେ ନିର୍ଯ୍ୟାତନା ବୃଦ୍ଧି ବିରୋଧରେ ପ୍ରତିବାଦ ତଥା ବେକାର ଯୁବତୀ ଓ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ, ବାସହୀନ ଲୋକଙ୍କ ପାଇଁ ଘରଡିହ ପ୍ରଦାନ ଦାବି ସହିତ ବିଭିନ୍ନ ଜନସମସ୍ୟା ନେଇ ସିପିଆଇ ପକ୍ଷରୁ ଆସନ୍ତା ଦିନରେ ଜନ ଆନ୍ଦୋଳନ ଚଳାଇବା ପାଇଁ ନିଷ୍ପତିମାନ ଗ୍ରହଣ କରାଯାଇଛି। ଏହି ସମାବେଶରେ ସିପିଆଇ ଗଞ୍ଜାମ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ବରିଷ୍ଠ ନେତା ପ୍ରଶାନ୍ତ ପାଟଯୋଷୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର, ପ୍ରବୀଣ ଦାଶ, ରମେଶ ଚନ୍ଦ୍ର ପାଢ଼ୀ, ପ୍ରଦୀପ ସେଠୀ, ଜୋନାଲ ସମ୍ପାଦକ୍ କାମଦେବ ନାହାକ ପ୍ରମୁଖ ଯୋଗ ଦେଇଥିଲେ।

● ଆନ୍ଧ୍ର ଦଳାଚକଟାରେ ଓଡ଼ିଆ ଝିଅର ମୃତ୍ୟୁ ଘଟଣା

## ଉଭୟ ରାଜ୍ୟ ପକ୍ଷରୁ ସହାୟତା

ପାତ୍ରପୁର, ୨।୧୧(ସମିସ): ଆନ୍ଧ୍ର ଦଳାଚକଟାରେ ମୃତ୍ୟୁ ଘଟିଥିବା ପାତ୍ରପୁରର ଝିଅ ଆର୍. ରୁପାଙ୍କ ପରିବାରକୁ ରବିବାର ଉଭୟ ଆନ୍ଧ୍ର ଓ ଓଡ଼ିଶା ସରକାର ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଆନ୍ଧ୍ର ସରକାର ପକ୍ଷରୁ ଇଚ୍ଛାପୁର ବିଧାୟକ ଅଶୋକ ବେଣ୍ଡାଲମ୍ ଗୁଡ଼ିପଦର ଗ୍ରାମରେ ପହଞ୍ଚି ରୁପାଙ୍କ ପରିବାରକୁ ୧୫ଲକ୍ଷ ଅନୁକମ୍ପା ରାଶି ପ୍ରଦାନ କରିଥିବା ବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।



ଅନ୍ୟପକ୍ଷେ ରବିବାର ସନ୍ଧ୍ୟାରେ ସାଂସଦ ପ୍ରତିନିଧି ମୀନା ଦ୍ୟାନସାମନ୍ତରା, ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତି ରହି ରୁପାଙ୍କ ପରିବାରକୁ ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନା ଥାଉ କି, ଶନିବାର ଆନ୍ଧ୍ର ଶ୍ରୀକାକୁଳମ ଜିଲ୍ଲା କାଶିବୁଗା ସ୍ଥିତ ଭେଙ୍କେଟେଶ୍ୱର ମନ୍ଦିରରେ ଦଳାଚକଟା ଘଟି ୧୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଗୁରୁତର ଆହତ ହୋଇଥିଲେ।

## ଗୋପାଳପୁର ପୁଲିସ ଫେରାଇଲା ହଜିଥିବା ମୋବାଇଲ

ଗୋପାଳପୁର, ୨।୧୧(ସମିସ): ଗୋପାଳପୁର ପୁଲିସ ଆଜି ହଜିଯାଇଥିବା ଓ ଲୁଟ ହୋଇଥିବା ବହୁ ମୋବାଇଲ ମାଲିକମାନଙ୍କୁ ହସ୍ତାନ୍ତର କରିଛି। ପ୍ରାୟ ଦେଢ଼ମାସ ମଧ୍ୟରେ ଗୋପାଳପୁର ଥାନା ଅଞ୍ଚଳରେ ବହୁ ମୋବାଇଲ୍ ହଜିଥିବା ଏବଂ ଲୁଟ୍ ହୋଇଥିବା ନେଇ ମାମଲା ରୁଜୁ ହୋଇଥିଲା। ପୁଲିସ ଏହାକୁ ଟ୍ରାକିଂ କରି ଜବତ କରିବା ସହ କିଛି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଆଜି ଅପରାହ୍ନରେ ଜବତ ମୋବାଇଲକୁ ଅସଲି ମାଲିକ ବାରଙ୍ଗ କଟକର



ବିକ୍ରମ ଓଝା, ଜି.ପ୍ରସାଦ ବକ୍ସିପଲ୍ଲୀ, ବର୍ଷାରାଣୀ ନାୟକ ନାରାୟଣପୁର, ବିନିତା ପଟ୍ଟନାୟକ ବ୍ରହ୍ମପୁର ବିଜିପୁର, ପୀତବାସ ପାତ୍ର ଛତ୍ରପୁର, ଯଶୋବନ୍ତ ପାତ୍ର ଗଞ୍ଜାମ, ରାକେଶ ପ୍ରଧାନ କରାପଲ୍ଲୀ, ଜି.ଟୁକୁନା ରଙ୍ଗେଇଲୁଣ୍ଡା, ଗୋପାଳପୁରର ନାରାୟଣ, ଜି.ଉଦୟ ରେଡ଼ି, ଡ. ସୁମନଙ୍କୁ ମୋବାଇଲ ହସ୍ତାନ୍ତର କରିଛି। ହସ୍ତାନ୍ତର ବେଳେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସ୍‌ଆଇ ଭବାନୀ ଶଙ୍କର ନାୟକ, ଏଏସ୍‌ଆଇ ମନୋଜ କୁମାର ଜେନା, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରୟାଲ ଫାର୍ମାସୀ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର, ୨।୧୧(ସମିସ): ଅନ୍ଧପସରା ରୋଡ ସ୍ଥିତ ରୟାଲ ଫାର୍ମାସୀ କଲେଜରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ଉତ୍ସବରେ ନିର୍ଦ୍ଦେଶକ ପ୍ରଫେସର ପି.ଏନ୍ ମୂର୍ତ୍ତିଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଡ. ଟି. ପ୍ରକାଶ ରାଓ, ଆରଇଆରଏସର ସମ୍ପାଦକ ଶାକା ଶ୍ରୀକାନ୍ତ ଓ କଲେଜ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ପି.ଏନ୍. ମୂର୍ତ୍ତିଙ୍କ ଜୀବନି ଉପରେ କଲେଜର ପ୍ରଫେସର ଅଞ୍ଜନ କୁମାର ମହାପାତ୍ର ଅଲୋକପାତ କରିଥଲେ। କାର୍ଯ୍ୟକ୍ରମକୁ କଲେଜର ଉପାଧ୍ୟକ୍ଷ ପ୍ରଫେସର ଉମାଶଙ୍କର ମିଶ୍ର, ମଧୁସ୍ମୃତି ଖଣ୍ଡେଇ, ସୁରେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଫେସର ପ୍ରଶାନ୍ତ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥଲେ।

## ବିଜିପୁରରେ ଗୌରୀ ଆମ୍ମାଙ୍କ ଯାତ୍ରା ଆରମ୍ଭ

ବ୍ରହ୍ମପୁର, ୨।୧୧(ସମିସ): ବିଜିପୁରରେ ଗୌରୀ ଆମ୍ମାଙ୍କ ଯାତ୍ରା ଶନିବାର ଠାରୁ ଆରମ୍ଭ ହୋଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ପ୍ରାତଃ ରୀତିନୀତି ଅନୁସାରେ ମା' ଗୌରୀ ଆମ୍ମାଙ୍କ ପୂଜାର୍ଚ୍ଚନା ହୋଇଥିଲା। ପ୍ରଥମ ଦିନରେ ପୌରାଣିକ ନାଟକ ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ସେହିପରି ରବିବାର ସାନ୍ଧ୍ୟ ସମୟରେ ତେଲୁଗୁ ସଙ୍ଗୀତ ଆୟୋଜନ କରାଯିବା ନେଇ କମିଟି ପକ୍ଷରୁ କୁହାଯାଇଛି। ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଦୀର୍ଘ ୪ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ। ଆନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ, ଯାତ୍ରା କମିଟି ସଭାପତି ଜି.ପ୍ରାସାଦ ରାଓ, ସମ୍ପାଦକ ଏନ.ଭାସ୍କର ରାଓ ସମେତ ବହୁ ବୁଦ୍ଧିଜୀବୀ ଏବଂ ସାମାଜିକକର୍ମୀ ଉପସ୍ଥିତ ରହିଥିଲେ।

## ଦିନରେ ଘରେ ପଶି କଳାକନା ବୁଲାଇଲେ

ଖଲ୍ଲିକୋଟ, ୨।୧୧(ସମିସ): ଦିନ ଦ୍ୱିପହରରେ ଚୋରି। ତୋଟାଗାଁରେ ଏକ ଘରୁ ଆଲମିରା ଭାଙ୍ଗି ଦୁର୍ବୃତ୍ତ ଲୁଟି ନେଇଛନ୍ତି ସୁନା ଓ ରୁପା ଅଳଙ୍କାର। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ତୋଟାଗାଁର ପ୍ରକାଶ ପାହାନଙ୍କ ଘରେ ରବିବାର କେହି ନଥିବାର ସୁଯୋଗ ନେଇ ଦିନ ଦ୍ୱିପହରରେ ଦୁର୍ବୃତ୍ତ ଘରେ ପଶି ଆଲମିରା ଭାଙ୍ଗି ୨୦ ଗ୍ରାମର ସୁନା ଅଳଙ୍କାର ଓ ୧୦ ଗ୍ରାମର ରୁପା ପାଉଁଜି ଲୁଟି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।



● ଟଳିଗଲା ବଡ଼ ଅଘଟଣ

## ଦୋକାନକୁ ମାଡ଼ି ଆସୁଥିବା ଟ୍ରକ୍ ପିକ୍‌ଅପ୍‌କୁ ଧକ୍କାଦେଇ ଅଟକିଲା

ଦିଗପହଣ୍ଡି, ୨।୧୧(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ମା' ବାଙ୍କେଶ୍ୱରୀ ଗେଟ୍ ନିକଟ ରାସ୍ତାକଡ଼ରେ ଥିବା ଉଠାଦୋକାନ ଆଡ଼କୁ ରବିବାର ଅପରାହ୍ନରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ି ଆସୁଥିବା ଦେଖି ଗ୍ରାହକ ଏବଂ ବ୍ୟବସାୟୀ ଦୌଡ଼ି ପଳାଇଥିଲେ। ମାତ୍ର ସେଠାରେ ଥିବା ଏକ ପିକଅପ୍ ଭ୍ୟାନ ସହ ଟ୍ରକ୍‌ଟି ଧକ୍କା ଖାଇ ଅଟକି ଯାଇଥିଲା। ଫଳରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ଏନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଦିଗପହଣ୍ଡି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବାବେଳେ ଚାଳକ ନିଜର ଭୁଲ ସ୍ୱୀକାର କରିବା ପରେ ଟ୍ରକ୍‌ଟିକୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ଜମି ବିକ୍ରି ନାଁରେ ଠକେଇ; ଯୁବକ ଗିରଫ

ବେଲଗୁଣ୍ଠା, ୨।୧୧(ସମିସ): ବେଲଗୁଣ୍ଠା ଥାନା ଅଞ୍ଚଳରେ ଜମି ବିକ୍ରି ନାମରେ ନୀରିହ ଲୋକଙ୍କ ଠାରୁ ଟଙ୍କା ଠକି ନେଉଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ୍। ସେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ପାଟରାପଲ୍ଲୀ ଗ୍ରାମର ନନ୍ଦ କିଶୋର ଗୌଡ଼ (୨୫)। ଅଭିଯୁକ୍ତ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଠେଙ୍ଗାଧର ରୋଡ୍ ନିବାସୀ ସନ୍ନ୍ୟାସୀ ପଣ୍ଡା ଏବଂ ତାଙ୍କ ପରିବାର ଲୋକଙ୍କୁ ଜମି ବିକ୍ରି କରିବାକୁ କହି ୧ କୋଟି ୧୦ ଲକ୍ଷ ୪୬ହଜାର ଟଙ୍କା ନେଇଯାଇଥିଲା। କିନ୍ତୁ ଜମି ବିକିବା ତ ଦୂରର କଥା ସେସବୁ ଟଙ୍କା ନେଇ ଫେରାର୍ ହୋଇଯାଇଥିଲା। ଏନେଇ ସନ୍ନ୍ୟାସୀ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲେ। ସନ୍ନ୍ୟାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଗତ ଜୁନ୍ ମାସରେ ନଂ.୩୨୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶନିବାର ରାତିରେ ନନ୍ଦ କିଶୋରକୁ ଗିରଫ କରିବା ସହିତ ରବିବାର କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି। ଏହା ସହିତ ଜମି କାରବାର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ୍ କାରବାର ସମ୍ପର୍କିତ ମୋବାଇଲ୍ ସ୍କ୍ରିନ୍ ସଟ୍, ଟଙ୍କା କାରବାର ସମ୍ପର୍କିତ ବ୍ୟାଙ୍କ୍ ତଥ୍ୟ ମଧ୍ୟ ଜବତ କରାଯାଇଛି।

ଭଞ୍ଜନଗର ଥାନାରେ ମୋବାଇଲ ମେଳା

# ହଜିଯାଇଥିବା ୨୩ ମୋବାଇଲ୍ ଫେରାଇଲା ପୁଲିସ

ଭଞ୍ଜନଗର, ୨।୧୧(ସମିସ)

ଭଞ୍ଜନଗର ଥାନା ପକ୍ଷରୁ ଦ୍ୱିତୀୟ ମୋବାଇଲ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଉ ନିଜର ହଜିଯାଇଥିବା ମୋବାଇଲ ସେଟ୍ ପାଇ ବେଶ ଖୁସି ବ୍ୟକ୍ତ କରିଛନ୍ତି ଅନେକ ପୁରୁଷ ଓ ମହିଳା। ଏହା ପୂର୍ବରୁ ଗତମାସରେ ଏହି ଥାନା ପକ୍ଷରୁ ମୋବାଇଲ ମେଳା ଆୟୋଜନ କରାଯାଇ ୩୦ ଜଣକୁ ସେମାନଙ୍କ ହଜିଯାଇଥିବା ମୋବାଇଲ ସେଟ୍ ପ୍ରଦାନ କରାଯାଇଥିଲା। ଆଉ ଏବେ ଦ୍ୱିତୀୟ ଥର ୨୩ ଜଣଙ୍କୁ ସେମାନଙ୍କ ହଜିଯାଇଥିବା ମୋବାଇଲ ସେଟ୍ ଉଦ୍ଧାର କରି ଫେରସ୍ତ କରିଛି ପୁଲିସ। ଏଥିପାଇଁ ଥାନା ପରିସରରେ ଆୟୋଜିତ ମେଳାରେ ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ ଦେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୋବାଇଲ ସେଟ୍ ହଜୁଛି। ଆଉ ଏଠାରୁ ହଜିଥିବା ମୋବାଇଲ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି କୋଏଲ ନଗର, ସୁନ୍ଦରଗଡ଼ ଆଦି ସ୍ଥାନରୁ ଉଦ୍ଧାର କରାଯାଇଥିବା ନେଇ ଏଏସ୍‌ପି ଦେ ସୂଚନା ଦେଇଛନ୍ତି। ଏବେ ମୋବାଇଲ ସେଟ୍‌ରେ ସମସ୍ତ ପ୍ରକାର ବ୍ୟକ୍ତିଗତ ତଥ୍ୟ ସହ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ରହୁଛି। ଏଣୁ ନିଜ ନିଜର



ମୋବାଇଲ ସେଟ୍‌କୁ ଅତ୍ୟନ୍ତ ସତର୍କତାର ସହ ରଖିବାକୁ ସେ ଉପଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଥାନାର ସମସ୍ତ ସବ୍ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ରହିଥିଲେ। ସାଇବର ଶାଖାର ସହଯୋଗରେ ହଜି ଯାଇଥିବା ମୋବାଇଲ ସେଟ୍ ପୁନଶ୍ଚ ଫେରିପାଇଥିବା ବ୍ୟକ୍ତିମାନେ ଏଥିପାଇଁ ପୁଲିସର ଉଦ୍ୟମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ।

## ରାଉରକେଲାରୁ ବିମାନ ଉଡ଼ାଣ ବନ୍ଦ ପ୍ରସଙ୍ଗ

# ରେଲରୋକ ପାଇଁ କ୍ରିୟାନୁଷ୍ଠାନ କମିଟିର ଚେତାବନୀ

ରାଉରକେଲା, ୨।୧୧(ସମିସ)

ରାଉରକେଲା ବିମାନବନ୍ଦର ଉନ୍ନୟନ କରାଯିବା ସହ ବିମାନସେବା ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ରାଉରକେଲାରୁ ବିମାନ ନ ଉଡିଲେ ରେଲରୋକ ପାଇଁ ଚରମ ଚେତାବନୀ ଦେଇଛି ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି।

ବିଭିନ୍ନ ସଙ୍ଗଠନ, ଟ୍ରେଡ୍ ୟୁନିଅନ୍ ଏବଂ ରାଉରକେଲାର ବୁଦ୍ଧିଜୀବୀ, ସହରକୁ ଭଲ ପାଉଥିବା ଓ ପ୍ରତିନିଧିତ୍ୱ କରୁଥିବା ଏକ ଅଣରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ ଏହି କ୍ରିୟାନୁଷ୍ଠାନ କମିଟି ରାଉରକେଲା ବିମାନ ବନ୍ଦର ଉନ୍ନତି ପାଇଁ ନୂଆ ରନ୍‌ୱେ କାର୍ଯ୍ୟ ତୁରନ୍ତ ଆରମ୍ଭ ନ ହୁଏ ଏବଂ ଏକ ମାସ ମଧ୍ୟରେ ବିମାନସେବା ଆରମ୍ଭ ନହେଲେ ନଭେମ୍ବର ଆରମ୍ଭରୁ ଶେଷ ସପ୍ତାହ ମଧ୍ୟରେ କମିଟି ପକ୍ଷରୁ ଜୋରଦାର ରେଲରୋକ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦେଇଛି। ରାଉରକେଲା ବିମାନ ବନ୍ଦରର ରନ୍‌ୱେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ତୁରନ୍ତ କରାଯାଇ ଆଇଏଲଏସ ଏବଂ ଏନଏଲଏସ ପ୍ରକ୍ରିୟା ତୁରନ୍ତ ସ୍ଥାପନ ସହ ଏହି ବିମାନ ବନ୍ଦରକୁ ୪ସି ବର୍ଗରେ ଉନ୍ନୀତ କରାଯିବାକୁ କମିଟି ଦାବି କରିଛି। ବିମାନ ବନ୍ଦର ସମସ୍ୟା ସହ ରାଉରକେଲା ଜନସାଧାରଣଙ୍କ ଗମନାଗମନର ହୀନସ୍ତାପୂର୍ଣ୍ଣ ବ୍ୟବସ୍ଥାକୁ ନେଇ କମିଟି କ୍ଷୋଭ ପ୍ରକାଶ କରିଛି। ପୂର୍ବତଟ ରେଲପଥ ଅଧୀନରେ ରାଉରକେଲା ରେଲପଥକୁ ସାମିଲ କରିବା ସହ ରାଉରକେଲାକୁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ଘୋଷଣା ପାଇଁ ମଧ୍ୟ କମିଟି ଦାବି କରିଛି। ସୁନ୍ଦରଗଡ଼ରେ ଦାଦନ ଶ୍ରମିକ ଚାଲାଣକୁ ରୋକିବା ପାଇଁ ବନ୍ଧମୁଣ୍ଡାରେ ଅତ୍ୟାଧୁନିକ ଶୈଳୀରେ ବନ୍ଦେ ଭାରତ ରେଳ କୋଚ୍ ନିର୍ମାଣ କାରଖାନା ସ୍ଥାପନ କରିବାକୁ ମଧ୍ୟ କମିଟି ଦାବି କରିଛି। କର୍ତ୍ତୃପକ୍ଷଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଆନ୍ତରିକତା ଅଭାବରୁ ଏଦିଗରେ ବାରମ୍ବାର ନିରାଶ ହେବାକୁ ପଡୁଛି ବୋଲି କମିଟି କହିଛି। ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ସକାରାତ୍ମକ ପଦକ୍ଷେପ ନିଆ ନଯିବ, ତେବେ କମିଟି ଚରମ ନିଷ୍ପତ୍ତି ସ୍ୱରୂପ ରେଲରୋକ କରିବ ବୋଲି ଚେତବାନୀ ଦେଇଛି। ସେହିପରି ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିମଳ ବିଶି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ବିମାନ ଚଳାଚଳ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଯେପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲାଗୁ ହୋଇନାହିଁ, ସେ ପର୍ଯ୍ୟନ୍ତ କେବଳ ଏୟାର ଆମ୍ବୁଲାନ୍ସ ଛଡ଼ା ଅନ୍ୟ ସମସ୍ତ ଭିଆଇପି ଓ ବେସରକାରୀ ବିମାନ ଚଳାଚଳ ରୋକାଯାଉ ବୋଲି ସେ ଦାବି ଜଣାଇଛନ୍ତି।

# ୨୩ତମ ଇସ୍‌କଫ୍ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

ରାଉରକେଲା, ୨।୧୧(ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ୨୩ ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିବାବେଳେ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନବିକ ଅଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ଓ ଇସ୍କଫର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ପଶୁପତି ଚାଟାର୍ଜୀଙ୍କ ସଭାପତିତ୍ୱରେ ପ୍ରଫେସର ମାନସ ବେହେରା ଯୋଗଦେଇ ବିଶ୍ୱ ରାଜନୈତିକ ପରିସ୍ଥିତି ଓ ବିଶ୍ୱ ଶାନ୍ତି ଉପରେ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ଇସ୍କଫର ପ୍ରତିନିଧି ଅଧିବେଶନ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଆଲୋଚନା କରିଥିଲେ। ସମ୍ମିଳନୀ ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଅଭ୍ୟର୍ଥନା ସମିତିର ସାଧାରଣ ସମ୍ପାଦକ ଆଡଭୋକେଟ ସଦାନନ୍ଦ ସାହୁ ସମସ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅଭ୍ୟର୍ଥନା କମିଟିର ସଦସ୍ୟ ଖାଦାଲ ସେଠୀ, ରାଜକିଶୋର ପ୍ରଧାନ, ସବ୍ୟସାଚୀ ନାୟକ, ଅପର୍ଣ୍ଣା ରାଉତରାୟ, ପ୍ରଦୋଷ ମହାନ୍ତି, ବିଜୟାନନ୍ଦ ପ୍ରଧାନ, ପ୍ରଦ୍ୟୁତ କୁମାର ରାଉତ, ଅକ୍ଷୟ ସାମଲ, ପଞ୍ଚାନନ ସୁନା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ରାଜ୍ୟସ୍ତରୀୟ କବାଡି ଚାମ୍ପିଅନ୍‌ସିପ୍ ପାଇଁ ପ୍ରସ୍ତୁତି



ବଣାଇଁ, ୨।୧୧(ସମିସ): ବଣାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୬୯ତମ ରାଜ୍ୟସ୍ତରୀୟ କବାଡି ଚମ୍ପିଅନ୍‌ସିପ୍ ପାଇଁ ପ୍ରସ୍ତୁତି ବୈଠକ ସୁନ୍ଦରଗଡ଼ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼ଃ ମୁରଲୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡ, ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ନରହରି କିସାନ, ପ୍ରଧାନ ଶିକ୍ଷକ କାଶୀନାଥ ବେହେରା ଯୋଗ ଦେଇ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ଚାମ୍ପିଅନ୍‌ସିପ୍ କିପରି ସୁଚାରୁରୂପେ ପରିଚାଳିତ ହେବ ସେ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବାକୁ ଥିବାବେଳେ ଏଠାରେ କବାଡି ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟର ପ୍ରତି ଜିଲ୍ଲାରୁ ଆସିବାକୁ ଥିବା ଖେଳାଳି, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ।

● ଡିଏଭି ଜୋନାଲ କରାଟେ ଚାମ୍ପିଅନ୍‌ସିପ୍

## ରାଉରକେଲାକୁ ୪ ସ୍ୱର୍ଣ୍ଣ ପଦକ



ରାଉରକେଲା, ୨।୧୧(ସମିସ): ଝାରସୁଗୁଡ଼ା ସ୍ଥିତ ଡିଏଭି ସ୍କୁଲଠାରେ ଡିଏଭି କ୍ଲଷ୍ଟର ଓ ଜୋନାଲ କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହ ଅନ୍ତର୍ଗତ ୪୨ ଟି ବିଦ୍ୟାଳୟର କ୍ଲଷ୍ଟର ୧, ୨ ଓ ୩ରୁ ଆସିଥିବା କରାଟେ ପ୍ରତିଯୋଗୀମାନେ ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିଅନ୍‌ସିପ୍‌ରେ ରାଉରକେଲା ବାସନ୍ତୀକଲୋନୀ ସ୍ଥିତ ଡ. ଏଏନ୍‌କେ ଡିଏଭି ସ୍କୁଲରୁ ଆର୍ଯ୍ୟା ବଂଶୀକା, ସମ୍ଭବ ପଣ୍ଡା, ଆରନାଦିତ୍ୟା ସ୍ୱାଇଁ ଓ ଅନିକେତ ସିଂ ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶ ଗ୍ରହଣ କରି ବ୍ୟକ୍ତିଗତ ଫାଇଟରେ ନିଜ ନିଜ ବୟସ ବର୍ଗରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ସହ ମୋଟ ୪ଟି ସ୍ୱର୍ଣ୍ଣ ପଦକ ଜିଣିଥିବା ଜଣାପଡ଼ିଛି। ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ କୃତି କରାଟେକାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଟାଉନ ହାଇସ୍କୁଲରେ ୨୪ ପ୍ରହର ମହାଯଜ୍ଞ ଆୟୋଜନ ଦାବି

### ଜିଲ୍ଲାପାଳଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

ରାଉରକେଲା, ୨।୧୧(ସମିସ): ସ୍ମାର୍ଟ ସିଟି ରାଉରକେଲାର କେନ୍ଦ୍ର ଭାଗରେ ଅବସ୍ଥିତ ଡେଲିମାର୍କେଟ ସ୍ଥିତ ସରକାରୀ ଟାଉନ ହାଇସ୍କୁଲ ପରିସରରେ ଦଶନ୍ଧି ଧରି ଚାଲି ଆସୁଥିବା ୨୪ ପ୍ରହରୀ ନାମ ମହାଯଜ୍ଞ ସହ ବିଭିନ୍ନ ସାମାଜିକ ଆଧାକିକ ମହୋତ୍ସବ ବନ୍ଦ ହୋଇ ଯାଇଥିବାରୁ ସ୍ଥାନୀୟବାସୀନ୍ଦାଙ୍କ ଆଧାତ୍ମିକ ଭାବାବେଗ ପ୍ରତି କୁଠାରାଘାତ ହୋଇଛି। ଏହାର ପୁନଃ ଆରମ୍ଭ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲିପ ରାୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ରାୟ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଦାବି କରିଛନ୍ତି ଯେ, ଡେଲିମାର୍କେଟ ଏକ ବ୍ୟବସାୟୀ ପେଣ୍ଠ ସ୍ଥଳୀ ହୋଇଥିବା ବେଳେ ସେଠାରେ ଥିବା ସରକାରୀ ଟାଉନ ହାଇସ୍କୁଲଟି ମଧ୍ୟ ସହରର ସବୁଠାରୁ ପୁରୁଣା ସ୍କୁଲ। ସେଠାରେ କୌଣସି ଖୋଲା ସ୍ଥାନ ନଥିବାରୁ ସ୍ଥାନୀୟ ବାସୀନ୍ଦା ଡେଲିମାର୍କେଟର ଉକ୍ତ ସ୍କୁଲ ପରିସର ପଡ଼ିଆକୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ବିଭିନ୍ନ ୨୪ ପ୍ରହରୀ ନାମ ମହାଯଜ୍ଞ, ପୂଜା, ସାମାଜିକ ଆଧାତ୍ମିକ କାର୍ଯ୍ୟରେ ଦଶନ୍ଧି ଦଶନ୍ଧି ଧରି ବ୍ୟବହାର କରି ଆସୁଛନ୍ତି। କିଛି ବର୍ଷ ହେବ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ସ୍ଥାନକୁ ପାର୍କ ନାଁରେ ଜାଣିଶୁଣି ଆବଦ୍ଧ କରି ରଖିବା ଦ୍ୱାରା କୌଣସି ସାମାଜିକ ଆଧାତ୍ମିକ ମହୋତ୍ସବ ସହ ଉକ୍ତ ୨୪ ପ୍ରହରୀ ନାମ ମହାଯଜ୍ଞ ହୋଇପାରୁନି। ଅନ୍ୟପଟେ ଉକ୍ତ ସ୍କୁଲ ପରିସରକୁ ଛାଡ଼ି ଦେଲେ ସେହି ବିଶାଳ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସାମୁହିକ ଆଧାତ୍ମିକ ମହୋତ୍ସବ ପାଳନ ନେଇ ଆଉ କୌଣସି ଖୋଲା ସ୍ଥାନ ନାହିଁ। ଯାହା ଫଳରେ ଏହି ସବୁ କାର୍ଯ୍ୟକ୍ରମ ଆଉ ଆୟୋଜନ ହୋଇ ପାରୁନି। ଯାହାକି ସ୍ଥାନୀୟ ବାସୀନ୍ଦାଙ୍କ ଧାର୍ମିକ ଭାବାବେଗ ପ୍ରତି ଆଘାତ ପହଞ୍ଚିଛି। ଏ ବିଷୟରେ ସ୍ଥାନୀୟ ଶତାଧିକ ବାସୀନ୍ଦା ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ସାକ୍ଷାତ କରି ଗୁହାରି କରିଥିଲେ। ଯାହାକୁ ଆଧାର କରି ଶ୍ରୀରାୟ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ପତ୍ର ଲେଖି ଏହି ସମ୍ବେଦନଶୀଳ ଘଟଣା ଉପରେ ହସ୍ତକ୍ଷେପ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରି ପୁନଃ ସ୍କୁଲ ଛୁଟି ଥିବା ବେଳେ ପୂର୍ବପରି ୨୪ ପ୍ରହରୀ ନାମ ମହାଯଜ୍ଞ ଏବଂ ଅନ୍ୟାନ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଉପରୋକ୍ତ ସମସ୍ୟାକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରି ପୁନଃ ବିଚାର କରିବା ପାଇଁ ଶ୍ରୀ ରାୟ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ସଙ୍ଗୀତ ସଭା

ରାଉରକେଲା, ୨।୧୧(ସମିସ): ସଙ୍ଗୀତ ଶିଳ୍ପୀ ସମାଜର ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର - ୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ଧଳ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ରାଉରକେଲାର ଶାସ୍ତ୍ରୀୟ ସଙ୍ଗୀତର ଇତିହାସ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସଙ୍ଗୀତ ଗୁରୁ ଶୁକଦେବ ଜେନା ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। କୈଳାଶ ମହାରଣା, ପ୍ରଦୀପ ପାତ୍ର, ଜ୍ୟୋତି ପାତ୍ର, କାଦମ୍ବିନୀ ପଣ୍ଡା, ପ୍ରତିରାଣୀ ପଣ୍ଡା, ମନିଷା ପଣ୍ଡା, ଆଦ୍ୟାଶା ଦାସ, ଅନ୍ୱେଷା ପଣ୍ଡା, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରିଥିବା ବେଳେ ଡାକ୍ତର ସମୀକ୍ଷା ମହନ୍ତ, ମମତାମୟୀ ବିଶ୍?ାସ, ଗୁରୁ ଶୁକଦେବ ଜେନା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ମନବୋଧ ମିଶ୍ର, ଗୁରୁ ପୁଲିନ ରାଉତରାୟ, ଗୁରୁ ବିଭୁତି ପତି, ଗୁରୁ ନରସିଂହ ପାଣିଗ୍ରାହୀ, ଗୁରୁ ଜଗନ୍ନାଥ ଦାସ, ଗୁରୁ ପ୍ରଫୁଲ୍ଲ ମଙ୍ଗଳ, ଗୁରୁ ସୁରଜ ସରାଫ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଶୁଶାନ୍ତ ସାହୁ, ବିଜୟ ମୋହିନୀ, ମମତା ମୋହିନୀ, ପତିତପାବନ ମିଶ୍ର, ମନୋଜ ମହନ୍ତ, ନାରାୟଣ ପାତ୍ର, ଦିଲ୍ଲିପ ବରିହା ପ୍ରଭୃତି ଉପସ୍ଥିତ ରହି ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨।୧୧(ସମିସ): ରାଉରକେଲା ହିନ୍ଦ୍ ମଜଦୂର ସଭା ପକ୍ଷରୁ ଆରଜିଏଚ ପରିସରରେ ଥିବା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ରାଉରକେଲା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଓ ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ମିଳିତ ସହଯୋଗରେ ସମାଜବାଦୀ ତଥା ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ପାତ୍ରଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସ୍ୱର୍ଗତ ପାତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶ୍ରମିକ ନେତା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ବହୁମୁଖୀ ଲୁଚୁଆ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରମିକ ନେତା ଦିଗମ୍ବର ମହାନ୍ତିଙ୍କ ସମେତ ବିଜେଡି ନେତା ବୀରେନ ସେନାପତି, ସୁବାସ ପାଣିଗ୍ରାହୀ, ଆର୍ତ୍ତ ଷଣ୍ଢ, ସନ୍ତୋଷୀ ବିଭାର, ମଙ୍ଗଳ ଗଣ୍ଡ, ତପନ ସାହୁ, ହେମନ୍ତ ସାଗର, ବାସୁଦେବ ନାୟକ, ବେବି ନାୟକ, ପୁଷ୍ପଲତା ମଲ୍ଲିକ, କେଦାର ଖଟୁଆ, ବିରେନ୍ଦ୍ର ବାଗ, ମନୁ ପାତ୍ର, ଧନୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଂଗଠନର ଉପସଭାପତି ବାବୁଲା କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ସତର୍କତା ସଚେତନତା ସପ୍ତାହରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ



ରାଉରକେଲା, ୨।୧୧(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସତର୍କତା ବିଭାଗ ଦ୍ୱାରା ସେକ୍ଟର-୨୦ ସ୍ଥିତ ଏସଏସଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସତର୍କତା ବିଭାଗର ଜିଏମ୍ ତଥା ଏସିଭିଓ ରଞ୍ଜନ ଭାରତୀ, ବିଦ୍ୟାଳୟର ନିର୍ଦ୍ଦେଶକ କ୍ୟାପ୍ଟେନ୍ ଆଲୋକେଶ ସେନ୍, ସତର୍କତା ବିଭାଗର ଡିଜିଏମ ସନ୍ଦୀପ ବଂଶଲ, ଡିଜିଏମ ଏସକେଏସ ରାଜପୁତ, ଶିକ୍ଷା ବିଭାଗର ଏଜିଏମ୍ ଡ. ସୁଶ୍ରୀତା ଦାଶଙ୍କ ସହିତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ସତର୍କତା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତାମାନଙ୍କୁ ପୁରସ୍କୃତ କରଯାଇଥିଲା। ଏହି ଅବସରରେ ରଞ୍ଜନ ଭାରତୀ, ସେକ୍ଟର-୨୦ ସ୍ଥିତ ଏସଏସଆରଭିଏମ ଆଇଇଏମଏସର ଛାତ୍ରଛାତ୍ରୀମାନଙ୍କୁ ସଚ୍ଚୋଟତା ନିର୍ବାହ ନେଇ ପ୍ରତିଜ୍ଞା କରାଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ସତର୍କତା ବିଷୟବସ୍ତୁ ଉପରେ ଏକ ସ୍କିଟ୍ ମଧ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଅନୁରୂପ ଭାବେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଇଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଡିପିଏସର ପ୍ରଧାନ ଶିକ୍ଷୟିତ୍ରୀ ତନଭି ରାଇଜାଦା, ସତର୍କତା ବିଭାଗର ଡିଜିଏମ ଏସକେଏସ ରାଜପୁତ ଓ ଏଜିଏମ ଅବନୀ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସତର୍କତା ବିଭାଗର ନିରୀକ୍ଷକ ଗୌତମ ଦାଶ ସଂଯୋଜନା କରିଥିଲେ।

## ବରକାନି ଦୁର୍ଘଟଣା ମୃତକଙ୍କ ପତ୍ନୀଙ୍କୁ ନିଯୁକ୍ତି ଦାବି

ରାଉରକେଲା, ୨।୧୧(ସମିସ): ବନ୍ଧମୁଣ୍ଡା ଅନ୍ତର୍ଗତ ବରକାନି ଦୁର୍ଘଟଣାରେ ମୃତକଙ୍କ ବିଧବା ପତ୍ନୀଙ୍କୁ ନିଯୁକ୍ତି ପାଇଁ ଆମ ଆଦମୀ ପାର୍ଟି(ଆପ୍) ପକ୍ଷରୁ ଦାବି କରାଯାଇଛି। ପାର୍ଟିର ବାସନ୍ତୀ କଲୋନୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଦ ମାଝୀ କହିଛନ୍ତି, ଗତ ଏପ୍ରିଲ ମାସରେ ବନ୍ଧମୁଣ୍ଡା ନିକଟବର୍ତ୍ତୀ ବରକାନି ଗ୍ରାମରେ ଆଦିବାସୀଙ୍କ ଜମି ଅଧିଗ୍ରହଣ ସମୟରେ ଜେସିବି ଚାପାରେ ମୃତ୍ୟୁବରଣ କରିଥିବା ଏତୋ ଏକ୍କାଙ୍କ ବିଧବା ପତ୍ନୀ ଅଞ୍ଜଳି ଏକ୍କାଙ୍କୁ କ୍ଷତିପୂରଣ ପ୍ରଦାନ ସହ ଆରଏସପିରେ ଚାକିରି ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ୬ ମାସ ପରେ ବି ତାହା ହୋଇନାହିଁ। କ୍ଷତିଗ୍ରସ୍ତ ଆଦିବାସୀ ପରିବାରଙ୍କୁ ଉଚିତ୍ କ୍ଷତିପୂରଣ ପାଇଁ ଆଗାମୀ ଦିନରେ ଜୋରଦାର ଲଢେଇ କରାଯିବ ବୋଲି ଦଳ କହିଛି। ଏହି ଅବସରରେ କ୍ଷତିଗ୍ରସ୍ତ ପିଡିତା ମହିଳା ଅଞ୍ଜଳି ଏକ୍କା ଓ ସୁନିତା ଓରାମଙ୍କ ସମେତ ଆପ୍‌ର ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଲାଲ ମଣି ଲଗୁନ୍, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଯୋଗେନ୍ଦ୍ର ପାଲ ତିର୍କୀ, ଆମ ଆଦମୀ ପାର୍ଟି ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ସତ୍ୟ କିଶୋର ମହାନ୍ତି, ରାଉରକେଲା ଜିଲ୍ଲା ସଭାପତି ସନ୍ତୋଷ ବେହେରା, ମିଡ଼ିଆ ପ୍ରଭାରୀ ଭରତ ବାଇ, ସମ୍ପାଦକ ଚିନ୍ତାମଣି ମହାନନ୍ଦ, ଦେବ ରଞ୍ଜନ ଦାସ, ଆଶିଷ ମହାରଣା, ଜାନୁଆରୀସ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଘାଟିତ

# ମନମୋହିଲା ଓଡ଼ିଶୀ, ପଶ୍ଚିମବଙ୍ଗର ନାଟୁଆ, ଝାଡ଼ଖଣ୍ଡର ଝୁମାର

ରାଉରକେଲା, ୨।୧୧(ସମିସ)

ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ରାଉରକେଲା ଇସ୍ପାତ କାରଖାନାର ସହଭାଗିତାରେ ଭଞ୍ଜଭବନ ମୁକ୍ତାକାଶ ମଞ୍ଚଠାରେ ଆୟୋଜିତ ଆନ୍ତର୍ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟ ସଙ୍ଗୀତ ଉତ୍ସବ '୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫' ଶନିବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବକୁ ଏକ ମର୍ଯ୍ୟାଦାଜନକ ମହୋତ୍ସବ ରୂପେ ଅଭିହିତ କରିବା ସହ ଏଭଳି ଏକ ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସେ ଭଞ୍ଜ କଳା କେନ୍ଦ୍ରର ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀ ପାଲ ଚୌଧୁରୀ ଇସ୍ପାତ ସହରରେ ଏଭଳି ଏକ ମହୋତ୍ସବର ଆୟୋଜନ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି ବୋଲି ବ୍ୟକ୍ତ କରିବା ସହ ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଭଞ୍ଜକଳା କେନ୍ଦ୍ରର ବିଦ୍ୟାର୍ଥୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରାରମ୍ଭରେ ଭଞ୍ଜକଳା କେନ୍ଦ୍ରର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପଦ୍ମଶ୍ରୀ ଗୁରୁଶ୍ରୀ ଦୂର୍ଗା ଚରଣ ରଣବୀରଙ୍କ ନୃତ୍ୟ ସଂରଚନା ଓ ଗୁରୁ ନୀଳାଦ୍ରୀ ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ପରିବେଶିତ ଓଡିଶୀ ନୃତ୍ୟ ନାଟିକା 'ଜଗନ୍ନାଥ ଅଷ୍ଟକମ' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଭଞ୍ଜକଳା କେନ୍ଦ୍ରର କନିଷ୍ଠ ବର୍ଗର ଶିଳ୍ପୀମାନେ ଶିବ ସ୍ତୁତି ଗଙ୍ଗା ତରଙ୍ଗ ପ୍ରସ୍ତୁତ କରିଥିଲେ। ପଶ୍ଚିମବଙ୍ଗର ଭଗବାନ ଶିବ ନଟରାଜ ନୃତ୍ୟ ଅନୁଷ୍ଠାନର କଳାକାରମାନେ ବୀରତ୍ୱର ନୃତ୍ୟ ନାଟୁଆ ଲୋକନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଝାଡଖଣ୍ଡ ରାଜ୍ୟର କଳାକାରମାନେ ଆଦିବାସୀ ଲୋକନୃତ୍ୟ ଝୁମାର ପରିବେଷଣ କରିଥିଲେ। ଏହି ତିନି ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଅନ୍ୟ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା, ଉପାଧକ୍ଷା ପ୍ରଭାତୀ ମିଶ୍ର, ରୀତା ରାଣୀ ଓ ନବନୀତା ପାଲଚୌଧୁରୀ ଉପସ୍ଥିତ ଥିଲେ। ଭଞ୍ଜ କଳା କେନ୍ଦ୍ରର ସଭାପତି ତଥା ଆରଏସପି ଆରଏମଏଚପି ବିଭାଗର ସିଜିଏମ ଶୁଭ ଶଙ୍କର ରାୟଚୌଧୁରୀ ଭଞ୍ଜକଳା କେନ୍ଦ୍ରର ଦୀର୍ଘ ବର୍ଷର ଗୌରବମୟ ଯାତ୍ରା ଓ ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ପାରମ୍ପରିକ ଲୋକନୃତ୍ୟର ପ୍ରଚାର ପ୍ରସାର ପାଇଁ ଏହାର ଯୋଗଦାନ ସମ୍ବନ୍ଧରେ କହିଥିଲେ। ଭଞ୍ଜକଳା କେନ୍ଦ୍ରର ଉପଦେଷ୍ଟା ଅସୀମ କୁମାର ବେହେରା ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ମହତ୍ତ୍ୱ ଓ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଆଲୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଆରଏସପି ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଉପସଭାପତି ତଥା ଆରଏସପି ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ, ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି, ଭଞ୍ଜକଳା କେନ୍ଦ୍ରର ଉପଦେଷ୍ଟା ଅମର ବେହେରା, କର୍ମକର୍ତ୍ତା ବିବେକାନନ୍ଦ ପରିଡ଼ା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ଗଜେନ୍ଦ୍ର ମୁର୍ମୁ, ବସନ୍ତ ସାହୁ, ରସାନନ୍ଦ ମହାନ୍ତ, କନକଲତା ମିଶ୍ର, ପ୍ରବୀଣ ପାତ୍ର, ସଙ୍ଗୀତ ପଟ୍ଟନାୟକ ଓ ଭଞ୍ଜ ସାଂସ୍କୃତିକ ନ୍ୟାସର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।







## ଦ୍ୱିତୀୟ ସନ୍ଧ୍ୟାରେ କଥକ, ଛଉ, ସମ୍ବଲପୁରୀ ମୁଖ୍ୟ ଆକର୍ଷଣ

ରାଉରକେଲା, ୨।୧୧(ସମିସ): ଭଞ୍ଜଭବନ ମୁକ୍ତାକାଶ ମଞ୍ଚଠାରେ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାର ଆକର୍ଷଣ ସାଜିଥିଲା ଶାସ୍ତ୍ରୀୟ କଥକ ନୃତ୍ୟ, ପୁରୁଲିଆ ଛଉ ଏବଂ ସମ୍ବଲପୁରୀ ଲୋକନୃତ୍ୟ। ପ୍ରାରମ୍ଭରେ ଭଞ୍ଜକଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଗୁରୁ ଡକ୍ଟର ଅନିଲ କୁମାର ଦତ୍ତଙ୍କ ନିର୍ଦ୍ଦେଶନାରେ ଗିଟାର ବାଦନ ପରିବେଶକୁ ଆହ୍ଲାଦିତ କରିଥିଲା। ପରେ ବିଶ୍ୱର ଖ୍ୟାତି ସମ୍ପନ୍ନ କଥକ ଶାସ୍ତ୍ରୀୟ ନୃତ୍ୟ ବିଶିଷ୍ଟ ନୃତ୍ୟଗୁରୁ ପଣ୍ଡିତ ସନ୍ଦୀପ ମଲ୍ଲିକ ଏବଂ ତାଙ୍କ ଅନୁଷ୍ଠାନ ନଦମ ନୃତ୍ୟ କେନ୍ଦ୍ରର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ନୃତ୍ୟଶିଳ୍ପୀମାନେ 'ନାଦ ଆକୃତି' ଏବଂ 'କଥକ ରଙ୍ଗ କେ' ପ୍ରସ୍ତୁତ କରିଥିଲେ। ପରେ ପରେ ପୁରୁଲିଆର ନଟରାଜ କଳାକେନ୍ଦ୍ରର ଲୋକନୃତ୍ୟ କଳାକାରମାନେ ପ୍ରଭାତ କୁମାର ମାହାତୋଙ୍କ ନିର୍ଦ୍ଦେଶନାରେ ସୁପ୍ରସିଦ୍ଧ ଛଉ ଲୋକନୃତ୍ୟ ପ୍ରସ୍ତୁତ କରିଥିଲେ, ଯାହା ଦର୍ଶକଙ୍କ ମଧ୍ୟରେ ରୋମାଞ୍ଚ ଭରିଦେଇଥିଲା। ଶାରୀରିକ ଦକ୍ଷତା ସହିତ ନୃତ୍ୟର ଅପୂର୍ବ ତାଳଲୟ ମଞ୍ଚରେ ମହିଷାସୁର ମର୍ଦ୍ଦିନୀର ପରିବେଷଣ ଏକ ଚିତ୍ତାକର୍ଷକ ଅନୁଭବ ପ୍ରଦାନ କରିଥିଲା। ପରେ ପରେ ସମଗୀତ ସମିତି ପଦ୍ମପୁରର କଳାକାରଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ପରିବେଷଣ ସନ୍ଧ୍ୟାର ଅନ୍ୟତମ ବରିଷ୍ଠ ଆକର୍ଷଣ ଥିଲା। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଅଧିକାରୀ ଶଶାଙ୍କ ପଟ୍ଟନାୟକ, ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।







# ଥାନାରେ ଦାଖଲ ହେଉନି ଆଗନ୍ତୁକ ତଥ୍ୟ ଫର୍ମ

କଟକ, ୨।୧୧(ସମିସ)

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ସରାଇ-ଆକ୍ଟ ୧୮୬୭ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ ହେଉଥିବା ନଜରକୁ ଆସିଛି। ଗତ ୨୩ ତାରିଖରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଛକରେ ଥିବା ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରାଯାଇ ୩୨ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ନିୟମ ଅନୁସାରେ, ସମ୍ପୃକ୍ତ ହୋଟେଲ୍ ମାଲିକ ବା କର୍ତ୍ତୃପକ୍ଷ ଆଗନ୍ତୁକଙ୍କ ସମ୍ପର୍କରେ ଥାନାରେ ସୂଚନା ପ୍ରଦାନ କରିବାର ଜରୁରୀ ହୋଇଥିବା ବେଳେ ଏହା କରାଯାଇ ନଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ପୁଲିସ ଚଢ଼ଉ କରିଥିଲା। ତେବେ ଏହି ଘଟଣା ପରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସରାଇ-ଆକ୍ଟ ୧୮୬୭ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଥାନାୱାରୀ ନିର୍ଦ୍ଦେଶ ଦେଇଛନ୍ତି। ସହରର ସମସ୍ତ ହୋଟେଲ, ଗେଷ୍ଟ ହାଉସ ଏବଂ ଲଜିଂ ମାଲିକମାନେ ନିକଟସ୍ଥ ଥାନାରେ ପ୍ରତ୍ୟେକ ଦିନ ଆଗନ୍ତୁକଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଚେକଇନ୍ ଓ ଚେକ୍‌ଆଉଟ୍ ସମ୍ପର୍କିତ ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି। ଯଦି ଏଥିରେ ଅବମାନନା ହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ କହିଛନ୍ତି।

ସହରରେ ରହିଥିବା ହୋଟେଲ୍ ଏବଂ ଲଜିଂଗୁଡ଼ିକରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ଅଭିଯୋଗ ଉଠିଛି। ଏବେ ଐତିହାସିକ ବାଲିଯାତ୍ରା ପାଇଁ ସହରର ହୋଟେଲ୍ ଏବଂ ଲଜିଂ ଗୁଡ଼ିକରେ ଆଗନ୍ତୁକଙ୍କ ସଂଖ୍ୟା ବୃଦ୍ଧି ଘଟିବ। ଏହାକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ହୋଟେଲ୍, ଲଜିଂ ଏବଂ ଗେଷ୍ଟ ହାଉସ ଗୁଡ଼ିକକୁ ନୋଟିସ୍ ଜାରି କରିବାକୁ କୁହାଯାଇଛି। ଫର୍ମ-ଏ, ବି ଏବଂ ସି ମାଧ୍ୟମରେ ସ୍ଥାନୀୟ ଥାନାରେ ପ୍ରତ୍ୟେକ ଦିନ ହୋଟେଲ୍, ଲଜିଂର ମାଲିକମାନେ ଆଗନ୍ତୁକଙ୍କ ତଥ୍ୟ ପ୍ରଦାନ କରିବେ। ସେମାନଙ୍କ ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ଚେକ୍ ଇନ୍ ଏବଂ ଚେକ୍ ଆଉଟ୍‌ର ସମୟ ସମ୍ପର୍କିତ ସମସ୍ତ ତଥ୍ୟ ଥାନାରେ ଦେବାକୁ ହେବ। ସୂଚନାଯୋଗ୍ୟ, କମିସନରେଟ୍ ପୁଲିସ ଏବେ ୫୦ରୁ ଅଧିକ ଲଜିଂକୁ ତାଲିକାଭୁକ୍ତ କରିବ ବୋଲି କହିଛି। ସେମାନଙ୍କୁ ଚେତାବନୀ ଦିଆଯିବ। ପୂର୍ବରୁ ଯେଉଁମାନେ ଆଗନ୍ତୁକଙ୍କ ତଥ୍ୟ ଥାନାରେ ଦାଖଲ କରୁନାହାନ୍ତି, ସେମାନେ କୈଫିୟତ୍ ଦେବେ। ସେମାନଙ୍କ ନିକଟରୁ ଜରିମାନା ଆଦାୟ କରାଯାଇ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ। ସହରରେ ୨୫୦ରୁ ଅଧିକ ହୋଟେଲ୍, ଲଜିଂ ଓ ଗେଷ୍ଟ ହାଉସ ରହିଛି। ପୁଲିସ ସୂଚନା ଆଧାରରେ ୧୦ପ୍ରତିଶତ ଅନୁଷ୍ଠାନକୁ ଛାଡିଲେ ଅନ୍ୟ କେହି ପୁଲିସର ନିୟମକୁ ମାନୁ ନାହାନ୍ତି। କଲେଜଛକ, ବାଦାମବାଡ଼ି, ଚୌଧୁରୀ ବଜାର, ପୁରୀଘାଟ, ସିଡିଏ, ମହାନଦୀ ବିହାର, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, ଓଏମପି, ମଧୁପାଟଣା, ନୂଆବଜାର, ଜଗତପୁର ଭଳି ଅଞ୍ଚଳରେ ଶତାଧିକ ହୋଟେଲ୍ ଓ ଲଜିଂ ମାଲିକମାନେ ଖୋଲାଖୋଲି ଭାବେ ସରାଇ ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି। ଏସବୁ ସ୍ଥାନରେ ଥିବା ହୋଟେଲ୍ ଓ ଲଜିଂ ଗୁଡ଼ିକରେ ଚଢ଼ଉ କରାଯିବ ବୋଲି ପୁଲିସ କହିଛି।



**ଜସ୍ମିନ୍ ହୋଟେଲ୍ ଚଢ଼ଉ ପରେ ଡିସିପିଙ୍କ କଡ଼ା ତାଗିଦ**

**ହୋଟେଲ୍, ଗେଷ୍ଟ ହାଉସ୍ ଓ ଲଜିଂ ମାଲିକଙ୍କୁ ସହଯୋଗର ନିର୍ଦ୍ଦେଶ**

ଅନ୍ୟପକ୍ଷରେ ସହରରେ ସଂଖ୍ୟାଧିକ ଭାବେ ବଢ଼ି ଚାଲିଛି ଅନଲାଇନ୍ ଆପ୍‌ରେ ବୁକିଂ ହେଉଥିବା ହୋଟେଲ ସଂଖ୍ୟା। ଓୟୋ ଭଳି ଏକାଧିକ ଆପ୍ଲିକେସନ୍ ମାଧ୍ୟମରେ ସହଜରେ ଉପଲବ୍ଧ ହେଉଛି ରୁମ୍। ଅନଲାଇନ୍‌ରେ ରୁମ୍ ବୁକିଂ ହେଉଥିବା ଯୋଗୁଁ ମନଇଛାରେ ମାଲିକମାନେ ରୁମ୍ ଯୋଗାଉଛନ୍ତି। ଏ ସମ୍ପର୍କିତ ତଥ୍ୟ ପୁଲିସ ପାଖରେ ନାହିଁ। ବିନା ଡକ୍ୟୁମେଣ୍ଟ୍‌ର ଏମାନେ ଆଗନ୍ତୁକଙ୍କୁ ରୁମ୍ ଯୋଗାଇ ଦେଉଛନ୍ତି। ଏହି ସବୁ ରୁମ୍ ଗୁଡ଼ିକରେ ଅପରାଧମୂଳକ କାର୍ଯ୍ୟକଳାପ ଚାଲୁଛି। ପୁଲିସ ଏମାନଙ୍କ ଉପରେ ନଜର ରଖିବ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ଚେନ୍ନାଇରେ ଶ୍ରୀଜଗନ୍ନାଥ ଚେତନା କାର୍ଯ୍ୟକ୍ରମ

**କଟକ, ୨।୧୧(ସମିସ):** ଭାରତ ବର୍ଷ ଅଧୀନ ମେଟ୍ରୋ ସହର ଚେନ୍ନାଇର ସୁଦର୍ଶନ ଟେରାସ ଠାରେ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ଆବାହନରେ ଦୁଇଦିନ ଧରି ଶ୍ରୀଜଗନ୍ନାଥ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ମାସ ଦଶମୀ ଏବଂ ଏକାଦଶୀ ତିଥି ଦୁଇଦିନ ଧରି ଉକ୍ତ ସ୍ଥାନରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ସମ୍ପାଦକ ଡ. ଶୁଭେନ୍ଦୁ ଶେଖର ସ୍ୱାଇଁ ଏବଂ ଉପଦେଷ୍ଟା ଲିଙ୍ଗରାଜ ପତି ମହାପ୍ରଭୁଙ୍କ ବାଣୀ ସେବା ପ୍ରଦାନ ପାଇଁ ବିମାନ ଯୋଗେ ଚେନ୍ନାଇ ଅଭିମୁଖେ ଯାତ୍ରା କରିଥିଲେ। ବିମାନ ବନ୍ଦର ଠାରୁ କାର୍ଯ୍ୟକ୍ରମ ସ୍ଥଳ ପର୍ଯ୍ୟନ୍ତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଏବଂ ପରିଚାଳନା ସମିତିର ସଭ୍ୟମାନଙ୍କର ସ୍ୱାଗତ ଓ ଅଭ୍ୟର୍ଥନାକୁ ପାଥେୟ କଲେ ମହାପ୍ରଭୁଙ୍କ ପ୍ରତି ସେମାନଙ୍କ ଭକ୍ତି ଅତି ଉଚ୍ଚକୋଟୀର ବୋଲି ପରିଲକ୍ଷିତ ହେଉଥିଲା। ପ୍ରଥମ ଦିନ ସନ୍ଧ୍ୟା ମଞ୍ଚରେ ସୁଦର୍ଶନ ଟେରାସରେ ଅଗଣିତ ଭକ୍ତମାନେ ଯୋଗଦାନ କରି ଶୁଭେନ୍ଦୁ ସ୍ୱାଇଁ ଏବଂ ଲିଙ୍ଗରାଜ ପତିଙ୍କ ଠାରୁ ମହାପ୍ରଭୁଙ୍କ ଦିବ୍ୟ କଥାମୃତ ଶ୍ରବଣ କରିଥିଲେ। ଦ୍ୱିତୀୟ ଦିବସ ପଞ୍ଚୁକର ଦେବ ଉତ୍ଥାପନ ଏକାଦଶୀ ତିଥିରେ ଭକ୍ତମାନେ ମହାପ୍ରଭୁଙ୍କ ସମ୍ମୁଖରେ ଭଜନ କୀର୍ତ୍ତନ କରି ଆନନ୍ଦିତ ହୋଇଥିଲେ। ପୂର୍ବାହ୍ନ ସମୟରେ ଦକ୍ଷିଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହିତ ମନ୍ଦିର ଟ୍ରଷ୍ଟୀ ଡଃ ସୁରେନ୍ଦ୍ର ନାଥ ମାଝୀଙ୍କ ଦିବ୍ୟ ଅନୁଭୂତି ଶୁଣିଥିଲେ। ସନ୍ଧ୍ୟା ମଞ୍ଚରେ ଉପସ୍ଥିତ ଭକ୍ତଙ୍କୁ ପଣ୍ଡିତ ଲିଙ୍ଗରାଜ ପତି ଓ ଡ. ଶୁଭେନ୍ଦୁ ସ୍ୱାଇଁ ମହାପ୍ରଭୁଙ୍କ ଭକ୍ତ ଚରିତ୍ର ଏବଂ ବେଢ଼ା ପରିକ୍ରମା ବିଷୟରେ ବାଣୀ ସେବା ପ୍ରଦାନ କରିଥିଲେ। ମହାପ୍ରଭୁଙ୍କ ନୀଳଚକ୍ର ବାନା, ନିର୍ମାଲ୍ୟ, ମହାପ୍ରଭୁଙ୍କ ସମ୍ବନ୍ଧୀୟ ପୁସ୍ତକ, ଚାରଣ ସ୍ୱାଧ୍ୟାୟ, ବାଳଭୋଗ, ଲାଗି ତୁଳସୀ, ଶୁଖିଲା ମହାପ୍ରସାଦ ଆଦି ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ଲାଗି ତୁଳସୀ ଓ ଶୁଖିଲା ମହାପ୍ରସାଦ ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସମସ୍ତ ସଭ୍ୟମାନେ ପରିବାର ସହିତ ଯୋଗଦାନ କରି କାର୍ଯ୍ୟକ୍ରମକୁ ସରସ ଓ ସୁନ୍ଦର କରିଥିଲେ। ମହାପ୍ରଭୁଙ୍କ ଚେତନା ଓ ଲୀଳା ପ୍ରଚାର ପ୍ରସାର ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେଠାରେ ଏକ ନୂତନ ଚାରଣ ଶାଖା ଗଠନ ପାଇଁ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ସେମାନଙ୍କ ସହିତ ଆଲୋଚନା କରି ପ୍ରସ୍ତାବ ରଖିଥିଲେ। ଶେଷରେ ମଙ୍ଗଳ ଆଳତି କରାଯାଇଥିଲା ଏବଂ ସମସ୍ତେ ପ୍ରସାଦ ସେବନ କରି ଆନନ୍ଦରେ ସ୍ୱଗୃହକୁ ଫେରିଥିଲେ।




# ପୁଣ୍ୟତିଥିରେ ଭଜନ ସମ୍ରାଟଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୨।୧୧(ସମିସ):** ଓଡ଼ିଶାର ଯଶସ୍ୱୀ କଣ୍ଠଶିଳ୍ପୀ ଓ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ଭଜନସମ୍ରାଟ ଭିକାରୀ ବଳଙ୍କ ପଞ୍ଚଦଶ ପୁଣ୍ୟତିଥି ରବିବାର ପୂର୍ବାହ୍ନରେ ଖାନନଗର ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଭିକାରୀ ବଳ ପାର୍କ ଠାରେ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ପାଳନ କରାଯାଇଛି। ଉତ୍ସବର ପ୍ରାରମ୍ଭରେ ଭଜନ ସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଗୀତିକବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ ଭକ୍ତି ସଙ୍ଗୀତ ପରିବେଷଣ କରିବା ପରେ ସମ୍ପାଦକ ଡ. ସୁନାମଣି ରାଉତ ସ୍ୱାଗତ ଭାଷଣ ଓ ଭଜନ ସମ୍ରାଟଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ପ୍ରଫେସର ଡା. ଚଣ୍ଡୀ ଦାସ, ଇଂ.ଡ. ପ୍ରଭାକର ସ୍ୱାଇଁ, ଡାକ୍ତର ସୁଦର୍ଶନ ପଟ୍ଟନାୟକ, ପ୍ରଫେସର ବିଜୟାନନ୍ଦ ସିଂହ, ଅମିୟ କୁମାର ବଳ, ସ୍ୱାଗତ ରାଉତ, ପ୍ରଫେସର ଉମାଶଙ୍କର ମିଶ୍ର, ଡ. ବୈଜୟନ୍ତୀ ମିଶ୍ର, ଡା. ଦୀପକ ରାଜ, ଡା. ସିଦ୍ଧାର୍ଥ ଦାସ, ଆଦିତ୍ୟ ପ୍ରତାପ ଧଳ, ବ୍ରହ୍ମାନନ୍ଦ ମହାନ୍ତି, ଡ. ଧରଣୀଧର ନାଥ, ଲକ୍ଷ୍ମୀଧର ବିଶ୍ୱାଳ, ଭୁବନାନନ୍ଦ ମହାନ୍ତି, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ସତ୍ୟଜିତ୍ ମହଲା, ତାପସ ରଞ୍ଜନ ମହାନ୍ତି, ପରମାନନ୍ଦ ସାହୁ, ଗୌତମଚନ୍ଦ୍ର କର, ଗୋପାଳ ବେହେରା, ସହଦେବ ପରିଡ଼ା, ଅନନ୍ୟା ଅରୁଣିମା, ସୁରେନ୍ଦ୍ର ପ୍ରମୁଖ ଯୋଗଦେଇ ଭଜନ ସମ୍ରାଟ ଭିକାରୀ ବଳଙ୍କ ଗୁଣ ଓ ଗରିମା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଭଜନ ସମ୍ରାଟଙ୍କ ନାତି ଅମୂଲ୍ୟ କୃଷ୍ଣ ବଳ ଧନ୍ୟବାଦ ଦେଇଥିଲେ।



# ସମ୍ବାଦପତ୍ର ବିକ୍ରେତା ସଂଘ ଉପସଭାପତି ଗୁରୁତର

**କଟକ, ୨।୧୧(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘର ଉପସଭାପତି ପିତାମ୍ବର ବେହେରା ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସିଡ଼ିଏ ସେକ୍ଟର ୭ ଥାନା ପାଖରେ ସ୍କୁଟିରେ ଆସୁଥିବା ସମୟରେ ଏକ ବୁଲା କୁକୁର ପଶି ଆସିବାରୁ ସେ ତଳେ ପଡ଼ିଯାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ସେଥିପାଇଁ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, କେ. ବେଣୁ ରାଓ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ତାଙ୍କର ମୁଣ୍ଡ, ଛାତି ଓ ମୁହଁରେ ଆଘାତ ଲାଗିଛି।

**କଳିଙ୍ଗ ଭଲିବଲ୍ ଲିଗ୍**

# କଟକ ଜୋନ୍‌ରେ ଭାଗନେଲେ ୧୦ ଦଳ



**କଟକ, ୨।୧୧(ସମିସ):** ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ) ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି। ଯାଜପୁର ଜୋନ୍‌ରେ ଲିଗ୍ ପରେ ଆଜି କଟକ ଜୋନ୍‌ରେ ଏହା ଉଦ୍‌ଘାଟିତ ହୋଇଛି।

ନାରଙ୍ଗବସ୍ତରେ ଆୟୋଜିତ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଇଛନ୍ତି। କଟକ ସମେତ ଜଗତସିଂହପୁର, ଢେଙ୍କାନାଳ ଏବଂ ଯାଜପୁରର ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୈଳାସଚନ୍ଦ୍ର ସ୍ୱାଇଁ, ସୁଶାନ୍ତ ମାଝୀ, ବିକାଶ ଚନ୍ଦ୍ର ଖଟୁଆ, ଗୋପାଳ ଚନ୍ଦ୍ର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। କେଭିଡିସି ସଭାପତି ଡ ଅଭିଳାଶ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ନାୟକ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସମ୍ପାଦକ ରାଜୀବ ସାହୁ, କଟକ ଜିଲ୍ଲା ସମ୍ପାଦକ ସରୋଜ ଖଟୁଆ, ସଭାପତି ଦେବାଶିଷ ସ୍ୱାଇଁ, ଯାଜପୁର ଜୋନ୍‌ର ଦିବ୍ୟବ୍ରତ ପଣ୍ଡାଙ୍କ ସମେତ ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ।

# ଶ୍ରୀହରି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

**କଟକ, ୨।୧୧(ସମିସ):** ସାମାଜିକ ସଂଗଠନ ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ ରଶ୍ମି ପ୍ୟାଲେସରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମାଜସେବା ଓ ମାନବତାର ସନ୍ଦେଶ ବ୍ୟାପିତ କରିବା ପାଇଁ ଅନେକ ଯୁବକ ଓ ସଦସ୍ୟ ଉତ୍ସାହର ସହ ରକ୍ତଦାନ କରିଥିଲେ। ଏହି ଶିବିରରୁ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଗୀତିକାର ଅରୁଣ ମନ୍ତ୍ରୀ, ବୁଟୁ ଭାଇ, ସମାଜସେବୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଜ୍ୟୋତିର୍ବିଦ୍ ଶ୍ରୀପତି ଆଚାର୍ଯ୍ୟ, ଗୋପାଳ ମିଶ୍ର, ଡା. ହିମାଂଶୁ ମିଶ୍ର, ଲଳିତ ରାୟ, ଦେବେନ୍ଦ୍ର ସାହୁ, ସମାଜସେବୀ ଲିପ୍ତିମୟୀ ମହାନ୍ତି, କ୍ଷୀରୋଦ ସାହୁ, ନମିତ ସାହୁ, ସମୀର ଜେନା, ଦୀପେଶ ମହାପାତ୍ର, ସବିତା ମଞ୍ଜରୀ ବେହେରା, ରବି ଭାଇ,



ଶିବିରରେ ଅତିଥି ରୂପେ ଏସିପି କୃଷ୍ଣଚନ୍ଦ୍ର ସେଠୀ, ବିଡାନାସୀ ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ, ଉତ୍କଳ ଯାଦବ ମହାସଭାର ସଭାପତି ପ୍ରଦୀପ ବେହେରା, ବିଡାନାସୀ ଦୁର୍ଗା ପୂଜା କମିଟି ସଭାପତି ଶିବେନ୍ଦ୍ର ବେହେରା, ଦେବେନ୍ଦ୍ର ସାହୁ, ସମାଜସେବୀ ଅଭିମନ୍ୟୁ ଦାସ, ରାଜା ଭାଇ, ପୂର୍ଣ୍ଣଚନ୍ଦ୍ର ଶୁକ୍ଳା, ଶ୍ରୀ ହରି ପରିବାରର ଉପଦେଷ୍ଟା ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ସଫଳ ହୋଇଥିବାରୁ ଫାଉଣ୍ଡେ ନର ସଭାପତି ମମତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପ୍ରଦୀପ ରାଓଙ୍କ ବିୟୋଗରେ ସ୍ମୃତିସଭା



**କଟକ, ୨।୧୧(ସମିସ):** ବିଶିଷ୍ଟ ହୋମିଓପାଥିକ ଡାକ୍ତର, ସମାଜସେବୀ, ରେଭେନ୍ସା କଲିଜିଏଟ ସ୍କୁଲର ସୁଯୋଗ୍ୟ ପୁରାତନ ଛାତ୍ର ତଥା ପୂରାତନ ଛାତ୍ର ସଂସଦର ପୂର୍ବତନ ସଭାପତି ଡ. ପ୍ରଦୀପ ରାଓଙ୍କ ବିୟୋଗରେ ରେଭେନ୍ସା କଲିଜିଏଟ ସ୍କୁଲର ପୁରାତନ ଛାତ୍ର ସଂସଦ ତରଫରୁ ସ୍କୁଲ ପ୍ରାଙ୍ଗଣରେ ସ୍ଥିତ ବିଜୁ ପଟ୍ଟନାୟକ ହଲରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ହୋମିଓପାଥି ଡା. ପଦ୍ମଶ୍ରୀ ଅଭିନ୍ନ ରାଓଙ୍କ ସୁପୁତ୍ର ପ୍ରଦୀପ ରାଓ ୩୦ ଡିସେମ୍ବର ୧୯୪୪ରେ ଜନ୍ମଗ୍ରହଣ କରି ୨୧.୧୦.୨୦୨୫ରେ ଇହଲୀଳା ସମ୍ବରଣ କରିଛନ୍ତି। ସ୍ମୃତି ସଭାରେ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ବରିଷ୍ଠ ଆଇନଜୀବୀ ନରେନ୍ଦ୍ର କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସଂସଦର ସଭ୍ୟ ଓ ସଭ୍ୟାମାନେ ଦିବଙ୍ଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ଉପସଭାପତି ସଞ୍ଜୟ ମହାପାତ୍ର, ସହକାରୀ ସମ୍ପାଦକ ପ୍ରତାପ ମିଶ୍ର, ସୁବ୍ରତ ଗରାବଡୁ, ଡା. ତୋଫାନ ପତି, ଅନିତା ପତି, ଦେବାଶିଷ ଦାସ, ଅମିତ ବୋଷ, ଶିବ ପ୍ରସାଦ ପରିଡ଼ା, ଜଗନ୍ନାଥ ସେଠୀ, ସଞ୍ଜୀବ ସାହୁ, ମନୋଜ ମହାପାତ୍ର, ମୋନାଲିସା ଅଗ୍ରୱାଲ, ପରେଶ କାନୁନଗୋ, ବିଶ୍ୱଦତ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଡା. ପ୍ରଦୀପ ରାଓଙ୍କ ଅବଦାନ ଉପରେ ଆଲୋକପାତ କରି ତାଙ୍କୁ ଏକ ଚଳନ୍ତି ଅନୁଷ୍ଠାନ ବୋଲି କହିଥିଲେ। ଡାକ୍ତର ରାଓଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ସଂସଦର ସଦସ୍ୟମାନେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ।

**ଐତିହାସିକ କଟକ ବାଲିଯାତ୍ରା-୨୦୨୫**

# 'ପଥୋତ୍ସବ'ରେ ଝୁମିଲେ କଟକିଆ




କଟକ, ୨।୧୧(ସମିସ)

ଐତିହାସିକ ବାଲିଯାତ୍ରା-୨୦୨୫ ଅବସରରେ ଆଜି କଟକିଆ ପାଳିଥିଲେ ପଥୋତ୍ସବ। କଟକ ବାଲିଯାତ୍ରା ଉପରପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାର ସମ୍ମୁଖ ରାସ୍ତାରେ ରଙ୍ଗୋଲି, ସ୍କେଟିଂ, ବାଇକ୍ ସୋ, ଯୋଗାସନ, କବି ସମ୍ମିଳନୀ, ଲାଇଭ ସ୍କେଚ୍ ଆର୍ଟ ଆଦି ଆୟୋଜିତ ହୋଇଥିଲା। ସିଏମ୍‌ସି, ଜିଲ୍ଲା ପ୍ରଶାସନ ଓ ସିଡିଏର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଗୁହା ପୁନମ ଯୋଗ ଦେଇ କହଲେ ଯେ ଏହି ପଥୋତ୍ସବ ବାଲିଯାତ୍ରାର ଶୁଭାରମ୍ଭ କରିଛି। ଏଭଳି କାର୍ଯ୍ୟକ୍ରମ କଟକର ଭାଇଚାରାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ଏଥିରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଲେ ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲିଯାତ୍ରାର ନିମନ୍ତ୍ରଣ ବାର୍ତ୍ତା କଟକବାସୀଙ୍କ ସମେତ ସମସ୍ତ ଅଞ୍ଚଳବାସୀଙ୍କୁ ଦିଆଯାଉଛି। କଟକିଆଙ୍କ ପାଇଁ ଏହା ହେଉଛି ଏହା ବର୍ଷର ଶେଷ ପର୍ବ।

ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଯୋଗ ଦେଇଥିଲେ। ପଥୋତ୍ସବରେ ସିଏମ୍‌ସି କମିଶନର କିରନ୍‌ଦୀପ କୌର ସୋହତା ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ କାର୍ଟୁନ ପ୍ରଦର୍ଶନୀ ସମେତ ବାଇକ୍ ସୋ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଭୁବନେଶ୍ୱରସ୍ଥିତ ବିକେ ଆର୍ଟ କଲେଜର ଛାତ୍ର ସୌରଭ ସାହୁ ରାସ୍ତାରେ ବାଲିଯାତ୍ରା ଥିମ୍‌ରେ ରଙ୍ଗୋଲିରେ ସଜାଇଥିଲେ। ଏହାସହ ବି.କେ ଆର୍ଟ କଲେଜର ଛାତ୍ର ସମ୍ରାଟ ମେହେର ଲାଇଭ୍ ସ୍କେଚ୍ ଆର୍ଟ ମାତ୍ର ମିନିଟ୍‌ରେ ଆଙ୍କି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। 'ଦି ସ୍କେଟ୍ ହବ୍' କଟକର ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀ ସ୍କେଟିଂ କରିଥିଲେ। କଟକ ଏସ୍‌ଏନ୍ ଟାଇକୋଣ୍ଡୋ ଏକାଡେମୀ ପକ୍ଷରୁ ୫୦ ଜଣ ଛାତ୍ରଛାତ୍ରୀ ଟାଇକୋଣ୍ଡୋ ପ୍ରଦର୍ଶନ କରିଥିଲେ। ବାରବାଟୀ ଯୋଗ ଆସୋସିଏସନର ପ୍ରାୟ ୨୦ ଛାତ୍ରଛାତ୍ରୀ ଯୋଗାସନ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର ଓଡ଼ିଶା ସୁପରରାଇଡରର ଅନୁଷ୍ଠାନର ୬୦ ଜଣ ବାଇକର୍ ଜୟଦେବ ବିହାରରୁ ବାଇକ ଶୋଭାଯାତ୍ରାରେ ବାହାରି କଟକ ଉପରବାଲିଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ପଥ ଉତ୍ସବ ପାଇଁ ବାଲିଯାତ୍ରା ଉପରପଡ଼ିଆରେ ୨ଟି ମଞ୍ଚ ନିର୍ମାଣ କରାଯାଇଥିଲା। ଓଲିଉଡ କଳାକାର ଅର୍ଦ୍ଧେନ୍ଦୁ ସାହୁ, ଶୁଭାଶିଷ ଶର୍ମା, ଭୂମିକା ଦାସ, ଶିବାନୀ ସଙ୍ଗୀତା ଓ ଯୁବା ବ୍ୟାଣ୍ଡ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଗ୍ରୁପଙ୍କ ସଙ୍ଗୀତରେ ସହରବାସୀ ଝୁମିଥିଲେ। ଛାତ୍ରଛାତ୍ରୀମାନେ ସକାଳ ୬ଟାରୁ ପଥ ଉତ୍ସବକୁ ଆସି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। 'ଆଶ୍ରୟ ଦି ସେଲଟର'ର ଛାତ୍ରଛାତ୍ରୀଙ୍କ 'ବୋଇତ ଅଙ୍କନ' ସହ ଆକର୍ଷଣୀୟ ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶିଳ୍ପୀ ଯଶସ୍ୱୀ ମହାପାତ୍ର ଓ ସୁସ୍ମିତା ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।





## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# 'ବିଜେପି ହେଉଛି ମିଛୁଆ ଓ ଗରିବ ବିରୋଧୀ ସରକାର'


ଉଦଳା/କପ୍ତିପଦା, ୨।୧୧(ସମିସ)



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରବିବାର କପ୍ତିପଦା ବ୍ଲକରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ଏବଂ କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଗୋଲେଇ ନିକଟରେ ହଜାର ହଜାର କର୍ମୀ ଏବଂ ନେତୃମଣ୍ଡଳୀ ଏକତ୍ରିତ ହୋଇ ପଦଯାତ୍ରା ଆରମ୍ଭ କରିଥିଲେ। କପ୍ତିପଦା ମୁଖ୍ୟ ବଜାରରୁ ରଥଦାଣ୍ଡ ଦେଇ ପରିକ୍ରମା କରି କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଶ୍ରୀନାଥ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଭାରତୀ ହାଂସଦା, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ହେବେନ୍ଦ୍ର ମହାନ୍ତ, ବିଜେଡି ଜିଲ୍ଲା ମହିଳା ପୂର୍ବତନ ସଭାପତି ଦୀପ୍ତିଲତା ମିଶ୍ର, ପ୍ରତାପ ବନ୍ଧ ସାହୁ, ଅନୁପ କୁମାର ରାଉତ, ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ୍, ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ଦେହୁରୀ, ଅଭିମନ୍ୟୁ ମଣ୍ଡଳ କୁନୁମୁର୍ମୁ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ବରିଷ୍ଠ ନେତା ବନମାଳୀ ବେହେରା, ଯୁବ ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ନୀଳମାଧବ ପାତ୍ର, ଅମିୟ ବଳ, ନିରଞ୍ଜନ ପରିଡ଼ା ଏବଂ ବହୁ ନେତୃମଣ୍ଡଳୀ ମଞ୍ଚାସୀନ ହୋଇ ବିଗତ ଦିନର ନବୀନ ବାବୁଙ୍କ ନେତୃତ୍ୱରେ ଯେଉଁ ଉନ୍ନତି ସାଧିତ ହୋଇଥିଲା, ତାହା ୧ ନମ୍ବର। ମାତ୍ର ୧୭ ମାସର ଭାରତୀୟ ଜନତା ପାର୍ଟି ସରକାର ଧୂଳିସାତ୍ କରିଦେଇଛନ୍ତି। ଲୋକଙ୍କ ହାତରେ କାମ ନାହିଁ ଓ ମନରେଗା ଯୋଜନାରେ ୧୦୦ ଦିନର କାର୍ଯ୍ୟ ଗ୍ୟାରେଣ୍ଟି ଆଜି ପ୍ରହସନରେ ପରିଣତ ହୋଇଯାଇଛି। କାମ ନ ମିଳିବାରୁ ଗରିବ ଆଦିବାସୀ ଲୋକମାନେ ଖାଦ୍ୟ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାପାଇଁ ବାଧ ହେଉଛନ୍ତି। ଦେଢ଼ ବର୍ଷ ହେଲା ବିକାଶ ଯୋଜନା ଠପ୍। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ବନ୍ଦ ହବାକୁ ବସିଲାଣି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ସମୟରେ ବିଜୁ ଏକ୍ସପ୍ରେସ୍ ବଡ଼ବଡ଼ ରାସ୍ତା ନିର୍ମାଣ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଓଡ଼ିଶାରେ ଅନେକ ରାସ୍ତାଘାଟ ସମସ୍ୟା ସମାଧାନ ହୋଇପାରୁଥିଲା ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଗଲାଣି।

ସେହିପରି ସାରା ଓଡ଼ିଶାରେ ଆଜି ହଜାର ହଜାର ମହିଳା ନିର୍ଯାତନାର ଶିକାର ହେଉଛନ୍ତି। ଚୋରି ଡକାୟତି, ରାହାଜାନୀ ବହୁ ମାତ୍ରାରେ ବୃଦ୍ଧି ପାଇଛି। ସାଧାରଣ ଲୋକଙ୍କ ଜୀବନ ବିପନ୍ନ, ଏହାକୁ ମୁକାବିଲା କରିବା ପାଇଁ ସମସ୍ତ କର୍ମୀ ଦୃଢ଼ ସଂକଳ୍ପ କରିଥିଲେ। ମିଥ୍ୟାବାଦୀ, ଅଯୋଗ୍ୟ, ଅସହାୟ ବିଜେପି ସରକାର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଗାଦି ହାତେଇଛନ୍ତି। ତାହା ଆଜି ଜନମାନସରେ ଧରାପଡ଼ିଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ, ମହାନଗର ନିଗମଗୁଡ଼ିକରେ ଯେଉଁ ନିର୍ବାଚନ ହେବ ବିଜେପିକୁ ଜିଲ୍ଲାରୁ ସମ୍ପୂର୍ଣ୍ଣ ମୂଳପୋଛ କରାଯିବା ନିମନ୍ତେ ଦୃଢ଼ ସଂକଳ୍ପ ନେଇଥିଲେ। ଜନସମ୍ପର୍କ ପଦଯାତ୍ରାକୁ ସାରସ ସୁନ୍ଦର କରିବା ପାଇଁ ବୁବୁଲି ମହାନ୍ତିଙ୍କ ନେତୃତ୍ୱରେ ରମେଶ ହାଂସଦା, ଅନୁ ଦାସ, ଆଲୋକ ରାଉତ, ଶଶଧର, ସୁନୀଲ୍ ପ୍ରଧାନ, ପରେଶ ବେହେରା, ସଂଯୁକ୍ତା ସୋରେନ୍, ଛାତ୍ର ନେତା ଶୈଳେଶ ବିଶ୍ୱାଳ, ଯୁବ ନେତା ଆଶିଷ ଦାସ, ବିଶାକର ମହାପାତ୍ର, ବିଜୟ ଭିତିରିଆ, ସମୀର ଦାସ, ଜୀବନ ପଟ୍ଟନାୟକ, ନବୀନ ମୁର୍ମୁ, ଦୀପକ ପାଢ଼ୀ, ଭିକାରୀ ଚରଣ ବିଶ୍ୱାଳ ଏବଂ ବହୁ ଯୁବ ଛାତ୍ର କର୍ମୀ ସାମିଲ ହୋଇଥିଲେ।

## ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ମୟୂରଭଞ୍ଜ ଶାଖାର ସପ୍ତମ ବୈଠକ



**ବାରିପଦା, ୨।୧୧(ସମିସ):** ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ମୟୂରଭଞ୍ଜ ଶାଖାର ସପ୍ତମ ବୈଠକ ତକତପୁରସ୍ଥ ରୁଚି ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପ୍ରଫେସର ଡା ଅଦ୍ୱୈତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉଦ୍ୟାନ ଉପନିର୍ଦ୍ଦେଶକ ଟଙ୍କଧର କାଲୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟରେ ପ୍ରଥମ ଛତୁ ଉତ୍ପନ୍ନ ଜିଲ୍ଲାରେ ପରିଣତ କରାଯାଇ ଉତ୍ତର ଭାରତରେ ପାଳ ଛତୁର ବ୍ୟାପକ ବିକ୍ରୟ ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏତଦ୍‌ବ୍ୟତୀତ ବିକ୍ରୟର ସୁଲଭ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନକୁ ଦାବି କରାଗଲା। ଜିଲ୍ଲାର ୨୬ଟି ବ୍ଲକରୁ ୧୫ଟି ବ୍ଲକର ଛତୁ ଉତ୍ପାଦନକାରୀ, ଛତୁ ମଞ୍ଜି ୟୁନିଟ୍ ଓ ବିକ୍ରେତାଙ୍କ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ରାଜ୍ୟ ଛତୁ ଉତ୍ପାଦନକାରୀ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ଦାସ, ଯାଜପୁର ଶାଖାର କୋଷାଧ୍ୟକ୍ଷ ଅନୀତା ରାଣୀ ନନ୍ଦି, ମୟୂରଭଞ୍ଜ ଜିଲ୍ଲା ଶାଖାର ସଭାପତି ଗୀତାଞ୍ଜଳି ମହାନ୍ତି, ସମ୍ପାଦକ ରାଧାକୃଷ୍ଣ ଦାସ, ସୁନୀଲ କୁମାର୍ ପଟ୍ଟନାୟକ, ପ୍ରକାଶ ମହାନ୍ତ, ରାମପ୍ରସାଦ ନାୟକ, ଦୀପାଞ୍ଜଳି ପ୍ରଧାନ ଓ ମୀନକେତନ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ୨୬ଟି ବ୍ଲକରେ ଛତୁ ଉତ୍ପାଦନ ପ୍ରସାରଣ ପାଇଁ ବ୍ଲକ କମିଟି ଗଠନ କରାଯାଇ ଦାୟିତ୍ୱ ଦିଆଯାଇଛି। ଛତୁ ଚାଷରେ ଜାତୀୟ ସମ୍ମାନ ଲାଭ କରିଥିବା ଛତୁ ଚାଷୀ ଗୀତାଞ୍ଜଳି ମହାନ୍ତିଙ୍କ ଛତୁ ଚାଷ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

## ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ସିଜିନ-୧୧ ପାଇଁ ପଞ୍ଜୀକରଣ ଆରମ୍ଭ



**ବାରିପଦା, ୨।୧୧(ସମିସ):** ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ସିଜିନ-୧୧ ପାଇଁ ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସରେ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ମୟୂରୀର କାର୍ଯ୍ୟକାରୀ ସଭାପତି ଡ. ବନଜା ମହାନ୍ତି ଉଦଘାଟନ କରିଥିଲେ। ଏ ଅବସରରେ ମୟୂରୀର ଉପଦେଷ୍ଟା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ, ସହସମ୍ପାଦିକା ରେଣୁବାଳା ରଥ, ବରିଷ୍ଠ ସଦସ୍ୟ ପୂର୍ଣ୍ଣିମା ପଣ୍ଡା, ପ୍ରଣତି ଦାସ, ସନ୍ଧ୍ୟାରାଣୀ ଦାସ, କାନନମୟୀ ମହାନ୍ତି, କମଳଲୋଚନ ମହାକୁଡ, ସାଇ ପ୍ରକାଶ ମହାନ୍ତି, କିଟକ୍ ବେହେରା, ସ୍ୱେଚ୍ଛାସେବୀ ହିମଦ୍ରିତନୟା ଚୌଧୁରୀ, ରଶ୍ମୀରେଖା ମହାପାତ୍ର, ପ୍ରଚିତା ମହାନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥରର ପ୍ରଥମ ପଞ୍ଜିକୃତ ପ୍ରତିଯୋଗୀ ହେଲେ ପୂର୍ବଜା ମଣ୍ଡଳ। ପୂର୍ବଜା ଗତବର୍ଷ ମଧ୍ୟ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଏହି ନିଆରା ମଞ୍ଚକୁ ଆସି ନିଜ କୃତିତ୍ୱ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ଏଥର ଭାଗ ନେବାକୁ ବହୁତ ଆଗ୍ରହର ସହିତ ସେ ଅପେକ୍ଷା କରିଥିଲେ ବୋଲି ତାଙ୍କ ବାପା କହିଛନ୍ତି। ପୂର୍ବଜାଙ୍କ ସମେତ ଚଳିତ ବର୍ଷର ସମସ୍ତ ପ୍ରତିଯୋଗୀଙ୍କୁ ମୟୂରୀ ପରିବାର ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ବାରିପଦାର ଶିଶୁ ଉଦ୍ୟାନ ପରିସରରେ ଆସନ୍ତା ୧୩ରୁ ୧୬ ତାରିଖ ଯାଏଁ ୪ଦିନ ଧରି ଏହି ନିଆରା ଶିଶୁ ମହୋତ୍ସବ ହେବାକୁ ଯାଉଥିବାବେଳେ ଏଥିରେ ସାମିଲ ହେବାକୁ ଓ ନିଜ ପିଲାଙ୍କୁ ଅଂଶଗ୍ରହଣ କରାଇବା ପାଇଁ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ରହିଥିବା ପରିଲକ୍ଷିତ ହୋଇଛି। ଯେଉଁ ପ୍ରତିଯୋଗୀ ଓ ଅଭିଭାବକ ଏହି ନିଆରା ଶିଶୁ ମହୋତ୍ସବରେ ସାମିଲ ହେବାକୁ ଆଗ୍ରହୀ ସେମାନେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ତାଙ୍କର ପଞ୍ଜିକରଣ କରାଇପାରିବେ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆସାହି ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**କପ୍ତିପଦା, ୨।୧୧(ସମିସ):** ନୂଆସାହି ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ସାମଗ୍ରିକ ବିକାଶରେ ଦୁର୍ନୀତି ଏକ ବିରାଟ ଅନ୍ତରାୟ ବୋଲି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ କରିଛନ୍ତି। ଏ ଅବସରରେ ଦୁର୍ନୀତି ନିବାରଣ ଆମ ସମସ୍ତଙ୍କର ଦାୟିତ୍ୱ ଶୀର୍ଷକ ଉପରେ ଆରମ୍ଭ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ନିହାରରଞ୍ଜନ ବାସ, ବିଭୂରଞ୍ଜନ ବିଶ୍ୱାଳ, ସଞ୍ଜୟ କୁମାର ସେନାପତି, ଅଧ୍ୟାପିକା ଶ୍ରୀମତୀ ସୁଜାତା ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ହେଉଥିବା ଲାଞ୍ଚ କାରବାରକୁ ସମୂହ ବିରୋଧ କରବା ସହିତ ବ୍ୟବସାୟ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଅବଗତ କରାଇବା ଆବଶ୍ୟକ। ଦୁର୍ନୀତିଖୋର ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଗଲେ ସମାଜରେ ଦୁର୍ନୀତି ବନ୍ଦ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଦୁର୍ନୀତି ନିବାରଣ ପାଇଁ ସମୂହ ଶପଥପାଠ କରିଥିଲେ। ଜାତୀୟ ସେବା ସଂସ୍ଥାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ମଞ୍ଜନା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟବ୍ୟାପୀ ଚାଲିଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚାରିଥର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ବାରିପଦା, ୨।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କ ବିବାଦୀୟ କାର୍ଯ୍ୟାବଳୀ ଚର୍ଚ୍ଚାରେ ରହିଛି। ବିଭିନ୍ନ ସମୟରେ ତାଙ୍କ ବିରୋଧରେ ବହୁ ପଦସ୍ଥ ବ୍ୟକ୍ତି ଅଭିଯୋଗ କରିସାରିଛନ୍ତି। ସମାଜସେବୀଠାରୁ ଆରମ୍ଭ କରି ଜିଲ୍ଲା ପରିଷଦର ସପ୍ତମ ଷ୍ଟାଣ୍ଡି କମିଟିର ଶିକ୍ଷା ବିଭାଗ ଅଧ୍ୟକ୍ଷ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ବିଇଓଙ୍କ ବିଭିନ୍ନ ଦୁର୍ନୀତି ବିଷୟରେ ଲିଖିତ ଭାବେ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଠାରୁ ଆରମ୍ଭ କରି ଜିଲ୍ଲାପାଳ, ଶିକ୍ଷା ସଚିବ, ଭିଜିଲାନ୍ସ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପର୍ଯ୍ୟନ୍ତ ଅଭିଯୋଗ ହୋଇଛି। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସମାଜସେବୀ ଜୟନ୍ତ କୁମାର ଧଡା ବିଇଓଙ୍କ ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତି ବିଷୟରେ ସମସ୍ତ ତଥ୍ୟ ପ୍ରମାଣ ସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୨୦୨୪ ସେପ୍ଟେମ୍ବର ୨୩ ତାରିଖ ଦିନ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆଇଡି-ସିଏମ୍‌ଓ ୨୦୨୪୮୩୮୨୮୫ରେ ତାହା ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ମୁତାବକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ।

୨୦୨୪ ନଭେମ୍ବର ୨୫ ତାରିଖରେ ଉକ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ପ୍ରକାଶ ପାଇଥିଲା। ଯେଉଁ ରିପୋର୍ଟରେ ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅସମର୍ଥ ଦର୍ଶାଯାଇଥିଲା। ତଥ୍ୟ ପ୍ରାମାଣ ସହିତ ଦୁର୍ନୀତିର ଅଭିଯୋଗ ହୋଇଥିଲେ ମଧ୍ୟ ଦୁର୍ନୀତି ଦିଗକୁ ରିପୋର୍ଟରେ ଅଣଦେଖା କରାଗଲା। ତଥାପି ରିପୋର୍ଟରେ ଅସମର୍ଥ ଘୋଷଣା ହୋଇଥିବାରୁ କିଛିହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଭିଯୋଗକାରୀ ଆଶା ରଖିଥିଲେ। ତେବେ ଏକବର୍ଷ ହେବାକୁ ବସିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଇତିମଧ୍ୟରେ ୪ ଥର ଅଭିଯୋଗ କରିସାରିଲେଣି। ଅଭିଯୋଗ କରି କରି ଅଭିଯୋଗକାରୀ ନିରାଶ ହେଲେଣି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଆଉ କୌଣସି ରିପୋର୍ଟ ପ୍ରକାଶ ପାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିର ଅଭିଯୋଗ ଗତ ମେ ମାସଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଡ଼ି ରହିଥିବା ଜନଶୁଣାଣି ପୋର୍ଟାଲରୁ ଜାଣିବାକୁ ମିଳିଛି। ତେବେ ମେ ମାସରୁ କେଉଁ ମନ୍ଦ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ରିପୋର୍ଟକୁ ଚାପି ରଖିଛନ୍ତି, ତାହା ସନ୍ଦେହଜନକ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୪ ଥର ଅଭିଯୋଗ ପରେ ମଧ୍ୟ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପକ୍ଷରେ ରାଜ୍ୟବ୍ୟାପି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଚାଲିଥିଲାବେଳେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ଦୁର୍ନୀତି ବିରୋଧରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୪ ଥର ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଦୁର୍ନୀତି ନିବାରଣ ସପ୍ତାହ ପାଳନ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଆଲୋଚନା ହେଉଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କୁଳିଅଣା, ୨।୧୧(ସମିସ):** ଗୋପବନ୍ଧୁ ସେବା ସଦନ କ୍ଲବ୍ ପକ୍ଷରୁ ଚାଲିଥିବା ୩୨ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାନ୍ଦୁଆସ୍ଥ ବିର୍ସା ମୁଣ୍ଡା ମଇଦାନରେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୮ଟି ଦଳ ଓ ଦ୍ୱିତୀୟ ଦିବସରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଦୁନିଆ ୱେଲେକମ ଟିମ ସହ ମିଥୁନ ଏଫସି ଟିମ ମଧ୍ୟରେ ହୋଇଥିଲା। ଏଥିରେ ପେନାଲଟି ମାଧ୍ୟମରେ ବିଜେତ ଘୋଷଣା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସକାଳ ଖବରକାଗଜ ପ୍ରତିନିଧି ମନୋରଞ୍ଜନ ପରିଡ଼ା, ପୂର୍ବତନ ସର୍ଗଛିଡା ସରପଞ୍ଚ ମକରଧ୍ୱଜ ମୁର୍ମୁ, ଚାନ୍ଦୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ସିଂ, ସମାଜସେବୀ ସୁଶାନ୍ତ ଦେଓ, ଆନନ୍ଦ ବେହେରା, ଲକ୍ଷ୍ମଣ ସିଂ, ଦୀନବନ୍ଧୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ବାପୁନ ସିଂ, ଉପସଭାପତି ଅବିନାଶ ବିନ୍ଧାଣି, ସମ୍ପାଦକ ଜଗନ୍ନାଥ ଟୁଡୁ, ସମ୍ପାଦକ ଶୁଭ୍ରାଂଶୁ ଶେଖର ସିଂ, କୋଷାଧ୍ୟକ୍ଷ ଅମରଜିତ ସିଂ, ମଧୁ ସିଂ, ଗୌତମ ଚପେୟାର, ଆଲଦ ବିନ୍ଧାଣୀ, ଜିତରାୟ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମାନୁନାହାନ୍ତି ବଦଳି ନିୟମ

# ଦମ୍ପତି ଟିଜିଟି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

**ବାରିପଦା, ୨।୧୧(ସମିସ):** ଚଳିତ ବର୍ଷ ମାଧ୍ୟମିକ ବିଦ୍ୟାଳୟ ଦମ୍ପତି ଶିକ୍ଷକ ବଦଳିରେ ଅହେତୁକ ବିଳମ୍ବ ପରିଲକ୍ଷିତ ହୋଇଛି। ଆଜକୁ ପ୍ରାୟ ଛଅମାସ ଧରି ଅନଲାଇନ ବଦଳି ପ୍ରକ୍ରିୟାରେ ଆବେଦନ କରିଥିବା ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ବଦଳି ପ୍ରକ୍ରିୟା ସରକାରୀ ନିୟମାବଳୀରେ ଥାଇ ମଧ୍ୟ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କ ବଦଳି ପ୍ରକ୍ରିୟାକୁ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକାରୀ କରୁନାହାନ୍ତି। ବଦଳି ନିୟମ ଅନୁଯାୟୀ ଦମ୍ପତି ଶିକ୍ଷକ ବଦଳିକୁ ବଦଳି ପ୍ରାଥମିକତାରେ ଆଗୁଆ ରଖାଯାଇଥିବାବେଳେ ପ୍ରାଥମିକତା ନିମ୍ନକ୍ରମରେ ଥିବା ବଦଳି କରାଯାଉଛି। ଯାହାକି ବଦଳି ନିୟମର ଉଲ୍ଲଙ୍ଘନ କରୁଛି। ବଦଳି ଆବେଦନ କରିଥିବା ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଗତ ବର୍ଷ ମୋହନ ସରକାର ପ୍ରଥମ କରି ଦମ୍ପତି ଶିକ୍ଷକ ବଦଳି କାର୍ଯ୍ୟକାରୀ କରିଥିଲେ। କିନ୍ତୁ ଚଳିତ ବର୍ଷ ବିଭାଗୀୟ ଉଦାସୀନତା ପାଇଁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ। ଦମ୍ପତି ଶିକ୍ଷକ ପରସ୍ପରଠାରୁ ଦୂରରେ ରହୁଥିବାରୁ ପାରିବାରିକ ଅଶାନ୍ତି ଦେଖାଦେଉଛି। ଯଦି ଚଳିତ ବର୍ଷର ଟିଜିଟି ଦମ୍ପତି ବଦଳି ପ୍ରକ୍ରିୟା ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ ନ କରାଯାଏ, ତେବେ ସମସ୍ତ ଅନଲାଇନ ବଦଳି ଆବେଦନ କରିଥିବା ୨୦୦ରୁ ଊର୍ଦ୍ଧ୍ୱ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ପରିବାର ସହିତ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

**ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଚେତାବନୀ**

## ସିୱାଇଏସ୍‌ଡି ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରକଳ୍ପ ସମ୍ମିଳନୀ

**ମହୁଲଡିହା, ୨।୧୧(ସମିସ):** ଠାକୁରମୁଣ୍ଡା ବ୍ଲକସ୍ଥ ମା' ତାରିଣୀ କନଫରେନ୍ସ ହଲରେ ସିୱାଇଏସ୍‌ଡି ପକ୍ଷରୁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରକଳ୍ପ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକର ୧୧ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟସଭ୍ୟା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଯୋଗଦେଇ ଆଗାମୀ ପାଞ୍ଚ ବର୍ଷରେ ପଞ୍ଚାୟତର ସ୍ୱପ୍ନ ଓ ଯୋଜନାର ରୂପରେଖ ପ୍ରସ୍ତୁତ କରି ଆଲୋଚନା କରିଥିଲେ। ଏହି ଶିବିରରେ ତାଲିମଦାତା ଭାବେ ସିୱାଇଏସଡ଼ିର ଜୟଦେବ ଡାକୁଆ ଓ ଜିତେନ୍ଦ୍ର ସୁନ୍ଦରାୟ ଆସି ଥିବା ୧୧୨ ଜଣ ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରିଥିଲେ। ସିୱାଇଏସ୍‌ଡି ପ୍ରଗତି ପ୍ରକଳ୍ପ ପକ୍ଷରୁ ଜିଲ୍ଲା ସଂଯୋଜିକ ଆକାଶ ମହାନ୍ତ, ସଞ୍ଜୟ କୁମାର ବେହେରା, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ପଦ୍ମାବତୀ ସାହୁ, ଦେବବ୍ରତ ଦାସ, ପୀତାମ୍ବର ଡିଣେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା

**ବାରିପଦା, ୨।୧୧(ସମିସ):** ସ୍ଥାନୀୟ ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଅନୁପାଳନ କରାଯାଇଛି। ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଦୁର୍ନୀତି ବିରୋଧରେ ଶପଥ ପାଠ କରିଥିଲେ। ସମ୍ମିଳନୀ କକ୍ଷରେ ଆୟୋଜିତ ଦୁର୍ନୀତି ସଚେତନତା ସଭାରେ ବାରିପଦା ଭିଜିଲାନ୍ସ ୟୁନିଟ୍‌ର ଇନ୍ସପେକ୍ଟର ବିକାଶ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଯୁବଶକ୍ତିର ସକ୍ରିୟ ଭୂମିକା ନିର୍ବାହ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ ସଭାକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ଆଶୁତୋଷ ବ୍ରହ୍ମାଙ୍କ ପରଲୋକ



**ବାରିପଦା, ୨।୧୧(ସମିସ):** ଆଇନଜୀବୀ ଆଶୁତୋଷ ବ୍ରହ୍ମା(୬୫)ଙ୍କ ଭୁବନେଶ୍ୱରସ୍ଥ ଏମସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଥିବା ଜିଲ୍ଲା ଓକିଲ ସଂଘ ସମ୍ପାଦକ ବିପ୍ଳବ ବାରିକ ପ୍ରକାଶ କରିଛନ୍ତି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ପତ୍ନୀ ଓ ଦୁଇଜଣ ବିବାହିତା ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଓକିଲ ସଂଘର ସମସ୍ତ ଆଇନଜୀବୀ ବନ୍ଧୁ ତାଙ୍କ ବାସଭବନଠାରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ସାଇବର ସୁରକ୍ଷା ଅବସରରେ ସଚେତନତା ସାଇକଲ ରାଲି

ବାରିପଦା, ୨।୧୧(ସମିସ)



ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ପାଳନ ଅବସରରେ ଆଜି ମୟୂରଭଞ୍ଜ ପୁଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ସାଇକଲ ରାଲି ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଇବର ଠକଙ୍କ କବଳରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଅବଲମ୍ବନ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। କାରଣ ପରିବର୍ତ୍ତିତ ସମୟ ଅନୁସାରେ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସାଙ୍ଗକୁ ଇଣ୍ଟରନେଟ୍ ଓ ସ୍ମାର୍ଟ ଫୋନ୍ ବ୍ୟବହାର ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ସମସ୍ତଙ୍କ ଜୀବନ ବ୍ୟସ୍ତବହୁଳ ହୋଇଯାଇଛି। ଏହାର ସୁଯୋଗ ନେଇ ସାଇବର ଠକ ନୂଆ ନୂଆ ଅଭିନବ ଉପାୟରେ ଠକୁଛନ୍ତି। ବିଶେଷକରି ଲୋକଙ୍କ ବ୍ୟାଙ୍କ ଖାତାରୁ ଜମା ରାଶି ହଡ଼ପ କରି ଲୋକଙ୍କୁ ଭୀଷଣ ଆର୍ଥିକ କ୍ଷତି ପହଞ୍ଚାଉଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ ଅନଲାଇନ ସପିଙ୍ଗ୍, ଅନଲାଇନ ଆର୍ଥିକ କାରବାର, ଅନଲାଇନରେ କ୍ରୟ ବିକ୍ରୟ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା, ପିତାମାତା ସେମାନଙ୍କ ପିଲାଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଆପ୍ ନିୟମିତ ଯାଞ୍ଚ କରିବା, ପିଲାଙ୍କୁ ଯଥାସମ୍ଭବ ଅନଲାଇନ ଗେମରୁ ନିବୃତ୍ତ କରାଇବା ନେଇ ସଚେତନ କରାଯାଉଛି।

ଏଥିସହିତ ଏଟିଏମ/ପ୍ୟାନ/ଆଧାର କାର୍ଡ ଇତ୍ୟାଦି ଅପଡେଟ ପାଇଁ ପିନ ପାସୱାର୍ଡ ସେୟାର କରିବା, ଟିଭି ଟାୱାର ବସାଇବା ନେଇ ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହେବା, ଚାକିରି ଦେବା ନାଁରେ କିଛି ଅର୍ଥ ପୈଠ ପାଇଁ ପ୍ରବର୍ତ୍ତାଇବା, ମାର୍ଟିମନିଆଲ ସାଇଟରେ ତଥ୍ୟ ସେୟାର କରିବା, ମାଗଣାରେ କୌଣସି ଉପହାର ଦେବା, ବିଭିନ୍ନ ଆପ୍ ଜରିଆରେ ବିନା ସୁଧରେ ଋଣ ଦେବା, ସିମ ସ୍ୱାପ, ଅଜ୍ଞାତ ଫୋନ କଲ୍‌ରେ ବିଶ୍ୱାସ କରିବା, ଡିଜିଟାଲ ଆରେଷ୍ଟ ସନ୍ଦେଶ ପାଇବା, ସନ୍ଦେହଜନକ ଅଜଣା ଲିଙ୍କରେ କ୍ଲିକ, କୌଣସି ଅଜଣା ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ତଥ୍ୟ ବା ଫଟୋ ସେୟାର କରିବା ଇତ୍ୟାଦି ଠକାମୀର ଶିକାର ନ ହେବା ପାଇଁ ସଚେତନ କରାଯାଉଛି। ଉକ୍ତ ରାଲିରେ ଜିଲ୍ଲାପାଳ ଓ ଏସ୍‌ପି ସାମିଲ ହୋଇ ଅଂଶଗ୍ରହଣକାରୀଙ୍କ ସହିତ ସାଇକଲରେ ସହର ପରିକ୍ରମା କରିଥିଲେ ଓ ରାଲି ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଇଥଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକା ସବିତା ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଗୌତମ କିଷାନ, ରିଜର୍ଭ ପୁଲିସ ନିରୀକ୍ଷକ ଆଲୋକ କାନୁନ୍‌ଗୋ, ପଞ୍ଚମ ବାଟାଲିୟନ କମାଣ୍ଡାଣ୍ଟ ପ୍ରଶାନ୍ତ ନାୟକ, ଅନ୍ୟ ପୁଲିସ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ନାଗରିକ ଅଂଶଗ୍ରହଣ କରିଥିଲେ।